# ଧରିତ୍ରୀ
DHARITRI

ବାଲେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୧/୨୦୧୮ (୧୬ ପୃଷ୍ଠା) | Balasore, Tuesday, December 11/ 2018 | ★★★★

୪୫ଶ ଭାଗ ୧୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## 'ମର୍ଦ୍ଦାନି-୨'ରେ ଅଭିନୟ କରିବେ ରାଣୀ ମୁଖାର୍ଜୀ

ବଲିଉଡ୍ ଅଭିନେତ୍ରୀ ରାଣୀ ମୁଖାର୍ଜୀ ଖୁବ୍ ଶୀଘ୍ର 'ମର୍ଦ୍ଦାନି'ର ଦ୍ୱିତୀୟ ସଂସ୍କରଣ 'ମର୍ଦ୍ଦାନି-୨'ରେ ଅଭିନୟ କରିବାକୁ ଯାଉଛନ୍ତି।

୧୦

୦୨

## ପାକିସ୍ତାନକୁ ସହାୟତା ଦିଆ ନ ଯାଉ

ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେବାଯାଏ ପାକିସ୍ତାନକୁ ଆମେରିକା ସହାୟତା ଦେବା ଅନୁଚିତ ବୋଲି ଜାତିସଂଘରେ ଆମେରିକାର ରାଷ୍ଟ୍ରଦୂତ ନିକ୍କି ହାଲି କହିଛନ୍ତି।




15001/13/0483/1819




ଆମ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ଯୋଗୁଁ ମୋ ଝିଅର ବିବାହ ପାଇଁ ମତେ ମିଳିଲା **୨୫ ହଜାର** ଟଙ୍କାର ବିବାହକାଳୀନ ସହାୟତା। ମୁଁ ଓ ମୋ ପରିବାର ତାଙ୍କ ନିକଟରେ କୃତଜ୍ଞ।
- ବ୍ରଜ କିଶୋର ପାତ୍ର, ବାଲେଶ୍ୱର ଜିଲ୍ଲା

ସୂଚନା ଓ ଲୋକସମ୍ପର୍କ ବିଭାଗ ଓଡ଼ିଶା ସରକାର



DADLS-215

|| ୭୬ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ||
|| ଟ.୬୧ କୋଟିରୁ ଅଧିକ ସହାୟତା ||

ଓଡ଼ିଶା କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ
ସବୁଦିନେ ନିର୍ମାଣ ଶ୍ରମିକଙ୍କ ସାଥିରେ


### ହକି ବିଶ୍ୱକପ୍ — ଫଳାଫଳ

ODISHA HOCKEY MEN'S WORLD CUP BHUBANESWAR 2018

**ସୋମବାର**
ପ୍ରଥମ ମ୍ୟାଚ
ଇଂଲଣ୍ଡ-୨
ନ୍ୟୁଜିଲାଣ୍ଡ-୦
ଦ୍ୱିତୀୟ ମ୍ୟାଚ
ଫ୍ରାନ୍ସ-୧
ଚାଇନା-୦

## ୫ ରାଜ୍ୟ ବିଧାନସଭା ଫଳ ଆଜି

**ନୂଆଦିଲ୍ଲୀ,୧୦।୧୨(ପି.ଟି.)**

ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼, ତେଲେଙ୍ଗାନା ଏବଂ ମିଜୋରାମ ବିଧାନସଭା ନିର୍ବାଚନ ଭୋଟ ଗଣତି ମଙ୍ଗଳବାର ଅନୁଷ୍ଠିତ ହୋଇ ଫଳାଫଳ ପ୍ରକାଶ ପାଇବାକୁ ଯାଉଛି। ସକାଳ ୮ଟାରେ ଭୋଟଗଣତି ଆରମ୍ଭ ହେବାକୁ ଥିବାବେଳେ ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଏହାକୁ ସେମିଫାଇନାଲ କୁହାଯାଉଥିବାରୁ ଫଳାଫଳ ଉପରେ ସାରା ଦେଶର ନଜର ରହିଛି।

ନଭେମ୍ବର ୧୨ରୁ ଡିସେମ୍ବର ୭ ମଧ୍ୟରେ ୫ ରାଜ୍ୟରେ ଭୋଟଗ୍ରହଣ କରାଯାଇଥିଲା। ୯୦ ଆସନ ବିଶିଷ୍ଟ ଛତିଶଗଡ଼ ☞ପୃଷ୍ଠା-୪

## ଆର୍‌ବିଆଇ ଗଭର୍ନର ଉର୍ଜିତ ପଟେଲଙ୍କ ଇସ୍ତଫା

**ମୁମ୍ବାଇ,୧୦।୧୨**



ସ୍ୱାୟତ୍ତତାକୁ ନେଇ କେନ୍ଦ୍ର ସରକାରଙ୍କ ସହ ମତଭେଦ ଚାଲିଥିବା ବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଉର୍ଜିତ ପଟେଲ ସୋମବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ବ୍ୟକ୍ତିଗତ କାରଣ ଯୋଗୁ ଇସ୍ତଫା ଦେଲେ ବୋଲି ଉର୍ଜିତ ନିଜ ଇସ୍ତଫାପତ୍ରରେ ଦର୍ଶାଇଛନ୍ତି। ସେ ଲେଖିଛନ୍ତି ଯେ, ବହୁ ବର୍ଷ ଧରି ରିଜର୍ଭ ବ୍ୟାଙ୍କର ବିଭିନ୍ନ ପଦପଦବୀରେ ରହି କାର୍ଯ୍ୟ କରିବାର ସୁଯୋଗ ପାଇଥିବାରୁ ସେ ନିଜକୁ ସମ୍ମାନିତ ମନେ କରୁଛନ୍ତି। ଆର୍‌ବିଆଇ ଷ୍ଟାଫ୍, ଅଫିସର ଓ ମ୍ୟାନେଜମେଣ୍ଟର ସମର୍ଥନ ତଥା ଅକ୍ଲାନ୍ତ ପରିଶ୍ରମ ଯୋଗୁ କେନ୍ଦ୍ରୀୟ ବ୍ୟାଙ୍କ ଗତ କିଛି ବର୍ଷ ଭିତରେ ଅନେକ ସଫଳତା ହାସଲ କରିଛି। ସେ ଏହି ଅବସରରେ ସାଥୀ ଓ ଆର୍‌ବିଆଇ ଡାଇରେକ୍ଟରମାନଙ୍କ ପ୍ରତି ନିଜର କୃତଜ୍ଞତା ଜ୍ଞାପନ କରିଛନ୍ତି। ଉଲ୍ଲେଖଥାଉ କି, ରିଜର୍ଭ ବ୍ୟାଙ୍କର ସ୍ୱାୟତ୍ତତାକୁ ନେଇ ଗତ କିଛି ମାସ ହେବ କେନ୍ଦ୍ରୀୟ ବ୍ୟାଙ୍କ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ କ୍ଷମତା ଲଢ଼େଇ ଚାଲିଛି। ରିଜର୍ଭ ବ୍ୟାଙ୍କ ବୋର୍ଡ ଜରିଆରେ ସରକାର ନିଜର ଅଧିକାର ସାବ୍ୟସ୍ତ ପାଇଁ ଚାପ ପକାଇବା ପରେ ଉର୍ଜିତ କେତେକ ନିଷ୍ପତ୍ତି ମଧ୍ୟ ଘୋଷଣା କରିଛନ୍ତି। ସୂଚନାଥାଉ କି, ଆସନ୍ତାବର୍ଷ ସେପ୍ଟେମ୍ବରରେ ଉର୍ଜିତଙ୍କ କାର୍ଯ୍ୟକାଳ ଶେଷ ହୋଇଥାନ୍ତା।

## ଅଗ୍ନି-୫ କ୍ଷେପଣାସ୍ତ୍ରର ପରୀକ୍ଷଣ

**ବାଲେଶ୍ୱର ଅଫିସ, ୧୦।୧୨**



ସାଢେ ୫ହଜାରରୁ ୫ ହଜାର ୮ଶହ କି.ମି. ଦୂରତା ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରୁଥିବା ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଭାରତର ଅନ୍ତଃ ମହାଦେଶୀୟ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ଅଗ୍ନି -୫ର ପରୀକ୍ଷଣ ସୋମବାର ହୋଇଯାଇଛି। ଭଦ୍ରକ ଜିଲା ଧାମରାସ୍ଥିତ ଏପିଜେ ଅବଦୁଲ କଲାମ ଦ୍ୱୀପର ୪ ନମ୍ବର ଲଞ୍ଚପ୍ୟାଡରୁ ଅପରାହ୍ନ ୧ଟା ୨୮ ମିନିଟ୍‌ରେ ଏହାକୁ ନିକ୍ଷେପ କରାଯାଇଥିଲା। ଏହା ସେକେଣ୍ଡ ପିଛା ୪.୨ କି.ମି. ନିର୍ଦ୍ଧାରିତ ୨୦ ମିନିଟ୍‌ରେ ୫ ହଜାର କି.ମି.କୁ ଅତିକ୍ରମ କରିଥିଲା। ଯୁଦ୍ଧ ପରିସ୍ଥିତି ବେଳେ ମଧ୍ୟପ୍ରାଚ୍ୟର ଯେକୌଣସି ଦେଶକୁ ଏହା ଲକ୍ଷ୍ୟଭେଦ କରିପାରିବ। ଏହି ଅଗ୍ନି କ୍ଷେପଣାସ୍ତ୍ର ଭାରତୀୟ ପ୍ରତିରକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ। ☞ପୃଷ୍ଠା-୪

# ମାଲ୍ୟାଙ୍କୁ ଝଟକା

## ପ୍ରତ୍ୟର୍ପଣ ନେଇ ବ୍ରିଟେନ୍ କୋର୍ଟର ଅନୁମତି

**ଲଣ୍ଡନ, ୧୦।୧୨ (ପି.ଟି.)**



ବହୁଚର୍ଚ୍ଚିତ ମଦ ବ୍ୟବସାୟୀ ବିଜୟ ମାଲ୍ୟା ଭାରତ ଫେରିବା ସମ୍ଭାବନା ଉଜ୍ଜ୍ୱଳ ହୋଇଛି। ବ୍ରିଟେନ୍‌ର ଏକ କୋର୍ଟ ସୋମବାର ତାଙ୍କ ପ୍ରତ୍ୟର୍ପଣ ନେଇ ଅନୁମତି ଦେଇଛନ୍ତି। ୯,୦୦୦ କୋଟି ଟଙ୍କା ଠକେଇ ଓ ମନିଲଣ୍ଡରିଂ କରିଥିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ରହିଛି। ଏଥିରୁ ବର୍ତ୍ତିବା ଲାଗି ସେ ବିଦେଶ ପଳାୟନ କରିଥିଲେ। ବ୍ରିଟେନ୍ କୋର୍ଟଙ୍କ ନିର୍ଦ୍ଦେଶ ପରେ ମାଲ୍ୟାଙ୍କୁ ବଡ଼ ଝଟକା ଲାଗିଛି।

ଭାରତର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଅଣାଯାଇଥିବା ଅଭିଯୋଗ ଉପରେ ବିଚାର କରିବା ସକାଶେ ମାଲ୍ୟାଙ୍କୁ ଭାରତ ପ୍ରତ୍ୟର୍ପଣ କରାଯାଇପାରିବ ବୋଲି ୱେଷ୍ଟମିନିଷ୍ଟର ମାଜିଷ୍ଟ୍ରେଟ୍ କୋର୍ଟର ମୁଖ୍ୟ ମାଜିଷ୍ଟ୍ରେଟ୍ ଜଜ୍ ଇମା ଅର୍ବୁଥ୍‌ନଟ୍ କହିଛନ୍ତି। ଏଥିସହିତ ସେ ଏହି ପ୍ରତ୍ୟର୍ପଣ ସଂକ୍ରାନ୍ତ ରାୟକୁ ବ୍ରିଟେନ୍‌ର ପରରାଷ୍ଟ୍ର ସଚିବଙ୍କ ନିକଟକୁ ପଠାଇ ଦେଇଛନ୍ତି। ଫଳରେ ବର୍ଷତମାମ ଏହି ହାଇ-ପ୍ରୋଫାଇଲ ପ୍ରତ୍ୟର୍ପଣ ମାମଲାକୁ ନେଇ ଚାଲିଥିବା ଆଇନଗତ ଲଢ଼େଇ ଏକ ନିର୍ଣ୍ଣାୟକ ସ୍ତରରେ ପହଞ୍ଚିଛି।

ସୋମବାର ସକାଳେ ମାଲ୍ୟାଙ୍କ ବିରୋଧରେ ଅଣାଯାଇଥିବା ଟଙ୍କା ଚୋରି ଅଭିଯୋଗକୁ ସେ ଖଣ୍ଡନ କରିବା ସହ ଭାରତୀୟ ବ୍ୟାଙ୍କଗୁଡ଼ିକଠାରୁ ଆଣିଥିବା ମୂଳ ଋଣ ଶୁଝିବେ ବୋଲି କହିଥିଲେ। ୱେଷ୍ଟମିନିଷ୍ଟର ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟ ବାହାରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେବାବେଳେ ସେ କହିଥିଲେ ଯେ, ତାଙ୍କ ସମ୍ପତ୍ତିର ମୂଲ୍ୟ ଅଣାଯାଇଥିବା ଋଣଠାରୁ ଯଥେଷ୍ଟ ଅଧିକ। ସେ ତାହାକୁ ସହଜରେ ଶୁଝିପାରିବେ। ଏହି ବିଷୟ ସେ ବାରମ୍ବାର କହିଆସୁଛନ୍ତି। ହେଲେ ତାଙ୍କ ବିରୋଧରେ ଅର୍ଥ ଚୋରି ଅଭିଯୋଗ ଅଣାଯାଉଥିବାରୁ ତାହାକୁ ସେ ଅସ୍ୱୀକାର କରିଛନ୍ତି। ସେ ପୁଣି କହିଛନ୍ତି ଯେ, ବ୍ରିଟେନ୍ କୋର୍ଟଙ୍କ ରାୟକୁ ତାଙ୍କ ଲିଗାଲ୍ ଟିମ୍ ତର୍ଜମା କରିବା ପରେ ପରବର୍ତ୍ତୀ ପଦକ୍ଷେପ ନେବେ। କର୍ଣ୍ଣାଟକ ହାଇକୋର୍ଟରେ ଋଣ ଶୁଝିବା ନେଇ ସେ ଏକ ପ୍ରସ୍ତାବ ଦେଇଥିଲେ। ତାହାର ସମାଧାନ ସୂତ୍ର ବାହାରିଲେ କିଙ୍ଗଫିସରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ପ୍ରଥମେ ଦରମା ଦିଆଯିବ ବୋଲି ସେଥିରେ ଉଲ୍ଲେଖ ରହିଥିଲା। ହେଲେ ଅଦ୍ୟାବଧି ହାଇକୋର୍ଟ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେଇ ନ ଥିବା ସେ କହିଛନ୍ତି। ଅବଶ୍ୟ କର୍ଣ୍ଣାଟକ ହାଇକୋର୍ଟରେ ଦିଆଯାଇଥିବା ପ୍ରସ୍ତାବ ସହ ପ୍ରତ୍ୟର୍ପଣ ମାମଲାର ସମ୍ପର୍କ ନାହିଁ ବୋଲି ମାଲ୍ୟା ସଫେଇ ଦେଇଛନ୍ତି।

୨୦୧୭ ଡିସେମ୍ବର ୪ ତାରିଖରେ ବ୍ରିଟେନ୍ ମାଜିଷ୍ଟ୍ରେଟ୍ କୋର୍ଟରେ ମାଲ୍ୟାଙ୍କ ପ୍ରତ୍ୟର୍ପଣ ମାମଲାର ବିଚାର ଆରମ୍ଭ ହେବା ପରେ ବହୁବାର ଶୁଣାଣି ହୋଇସାରିଛି। ତେବେ ସୋମବାର ୱେଷ୍ଟମିନିଷ୍ଟର ମାଜିଷ୍ଟ୍ରେଟ୍ କୋର୍ଟଙ୍କ ନିର୍ଦ୍ଦେଶ ଭାରତ ପ୍ରତି ଏକ ସକାରାତ୍ମକ ସନ୍ଦେଶ ଦେଇଛି ବୋଲି କୁହାଯାଉଛି। କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ପଳାତକ ମଦ ବ୍ୟବସାୟୀ ମାଲ୍ୟାଙ୍କ ପ୍ରତ୍ୟର୍ପଣ ନେଇ ବ୍ରିଟେନ୍ କୋର୍ଟଙ୍କ ରାୟକୁ ସ୍ୱାଗତ କରିଛନ୍ତି। ଏକ ଟୁଇଟ୍ କରି ସେ କହିଛନ୍ତି ଯେ, ସୋମବାର ଭାରତ ପାଇଁ ଏକ ବଡ଼ ଦିନ। ଭାରତକୁ ଠକିବାକୁ ଚାହୁଁଥିବା କୌଣସି ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ। ସିବିଆଇ ମଧ୍ୟ ମାଲ୍ୟାଙ୍କ ପ୍ରତ୍ୟର୍ପଣ ନେଇ ଆଶାବାଦୀ ବୋଲି କହିଛି। ଏହାର ଜଣେ ମୁଖପାତ୍ର କହିଛନ୍ତି, ମାଲ୍ୟାଙ୍କୁ ଭାରତ ଫେରାଇ ଆଣିବା ପାଇଁ ତଦନ୍ତକାରୀ ସଂସ୍ଥା ପକ୍ଷରୁ କଠୋର ପରିଶ୍ରମ କରାଯାଇଛି। ସିବିଆଇ ପାଖରେ ସମସ୍ତ ତଥ୍ୟ ଓ ଆଇନଗତ ପ୍ରମାଣ ଥିବାରୁ ତାଙ୍କୁ ଫେରାଇ ଆଣିବା ନିମନ୍ତେ ସଂସ୍ଥା ବିଶ୍ୱାସ ରଖିଛି।

ସୂଚନାଯୋଗ୍ୟ ଯେ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ନେତୃତ୍ୱରେ ଗଢ଼ାଯାଇଥିବା ଭାରତୀୟ ବ୍ୟାଙ୍କର ଏକ କନ୍‌ସୋର୍ଟିୟମ୍ ବିଜୟ ମାଲ୍ୟାଙ୍କ କମ୍ପାନୀକୁ ଋଣ ଦେଇଥିଲା। ୨୦୧୩ରେ କିଙ୍ଗଫିସର ଏୟାରଲାଇନ୍ସ ତରଫରୁ ୬,୪୯୩ କୋଟି ଟଙ୍କାର ଋଣ ଫେରସ୍ତ କରିବା ପାଇଁ ୟୁନାଇଟେଡ୍ ବ୍ରୁୱେରିଜ୍ ହୋଲ୍‌ଡିଂସ୍ ଲିମିଟେଡ୍‌କୁ ଉକ୍ତ କନ୍‌ସୋର୍ଟିୟମ୍ ପକ୍ଷରୁ ଅନୁରୋଧ କରାଯାଇଥିଲା। ହେଲେ ଉକ୍ତ ରାଶି ଫେରାଇବାରେ ମାଲ୍ୟା ସମର୍ଥ ହୋଇ ନ ଥିଲେ। ଏ ନେଇ ଅଧିକ ତନାଘନା ହେବା ପରେ ସେ ୨୦୧୬ ମାର୍ଚ୍ଚ ୩ରେ ଭାରତ ଛାଡ଼ି ଲଣ୍ଡନ ଚାଲିଯାଇଥିଲେ। ୨୦୧୭ ଫେବୃୟାରୀରେ ଭାରତ ସରକାର ବ୍ରିଟେନ୍‌କୁ ତାଙ୍କ ପ୍ରତ୍ୟର୍ପଣ ଲାଗି ଅନୁରୋଧ କରିଥିଲେ। ଗତବର୍ଷ ଏପ୍ରିଲ ୧୮ରେ ସ୍କଟ୍‌ଲାଣ୍ଡ ୟାର୍ଡ ପ୍ରତ୍ୟର୍ପଣ ୱାରେଣ୍ଟ ଜରିଆରେ ମାଲ୍ୟାଙ୍କୁ ଗିରଫ କରିଥିଲା।

- ଭାରତର ବଡ଼ ବିଜୟ: ଜେଟ୍‌ଲୀ
- ସିବିଆଇ ପାଖରେ ଅଛି ସବୁ ତଥ୍ୟ ଓ ପ୍ରମାଣ

### ଆଜିର ସମ୍ପାଦକୀୟ

**ଆସ୍ଥା ତୁଟୁଛି**

### ଆଜିର ମନ୍ତବ୍ୟ

"ଭାଜପା ସରକାର ଦେଶକୁ ଭୁଲ୍ ବାଟରେ ନେଉଛି।"
- ମନମୋହନ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ

### କିଛି ତଥ୍ୟ

ଚଳିତ ବର୍ଷ ନଭେମ୍ବରରେ ଘରୋଇ ବଜାରରେ ଅଶୋଧିତ ଇସ୍ପାତ ଉତ୍ପାଦନ ପରିମାଣ ୩.୮% ବୃଦ୍ଧି ଘଟି ୮.୯୨ ନିୟୁତ ଟନ୍ ରହିଛି। ଏହା ଗତ ବର୍ଷ ସମାନ ସମୟରେ ୮.୬୦ ନିୟୁତ ଟନ୍ ରହିଥିଲା।
- ଜଏଣ୍ଟ ପ୍ଲାଣ୍ଟ କମିଟି

**CBSE Exam Mate**
ପୃଷ୍ଠା -୧୧


NECC NATIONAL EGG CO-ORDINATION COMMITTEE — 10.12.2018 — Vencobb Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 78 | 129 | 139 |
| BDK | 77 | 128 | 138 |
| BLS | 77 | 128 | 138 |
| ANG | 79 | 131 | 141 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers


### ■ ଆଜିଠୁ ପାର୍ଲାମେଣ୍ଟ ଶୀତ ଅଧିବେଶନ

# ଏନ୍‌ଡିଏକୁ ଘେରିବେ ବିରୋଧୀ

**ନୂଆଦିଲ୍ଲୀ,୧୦।୧୨(ପି.ଟି.)**



- ସର୍ବଦଳୀୟ ବୈଠକରେ ସହଯୋଗ ଲୋଡ଼ିଲେ ପ୍ରଧାନମନ୍ତ୍ରୀ
- ବିରୋଧୀ ଶିବିରରେ ମହାମେଣ୍ଟ ମୂଳଦୁଆ
- ଯୋଗଦେଲେନି ଏସ୍‌ପି, ବିଏସ୍‌ପି, ବିଜେଡି
- ରାଫାଲ ଦୁର୍ନୀତି, ଆର୍‌ବିଆଇର ସ୍ୱାୟତ୍ତତା ମୁଖ୍ୟ ପ୍ରସଙ୍ଗ: କଂଗ୍ରେସ

ପାର୍ଲାମେଣ୍ଟର ଶୀତ ଅଧିବେଶନ ମଙ୍ଗଳବାର ଆରମ୍ଭ ହେଉଛି। ୨୦୧୯ ଲୋକ ସଭା ନିର୍ବାଚନ ପୂର୍ବରୁ ଏହା ଶେଷ ପୂର୍ଣ୍ଣାଙ୍ଗ ଅଧିବେଶନ ହୋଇଥିବାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିତର୍କରେ ସ୍ଥାନ ପାଇବ। ଏହା ବ୍ୟତୀତ ମଙ୍ଗଳବାର ୫ଟି ରାଜ୍ୟ ବିଧାନସଭା ନିର୍ବାଚନ ଫଳ ଆସିବାକୁ ଥିବାରୁ ଏହା ମଧ୍ୟ ଅଧିବେଶନକୁ ପ୍ରଭାବିତ କରିବ।

ଶୀତ ଅଧିବେଶନରେ ଉଭୟ ଗୃହର କାର୍ଯ୍ୟ ଯେପରି ସୁରୁଖୁରୁରେ ଚାଲିବ ସେଥିପାଇଁ ସୋମବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁ ଦଳର ନେତାଙ୍କ ସହଯୋଗ ଲୋଡ଼ିଥିଲେ। ସରକାର ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା ଲାଗି ପ୍ରସ୍ତୁତ ବୋଲି ସେ କହିଥିଲେ। ତେବେ ବିରୋଧୀ ଦଳଗୁଡ଼ିକ ବିଭିନ୍ନ ପ୍ରସଙ୍ଗରେ ଏନ୍‌ଡିଏକୁ ଘେରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ରାଫାଲ ଦୁର୍ନୀତିର ଜେପିସି ତଦନ୍ତ ଏବଂ ରିଜର୍ଭ ବ୍ୟାଙ୍କର ସ୍ୱାୟତ୍ତତାକୁ କଂଗ୍ରେସ ମୁଖ୍ୟ ପ୍ରସଙ୍ଗ କରିବ ବୋଲି କହିଛି। ଏହା ବ୍ୟତୀତ ସିବିଆଇ ଏବଂ ଇଭିଏମ୍‌ର ଅପବ୍ୟବହାର, କୃଷକ ସମସ୍ୟା ଆଦି ଉପରେ କଂଗ୍ରେସ ଆଲୋଚନା ଦାବି କରିବ। ଜାନୁୟାରୀ ୮ରେ ଶେଷ ହେବାକୁ ଥିବା ଏହି ଅଧିବେଶନରେ ମୋଟ ୨୦ଟି କାର୍ଯ୍ୟଦିବସ ରହିଛି।

ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଡକାଯାଇଥିବା ସର୍ବଦଳୀୟ ବୈଠକରେ ପ୍ରଧାନମନ୍ତ୍ରୀ କହିଥିଲେ, ରାଜନୈତିକ ଦଳଗୁଡ଼ିକ ଉଠାଇଥିବା ସମସ୍ତ ପ୍ରସଙ୍ଗକୁ ସରକାର ସବୁବେଳେ ଗ୍ରହଣ କରିଆସିଛନ୍ତି। ଏହି ଅଧିବେଶନ ଲାଗି ସରକାରଙ୍କ କାର୍ଯ୍ୟସୂଚୀରେ ୪୫ଟି ବିଲ୍ ସମେତ ୪୬ ପ୍ରସଙ୍ଗ ରହିଛି। ପ୍ରଭାବଶାଳୀ ଶାସନ ବ୍ୟବସ୍ଥା ଲାଗି ଗଣତନ୍ତ୍ରରେ ଉଭୟ ସରକାର ଏବଂ ବିରୋଧୀଙ୍କ ମତାମତର ଗୁରୁତ୍ୱ ରହିଛି। ☞ପୃଷ୍ଠା-୪

## କେନ୍ଦ୍ରମନ୍ତ୍ରୀ କୁଶୱାହାଙ୍କ ଇସ୍ତଫା



**ନୂଆଦିଲ୍ଲୀ,୧୦।୧୨(ପି.ଟି.)**

ପାର୍ଲାମେଣ୍ଟ ଶୀତ ଅଧିବେଶନର ଦିନକ ପୂର୍ବରୁ ରାଷ୍ଟ୍ରୀୟ ଲୋକ ସମତା ପାର୍ଟି(ଆର୍‌ଏଲ୍‌ଏସ୍‌ପି) ଅଧ୍ୟକ୍ଷ ଉପେନ୍ଦ୍ର କୁଶୱାହା କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ୟାବିନେଟକୁ ରବର ଷ୍ଟାମ୍ପରେ ପରିଣତ କରିବା ସହ ପଛୁଆ ବର୍ଗଙ୍କୁ ପ୍ରତାରିତ କରିଥିବା ଅଭିଯୋଗ ଆଣି ସେ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବା ସହ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ମଧ୍ୟ ଛାଡିଛନ୍ତି। ସେ ଲାଲୁ ପ୍ରସାଦ ଯାଦବଙ୍କ ଆର୍‌ଜେଡି ଏବଂ କଂଗ୍ରେସ ସମେତ ବିରୋଧୀ ମେଣ୍ଟରେ ସାମିଲ ହେବେ ବୋଲି ସୂଚନା ଦେଇଛନ୍ତି। ୨୦୧୯ ଲୋକ ସଭା ନିର୍ବାଚନରେ ଆର୍‌ଏଲ୍‌ଏସ୍‌ପିକୁ ୨ରୁ ଅଧିକ ଆସନ ଦିଆଯାଇପାରିବ ନାହିଁ ବୋଲି ଭାଜପା ସ୍ପଷ୍ଟ କରିବା ପରେ ଏହାର ଅଧ୍ୟକ୍ଷ କୁଶୱାହା ଅସନ୍ତୁଷ୍ଟ ଥିଲେ। ଗତ ନିର୍ବାଚନରେ ଉକ୍ତ ଦଳ ୩ଟି ଆସନରେ ଲଢ଼ିଥିଲା। କେନ୍ଦ୍ର କ୍ୟାବିନେଟରୁ କୁଶୱାହାଙ୍କ ଇସ୍ତଫା ଏବଂ ଏନ୍‌ଡିଏ ଛାଡିବା ନିଷ୍ପତ୍ତିକୁ କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଇଛି।

## ଦଶନ୍ଧି ପରେ ଅଷ୍ଟ୍ରେଲିଆ ମାଟିରେ ଭାରତର ବିଜୟ

**ଆଡିଲେଡ୍,୧୦।୧୨(ପି.ଟି.)**

ଦୀର୍ଘ ୧୦ ବର୍ଷ ପରେ ଅଷ୍ଟ୍ରେଲିଆ ମାଟିରେ ଭାରତୀୟ କ୍ରିକେଟ ଦଳ ପ୍ରଥମ ଟେଷ୍ଟ ମ୍ୟାଚ୍ ଜିତିବାରେ ସଫଳ ହୋଇଛି। ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତ ୩୧ ରନ୍‌ରେ ଘରୋଇ ଦଳକୁ ହରାଇଛି। ଏଥିସହିତ ୪ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ରେ ଭାରତ ୧-୦ରେ ଅଗ୍ରଣୀ ହାସଲ କରିଛି। ଉଭୟ ବୋଲିଂ ଓ ବ୍ୟାଟିଂରେ ପ୍ରଭାବ ବିସ୍ତାର କରି ଖେଳିବା ସହ ଭାରତ ବାଜି ମାରିଛି। ଏହି ମ୍ୟାଚ୍‌ରେ ଭାରତୀୟ କ୍ରିକେଟରମାନେ ଏକାଧିକ ରେକର୍ଡ ସୃଷ୍ଟି କରିଛନ୍ତି। ଦୀର୍ଘ ୭୦ ବର୍ଷ ପରେ ଭାରତ ଅଷ୍ଟ୍ରେଲିଆରେ କୌଣସି ଏକ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍‌ରେ ବିଜୟ ହାସଲ କରିଛି। ଏହି ପ୍ରଦର୍ଶନ ବଜାୟ ରଖିପାରିଲେ ଭାରତ ଅଷ୍ଟ୍ରେଲିଆ ମାଟିରେ ଟେଷ୍ଟ ସିରିଜ ଜିତି ଇତିହାସ ସୃଷ୍ଟି କରିବ। ପର୍ଥରେ ଆସନ୍ତା ୧୪ ତାରିଖରୁ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ।

(ଅଧିକ ବିବରଣୀ ଖେଳ ପୃଷ୍ଠାରେ)

# ଦୋଷୀ ମିଲର, ପ୍ୟାକ୍ସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର,୧୦।୧୨(ବ୍ୟୁରୋ)

**ଧାନ କିଣାରେ ହେର୍‌ଫେର୍**

ରାଜ୍ୟରେ ଧାନକିଣା ଚାଲିଛି। ତେବେ କେତେକ ଜିଲାରେ ଚାଷୀଙ୍କଠାରୁ ମିଲର ଓ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) କର୍ମଚାରୀ ଧାନ ଠକି ନେଉଥିବା ଅଭିଯୋଗ ହୋଇଛି। ଖରାପ ଧାନ ଦର୍ଶାଇ ପ୍ରତି କୁଇଣ୍ଟାଲରେ ୧୦ରୁ ୧୫ କିଲୋ ପର୍ଯ୍ୟନ୍ତ କାଟି ଦେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ କଂଗ୍ରେସ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଏଭଳି ଅଭିଯୋଗ ମିଳିବା ପରେ ଯୋଗାଣ ବିଭାଗ ତତ୍ପର ହୋଇଉଠିଛି। ଧାନ କିଣାରେ ଅନିୟମିତତା ଜଣାପଡ଼ିଲେ ମିଲର ଓ ପ୍ୟାକ୍ସ କର୍ମଚାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୋମବାର ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ, ଆବଶ୍ୟକ ପଡ଼ିଲେ ମିଲର ଓ ପ୍ୟାକ୍ସ କର୍ମଚାରୀଙ୍କୁ ଗିରଫ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏପରି କି ସେମାନେ ସଂଗ୍ରହ କରିଥିବା ସମସ୍ତ ଧାନ ଜବତ କରିବାକୁ କୁହାଯାଇଛି। ନିୟମ ଅନୁଯାୟୀ ପ୍ୟାକ୍ସରେ ୨୪ ଘଣ୍ଟାରୁ ଅଧିକ ସମୟ



ପର୍ଯ୍ୟନ୍ତ ଧାନ ରହିପାରିବ ନାହିଁ। ଏ ପର୍ଯ୍ୟନ୍ତ ରାଜ୍ୟର ୨୩ ଜିଲାରେ ଧାନ ସଂଗ୍ରହ ଆରମ୍ଭ ହେଲାଣି। ସୋମବାର ସୁଦ୍ଧା ୧୭ ଜିଲାରୁ ୩ ଲକ୍ଷ ୯୦ ହଜାର ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଛି। ଆସନ୍ତା ୧୫ ତାରିଖରେ ଗଞ୍ଜାମରେ ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। କଳାହାଣ୍ଡି ଏବଂ ନୂଆପଡ଼ା ଜିଲାରେ ଧାନ କିଣାକୁ ନେଇ ଦେଖାଦେଇଥିବା ସମସ୍ୟାର ସମାଧାନ ହୋଇଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ରବିବାର ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି ଧାନ କିଣାକୁ ନେଇ ଉପରୋକ୍ତ ଅଭିଯୋଗ ଆଣିଥିଲେ। ସରକାରଙ୍କୁ ଆମେ ଦୁଇ ଦିନ ସମୟ ଦେଇଛୁ। ଯଦି ଏହାର କୌଣସି ସମାଧାନ ନ ହୁଏ ତେବେ କଂଗ୍ରେସ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଥିଲେ।






ନିକ୍କି ହାଲି

## 'ପାକିସ୍ତାନକୁ ଗୋଟିଏ ବି ଡଲାର ଦିଆ ନ ଯାଉ'

ୱାଶିଂଟନ, ୧୦।୧୨(ପିଟି)

ପାକିସ୍ତାନ ଆତଙ୍କବାଦୀଙ୍କ ଭୂସ୍ୱର୍ଗ ପାଲଟିଛି। ଏହି ଦେଶ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ପର୍ଯ୍ୟନ୍ତ ଆମେରିକା ଗୋଟିଏ ବି ଡଲାର ସହାୟତା ଦେବା ଉଚିତ ନୁହେଁ। ଜାତିସଂଘରେ ଆମେରିକାର ରାଷ୍ଟ୍ରଦୂତ ଥିବା ନିକ୍କି ହାଲି ଏହା କହିଛନ୍ତି। ଆମେରିକାର ପ୍ରଶାସନର କ୍ୟାବିନେଟରେ ନିଯୁକ୍ତି ପାଇବାରେ ହାଲି ହେଉଛନ୍ତି ପ୍ରଥମ ଭାରତୀୟ-ଆମେରିକୀୟ। ଯେଉଁମାନେ ଆମେରିକାର କ୍ଷତି ଚାହୁଁଛନ୍ତି ସେମାନଙ୍କୁ ସହାୟତା ଦେବା ଆବଶ୍ୟକ ନାହିଁ ବୋଲି ସେ କହିଛନ୍ତି। ପ୍ରକୃତ ସ୍ଥିତି ସମ୍ପର୍କରେ ଚିନ୍ତା ନ କରି ଆମେ ଅନ୍ଧ ଭାବେ ସହାୟତା ଦେଇଚାଲିଛୁ ବୋଲି ହାଲି ଏକ ପତ୍ରିକାକୁ କହିଛନ୍ତି। ପାକିସ୍ତାନକୁ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ସହାୟତା ଦିଆଯାଇଛି। ଏହା ସତ୍ତ୍ୱେ ସେମାନେ ଆତଙ୍କବାଦୀ ସୃଷ୍ଟି କରିଚାଲିଛନ୍ତି ଯେଉଁମାନେ ଆମ ସୈନ୍ୟଙ୍କୁ ହତ୍ୟା କରୁଛନ୍ତି। ଏହା ଆଦୌ ଠିକ୍ ନୁହେଁ। ସୂଚନାଯୋଗ୍ୟ ଜାତିସଂଘ ରାଷ୍ଟ୍ରଦୂତ ଭାବେ ହାଲିଙ୍କ କାର୍ଯ୍ୟକାଳ ଚଳିତ ବର୍ଷ ଶେଷ ହବାକୁ ଯାଉଛି। ତାଙ୍କ ଉତ୍ତରାଧିକାରୀ ଭାବେ ପରରାଷ୍ଟ୍ର ବିଭାଗ ମୁଖ୍ୟ ମୁଖପାତ୍ର ହିଥର ନାଉର୍ଟ ଜାତିସଂଘ ରାଷ୍ଟ୍ରଦୂତ ମନୋନୀତ ହୋଇଛନ୍ତି।

କୋଣାର୍କ ସୂର୍ଯ୍ୟମନ୍ଦିର ମରାମତି ମାମଲା

## ଏଏସ୍‌ଆଇ ଡିଜିଙ୍କୁ ରିପୋର୍ଟ ତଲବ

କଟକ ଅଫିସ, ୧୦।୧୨

କୋଣାର୍କ ସୂର୍ଯ୍ୟମନ୍ଦିର ମରାମତି ଓ ରକ୍ଷଣାବେକ୍ଷଣକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି ସୋମବାର ହୋଇଥିଲା। ଏଥିରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ(ଏଏସ୍‌ଆଇ) ଓ ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଛି। ସତ୍ୟପାଠରେ ମନ୍ଦିରର ଯେଉଁ ସବୁ ଫାଟ ହୋଇଛି ଓ ଦୁର୍ବଳ ସ୍ଥାନ ରହିଛି ସେଗୁଡ଼ିକ ମରାମତି କରାଯାଉଥିବା ଦର୍ଶାଯାଇଛି। ତେବେ ସରକାର ଓ ଏଏସ୍‌ଆଇ ରିପୋର୍ଟ ଉପରେ କୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସତ୍ୟପାଠ ଆକାରରେ ରିପୋର୍ଟ ଦାଖଲ କରିବା ପାଇଁ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଏସ୍‌ଆଇ ମହାନିର୍ଦ୍ଦେଶକ(ଡିଜି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜାନୁୟାରୀ ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି। ସୂଚନାଥାଉକି, ସୂର୍ଯ୍ୟମନ୍ଦିର ଅସୁରକ୍ଷିତ ଥିବା ନେଇ ଆଡଭୋକେଟ ଦିଲୀପ ମହାପାତ୍ର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ମାମଲାର ପ୍ରାଥମିକ ଶୁଣାଣି କରି ହାଇକୋର୍ଟ କେନ୍ଦ୍ର, ରାଜ୍ୟ ସରକାର ସମେତ ଏଏସ୍‌ଆଇକୁ ଜବାବ ତଲବ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ ଡ. ଅଶୋକ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

## ପୂର୍ବତନ ବିଧାୟକଙ୍କ ପରଲୋକ

ବଇଣ୍ଡା/ଅନୁଗୋଳ ଅଫିସ,୧୦।୧୨(ଡି.ଏନ.ଏ.)



ରାଜ କିଶୋର ପ୍ରଧାନ

ଅନୁଗୋଳ ଜିଲା ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ରାଜ କିଶୋର ପ୍ରଧାନ(୮୨)ଙ୍କ ପରଲୋକ ଘଟିଛି। ସେ ଅନୁଗୋଳସ୍ଥିତ ତାଙ୍କ ବଡ଼ ପୁଅ ଦିଲୀପ କୁମାର ପ୍ରଧାନଙ୍କ ବାସଭବନରେ ରହୁଥିଲେ। ରବିବାର ଅପରାହ୍ନରେ ଟ୍ରେନ୍ ଯୋଗେ ପୁରୀ ଅଭିମୁଖେ ଯାଉଥିବାବେଳେ ବଁଅରପାଳ ବ୍ଲକ ବଳରାମପ୍ରସାଦ କଇଁଫୁଲିଆ ସାହି ନିକଟରେ ଖସିପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ନାଲ୍‌କୋ ପୋଲିସ ମୃତଦେହ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲା। ପୁରୀ ଯିବା ସମ୍ପର୍କରେ ସେ ଘରେ ଜଣାଇ ନ ଥିବାରୁ ପରିବାର ଲୋକେ ଖୋଜାଖୋଜି କରି ଘଟଣା ସମ୍ପର୍କରେ ଅବଗତ ହେବା ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କ ମୃତଦେହ ଥିବା ଜାଣିବାକୁ ପାଇଥିଲେ। ସ୍ୱର୍ଗତ ପ୍ରଧାନ ଉତ୍କଳ କଂଗ୍ରେସରୁ ୨୩।୩।୧୯୭୧ରୁ ୩।୩।୧୯୭୩ ପର୍ଯ୍ୟନ୍ତ ବିଧାୟକ ଥିଲେ। ୨୦୦୧ରେ ସେ ବିଜେଡିରେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅନୁଗୋଳ ବିଧାୟକ ରଜନିକାନ୍ତ ସିଂ ଓ ଜିଲା ପରିଷଦ ସଭାପତି ବାସନ୍ତୀ କିସାନ ଅନୁଗୋଳରେ ତାଙ୍କ ଶେଷ ଦର୍ଶନ କରିଥିଲେ। ଆଠମଲ୍ଲିକ ପାଇକସାହି ବାସଭବନରେ ମୃତଦେହ ପହଞ୍ଚିବା ପରେ ବିଧାୟକ ସଞ୍ଜୀବ ସାହୁଙ୍କ ସମେତ ବହୁ ନେତା, ଗ୍ରାମବାସୀ, ପ୍ରଶାସନିକ ଅଧିକାରୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗ୍ରାମ ପରିକ୍ରମା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

ମହାନଦୀ ଜଳ କମ୍ପାନୀକୁ ନ ଦେବା ଲାଗି ଜନସ୍ୱାର୍ଥ ମାମଲା

## ହାଇକୋର୍ଟରେ ହାଜର ହେଲେ ଜଳ ସମ୍ପଦ ବିଭାଗ ସଚିବ

କଟକ ଅଫିସ, ୧୦।୧୨

**ଗୋଟିଏ ଦିନରେ ୨ ଥର ଶୁଣାଣି**

ମହାନଦୀ ଜଳକୁ ଜନସାଧାରଣଙ୍କ ବଦଳରେ କମ୍ପାନୀ ସ୍ୱାର୍ଥରେ ବିନିଯୋଗ କରାଯାଉଛି। ରାଜ୍ୟ ଜଳ ସମ୍ପଦ ବିଭାଗ ବିଭିନ୍ନ କମ୍ପାନୀଙ୍କୁ ମହାନଦୀ ଜଳ ଦେଉଥିବା ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। ଏନେଇ ଅଦାଲତର ପୂର୍ବ ଆଦେଶକ୍ରମେ ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇ ନ ଥିଲା। ସୋମବାର ପୂର୍ବାହ୍ନରେ ଉକ୍ତ ମାମଲାର ଶୁଣାଣି ସମୟରେ ସତ୍ୟପାଠକୁ ନେଇ ସରକାର ହରଡଘଣାରେ ପଡ଼ିଥିଲେ। ଆବେଦନକାରୀ ଗୌରାଙ୍ଗ ଚରଣ ହୋତାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକ ଯୁକ୍ତି ଦର୍ଶାଇଥିଲେ ଯେ, ମାମଲାକୁ ୭ ବର୍ଷରୁ ଅଧିକ ସମୟ ବିତିଥିଲେ ମଧ୍ୟ ଜଳ ସମ୍ପଦ ବିଭାଗ ଏ ସମ୍ପର୍କିତ ସତ୍ୟପାଠ ଦାଖଲ କରୁନାହିଁ। ଏପରି କି ଗତ ନଭେମ୍ବର ୨୬ରେ ସତ୍ୟପାଠ ଦାଖଲ ପାଇଁ ଅଦାଲତଙ୍କ କଡ଼ା ନିର୍ଦ୍ଦେଶ ସତ୍ତ୍ୱେ ଜଳସମ୍ପଦ ବିଭାଗ ଜାଣିଶୁଣି ନୀରବ ରହୁଛି ବୋଲି କହିଥିଲେ। ଏହାକୁ ନେଇ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଏବଂ ବିଚାରପତି କେ. ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଅସନ୍ତୋଷ ପ୍ରକାଶ କରିଥିଲେ। ଏପରି କି ଅପରାହ୍ନରେ ମାମଲାର ପୁନଃ ଶୁଣାଣି ପାଇଁ ଖଣ୍ଡପୀଠ ଧାର୍ଯ୍ୟ କରିବା ସହ ରାଜ୍ୟ ଜଳ ସମ୍ପଦ ବିଭାଗ ସଚିବଙ୍କୁ ବ୍ୟକ୍ତିଗତ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଜଳ ସମ୍ପଦ ସଚିବ ପ୍ରଦୀପ ଜେନା ହାଜର ହୋଇ ସତ୍ୟପାଠ ଆକାରରେ ରିପୋର୍ଟ ଦାଖଲ କରିଥିଲେ। ଏହି ସତ୍ୟପାଠ ଉପରେ ଜାନୁୟାରୀ ୨୧ ତାରିଖରେ ପୂର୍ଣ୍ଣାଙ୍ଗ ଶୁଣାଣି କରାଯିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ସୂର୍ଯ୍ୟପ୍ରକାଶ ମିଶ୍ର ମାମଲା ପରିଚାଳନା କରୁଥିବା ବେଳେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପଟ୍ଟନାୟକଙ୍କୁ ଆଇନଜୀବୀ ବିପ୍ଳବ ମହାନ୍ତି, ତରୁଣ କୁମାର ପଟ୍ଟନାୟକ, ସୋମା ପଟ୍ଟନାୟକ ପ୍ରମୁଖ ସହାୟତା କରିଥିଲେ।

## ସଂକ୍ଷେପରେ

### ମହିଳାଙ୍କୁ କଚାଡ଼ି ମାରିଲା ଦନ୍ତା

**ପରଜଙ୍ଗ,୧୦।୧୨(ଡି.ଏନ.ଏ.):** ପ୍ରାତଃଭ୍ରମଣ ବେଳେ ସୋମବାର ଏକ ଦନ୍ତା ହାତୀ ଆକ୍ରମଣରେ ଢେଙ୍କାନାଳ ଜିଲା କନ୍ଦରସିଂହା ପଞ୍ଚାୟତ ଖଳିବାହାଳ ସାହିର ନିରୁପମା ବିଶ୍ୱାଳଙ୍କ ଜୀବନ ଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ୬ ଘଣ୍ଟା ଧରି ଭାଲୁମୁଣ୍ଡା ଛକରେ ରାସ୍ତା ଅବରୋଧ କରିଥିଲେ। ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ଖଳିବାହଳ ସାହିର ନିରୁପମା କେତେଜଣ ମହିଳାଙ୍କ ସହ ପ୍ରାତଃ ଭ୍ରମଣରେ ଯାଇଥିବାବେଳେ କମର-ଭାଲୁମୁଣ୍ଡା ପୂର୍ତ୍ତ ରାସ୍ତା ପାର୍ଶ୍ୱ ବିଲରୁ ହଠାତ୍ ଏକ ଦନ୍ତା ହାତୀ ଚାଲିଆସି ନିରୁପମାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପୁଅକୁ ଚାକିରି, କ୍ଷତିପୂରଣ ବାବଦକୁ ୧୦ ଲକ୍ଷ ଟଙ୍କା ପ୍ରଦାନ, ସୋଲାର ବାଡ଼ ନିର୍ମାଣ, ଦନ୍ତାକୁ ଅନ୍ୟତ୍ର ସ୍ଥାନାନ୍ତର, ବିଦ୍ୟୁତ୍ କାଟ ବନ୍ଦ କରିବା ଆଦି ଦାବିରେ ରାସ୍ତାରୋକୋ କରାଯାଇଥିଲା। ପ୍ରଶାସନ ଓ ବନବିଭାଗ ପକ୍ଷରୁ ଆଂଶିକ ସହାୟତା ଏବଂ ପ୍ରତିଶ୍ରୁତି ପରେ ଲୋକେ ଆନ୍ଦୋଳନରୁ ଓହରିଥିଲେ।

### ବ୍ୟାଙ୍କରୁ ୭୩ ହଜାର ଲୁଟ୍

**କର୍ଲାମୁଣ୍ଡା,୧୦।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାରୁ ଡକାୟତି ହୋଇଛି। ରବିବାର ବ୍ୟାଙ୍କ ଛୁଟି ଥିବାବେଳେ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ୭୩ ହଜାର ଟଙ୍କା ଲୁଟ କରିଥିବା ଜଣାପଡ଼ିଛି। ସୋମବାର ପୂର୍ବାହ୍ନ ୯ଟା ୪୫ ମିନିଟରେ ବ୍ୟାଙ୍କ କର୍ମଚାରୀମାନେ ବ୍ୟାଙ୍କ ଭିତରକୁ ପଶିବା ପରେ ଡକାୟତି ହୋଇଥିବା ଜାଣିବାକୁ ପାଇଥିଲେ। ଶାଖା ପରିଚାଳକ ପାରସନାଥ ପାଣିଗ୍ରାହୀଙ୍କ ସୂଚନା ମୁତାବକ ଡକାୟତମାନେ ଷ୍ଟ୍ରଙ୍ଗ ରୁମ୍ ଟେବୁଲ ଡ୍ରୟରରୁ କେବଳ ୭୩ ହଜାର ଟଙ୍କା ସହିତ ସିସି କ୍ୟାମେରାର ହାର୍ଡଡିସ୍କକୁ ନେଇଥିବା ସୂଚନା ଦେଇଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଲୋକାୟୁକ୍ତ ନିଯୁକ୍ତି ପ୍ରସଙ୍ଗ

# ଗଠନ ହେଲା ୭ ଜଣିଆ ସର୍ଚ୍ଚ କମିଟି

## ■ ମାସକ ମଧ୍ୟରେ ଲୋକାୟୁକ୍ତ ନାମ ସିଲେକ୍ଟ କମିଟିକୁ ସୁପାରିସ କରିବ

**ଭୁବନେଶ୍ୱର,୧୦।୧୨(ବ୍ୟୁରୋ)**

ଲୋକାୟୁକ୍ତ ନିଯୁକ୍ତି ପାଇଁ ବାଟ ଫିଟିଲା। ଲୋକାୟୁକ୍ତ ଗଠନ ପାଇଁ ୭ ଜଣିଆ ସର୍ଚ୍ଚ କମିଟି ଗଠନ କରାଯାଇଛି। ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଅମିତାଭ ରାୟଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠିତ ହୋଇଛି। କମିଟିରେ ପୂର୍ବତନ ଆଇଏଏସ୍ ଆର୍.ଏନ୍. ବହିଦାର, ପୂର୍ବତନ ଆଇଏଏସ୍ ସଞ୍ଜୀବ ହୋତା, ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଗୋପାଳ ନନ୍ଦ, ବିଧୁଭୂଷଣ ସାମଲ, ପ୍ରଫେସର ସ୍ନିଗ୍ଧା ପଟ୍ଟନାୟକ, ଭେଙ୍କଟରାଓ ରାମଭଟ ପ୍ରମୁଖ ସଦସ୍ୟ ଅଛନ୍ତି। ଏହି କମିଟି ୩୦ ଦିନ ମଧ୍ୟରେ ଲୋକାୟୁକ୍ତଙ୍କ ନାମ ବାଛି ଚୟନ(ସିଲେକ୍ଟ) କମିଟିକୁ ପଠାଇବ। ସୋମବାର ରାଜ୍ୟ ଅତିଥି ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସିଲେକ୍ଟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ହାଇକୋର୍ଟ ମୁଖ୍ୟ ବିଚାରପତି ଅନଙ୍ଗ ପଟ୍ଟନାୟକ, ବିରୋଧୀ ଦଳ ନେତା ନରସିଂହ ମିଶ୍ର, ବାଚସ୍ପତି ପ୍ରଦୀପ ଅମାତ ଉପସ୍ଥିତ ଥିଲେ। ବୈଠକ ଶେଷରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ, ସିଲେକ୍ଟ କମିଟି ସର୍ଚ୍ଚ କମିଟି ସଦସ୍ୟମାନଙ୍କ ନାମ ଘୋଷଣା କରିଛି। ଲୋକାୟୁକ୍ତ ନିଯୁକ୍ତି ପାଇଁ ନାମ ସୁପାରିସ କରିବାକୁ ମାସେ ସମୟ ଦିଆଯାଇଛି। ମାସକ ମଧ୍ୟରେ ସିଲେକ୍ଟ କମିଟି ବୈଠକ ଅନୁଷ୍ଠିତ ହେବ। ସେହି ବୈଠକରେ ଲୋକାୟୁକ୍ତଙ୍କ ନାମ ଚୂଡ଼ାନ୍ତ ହେବ।

ସୁପ୍ରିମକୋର୍ଟ ଅକ୍ଟୋବର ୨୪ ତାରିଖରେ ଲୋକାୟୁକ୍ତ ନିଯୁକ୍ତି ପାଇଁ ଆଉ ସମୟ ଦେଇହେବ ନାହିଁ ବୋଲି ଏ ସମ୍ପର୍କିତ ଏକ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଜଣାଇ ଦେଇଥିଲେ। ୩ ମାସ ସମୟ ଦେବାକୁ ରାଜ୍ୟ ସରକାର କରିଥିବା ଆବେଦନକୁ ସର୍ବୋଚ୍ଚ ଅଦାଲତ ଅଗ୍ରାହ୍ୟ କରିଦେଇଥିଲେ। ଦୁର୍ନୀତି ନିରୋଧୀ ଅମ୍ବୁଡସମ୍ୟାନ ସଂଗଠନ କେବେ ଗଠନ ହେବ ଓ କେବେ ସୁଦ୍ଧା ଲୋକାୟୁକ୍ତ ନିଯୁକ୍ତି ହେବେ ସେ ନେଇ ନିର୍ଦ୍ଦିଷ୍ଟ ତାରିଖ ଜଣାଇବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଜୁଲାଇ ୧୦ ତାରିଖରେ ରାଜ୍ୟ ସରକାର ଲୋକାୟୁକ୍ତ ନିଯୁକ୍ତି ନେଇ ଷ୍ଟାଟସ ରିପୋର୍ଟ ଦାଖଲ କରିଥିଲେ।

ଲୋକାୟୁକ୍ତ ଆଇନ କାର୍ଯ୍ୟକାରୀ କରିବା ନେଇ ସରକାର ଗେଜେଟ ବିଜ୍ଞପ୍ତି ପ୍ରକାଶ କରିଥିବା ସତ୍ୟପାଠରେ ଉଲ୍ଲେଖ କରିଥିଲେ। ଦୁଇମାସ ଅର୍ଥାତ ଅକ୍ଟୋବର ୧୦ ତାରିଖ ମଧ୍ୟରେ ଲୋକାୟୁକ୍ତ ନିଯୁକ୍ତି ନେଇ ସମସ୍ତ ପ୍ରକ୍ରିୟା ସାରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସରକାର ୨୦୧୮ ଏପ୍ରିଲ ୯ ତାରିଖରେ ସୁପ୍ରିମକୋର୍ଟରେ କରିଥିବା ସତ୍ୟପାଠ ଦାଖଲକୁ ନେଇ ବିରୋଧୀ ଦଳ ବିଧାନସଭାରେ ସରକାରଙ୍କୁ ହଲାପଟା କରିଥିଲେ। ରାଜ୍ୟ ସରକାର ସୁପ୍ରିମକୋର୍ଟରେ ମିଥ୍ୟା ସତ୍ୟପାଠ ଦାଖଲ କରିଛନ୍ତି ବୋଲି ବିରୋଧୀ ଅଭିଯୋଗ ଆଣିଥିଲେ। କେନ୍ଦ୍ରରେ ଲୋକପାଳ ବିଲ୍ ଆଇନରେ ପରିଣତ ହେବା ପରେ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ୨୦୧୪ ଫେବୃୟାରୀ ୧୪ ତାରିଖରେ ଏହି ବିଲ୍‌କୁ ବିଧାନସଭାରେ ପାରିତ କରିଥିଲା। ଏହି ଆଇନ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇବା ପରେ ମଧ୍ୟ ରାଜ୍ୟ ସରକାର ଏ ନେଇ ବିଜ୍ଞପ୍ତି ପ୍ରକାଶ କରି ନ ଥିଲେ। ସେବେଠାରୁ ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ହୋଇ ନ ଥିଲେ। ବିରୋଧୀ କଂଗ୍ରେସ ଓ ଭାଜପା ରାଜ୍ୟରେ ଲୋକପାଳ କିମ୍ବା ଲୋକାୟୁକ୍ତ ନିଯୁକ୍ତି ନେଇ ସରକାର ସ୍ପଷ୍ଟ କରନ୍ତୁ ବୋଲି ଦାବି କରିଥିଲେ। ଏହାକୁ ନେଇ ବିଧାନସଭାରେ ହଙ୍ଗାମା କରିଥିଲେ। ରାଜ୍ୟ ସରକାର ଇତିମଧ୍ୟରେ ଲୋକାୟୁକ୍ତ ନିଯୁକ୍ତି ନେଇ ଗେଜେଟ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ସର୍ଚ୍ଚ କମିଟି ଗଠନ ନେଇ ମଧ୍ୟ ବିଜ୍ଞପ୍ତି ପ୍ରକାଶିତ ହୋଇଛି।

ବିଜ୍ଞପ୍ତି ଅନୁଯାୟୀ ଲୋକାୟୁକ୍ତ ନିଯୁକ୍ତି ନେଇ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବ। ଏହି କମିଟିରେ ବିରୋଧୀ ଦଳ ନେତା ଓ ବିଧାନସଭା ବାଚସ୍ପତି ସଦସ୍ୟ ରହିବେ। ଏହି ତିନିଜଣ ମିଶି ଚତୁର୍ଥ ସଦସ୍ୟଙ୍କୁ ମନୋନୀତ କରିବେ। ସେହି ମନୋନୀତ ସଦସ୍ୟଙ୍କୁ ରାଜ୍ୟପାଳ ନିଯୁକ୍ତି କରିବେ। ସମସ୍ତ ସଦସ୍ୟଙ୍କୁ ନେଇ ଏକ ଚୟନ କମିଟି ଗଠନ କରାଯିବ। ସେହି କମିଟି ଲୋକାୟୁକ୍ତ ଓ ଅନ୍ୟ ସଦସ୍ୟମାନଙ୍କୁ ଚୟନ କରିବା ପାଇଁ ଏକ ୭ ଜଣିଆ ସର୍ଚ୍ଚ କମିଟି ବାଛିବେ। ଏହି ସର୍ଚ୍ଚ କମିଟି ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟମାନଙ୍କୁ ଚୟନ କରି ସେମାନଙ୍କ ନାମ ଚୟନ କମିଟିକୁ ସୁପାରିସ କରିବେ। ଲୋକାୟୁକ୍ତଙ୍କ ନିଯୁକ୍ତି ନେଇ ଚୟନ କମିଟିର ପ୍ରଥମ ବୈଠକ ଅକ୍ଟୋବର ୬ ତାରିଖରେ ଅନୁଷ୍ଠିତ ହୋଇଥିଲା।




### ଟାଙ୍ଗିଆରେ ହାଣି ସ୍ତ୍ରୀଙ୍କୁ ହତ୍ୟା

**ଚନ୍ଦ୍ରଗିରି,୧୦।୧୨(ଡି.ଏନ୍.ଏ.)**

ଗଜପତି ଜିଲା ମୋହନା ଥାନା ଚନ୍ଦ୍ରଗିରିଠାରୁ ୫ କି.ମି. ଦୂର କିଡାସିଂ ଗ୍ରାମରେ ସୋମବାର ଏକ ହତ୍ୟାକାଣ୍ଡ ଘଟିଛି। ସାମାନ୍ୟ କଥାକୁ ନେଇ ଝଗଡ଼ା ପରେ ସ୍ୱାମୀ ଟାଙ୍ଗିଆ ଚୋଟରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ କ୍ଷୀର ରଣଷଣ୍ଢ। ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ଏ ନେଇ ମୋହନା ଥାନାରେ ନଂ. ୧୩୨/୧୮ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ କୋରା ରଣଷଣ୍ଢଙ୍କୁ ପୋଲିସ ଗିରଫ କରିଛି।




## ■ ନକଲି ଶିକ୍ଷକ, ଭୂତ ସ୍କୁଲକୁ ନେଇ ଜନସ୍ୱାର୍ଥ ମାମଲା

# ବାର୍ଷିକ ଲୁଟ ହେଉଛି ୨ହଜାର କୋଟି

## ହାଇକୋର୍ଟଙ୍କ ଉଦ୍‌ବେଗ

**କଟକ ଅଫିସ, ୧୦।୧୨**

ରାଜ୍ୟରେ ବହୁ ନକଲି ଶିକ୍ଷକ କାର୍ଯ୍ୟ କରୁଥିବାବେଳେ ଭୂତ ସ୍କୁଲ ନାମରେ ସରକାରୀ ରାଜକୋଷ ଲୁଟ୍ ହେଉଛି। ବାର୍ଷିକ ୨ହଜାର କୋଟି ଟଙ୍କା ଏ ବାବଦରେ ଲୁଟ ହେଉଥିବା ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଭୁବନେଶ୍ୱର ପଟିଆ ଅଞ୍ଚଳର ସଞ୍ଜୟ କୁମାର ମହାରଣାଙ୍କ ଇ-ମେଲ୍ ପିଟିଶନକୁ ହାଇକୋର୍ଟ ଜନସ୍ୱାର୍ଥ ମାମଲା ଭାବେ ଗ୍ରହଣ କରିଛନ୍ତି। ଏନେଇ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କୁ ଜବାବ ଦାଖଲ ନିମନ୍ତେ ସୋମବାର ନୋଟିସ ଜାରି କରିଛନ୍ତି। ଆସନ୍ତା ଜାନୁୟାରୀ ୨୧ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ ବୋଲି ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି।


ଆବେଦନକାରୀ ମହାରଣା ନିଜର ଏକ ପୃଷ୍ଠା ସମ୍ବଳିତ ପିଟିଶନରେ ଦର୍ଶାଇଛନ୍ତି ଯେ, ରାଜ୍ୟର ସ୍କୁଲ ଛାତ୍ରୀଛାତ୍ରଙ୍କୁ ଆଧାର ଲିଙ୍କ୍ କରାଯିବା ପରେ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ନକଲି ଛାତ୍ରୀଛାତ୍ର ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ଦୈନିକ ମଧ୍ୟାହ୍ନଭୋଜନ ଦିଆଯାଉଥିବା ଆଳରେ ବହୁ ଟଙ୍କା ବାଟମାରଣା ହେଉଛି। ଏପରିକି ପ୍ରାଥମିକ ସ୍କୁଲ ନ ଥାଇ ମଧ୍ୟାହ୍ନଭୋଜନ ଦିଆଯାଉଛି। ଏଥିସହ ପ୍ରାଥମିକ ସ୍କୁଲଗୁଡ଼ିକରେ ଶିକ୍ଷକମାନଙ୍କ ନକଲି ସିଟି ଓ ବି.ଏଡ୍ ଯୋଗ୍ୟତାକୁ ନେଇ ଅନୁରୂପ ପ୍ରଶ୍ନ ଉଠାଇଛନ୍ତି ଆବେଦନକାରୀ। ମାଧ୍ୟମିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଣତାଲିମ (ଅନ୍‌ଟ୍ରେଣ୍ଡ) ଏବଂ ଅଣଯୋଗ୍ୟତା (ଅଣ୍ଡର କ୍ୱାଲିଫାଏଡ୍) ସମ୍ପନ୍ନ ନିଯୁକ୍ତିର ବୈଧତାକୁ ମଧ୍ୟ ଆବେଦନକାରୀ ଚ୍ୟାଲେଞ୍ଜ କରିଛନ୍ତି। ବିଶେଷକରି ୧୯୯୯ ଜୁନ ୬ରୁ ୨୯୨୯ ପୂର୍ଣ୍ଣ ଅନୁଦାନ ଉଚ୍ଚ ବିଦ୍ୟାଳୟକୁ ସରକାରୀ ଘୋଷଣା କରାଯିବା ପରେ ବହୁସଂଖ୍ୟକ ନକଲି ଶିକ୍ଷକଙ୍କ ନିଯୁକ୍ତିକୁ ବିଭାଗୀୟ ଅନୁମୋଦନ ମିଳିଛି। ଜମ୍ମୁ ଓ କଶ୍ମୀର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ରାଜସ୍ଥାନ ଆଦି ରାଜ୍ୟରୁ ବି.ଏଡ୍ ସାର୍ଟିଫିକେଟ ଆଣିଥିବା ପିଟିଶନରେ ଉଲ୍ଲେଖ ରହିଛି। ସେହିପରି ୨୭୦୦ ଅତିରିକ୍ତ ସେକ୍ସନ ଟିଚର୍‌ଙ୍କ ଅନୁମୋଦନ ଆଦୌ ଠିକ୍ ହୋଇନାହିଁ ବୋଲି ପିଟିଶନରେ ଦର୍ଶାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ୫୬୮ ପୁରାତନ ସରକାରୀ ହାଇସ୍କୁଲ, ୨୯୩୬ ନୂତନ ସରକାରୀ ହାଇସ୍କୁଲ, ୬୫୧ ପୂର୍ଣ୍ଣ ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲ, ୨୬୦୮ ବ୍ଲକଗ୍ରାଣ୍ଟ ହାଇସ୍କୁଲ ଏବଂ ୫୪ହଜାରରୁ ଊର୍ଦ୍ଧ୍ୱ ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ସ୍କୁଲର କର୍ମଚାରୀମାନେ ସରକାରୀ ତହବିଲରୁ ଦରମା ନେଉଥିବା ଆବେଦନକାରୀ କୋର୍ଟଙ୍କ ଦୃଷ୍ଟିକୁ ଆଣିଛନ୍ତି। ଏହି ମାମଲାର ଶୁଣାଣି ସମୟରେ ଆଡଭୋକେଟ ଜେନେରାଲ ସୂର୍ଯ୍ୟପ୍ରକାଶ ମିଶ୍ର ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ଆଇନଜୀବୀ ବିଧାନ ଚନ୍ଦ୍ର ପରିଡ଼ା ଉପସ୍ଥିତ ଥିଲେ।

ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

**ହକି ଓଡ଼ିଶାରେ ବିଶ୍ୱ**

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତର୍ଭିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ:**
**ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ:** ଆଲୋକ କାନୁନ୍‌ଗୋ (୯୯୩୭୨୭୪୩୭୬/୮୨୪୯୫୮୪୦୧୦)
**ଭଦ୍ରକ:** ଦେବରାଜ ସାମଲ (୯୯୩୮୧୩୭୭୪୬)
ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨

## ■ ଓଡ଼ିଶା ମାନବାଧିକାର କମିଶନ ପଦବୀ ଫାଙ୍କା

# ୧୮ ସୁଦ୍ଧା ନିଯୁକ୍ତି ଦିଅ: ହାଇକୋର୍ଟ

**କଟକ ଅଫିସ, ୧୦।୧୨**

ଗତ ମେ ମାସରୁ ଓଡ଼ିଶା ମାନବାଧିକାର କମିଶନ ଅଧ୍ୟକ୍ଷ ପଦବୀ ଫାଙ୍କା ପଡ଼ିଛି। ଏହାକୁ ନେଇ ହାଇକୋର୍ଟରେ ଆଗତ ଜନସ୍ୱାର୍ଥ ମାମଲାର ଶୁଣାଣି ସୋମବାର ହୋଇଛି। ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଉଦ୍‌ବେଗ ପ୍ରକାଶ କରିବା ସହିତ ଆସନ୍ତା ୧୮ ତାରିଖ ସୁଦ୍ଧା ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଖିଲାପ ହେଲେ ହାଇକୋର୍ଟ ନିଜ ଆଡୁ ଅଧ୍ୟକ୍ଷ ନିଯୁକ୍ତି ଦେବେ ବୋଲି ଆଦେଶରେ ସ୍ପଷ୍ଟ କରିଛନ୍ତି। ସୂଚନାଥାଉ କି, ପୂର୍ବରୁ ମଧ୍ୟ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତିକୁ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। କାରଣ ସରକାର ଦୀର୍ଘଦିନ ହେବ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ଦ୍ୱାରା ମାନବାଧିକାର କମିଶନକୁ ପରିଚାଳନା କରୁଛନ୍ତି। ଏ ସମ୍ପର୍କରେ ଗତ ମାର୍ଚ୍ଚରେ ସରକାରଙ୍କଠାରୁ ଜବାବ ତଲବ କରାଯାଇଥିଲା। ସେତେବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ଦିଆଯିବ ବୋଲି ସତ୍ୟପାଠ ଆକାରରେ କୋର୍ଟଙ୍କୁ ଅବଗତ କରାଯାଇଥିଲା।

## ■ ଗ୍ୟାସ୍ ଯୋଗାଣରେ ଦୁର୍ନୀତି

# ଶ୍ୱେତପତ୍ର ଜାରି କରନ୍ତୁ କେନ୍ଦ୍ରମନ୍ତ୍ରୀ:ବିଜେଡି

**ଭୁବନେଶ୍ୱର, ୧୦।୧୨(ବ୍ୟୁରୋ)**

ରାଜ୍ୟର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗୃହିଣୀମାନଙ୍କୁ ମାଗଣାରେ ଗ୍ୟାସ୍ ସିଲିଣ୍ଡର ଯୋଗାଇବା ନାଁରେ ମହାଦୁର୍ନୀତି ହୋଇଛି। ଏବେ ଏହା ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଏହି ଯୋଜନାର ଉଦ୍ଦେଶ୍ୟ ଯଥାର୍ଥ ଭାବରେ କେନ୍ଦ୍ର ସରକାର ବିନିଯୋଗ କରିପାରି ନାହାନ୍ତି। କେନ୍ଦ୍ର ସରକାର ଦାବି କରୁଛନ୍ତି, ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ଦେଶର ୫ କୋଟି ମହିଳାଙ୍କୁ ରନ୍ଧନ ଗ୍ୟାସ୍ ଦିଆଯାଇଛି। ଯେଉଁ ମହିଳାମାନଙ୍କ ପାଇଁ ଏହି ଯୋଜନା ଉଦ୍ଦିଷ୍ଟ ପ୍ରକୃତରେ ସେମାନେ ତା'ର ସୁଫଳ ପାଇଛନ୍ତି କି ବୋଲି ବିଜୁ ମହିଳା ଜନତା ଦଳ ପ୍ରଶ୍ନ କରିଛି। ବିଜେଡି ମୁଖ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମିନତି ବେହେରା କହିଛନ୍ତି ଯେ, ରାଜ୍ୟରେ ହିତାଧିକାରୀଙ୍କ ବାସ୍ତବ ଚିତ୍ର କ'ଣ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ସମ୍ବନ୍ଧୀୟ ଏକ ଶ୍ୱେତପତ୍ର ଉପସ୍ଥାପନ କରନ୍ତୁ ବୋଲି ମିନତି ଦାବି କରିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................


ରିୟା
ପରିବାରବର୍ଗ


ଦେବାଶିଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସମର୍ଥକଙ୍କ ମୁହଁରେ କୁହାଇ ଫାଇଦା ନେବାକୁ ଉଦ୍ୟମ

- କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲେ ପୁନରାବୃତ୍ତି ହୋଇ ନ ଥାଆନ୍ତା: ସନ୍ଧ୍ୟା
- ଶ୍ରୀକାନ୍ତଙ୍କୁ ସମାଲୋଚନା ବାହାନାରେ ଚାଷୀ ପ୍ରସଙ୍ଗ

ଭୁବନେଶ୍ୱର, ୧୦।୧୨(ବ୍ୟୁରୋ): ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ସମସ୍ତ ପଦପଦବୀରୁ ରବିବାର ଇସ୍ତଫା ଦେଇଛନ୍ତି। ତାଙ୍କୁ ପିସିସି ଇସ୍ତାହାର କମିଟି ଅଧ୍ୟକ୍ଷ ପଦରୁ ହଟାଇ ଦିଆଯିବାପରେ ସେ ଏହି ନିଷ୍ପତ୍ତି ନେଇଥିବା କୁହାଯାଉଛି। ଏ ସମ୍ପର୍କରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଚିଠି ଲେଖି ସେ ଅବଗତ କରାଇଥିବା ଶୁଣିବାକୁ ମିଳିଛି। ଅନ୍ୟପଟେ ପିସିସି କୋର୍ କମିଟିରୁ ଇସ୍ତଫା ଦେବାପରେ ଶ୍ରୀକାନ୍ତ କଂଗ୍ରେସର ପ୍ରାଥମିକ ସଦସ୍ୟ ଭାବେ ଦଳରେ ରହିଛନ୍ତି। ଏଭଳି ସମୟରେ ଶୃଙ୍ଖଳା କମିଟି ଅଧ୍ୟକ୍ଷ ହେମାନନ୍ଦ ବିଶ୍ୱାଳ ଶ୍ରୀକାନ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ ବୋଲି ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)କୁ ଚିଠି ପଠାଇଥିବା ବିଶେଷ ସୂତ୍ରରୁ ଜଣାପଡିଛି। ତେଣୁ ଶ୍ରୀକାନ୍ତଙ୍କ ବିରୋଧରେ ଖୁବ୍‌ଶୀଘ୍ର କିଛି ବଡଧରଣର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଜଣେ ସାଧାରଣ ସଦସ୍ୟଙ୍କୁ ଦଳରୁ ବିଦା କରାଯିବା ହିଁ ସବୁଠାରୁ ବଡ କାର୍ଯ୍ୟାନୁଷ୍ଠାନ ବୋଲି ଶ୍ରୀକାନ୍ତଙ୍କ ନିକଟତମ ଲୋକେ ମତ ରଖିଛନ୍ତି। ନିରଞ୍ଜନଙ୍କ କେତେଜଣ ସମର୍ଥକ ସବୁଆଡେ ବୁଲି ବୁଲି ସମାନ କଥା କହୁଥିବା ମଧ୍ୟ ଶୁଣିବାକୁ ମିଳିଛି। ଅନ୍ୟପଟେ ଶ୍ରୀକାନ୍ତଙ୍କ ବିରୋଧରେ ସିଧାସଳଖ କିଛି ମନ୍ତବ୍ୟ ନ ଦେଇ ନିରଞ୍ଜନ ନିଜ ସମର୍ଥକମାନଙ୍କ ମୁହଁରେ କୁହାଇ ଫାଇଦା ଗୋଟାଇବାକୁ ଚେଷ୍ଟା ଚଳାଇଛନ୍ତି। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ସୋମବାର ଦଳର ମୁଖ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀ ଡକାଇ ଚାଷୀ ପ୍ରସଙ୍ଗ ଉଠାଇଥିଲେ। ମାତ୍ର ଚାଷୀ ସମସ୍ୟାକୁ ଆଳକରି ତାରାଙ୍କୁ ଶ୍ରୀକାନ୍ତଙ୍କ ବିରୋଧରେ ମନ୍ତବ୍ୟ ରଖିବାକୁ ନିର୍ଦ୍ଦେଶ ରହିଥିଲା ବୋଲି ପ୍ରଥମେ ଦଳୀୟ ସୂତ୍ରରୁ ଜଣାପଡିଥିଲା। ଖବରଦାତା ସମ୍ମିଳନୀରେ ଯୋଗଦେବାର କିଛି ସମୟ ପରେ କିଛି ଦୃଶ୍ୟ ଏହାକୁ ସତ୍ୟ ପ୍ରମାଣିତ କରିଥିବା ଦେଖିବାକୁ ମିଳିଛି। କିଛି ସମୟ ଧରି ତାରା ଚାଷୀ ସମସ୍ୟା ଉଠାଇବାପରେ ଠାରରେ ଶ୍ରୀକାନ୍ତଙ୍କ ପ୍ରସଙ୍ଗରେ ପ୍ରଶ୍ନ ପଚାରିବାକୁ କେତେଜଣ ଖବରଦାତାଙ୍କୁ ଇସାରା କରିଥିଲେ(ଏହାକୁ ପ୍ରମାଣ କରିବା ପାଇଁ ଧରିତ୍ରୀ ପାଖରେ ଭିଡିଓ ଅଛି)। ଏହାପରେ ଜଣେ ଖବରଦାତା ଉକ୍ତ ଘଟଣା ସମ୍ପର୍କରେ ପ୍ରଶ୍ନ କରିବାପରେ, ସେ ନିରଞ୍ଜନଙ୍କୁ ସୁହାଇବା ଭଳି ଉତ୍ତର ରଖିବା ଆରମ୍ଭ କରିଥିଲେ। ଦଳରେ ଯିଏ ବିଶୃଙ୍ଖଳା କରିବ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ମାତ୍ର ତାରାଙ୍କ ଏଭଳି ମନ୍ତବ୍ୟ ପରେ ପୂର୍ବତନ ପିସିସି ଶୃଙ୍ଖଳା କମିଟି ଅଧ୍ୟକ୍ଷା ସନ୍ଧ୍ୟା ମହାପାତ୍ର ପାଲଟା ତାରା ଓ ନିରଞ୍ଜନଙ୍କୁ ସମାଲୋଚନା କରିଛନ୍ତି। ସନ୍ଧ୍ୟା କହିଛନ୍ତି ଯେ, ନିରଞ୍ଜନ ବରିଷ୍ଠଙ୍କୁ ସାଙ୍ଗରେ ନେଇ ଚାଲିଛନ୍ତି ନା ଏକାକୀ ତାହା ଜଳଜଳ ହୋଇ ଦିଶୁଛି। ସବୁ ବରିଷ୍ଠ ନେତାମାନଙ୍କୁ ସେ ସାଙ୍ଗରେ ନେଇ ଯିବାର ଆବଶ୍ୟକତା ଅଛି। ପ୍ରସାଦ ହରିଚନ୍ଦନ ପିସିସି ସଭାପତି ଥିବାବେଳେ ବହୁଥର ତାରା ଗଣମାଧ୍ୟମରେ ମନ୍ତବ୍ୟ ଦେଇ ବିଶୃଙ୍ଖଳା କରିଛନ୍ତି। ତାରା ବାହିନୀପତିଙ୍କ ମୁହଁରେ ଶ୍ରୀକାନ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କଥା ହାସ୍ୟାସ୍ପଦ। ପ୍ରସାଦ ସଭାପତି ଥିବାବେଳେ ଗଣମାଧ୍ୟମ ଆଗରେ ସିଧାସଳଖ ଦଳ ବିରୋଧରେ ମନ୍ତବ୍ୟ ରଖୁଥିବା ୪ଜଣଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏଆଇସିସିକୁ ଚିଠି କରିଥିଲି। ସେ ଚିଠି ଏବେ ସେମିତି ପଡି ରହିଛି। ସେତେବେଳେ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲେ ଏଭଳି ଘଟଣାର ପୁନରାବୃତ୍ତି ହୋଇ ନ ଥାଆନ୍ତା ବୋଲି ସନ୍ଧ୍ୟା କହିଛନ୍ତି।

# ଚାଷୀ ସମସ୍ୟାକୁ ନେଇ ଆନ୍ଦୋଳନ କରିବାକୁ କଂଗ୍ରେସର ଧମକ

ଭୁବନେଶ୍ୱର, ୧୦।୧୨(ବ୍ୟୁରୋ) ରାଜ୍ୟର ଚାଷୀମାନଙ୍କୁ ଧାନର ଉପଯୁକ୍ତ ମୂଲ୍ୟ ଏବଂ ସମ୍ମାନ ଓ ସୁରକ୍ଷା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଚାଷୀମାନଙ୍କ ଯେଉଁ ସମସ୍ୟା ରହିଛି ତାକୁ ତୁରନ୍ତ ସମାଧାନ କରା ନ ଗଲେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସୋମବାର ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। କଂଗ୍ରେସ ମୁଖ୍ୟାଳୟଠାରେ ଦଳର ବରିଷ୍ଠ ମୁଖପାତ୍ର ତାରାପ୍ରସାଦ ବାହିନୀପତି କହିଛନ୍ତି, ରାଜ୍ୟରେ ଦୀର୍ଘଦିନ ଧରି ଶାସନ କରୁଥିବା ବିଜେଡି ଚାଷୀଙ୍କ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ନିର୍ଦ୍ଧାରଣ କରିବାରେ ବିଫଳ ହୋଇଛି। ଏହା ବର୍ତ୍ତମାନ ମଣ୍ଡିରେ ପ୍ରଦାନ କରାଯାଉଥିବା ମୂଲ୍ୟ ହିଁ ନିରୂପଣ କରୁଛି। ଅଦ୍ୟାବଧି ସବୁ ଜାଗାରେ ମଣ୍ଡି ଖୋଲାଯାଇ ନ ଥିବାରୁ ଚାଷୀ ବାଧହୋଇ ଅସାଧୁ ବ୍ୟବସାୟୀଙ୍କୁ ଅପେକ୍ଷାକୃତ କମ୍ ଦାମ୍‌ରେ ଧାନ ଦେଉଛନ୍ତି। ଧାନର ଅଭାବୀ ବିକ୍ରିକୁ ନେଇ ଚାଷୀକୁଳ ହନ୍ତସନ୍ତ ହେଉଥିବାବେଳେ ସରକାର ମିଲରଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେବାରେ ଲାଗିଛନ୍ତି। ଧାନର ସ୍ଥିରୀକୃତ ସହାୟକ ମୂଲ୍ୟ ୧୭୫୦ଟଙ୍କାଠାରୁ ୩ଶହ ଟଙ୍କା କମ୍ ମୂଲ୍ୟରେ ବିକ୍ରି ଚାଲିଛି। କେନ୍ଦ୍ର ସରକାର ସ୍ୱାମୀନାଥନ୍ କମିଟି ରିପୋର୍ଟକୁ ଅଣଦେଖାକରି ଧାନର ଏମ୍‌ଏସ୍‌ପି ଦେଢଗୁଣା ବୃଦ୍ଧି କରିବାରେ ବିଫଳ ହୋଇଛନ୍ତି। ବର୍ତ୍ତମାନ ଧାର୍ଯ୍ୟ ହୋଇଥିବା ମୂଲ୍ୟ ଚାଷୀଙ୍କୁ ପ୍ରଦାନ କରାଯାଉନାହିଁ। ଏହାକୁ ନେଇ ଚାଷୀ ଆତ୍ମହତ୍ୟା କରିବା ପାଇଁ ବାଧ ହେଉଛନ୍ତି। ଶହଶହ କୋଟି ଟଙ୍କା ଖର୍ଚ୍ଚ କରି ହକିରେ ମାତିଥିବା ସରକାର ଚାଷୀଙ୍କ ସମସ୍ୟା ନେଇ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ତିତ୍‌ଲି ବାତ୍ୟା ସମୟରେ ହୋଇଥିବା ଫସଲ ହାନୀର ଭରଣା ହେଉ ଅବା ଚାଷୀକୁଳକୁ ସର୍ବସ୍ୱାନ୍ତ କରୁଥିବା ମାଟିଆଗୁଣ୍ଡି ପୋକର ନିଦାନ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟ ସରକାର ପାଇଲେ ନାହିଁ। ପ୍ରାଇସ୍, ପ୍ରେଷ୍ଟିଜ୍ ଏବଂ ପେନ୍‌ସନ ଦାବି ନେଇ କୃଷକମାନଙ୍କ ନ୍ୟାଯ୍ୟ ଦାବି ପ୍ରତି ସମ୍ବେଦନହୀନ ସରକାର ଟର୍ମ ଅଫ୍ ରେଫରେନ୍‌ସ ଆଳରେ ଚୁପ୍ ବସିଛନ୍ତି। ବିଧାନସଭାରେ ଚାଷୀଙ୍କ ସମସ୍ୟା ବିଷୟରେ ଆଲୋଚନାକୁ ଡରି ପଳାୟନପନ୍ଥୀ ସରକାର ଧାର୍ଯ୍ୟ ସମୟର ୧୮ଟି କାର୍ଯ୍ୟ ଦିବସ ପୂର୍ବରୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଗୃହକୁ ବନ୍ଦ କରିବା ସରକାରଙ୍କ ଦୋମୁହାଁ ନୀତିକୁ ପଦାରେ ପକାଇ ଦେଇଛି। ଚାଷୀଙ୍କ ସମସ୍ୟା ନେଇ ତୁରନ୍ତ ପଦକ୍ଷେପ ନିଆ ନ ଗଲେ କଂଗ୍ରେସ ଖୁବ୍‌ଶୀଘ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି ତାରା ଚେତାବନୀ ଦେଇଛନ୍ତି।

classified

real estate

**SALE**

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65227

30' road gharabari boundary residential plot at Benupur near Hanspal (100' road side) 7, 80,000/-. 9437033320. D-64373

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-, 160/-. 9937746907, 9337259012. D-64382

ଭୁବନେଶ୍ୱର Sudhananda College ପାଖରେ ଏବଂ ବାଲିଅନ୍ତାରେ ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରି ହେବ। 9776811399, 8093465134. D-65093

ଭୁବନେଶ୍ୱର ସୁନ୍ଦରପଦା Xavier University backsideରେ investment ପ୍ଲଟ ମିଳୁଅଛି। 8338932027. D-64386

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65228

ସୁନ୍ଦରପଦା Hitech ପାଖରେ 100' and 50' Revenue Roadଥାଇ 2ଟି ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରିହେବ। (sqft. 600/-) 9777236619. D-64396

1BHK, 2BHK, 3BHK approved flats at Hitech Heaven near Gudiapokhari Chowk, Bhubaneswar. 9437192512, 9437040045. D-9910

Immediate sale 1815 sqft 30" road gharabari boundary residential plot at mouza bhaula near dhauli temple contact: 9861995518. D-63210

ଭୁବନେଶ୍ୱର AIIMS Hospital ନିକଟରେ 30' road, ଘରବାରି plot sale. 8480745797. D-64387

Bhubaneswar ପଟିଆ KIIT ପାଖରେ 40/30" Road, boundary ସମସ୍ତ ସୁବିଧା ସହିତ ଗୃହୋପଯୋଗୀ plot sqft. 1100/- ବିକ୍ରିହେବ: 8018611122. D-64662

**AFFIDAVIT**

I Lokanath Suar, aged about 19 years. S/o Rabi Narayan Supakar, Resident of Mishra Lane, Markandeswar Sahi, P.S.-Baseli Sahi, Po/ Dist-Puri have changed my name to Lokanath Supakar by virtue of an affidavit before Notary Public, Puri on 26th June 2018. I shall be known as Lokanath Supakar for all purposes. D-64025

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଜାତଳା ଉପନିର୍ବାଚନର ବିଜୟୀ ପ୍ରାର୍ଥୀ

ଭୁବନେଶ୍ୱର, ୧୦।୧୨(ବ୍ୟୁରୋ) ବିଜାତଳା ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ରଘୁନାଥ ମାଝୀ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୪୨୧୨ ଭୋଟ ବ୍ୟବଧାନରେ ହରାଇ ବିଜୟୀ ହୋଇଥିଲେ। ରଘୁନାଥ ବିଜୟୀ ହେବାପରେ ପ୍ରଥମ ଥର ନବୀନ ନିବାସ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ସେ ୨୦୦ରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀଙ୍କ ସହ ସୋମବାର ସକାଳେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଶୀର୍ବାଦ ଗ୍ରହଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଜୟୀ ପ୍ରାର୍ଥୀଙ୍କୁ ଅଭିନନ୍ଦନ ଜଣାଇବା ସହ ଗଣତନ୍ତ୍ରର ଉଚ୍ଚତର ମୂଲ୍ୟବୋଧକୁ ସମ୍ମାନ ଦେଇ ନିଜ ଅଞ୍ଚଳର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି। ଏହାସହ ଲୋକଙ୍କ ସେବା କରିବାକୁ କହିଛନ୍ତି। ସୂଚନାଯୋଗ୍ୟ ସ୍ୱାଧୀନତା ପରଠାରୁ ବିଜାତଳା ଜିଲା ପରିଷଦ ଜୋନ୍ ନଂ.-୩୨ଆସନରୁ କେବେ ବି ତତ୍କାଳୀନ ଜନତା ଦଳ କିମ୍ବା ବର୍ତ୍ତମାନର ବିଜେଡି ପ୍ରାର୍ଥୀ ଜିତିପାରି ନ ଥିଲେ। ଏହି ଆସନଟି ଗତ ୨ଟି ନିର୍ବାଚନରେ ଭାଜପା ଓ ତା'ପୂର୍ବରୁ ଜେଏମ୍ଏମ୍ ଦଖଲରେ ରହିଥିଲା। ଗତ ଜିଲା ପରିଷଦ ନିର୍ବାଚନରେ ଭାଜପା ୭ ହଜାର ଭୋଟ ପାଇଥିବା ବେଳେ ଜେଏମ୍ଏମ୍ ୫ହଜାର ଓ ବିଜେଡି ୩ ହଜାର ଭୋଟ ପାଇଥିଲା।


# ଜୁଆ ଖେଳିବାକୁ ଟଙ୍କା ନ ଦେବାରୁ ସ୍ତ୍ରୀ ତଣ୍ଟି କାଟି ହତ୍ୟା କଲେ ସ୍ୱାମୀ

ପୁରୀ ଅଫିସ,୧୦।୧୨ ପୁରୀ ଚିତ୍ରକର ସାହିରେ ସୋମବାର ମଧ୍ୟାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଜୁଆ ଖେଳିବାକୁ ଟଙ୍କା ନେବାରୁ ଏକ ଧାରୁଆ ଅସ୍ତ୍ରରେ ସ୍ତ୍ରୀର ତଣ୍ଟି କାଟି ହତ୍ୟା କରିଛନ୍ତି ସ୍ୱାମୀ। ମୃତା ହେଲେ ଲକ୍ଷ୍ମୀପ୍ରିୟା ପ୍ରଧାନ(୩୫)। ଅପରାହ୍ନ ସାଢେ ୩ଟାରେ ଟାଉନଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଲକ୍ଷ୍ମୀପ୍ରିୟାଙ୍କ ବାପା କୃଷ୍ଣଚନ୍ଦ୍ର ରାଉତ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଅନ୍ୟପଟେ ଅଭିଯୁକ୍ତ ଗଦାଧର ପ୍ରଧାନଙ୍କୁ ପୋଲିସ ଚାରିନଳାସ୍ଥିତ ଜେନାସାହିରୁ ଧରି ଥାନାରେ ଅଟକ ରଖିଛି। ମିଳିଥିବା ସୂଚନା ପ୍ରକାରେ କୃଷ୍ଣଚନ୍ଦ୍ରଙ୍କ ଦ୍ୱିତୀୟ ଝିଅ ଲକ୍ଷ୍ମୀପ୍ରିୟା ସଦର ଥାନା ଅନ୍ତର୍ଗତ ଚାରିନଳାସ୍ଥିତ ଜେନାସାହିର ଗଦାଧରଙ୍କୁ ବିବାହ କରିଥିଲେ। ତାଙ୍କର ଏକ ୧୪ ବର୍ଷୀୟା ଝିଅ ଅଛି। ଗଦାଧର ଗତ କିଛି ଦିନ ହେଲା ଜୁଆ ଖେଳି ଲକ୍ଷାଧିକ ଟଙ୍କା ଧାର କରିଥିଲେ। ନିକଟରେ ଦୁଇଟି ବାଇକ୍ ମଧ୍ୟ ବିକ୍ରି କରି ଦେଇଥିଲେ। ଜୁଆ ଖେଳିବା ଲାଗି ଟଙ୍କା ଦେବାକୁ ଗଦାଧର ସବୁବେଳେ ଲକ୍ଷ୍ମୀପ୍ରିୟାଙ୍କୁ ମାରପିଟ୍ କରୁଥିଲେ। ଫଳରେ ଲକ୍ଷ୍ମୀପ୍ରିୟା ଝିଅକୁ ଧରି ଚିତ୍ରକର ସାହିରେ ଭଡାରେ ରହୁଥିବା ବାପାଙ୍କ ଘରକୁ ଚାଲି ଆସିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଲକ୍ଷ୍ମୀପ୍ରିୟା ଏଠାରେ ସ୍ୱୟଂସହାୟିକା ଗୋଷ୍ଠୀରେ ସାମିଲ ହୋଇଥିଲେ। ଋଣ କରି ସିଲେଇ ମେଶିନ ପକାଇ କାମ କରୁଥିଲେ। ଗଦାଧର ଅନେକ ସମୟରେ ମଦ୍ୟପାନ କରି ଶ୍ୱଶୁର ଘରକୁ ଆସି ଲକ୍ଷ୍ମୀପ୍ରିୟାଙ୍କୁ ଟଙ୍କା ମାଗୁଥିଲେ। ଟଙ୍କା ନଦେଲେ ମାରଧର ମଧ୍ୟ କରୁଥିଲେ।

ସୋମବାର ଲକ୍ଷ୍ମୀପ୍ରିୟା ଘରେ ଏକାକୀ ଥିଲେ। ମଧ୍ୟାହ୍ନରେ ଗଦାଧର ମଦ୍ୟପାନ କରି ସେଠାରେ ପହଞ୍ଚି ଜୁଆ ଖେଳିବା ଲାଗି ଟଙ୍କା ମାଗିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଲକ୍ଷ୍ମୀପ୍ରିୟା ଟଙ୍କା ଦେବାକୁ ମନା କରିବାରୁ ଗଦାଧର ଉତ୍କ୍ଷିପ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ତଣ୍ଟି କାଟି ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି




ଇଂ.ଦେବକାନ୍ତ ପତି
ଆବିର୍ଭାବ - ୦୭.୦୭.୧୯୮୩
ତିରୋଧାନ - ୨୨.୧୧.୨୦୧୭
Bhimatangi, HB Colony
Bhubaneswar

ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ। ତୁମ୍ଭଙ୍କୁ ପ୍ରଭୁ ଜଗନ୍ନାଥ ଶରଣ ଦେଇ ବ୍ରହ୍ମଲୋକରେ ସ୍ଥାନ ଦିଅନ୍ତୁ। ଶୋକସନ୍ତପ୍ତ ପରିବାର ବର୍ଗ ବାପା, ବୋଉ, ନନା, ଭାଉଜ, ଓମ୍, ମିତା, ଜୟା, କକେଇ, ଖୁଡ଼ୀ, ବଡନନା, ଭାଉଜ, ଶିତୁ, ପସାନନା, ବଡବୋଉ ଓ ପରିବାର ବର୍ଗ।

ଧ-୫୯୯୨୨

ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସୁଶୀଳା ପଟ୍ଟନାୟକ
ସ୍ୱାମୀ- ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ
(ଦଉତୋଟା ପୁରୀ)
ଆବିର୍ଭାବ: ୨୧।୭।୧୯୩୨
ତିରୋଧାନ: ୨୭।୧୧।୨୦୦୩
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ ପରିବାରବର୍ଗ।

ଧ-୬୩୭୪୦

ପ୍ରଥମ ପୃଷ୍ଠାରୁ...

## ଅଗ୍ନି-୫...

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଉନ୍ନୟନ ପ୍ରତିଷ୍ଠାନ (ଡିଆରଡିଓ) ପକ୍ଷରୁ ଉତ୍‌କ୍ଷେପଣ ହୋଇଥିବା ଏହି କ୍ଷେପଣାସ୍ତ୍ର ଭାରତର ପ୍ରତିରକ୍ଷା କ୍ଷେତ୍ରକୁ ବହୁଗୁଣରେ ସୁଦୃଢ ଓ ଶକ୍ତିଶାଳୀ କରିପାରିବ ବୋଲି ବୈଜ୍ଞାନିକ ଏବଂ ବିଶେଷଜ୍ଞମାନେ ଆଶାବ୍ୟକ୍ତ କରିଛନ୍ତି। ସୋମବାର ଏହାର ପରୀକ୍ଷଣ ସମୟରେ ପ୍ରତିରକ୍ଷା ବିଶେଷଜ୍ଞଙ୍କ ସମେତ ବହୁ ବୈଜ୍ଞାନିକ ଉପସ୍ଥିତ ଥିଲେ। ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡୋଙ୍କ ଦ୍ୱାରା କ୍ଷେପଣାସ୍ତ୍ର ପରୀକ୍ଷଣ କାର୍ଯ୍ୟକୁ ଅନୁଧ୍ୟାନ କରାଯାଇଥିଲା। ପୂର୍ବରୁ ଅବଦୁଲ କଲାମ ଦ୍ୱୀପରେ ଏହାର ୩ ଥର ସଫଳ ପରୀକ୍ଷଣ ହୋଇସାରିଛି। ଏହାର ଓଜନ ପ୍ରାୟ ୫୦ଟନ, ଲମ୍ବ ୧୭ ମିଟର ଓ ଗୋଲେଇ ୨ ମିଟର। ଏହାର ୩ ଥାକିଆ ଇଞ୍ଜିନ୍ ରହିଛି। କଠିନ ଇନ୍ଧନ ଦ୍ୱାରା ଇଞ୍ଜିନ ପରିଚାଳିତ ହୋଇଥାଏ। ନାଭିଗେଶନ ସିଷ୍ଟମ ଓ ଗ୍ଲୋବାଲ ପୋଜିଶନିଂ ସିଷ୍ଟମ ଦ୍ୱାରା ଏହାର ଗତିବିଧି ଉପରେ ନିରୀକ୍ଷଣ କରାଯାଇଥିଲା।

ପ୍ରଥମ ପୃଷ୍ଠାରୁ...

## ଏନ୍‌ଡିଏକୁ...

ତେଣୁ ଯେକେହି ଗୃହ ଭିତରେ କିମ୍ବା ବାହାରେ କୌଣସି ପ୍ରସଙ୍ଗ ସରକାରଙ୍କ ଦୃଷ୍ଟିକୁ ଆଣିବାକୁ ଚାହିଁଲେ ତାକୁ ସ୍ୱାଗତ କରାଯିବ। ଜନସାଧାରଣଙ୍କ ସହ ସଂପୃକ୍ତ ପ୍ରସଙ୍ଗଗୁଡିକର ମିଳିତ ସମାଧାନ ଲାଗି ଗଠନମୂଳକ ବାତାବରଣ ସୃଷ୍ଟି କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ମୋଦି ବିରୋଧୀ ଦଳଗୁଡିକୁ ଅନୁରୋଧ କରିଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ ନରେନ୍ଦ୍ର ତୋମାର ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ୫୮ ହଜାର କୋଟି ଟଙ୍କାର ରାଫାଲ ଡିଲ୍‌ରେ ଦୁର୍ନୀତି ଅଭିଯୋଗ ହୋଇଥିବାରୁ ଏହାର ତଦନ୍ତ ଲାଗି ଯୁଗ୍ମ ସଂସଦୀୟ କମିଟି (ଜେପିସି) ଗଠନ ନିମନ୍ତେ କଂଗ୍ରେସ ପୁଣି ଥରେ ଚାପ ପକାଇବ ବୋଲି ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମନବୀ ଆଜାଦ କହିଛନ୍ତି। ରାଜନୈତିକ ଫାଇଦା ଲାଗି ତଦନ୍ତକାରୀ ସଂସ୍ଥାର ଅପବ୍ୟବହାର କରାଯାଇଥିବା ପ୍ରସଙ୍ଗ ମଧ୍ୟ କଂଗ୍ରେସ ଉଠାଇବ। ସରକାର ଏବଂ ରିଜର୍ଭ ବ୍ୟାଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ଏନ୍‌ଡିଏ ଶାସନରେ ଦେଶର ଶୀର୍ଷ ଅନୁଷ୍ଠାନଗୁଡିକର ସ୍ୱାଧୀନତା ଉପରେ ସରକାର ହସ୍ତକ୍ଷେପ କରୁଥିବା ବିରୋଧୀ ଅଭିଯୋଗ କରିଥିଲେ।

ବିଭିନ୍ନ ରାଜ୍ୟରେ ଭୋଟର ତାଲିକାରୁ ବହୁ ଭୋଟରଙ୍କ ନାଁ ଉଭାନ ହୋଇଯାଇଥିବା ପ୍ରସଙ୍ଗ ଉଠାଇ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଇଭିଏମ୍ ପରିବର୍ତ୍ତେ ପେପର ବାଲଟ ବ୍ୟବହାର ଲାଗି ଦାବି କରାଯାଇଥିଲା। ଦିଲ୍ଲୀର ଲକ୍ଷାଧିକ ବଣିଆ ଏବଂ ପୂର୍ବାଞ୍ଚଳୀ ଲୋକଙ୍କ ନାଁ ଭୋଟର ତାଲିକାରେ ନ ଥିବା ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ କହିଥିଲେ। ଇଭିଏମ୍‌ରେ ଜାଲିଆତି ହେଉଥିବା ଅଭିଯୋଗ ଆଣି ଭୋଟଦାନ ପ୍ରକ୍ରିୟାର ସାଧୁତା ଉପରେ ସେ ପ୍ରଶ୍ନ ଉଠାଇଥିଲେ।

୨୦୧୯ ଲୋକ ସଭା ନିର୍ବାଚନରେ ଭାଜପାକୁ କ୍ଷମତାରୁ ଦୂରେଇ ରଖିବା ପାଇଁ ସୋମବାର କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏକାଠି ହୋଇଥିଲେ। ୫ ରାଜ୍ୟ ବିଧାନସଭା ନିର୍ବାଚନ ଫଳ ଆସିବାର ଅବ୍ୟବହିତ ପୂର୍ବରୁ ଅନୁଷ୍ଠିତ ଏହି ବୈଠକରେ ଏନ୍‌ଡିଏ ବିପକ୍ଷରେ ବିରୋଧୀ ମହାମେଣ୍ଟର ଏକପ୍ରକାରମୂଳଦୁଆ ପଡିଛି। ତେବେ ଏହି ବୈଠକରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି), ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ବିଜୁ ଜନତା ଦଳ (ବିଜେଡି) ଯୋଗ ଦେଇ ନ ଥିବା ଜଣାପଡିଛି।

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ଟିଡିପି ଅଧ୍ୟକ୍ଷ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ଅଧ୍ୟକ୍ଷା ମମତା ବାନାର୍ଜୀ, ଡିଏମ୍‌କେ ଅଧ୍ୟକ୍ଷ ଏମ.କେ. ଷ୍ଟାଲିନ୍, ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଡିଏସ୍ ନେତା ଏଚ୍.ଡି. ଦେବଗୌଡା, ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର, ନ୍ୟାସନାଲ କନଫରେନ୍ସ ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା ଏବଂ ଏଏପି ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ, ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ସିପିଆଇ ନେତା ସୁଧାକର ରେଡ୍ଡୀ ଏବଂ ଡି. ରାଜା, ଲୋକତାନ୍ତ୍ରିକ ଜନତା ଦଳ ନେତା ଶରଦ ଯାଦବ ଓ ଝାଡଖଣ୍ଡ ବିକାଶ ମୋର୍ଚ୍ଚାର ବାବୁଲାଲ ମାରାଣ୍ଡି ଉପସ୍ଥିତ ଥିଲେ। ଭାଜପାକୁ ପରାଜିତ କରିବା ଲାଗି ଅଣଭାଜପା ଦଳଗୁଡିକୁ ଏକାଠି କରିବାର ପରବର୍ତ୍ତୀ କାର୍ଯ୍ୟଖସଡା କ'ଣ ରହିବ ବିରୋଧୀଙ୍କ ବୈଠକରେ ତାହା ଉପରେ ଆଲୋଚନା ହୋଇଥିଲା। ପାର୍ଲାମେଣ୍ଟରେ ରାଫାଲ ଡିଲ୍, କୃଷକ ସମସ୍ୟା, ସାମ୍ପ୍ରଦାୟିକ ଭେଦଭାବ ଆଦି ପ୍ରସଙ୍ଗରେ ସରକାରଙ୍କୁ ଘେରିବା ଲାଗି ମଧ୍ୟ ବିରୋଧୀ ଦଳଗୁଡିକ ନିଷ୍ପତ୍ତି ନେଇଥିଲେ। ତେବେ ବିରୋଧୀଙ୍କ ଏହି ମେଳିକୁ ଭାଜପା ଫଟୋ ସେସନ୍ ଲାଗି ସୁଯୋଗ ବୋଲି କହିଛି। ଏନଡିଏ ସରକାରଙ୍କୁ ହଟାଇବା କଥା ଭାବୁଥିବା ଏହି ଦଳଗୁଡିକ ପ୍ରଥମେ ସେମାନଙ୍କର ପ୍ରଧାନମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ଘୋଷଣା କରନ୍ତୁ ବୋଲି ଭାଜପା ସାଧାରଣ ସମ୍ପାଦକ କୈଳାସ ବିଜୟଭର୍ଗୀୟ ତାଚ୍ଛଲ୍ୟ କରିଛନ୍ତି।

## ୫ ରାଜ୍ୟ...

ବିଧାନସଭାର ମାଓବାଦୀ ପ୍ରଭାବିତ ୧୮ ଆସନରେ ନଭେମ୍ବର ୧୨ରେ ଓ ଅବଶିଷ୍ଟ ୭୨ ଆସନରେ ସେହି ମାସ ୨୦ ତାରିଖରେ ମତଦାନ ହୋଇଥିଲା। ୨୩୦ ସଦସ୍ୟ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭା ଓ ମିଜୋରାମର ୪୦ ଆସନ ପାଇଁ ନଭେମ୍ବର ୨୮ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେହିପରି ତେଲେଙ୍ଗାନାର ୧୧୯ ଏବଂ ରାଜସ୍ଥାନର ୨୦୦ ଆସନରୁ ୧୯୯ରେ ଡିସେମ୍ବର ୭ରେ ଭୋଟଗ୍ରହଣ କରାଯାଇଥିଲା। ରାଜସ୍ଥାନର ରାମଗଡ଼ ଆସନର ବିଏସ୍‌ପି ପ୍ରାର୍ଥୀଙ୍କ ପରଲୋକ ହେବାରୁ ସେଠାରେ ନିର୍ବାଚନକୁ ସ୍ଥଗିତ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କେତେକ ଅସମ୍ପୂର୍ଣ୍ଣ କାମକୁ ନେଇ ମାନସିକ ସୁସ୍ଥତାର ଅଭାବ ପରିଲକ୍ଷିତ ହେବ। ଅର୍ଥର ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ତ୍ୱରାନ୍ୱିତ କରିବ। ଆଲୋଚନା ପରିସରରେ ସାମାନ୍ୟ ଭୁଲରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ କିଣାବିକା କ୍ଷେତ୍ରରେ ସନ୍ତୋଷଜନକ ଫଳ ପାଇବେ।

**ବୃଷ** ଉଚ୍ଚକର୍ତ୍ତୃପକ୍ଷଙ୍କ ବାଚନିକ ପ୍ରତିଶ୍ରୁତି କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବାରେ ସାହାଯ୍ୟ କରିବ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ଭୁଲ୍ ସକାଶେ ନିଜକୁ ଦାୟୀ ହେବାକୁ ପଡିପାରେ। ପଡୋଶୀଙ୍କ ଜରିଆରେ ଆଶା କରିଥିବା ଦିଗରୁ କୌଣସି ମୂଲ୍ୟବାନ ଜିନିଷ ପ୍ରାପ୍ତି ହେବ। ବନ୍ଧୁଗହଣରେ ଅପ୍ରିୟ ସତ୍ୟ କହି ସମାଲୋଚିତ ହୋଇପାରନ୍ତି।

**ମିଥୁନ** ରବି ଦୁଃସ୍ଥାନଗତ ହେତୁ ପାଖପଡୋଶୀଙ୍କ ଅସହଯୋଗ କେତେକାଂଶରେ କାମପାଇଁ ପ୍ରତିବନ୍ଧକ ସୃଷ୍ଟି କରିବ। କଠିନ ଶ୍ରମ ଓ ଅତ୍ୟଧିକ ଭ୍ରମଣଜନିତ ପୁରାତନ ରୋଗର ପୀଡା କ୍ରମଶଃ ବୃଦ୍ଧି ପାଇପାରେ। କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି। ବନ୍ଧୁଙ୍କ ପାଖରେ ଅଟକି ରହିଥିବା ବକେୟା ଟଙ୍କାକୁ କେନ୍ଦ୍ରକରି ବଚସା ସୃଷ୍ଟିର ସୂଚନା ରହିଛି।

**କର୍କଟ** ସପ୍ତମ କେନ୍ଦ୍ରରେ ଚନ୍ଦ୍ରଙ୍କ କେତୁ ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ବନ୍ଧୁ ସମ୍ପର୍କ ଓ ପରିବହନାଦି କ୍ଷେତ୍ରରେ ବିବାଦୀୟ ସ୍ଥିତି ସୃଷ୍ଟି କରିବ। କୌଣସି କାମ କରିସାରିବା ପରେ ଭଲମନ୍ଦର ବିଚାର କରି ଅସ୍ଥିରତା ଅନୁଭବ କରିପାରନ୍ତି। କୌଣସି ସମସ୍ୟାର ସମାଧାନ ପାଇଁ ଅନ୍ୟର ସହଯୋଗ ଲୋଡ଼ିବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡିବେ।

**ସିଂହ** ବୁଧଙ୍କ ସ୍ଥିତି ଆପଣଙ୍କୁ ବନ୍ଧୁଙ୍କ ସହ ଆଲୋଚନା, ପାରିବାରିକ ସ୍ଥିତି ଓ ଅର୍ଥ ସମ୍ପର୍କିତ ସମସ୍ୟା ସୁଧାରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବ। ଯେକୌଣସି ବିଷୟରେ ସହଯୋଗ ଆଶାକଲେ ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ଗତକାଲିର ଯୋଜନା ଠିକ୍ ଭାବେ ବଦଳାଇବା ପାଇଁ କଷ୍ଟକର ହେବ।

**କନ୍ୟା** କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତି ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ଯୋଜନା କରିପାରନ୍ତି। ବୁଦ୍ଧିଜୀବୀ ଗହଣରେ ଆଲୋଚନା କିମ୍ବା ସଭାସମିତିରେ ପାଣ୍ଡିତ୍ୟର ପରିପ୍ରକାଶ ଯୋଗୁ ସୁସମ୍ପର୍କ ସ୍ଥାପିତ ହୋଇପାରେ। ଅର୍ଥନୈତିକ ସ୍ଥିତି, ପାରିବାରିକ ପରିସ୍ଥିତି ଓ ବିବାଦୀୟ ଘଟଣା ସକାଶେ ଚିନ୍ତା କରିବାକୁ ପଡିପାରେ।

**ତୁଳା** ପାରିବାରିକ ଅସୁବିଧା ଦୂର କରିବା ପାଇଁ ବନ୍ଧୁଙ୍କ ସହାୟ୍ୟ,ସହଯୋଗ ପାଇବାକୁ ଯୋଗାଯୋଗ କଲେ ସକାରାତ୍ମକ ଫଳ ପାଇବେ। ବ୍ୟବସାୟ ସାଙ୍ଗକୁ ପ୍ରକାଶନ, ପ୍ରଶାସନ, ଆଇନ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବିଳମ୍ବ କରିବ। ନିକଟ ସମ୍ପର୍କୀୟଙ୍କ ପରୋକ୍ଷ ଶତ୍ରୁତା କାର୍ଯ୍ୟକୁ ଭଣ୍ଡୁର କରିଦେଇ ପାରେ।

**ବିଛା** କେତେ ପ୍ରକାରର ଚେଷ୍ଟା ଓ ଉପାୟ ଚିନ୍ତାକଲେ ମଧ୍ୟ କାମଗୁଡିକ ସୁବିଧାରେ ନ ହେବା କାରଣରୁ ମାନସିକ ବ୍ୟଥା ଅନୁଭବ କରିବେ। ମାଲି ମକଦ୍ଦମା, ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। କର୍ମକ୍ଷେତ୍ରରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବା ସହ ବାଧତାମୂଳକ ସରକାରୀ କାମରେ ଯାତ୍ରା ବ୍ୟଥିତ କରାଇପାରେ।

**ଧନୁ** ଯୋଜନାକୁ ବାସ୍ତବରୂପ ଦେବାରେ ସମର୍ଥ ହେବାଜନିତ ମାନସିକ ପ୍ରଫୁଲ୍ଲତା ଅନୁଭବ କରିବେ। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ କିନ୍ତୁ ଏଥିପାଇଁ ବହୁତ ଝିନ୍‌ଝଟ୍ ହେବାକୁ ପଡିବ। ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର** ବିକ୍ଷିପ୍ତମନ ଓ କର୍ମଜଞ୍ଜାଳ ବୃଦ୍ଧିଜନିତ ମାନସିକ ସ୍ଥିତି ଭଲ ରହି ନ ପାରେ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ନାହିଁ। ପରୋକ୍ଷ ଶତ୍ରୁତା କାରଣରୁ ଅଫିସିଆଲି କାମରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କଲେ ଅବଶ୍ୟ ଉପକୃତ ହୋଇପାରିବେ।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ବ୍ୟବସାୟ କିମ୍ବା ପରିବହନ କ୍ଷେତ୍ରରେ ସମସ୍ୟା ସମାଧନ କରି ଏକପ୍ରକାର ଆତ୍ମସନ୍ତୋଷ ଲାଭକରିବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ। ପିଲାଙ୍କ ଆଚରଣରେ ପରିବର୍ତ୍ତନ ଦୁଶ୍ଚିନ୍ତା ବୃଦ୍ଧି କରିବ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ପିଠି ଥାପୁଡ଼େଇ କାମ ହାସଲ କରୁଥିଲେ ମଧ୍ୟ ଆଜି ତାହା କାମକୁ ଆସିବ ନାହିଁ। ଦୀର୍ଘ ଦିନରୁ ଦେହରେ ବସା କରିରହିଥିବା ପୁରାତନ ରୋଗର ପୀଡା ଅନୁଭବ ହୋଇପାରେ। ଅନ୍ୟ କଥାକୁ ସତ ମନେକରି ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

ଆଜି ମାର୍ଗଶିର ଶୁକ୍ଳ ଚତୁର୍ଥୀ ମଙ୍ଗଳବାର, ଡିସେମ୍ବର ୧୧ ତାରିଖ, ୟୁନିସେଫ୍ ଦିବସ, ଅନ୍ତର୍ଜାତୀୟ ପର୍ବତ ଦିବସ, ରାଶି, ନକ୍ଷତ୍ର-ଦିବା ଘ୧।୫୪ମି.ଗତେ, ଶ୍ରବଣା/ମକର, ସିଂହ ରାଶିର ଘାତଚନ୍ଦ୍ର,ମକର ରାଶିର ଘାତବାର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୦୯।୦୦ମି. ଗତେ ଘ୧୦।୨୦ମି. ମଧ୍ୟେ, ଘ୧୧।୪୧ମି. ଗତେ ଘ୧।୦୨ମି. ମଧ୍ୟେ ଅମୃତ ବେଳା। ଦିବା ଘ୧୦।୨୦ମି. ଗତେ ଘ୧୧।୪୧ମି. ମଧ୍ୟେ, ଘ୨।୨୨ମି. ଗତେ ଘ୩।୪୩ମି. ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ୨।୨୨ମି. ଗତେ ଘ୩।୪୪ମି. ମଧ୍ୟେ ରାହୁ କାଳ।

## ଆଜି କଣ କେଉଁଠି

- ମାର୍କୋଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ।, ସ୍ଥାନ-ବଣା ପଡିଆ ।, ସମୟ- ପୂର୍ବାହ୍ନ ୯ଟା ।

## ‘ଶିକ୍ଷକ ନିଯୁକ୍ତି ଦିଅ, ନଚେତ୍ ସ୍କୁଲ ବନ୍ଦ କର’

- ୧୨ ଦିନ ହେଲା ସ୍କୁଲରେ ତାଲା
- ବିଇଓ ଅଫିସ୍ ଘେରିଲେ ଛାତ୍ରୀଛାତ୍ର, ଅଭିଭାବକ

**ବାଲେଶ୍ୱର ଅଫିସ, ୧୦ା୧୨**

ବାଲେଶ୍ୱର ଜିଲା ସଦର ବ୍ଲକ ରସାଲପୁର ପଞ୍ଚାୟତ କୁଅଁରପୁର ଗ୍ରାମର ହେମଲତା ନୋଡ଼ାଲ ୟୁପି ସ୍କୁଲରେ ୧୨ ଦିନ ହେଲା ତାଲା ପଡିଛି। ଛାତ୍ରୀଛାତ୍ର, ଅଭିଭାବକ ମିଳିତ ଭାବେ ‘ଶିକ୍ଷକ ନିଯୁକ୍ତି ଦିଅ, ନଚେତ୍ ସ୍କୁଲ ବନ୍ଦ କର’ ଦାବି କରି ସୋମବାର ସଦର ବିଇଓ ଅଫିସ୍ ଘେରାଉ କରିଛନ୍ତି। ଗ୍ରାମାଞ୍ଚଳ ବିଦ୍ୟାଳୟଗୁଡ଼ିକୁ ଶିକ୍ଷାଧିକାରୀଙ୍କର ବୈମାତୃକ ମନୋଭାବ ବିରୋଧରେ ଅଭିଭାବକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବିଦ୍ୟାଳୟରେ ୧୪୭ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ମାତ୍ର ୪ ଜଣ ଶିକ୍ଷକ ପ୍ରତିଦିନ ଉପସ୍ଥିତ ରହୁଛନ୍ତି। ଗୋଟିଏ ପିରିୟଡରେ ୪ଟି ଶ୍ରେଣୀରେ ପଢ଼ାଯାଉଥିବା ବେଳେ ଅନ୍ୟ ୪ଟି ଶ୍ରେଣୀର ପିଲାମାନେ ଖେଳକୁଦ, ପାଟିତୁଣ୍ଡରେ ସମୟ ବିତାଉଥିବାର ଅଭିଯୋଗ ହେଉଛି । ଦୀର୍ଘଦିନ ଧରି ପ୍ରଧାନଶିକ୍ଷକ ନ ଥିବା ବେଳେ ଛାତ୍ରୀଛାତ୍ରମାନେ ମଧ୍ୟାହ୍ନଭୋଜନ ପାଇଁ ପାଣି ବୋହିବାଠାରୁ ଆରମ୍ଭ କରି ରନ୍ଧନ କାର୍ଯ୍ୟରେ ପାଚିକାଙ୍କୁ ସାହାଯ୍ୟ କରୁଛନ୍ତି। ଅନ୍ୟ ବିଦ୍ୟାଳୟରେ ପିଲାମାନେ ପାଠ ପଢୁଥିବା ବେଳେ ଆମ ଭବିଷ୍ୟତ ପ୍ରତି ଦୃଷ୍ଟି ଦିଆଯାଉନାହିଁ ବୋଲି ଷଷ୍ଠ ଶ୍ରେଣୀର ଛାତ୍ରୀ ଅଞ୍ଜଳି ସ ଅଭିଯୋଗ କରିଛନ୍ତି। ଏପରି କ୍ଷେତ୍ରରେ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦିଆଯାଉ, ନଚେତ୍ ସ୍କୁଲକୁ ବନ୍ଦ କରିଦିଆଯାଉ ବୋଲି ସପ୍ତମ ଶ୍ରେଣୀର ଛାତ୍ରୀ କସ୍ତୁରୀ ପ୍ରମିଳା ଦାସ କହିଛନ୍ତି। ପ୍ରଧାନଶିକ୍ଷକଙ୍କ ପଦବୀରେ ତ୍ରିଲୋଚନ ବେହେରା କାର୍ଯ୍ୟରତ ଥିବାବେଳେ ତାଙ୍କୁ ଜୟଦେବକସବା ପାହି ବିଦ୍ୟାଳୟକୁ ବଦଳି କରାଯାଇଛି। ଏ ସମ୍ପର୍କରେ ସଦର ବିଇଓ ପ୍ରଶାନ୍ତ କୁମାର ମହାନ୍ତି କହନ୍ତି, ବିଦ୍ୟାଳୟରେ ୧୪୭ ପିଲା। ନିୟମ ଅନୁସାରେ ୪ଜଣ ଶିକ୍ଷକ ଥିଲେ। ଜଣେ ଶିକ୍ଷା ସହାୟକଙ୍କୁ ନିଯୁକ୍ତି ଦିଆଯାଇଛି। ସେ ଆସନ୍ତା ୧୨ତାରିଖରେ ଯୋଗଦେବେ।



ବିଇଓ ଅଫିସ୍ ସମ୍ମୁଖରେ ଛାତ୍ରୀଛାତ୍ର, ଅଭିଭାବକମାନେ ଘେରାଉ କରି ଧାରଣାରେ ବସିଛନ୍ତି।

## ଯୋଗ ପ୍ରଶିକ୍ଷଣ ନେଲେ ଛାତ୍ରୀଛାତ୍ର


ଅନ୍ତରାରେ ମୁକ୍ତିକାନ୍ତ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ।

**ଖଇରା, ୧୦ା୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅନ୍ତରାସ୍ଥିତ ଅଗଣି ନରେନ୍ଦ୍ର ଜୁନିୟର କଲେଜରେ ସୋମବାର ପତଞ୍ଜଳି ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ପତଞ୍ଜଳି ସମିତିର ଜିଲା ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀ ପ୍ରଶିକ୍ଷକ ଭାବେ ଯୋଗ ଦେଇ ଶାରିରୀକ, ମାନସିକ, ଦକ୍ଷତା ବିକାଶ ଏବଂ ସମୃଦ୍ଧ ଭାରତ ଗଠନରେ ଯୋଗର ଆବଶ୍ୟକତା ଉପରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ । ପରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଯୋଗ ଅଭ୍ୟାସ କରିବାର ପ୍ରଣାଳୀ ଶିଖାଇଥିଲେ। ଅଧ୍ୟାପକ ଗଜେନ୍ଦ୍ର ଦାସ, ବନମାଳୀ ଉପାଧ୍ୟାୟ, ନରୋତ୍ତମ ରଥ, ଗୋପୀନାଥ ପୃଷ୍ଟି, ଶରତ ଚନ୍ଦ୍ର ମହାରଣା, ଭାଗବତ ବେହେରା, ସୁଶାନ୍ତ ଶତପଥୀ, ଶ୍ରୀଧର ଦେବତା ପ୍ରମୁଖ ଯୋଗ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦାଣ୍ଡି ରାଜସ୍ୱ କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢ଼ାଉ

**ବସ୍ତା, ୧୦ା୧୨(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବସ୍ତା ତହସିଲ ଅନ୍ତର୍ଗତ ଦାଣ୍ଡି ରାଜସ୍ୱ କାର୍ଯ୍ୟାଳୟରେ ସୋମବାର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ହୋଇଛି। ବିଭାଗୀୟ ଇନସପେକ୍ଟର ମାନସୀ ଜେନାଙ୍କଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ସିଂଲା ପଞ୍ଚାୟତର ପଥଦୁର୍ଗା ଗ୍ରାମର ଅନ୍ତର୍ଯାମୀ ବାରିକ ତାଙ୍କ ଜମିର ନାମଜାରି କରିବା ପାଇଁ ରାଜସ୍ୱ କର୍ମଚାରୀ ଲାଞ୍ଚ ମାଗୁଥିବା ନେଇ ସେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ ପାଇଁ ପ୍ରସ୍ତୁତି ହୋଇଥିଲା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ସୋମବାର ଚଢ଼ାଉ କରାଯାଇଥିଲା। ରାଜସ୍ୱ କାର୍ଯ୍ୟାଳୟର ଅମିନ ଯୋଗେନ୍ଦ୍ରନାଥ ସାହୁ ପୂର୍ବରୁ ଅବସର ଗ୍ରହଣ ପରେ ପୁଣି ଚୁକ୍ତିଭିତ୍ତିକ ଅସ୍ଥାୟୀ ଅମିନ ଭାବେ କାର୍ଯ୍ୟ କରି ଆସୁଥିଲେ। ଏହି ଟଙ୍କା ସେ ରାଜସ୍ୱ ନିରୀକ୍ଷକ ଅଜୟ ଦାସଙ୍କ କହିବା ଅନୁସାରେ ନେଇଥିବା ପ୍ରକାଶ କରିବା ପରେ ଭିଜିଲାନ୍ସ ଆରଆଇଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏହାସହ ଦୁଇଜଣଙ୍କ ବାସଭବନରେ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ଭିଜିଲାନ୍ସ ଡି.ଏସ୍.ପି. ସନ୍ତୋଷ ସାମନ୍ତରାୟ, ଇନ୍ସପେକ୍ଟର ମାନସୀ ଜେନା ଓ ଅନିରୁଦ୍ଧ ନାୟକ ପ୍ରମୁଖ ସାମିଲ ଥିଲେ।

## ଭଲିବଲ୍ ପ୍ରତିଯୋଗିତା

**ବସ୍ତା, ୧୦ା୧୨(ସ୍ୱ.ପ୍ର.):** ବସ୍ତା ବ୍ଲକ ବିଜୁ ଯୁବ ବାହିନୀ ତରଫରୁ ବ୍ଲକସ୍ତରୀୟ ଦୌଡ ପ୍ରତିଯୋଗିତା ମୁକୁଳିସି ଚନ୍ଦନ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଉଦ୍‌ଘାଟନ କରିଥିଲେ। ଏଥିରେ ବସ୍ତା ତହସିଲଦାର ନରେନ୍ଦ୍ରନାଥ ଖମାରୀ, ଜିଲା ପରିଷଦ ସଦସ୍ୟ ତ୍ରିଲୋଚନ ବେହେରା, ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ଦାସ, ଏମ୍‌ପି ପ୍ରତିନିଧି ମହାଦେବ ଦାସ, ମୁକୁଳିସି ସରପଞ୍ଚ ପ୍ରତିନିଧି ତଥା ସାମାଜିକ କର୍ମୀ ରଞ୍ଜନ ଧଳ ଓ ହର ଗୋପାଳ ସିଂହ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ରେମୁଣା, ୧୦ା୧୨(ଡି.ଏନ.ଏ.):** ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ନରହରିପୁର ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଏବିଡିଓ ମୋହନ ଚରଣ ନାୟକ, ବ୍ଲକ ଶିକ୍ଷାଧିକାରୀ ଅଚ୍ୟୁତାନନ୍ଦ ମଣ୍ଡଳ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । ଦୌଡ ପ୍ରତିଯୋଗିତାରେ ଯଥାକ୍ରମେ ଆଶିଷ କୁମାର ସେଠୀ, ମାନସ ପାଣିଗ୍ରାହୀ, ରାଜେନ୍ଦ୍ର ଗିରି, ରାଜେନ୍ଦ୍ର ଜେନା, ଶ୍ରୀନିବାସ ମଣ୍ଡଳ, ମନୋରଞ୍ଜନ ଦଳେଇ, ସପନ କୁମାର ମହାଳିକ, ଅରୁଣ କୁମାର ବେହେରା ପୁରସ୍କୃତ ହୋଇଥିଲେ ।


ଅଗ୍ନିକାଣ୍ଡ ଘଟି ଘର ଭିତରେ ଥିବା ସମସ୍ତ ଆସବାବପତ୍ର ପୋଡ଼ିଯାଇଛି।

## ୪ ବଖରା ପୋଡ଼ିଗଲା

**ସୋର, ୧୦ା୧୨(ଡି.ଏନ.ଏ.)**

ସୋର ଥାନା ଅନ୍ତର୍ଗତ ତଳନଗର ଗ୍ରାମରେ ଅଗ୍ନିକାଣ୍ଡ ଘଟି ୪ ବଖରା ପୋଡିଯାଇଛି। ଏହି ଗ୍ରାମର ହରିସିଂଙ୍କ ଘରେ ଭୋରସମୟରେ ନିଆଁ ଲାଗିଯାଇଥିଲା। ଏହି ସମୟରେ ପରିବାର ଲୋକେ ଶୋଇଥିବା ବେଳେ ଅଗ୍ନିକାଣ୍ଡ ଘଟିଥିଲା । ସମସ୍ତ ଜିନିଷପତ୍ର ପୋଡ଼ି ପାଉଁଶ ହୋଇଯାଇଛି । ଏଥିରେ ପ୍ରାୟ ୭୦ହଜାର ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ବିଦ୍ୟୁତ ସର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ସୋରରୁ ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## ଅଭିଯୋଗ ଶୁଣାଣିରେ ୮୨ ଅଭିଯୋଗ

**ଭୋଗରାଇ, ୧୦ା୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ପରିସରରେ ସୋମବାର ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ମୋଟ ୮୨ଟି ଅଭିଯୋଗ ହୋଇଥିଲା। ଜିଲାପାଳ ରମେଶ ଚନ୍ଦ୍ର ରାଉତ ଅଧ୍ୟକ୍ଷତା କରିଥିଲେ। ଏସ୍‌ପି ବି. ଯୁଗଳ କିଶୋର କୁମାର, ଉପଜିଲାପାଳ ନୀଲୁ ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିବେକାନନ୍ଦ ଦାଶ, ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ଅଧିକାରୀ ସୁରେନ୍ଦ୍ର ପ୍ରସାଦ ଶଙ୍ଖୁଆ, ତହସିଲଦାର ଅଭୟ ନାୟକ, ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ, କୃଷି ଉପନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପରିଡ଼ା, ଓଆଇସି ଗ୍ରିଭେନ୍ସ ସ୍ନିଗ୍ଧା ଛାୟା ମହାପାତ୍ର ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ। ଓଡ଼ିଶା ସୀମାନ୍ତରେ ପଶ୍ଚିମବଙ୍ଗ ସରକାରଙ୍କ ବିକୃତ ଓଡ଼ିଆ ଭାଷା ହୋର୍ଡ଼ିଂ ଏବଂ ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱରରେ ବଙ୍ଗଳା ଭାଷା ସାଇନବୋର୍ଡ଼ ଲଗାଯାଇଥିବାରୁ ଏହାକୁ ହଟାଇବା ଏବଂ ଚୋରା ମଦ ବେପାରୀଙ୍କ ଉପରେ ଲଗାମ ଲଗାଇବାକୁ ସାମାଜିକ କର୍ମୀ ଦିଲୀପ କାମିଲା ଦାବି କରିଥିଲେ।

## ନିଶା ନିବାରଣ ସଚେତନତା ଶୋଭାଯାତ୍ରା



ସଚେତନତା ଶୋଭାଯାତ୍ରାରେ ବାହାରିଥିବା ବିଜୁ ଯୁବ ବାହିନୀ ସଦସ୍ୟମାନେ।

**ବାହାନଗା, ୧୦ା୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକସ୍ଥିତ ସଦରମହୁକମାଠାରେ ଥିବା ବାହାନଗା ପଞ୍ଚାୟତର ବିଜୁ ଯୁବବାହିନୀ ତରଫରୁ ନିଶା ନିବାରଣ ନିମନ୍ତେ ଏକ ସଚେତନତା ଶିବିର ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଭଦ୍ରକ ଏମ୍‌ପିଙ୍କ ପ୍ରତିନିଧି ଶ୍ରୀଧର ମହାନ୍ତି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜିତା ରାଉତ, ଘନଶ୍ୟାମ ସାହୁ, ଭାସ୍କର ମହାନ୍ତି ପ୍ରମୁଖ ଯୋଗଦେଇ ଏହି ନିଶା ନିବାରଣ ପାଇଁ ଲୋକମାନଙ୍କୁ ସଚେତନତା କରିବା ଯୁବବାହିନୀର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ନିଶା ନିବାରଣ ୨ ଅକ୍ଟୋବରଠାରୁ ଆରମ୍ଭ ହୋଇ ପ୍ରତ୍ୟେକ ପଞ୍ଚାୟତରେ ସଚେତନ କରାଯାଇଛି। ଏହି ଉପଲକ୍ଷେ ବାହାନଗା ପଞ୍ଚାୟତର ନଭେମ୍ବର ମାସ ୯ ତାରିଖରେ ଷଠୀ, ଗଞ୍ଜିଣା, ବାହାନଗା, ଇଛାପୁର, କମାରିପୁର ଆଦି ଗ୍ରାମରେ ବିଜୁ ଯୁବବାହିନୀ ତରଫରୁ ଏକ ଶୋଭାଯାତ୍ରାରେ ବାହାରି ଲୋକମାନଙ୍କୁ ସଚେତନ କରାଇଥିଲେ । ଏହାକୁ ଯୁବ ବାହିନୀର ସଭାପତି ଦୀପକ ମହାପାତ୍ର, ସମ୍ପାଦକ ପ୍ରଶାନ୍ତ ଜେନାଙ୍କ ସମେତ ରଜନୀକାନ୍ତ ଜେନା, ନାରାୟଣ ପଣ୍ଡା, ପରେଶ ବେହେରା, ବିକାଶ ରାଉତ, ଚନ୍ଦନ ମହାନ୍ତି, ହେମନ୍ତ ମହାନ୍ତି, ସନ୍ତୋଷ ସାମଲ, ମୁକେଶ ରାଉତ, ଅଜିତ୍ ବାରିକ୍, ପ୍ରକାଶ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ■ ଆନ୍ତଃ କଲେଜ ରଗ୍‌ବୀ ଟୁର୍ଣ୍ଣାମେଣ୍ଟ
## ଡକ୍ଟର ଯଦୁନାଥ କଲେଜ ବିଜୟୀ


ଖେଳାଳି ଓ ଅତିଥି ମାନଙ୍କ ଗହଣରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ।

**ସିମୁଳିଆ, ୧୦ା୧୨(ଡି.ଏନ.ଏ.)**

ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନରେ ପ୍ରଥମ ଆନ୍ତଃ କଲେଜ ରଗ୍‌ବୀ ଟୁର୍ଣ୍ଣାମେଣ୍ଟ ସୋମବାର ସିମୁଳିଆ କଲେଜ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ସିମୁଳିଆ କଲେଜ, ସାରସ୍ୱତ କଲେଜ ଅନନ୍ତପୁର, ଧାମନଗର କଲେଜ, ଶାରିରୀକ ଶିକ୍ଷା ମହାବିଦ୍ୟାଳୟ ବାଲିଆପାଳ, ଡକ୍ଟର ଯଦୁନାଥ କଲେଜ ରସାଲପୁର, ଆଗରପଡ଼ା ଆଦି ୭ କଲେଜ ଅଂଶଗ୍ରହଣ କରିଥିଲେ । ଏଥିରେ ଡକ୍ଟର ଯଦୁନାଥ କଲେଜ ସିମୁଳିଆ କଲେଜକୁ ୫-୦ ପଏଣ୍ଟରେ ହରାଇ ଚାମ୍ପିୟନ ହୋଇଥିଲା।

ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଫିତାକାଟି ଉତ୍ସବର ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ଅଧ୍ୟାପକ ବାଇଧର ମହାକୁଡ଼ଙ୍କ ତତ୍ତ୍ୱାବଧାନରେ ଶତ୍ରୁଜିତ ଦଳାଇ ଓ ସାନନ୍ଦ ସମର ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ । ଚୟନ କର୍ତ୍ତା ରୂପେ ପ୍ରଦୀପ ନାୟକ, ବିଜୟ କୁମାର ମହାପାତ୍ର, ଡ. ଅନିଲ କୁମାର ପଣ୍ଡା ଥିଲେ। କ୍ରୀଡ଼ା ଉପସଭାପତି ଗୋପବନ୍ଧୁ ମିଶ୍ର, ଓ ସହ ସଭାପତି ଉମେଶ ସାହୁ ଥିଲେ । ଅଧ୍ୟାପକ ଡ. ଉମାକାନ୍ତ ନାୟକ ପରିଚାଳନା ଦାୟିତ୍ୱରେ ଥିଲେ। ଉଭୟ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ପୁରସ୍କୃତ କରାଯାଇଥିଲା।

## ଲାଇଫ ଇନ୍ସ୍ୟୁରାନ୍ସର ଉପଶାଖା ଉଦ୍‌ଘାଟିତ

**ସୋର, ୧୦ା୧୨ (ଡି.ଏନ.ଏ.):** ସୋର ବ୍ଲକ ମଙ୍ଗଳପୁରଠାରେ ଶ୍ରୀରାମ ଲାଇଫ ଇନ୍ସୁରାନ୍ସ ଉପଶାଖା ଉଦ୍‌ଘାଟିତ ହୋଇଛି । ବାଲେଶ୍ୱର ଏ.ଆର.ଏନ. ଦୀପ୍ତିରଞ୍ଜନ ମୁଦୁଲି ବାଲେଶ୍ୱର ଶାଖାର ପରିଚାଳକ ମାନସ ରଞ୍ଜନ ଦାସ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୋର ଶାଖାର ପରିଚାଳକ ଶତ୍ରୁଘ୍ନ ଦାସ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ସୁନୀଲ ରଞ୍ଜନ ବିଶ୍ୱାଳ। ମଧୁସୂଦନ ବେହେରା, ଜ୍ଞାନରଞ୍ଜନ ପଣ୍ଡା, ସୁଶାନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ । ଏଥିରେ ବହୁ ଜନସାଧାରଣ ଉପସ୍ଥିତ ଥିଲେ।


CLASSIFIED DISPLAY








## ■ ରାଜ୍ୟ, ଜାତୀୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ
## ଭାଗନେବେ ଫକୀରମୋହନ ଜୁନିୟର କଲେଜ ଛାତ୍ରୀଛାତ୍ର


ରାଜୀବ ଲୋଚନ ସାହୁ ଓ ବିଶାଳ ଦାସ।


ଏସ୍. ବି. ସିମରନ

**ବାଲେଶ୍ୱର ଅଫିସ, ୧୦ା୧୨:** ଆସନ୍ତା ଡିସେମ୍ବର ୧୫ରୁ ୨୧ତାରିଖ ପର୍ଯ୍ୟନ୍ତ ଅନୁଗୁଳଠାରେ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ । ଏଥିରେ ବାଲେଶ୍ୱର ଜିଲାର ୧୭ବର୍ଷରୁ କମ୍ ଜିଲାସ୍ତରୀୟ ବାଳିକା କ୍ରିକେଟ୍ ଟିମ୍‌ର ଅଧିନାୟକ ଭାବେ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଯୁକ୍ତ ୨ ପ୍ରଥମବର୍ଷ ବାଣିଜ୍ୟ ଛାତ୍ରୀ ଏସ୍. ବି. ସିମରନ ନେତୃତ୍ୱ ନେଉଛନ୍ତି। ଓଡ଼ିଶାର ୧୯ବର୍ଷରୁ କମ୍ ରାଜ୍ୟସ୍ତରୀୟ ମହିଳା କ୍ରିକେଟ୍ ଟିମ୍‌ର ମଧ୍ୟ ଜଣେ ଖେଳାଳି ଅଟନ୍ତି। ପୂର୍ବରୁ ସେ ଅନେକ ରାଜ୍ୟ ଏବଂ ଜାତୀୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଖେଳି ଓଡ଼ିଶା ପାଇଁ କୃତିତ୍ୱ ଆଣିଛନ୍ତି।

ସେହିଭଳି ଆସନ୍ତା ଡିସେମ୍ବର ୧୬ ତାରିଖରୁ ଜମ୍ମୁକଶ୍ମୀରଠାରେ ଜାତୀୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଭାରତ ସରକାରଙ୍କ କ୍ରୀଡ଼ା ସଙ୍ଗଠନ ତରଫରୁ ଆୟୋଜନ ହେଉଛି। ଏଥିରେ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ବାଣିଜ୍ୟ ଛାତ୍ର ରାଜୀବ ଲୋଚନ ସାହୁ ଓ ବିଶାଳ ଦାସ ଅଂଶଗ୍ରହଣ କରୁଛନ୍ତି। ସେମାନଙ୍କୁ ମହାବିଦ୍ୟାଳୟ ଅଧକ୍ଷା ଡ. ମିନତୀ ସେଠୀ, କ୍ରୀଡ଼ା ଉପସଭାପତି ଡ. ସନ୍ତୋଷ କୁମାର ରାଉତ, ପ୍ରଶାସନିକ ଅଧିକାରୀ ଡ. ଭାଗବତ ଭୂୟାଁ, ସମ୍ପାଦକ ଷ୍ଟାଫ କାଉନସିଲ ଡ. ମିନତୀ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପିକ, ଅଧ୍ୟାପକ ଓ କର୍ମଚାରୀ ତଥା ଛାତ୍ରୀଛାତ୍ରମାନେ ଶୁଭେଚ୍ଛା ଜଣାଇଛନ୍ତି।




ଭଗବାନଙ୍କର ସଂକଳ୍ପ ଓ ଇଚ୍ଛା ଅନୁସରଣ କରି ଭାରତ ଆଧ୍ୟାତ୍ମିକ ପର୍ବତର ଶିଖର ଉପରେ ଦଣ୍ଡାୟମାନ ହୋଇ ଆଲୋକ ବିକିରଣ କରିବ। ବିଶ୍ୱବାସୀଙ୍କୁ ସତ୍ୟର ପଥ ପ୍ରଦର୍ଶନ କରିବ ଏବଂ ବିଶ୍ୱକୁ ଐକ୍ୟ ବିଗରେ ସଂଗଠିତ କରିପାରିବ। -ଶ୍ରୀମା



# ଆସ୍ଥା ତୁଟୁଛି

ସାଧାରଣ ନିର୍ବାଚନ ପ୍ରାୟ ୫ ମାସ ଥିବାବେଳେ ଏବେଠାରୁ ରାଜନୈତିକ ବାତାବରଣ ସରଗରମ ହେବାରେ ଲାଗିଲାଣି। କେନ୍ଦ୍ରର ନରେନ୍ଦ୍ର ମୋଦିଙ୍କ ସରକାରକୁ ଟକ୍କରଦେବା ଲାଗି ବିରୋଧୀ ଦଳଗୁଡ଼ିକ ଡିସେମ୍ବର ୧୦ରେ ନୂଆଦିଲ୍ଲୀଠାରେ ଏକତ୍ରିତ ହୋଇଛନ୍ତି। ବିଜୁ ଜନତା ଦଳ (ବିଜେଡି), ସମାଜବାଦୀ ପାର୍ଟି(ଏସ୍‌ପି) ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି)କୁ ଛାଡ଼ିଦେଲେ ଟିଡିପି ମୁଖ୍ୟ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ନେତୃତ୍ୱରେ ଅନ୍ୟାନ୍ୟ ବିରୋଧୀ ଦଳଗୁଡ଼ିକ ଶୀତକାଳୀନ ଅଧିବେଶନର ଅବ୍ୟବହିତ ପୂର୍ବରୁ ଗୋଟିଏ ମଞ୍ଚରେ ଏକାଠି ହୋଇଛନ୍ତି। ଏଭଳି ସମୟରେ ରାଷ୍ଟ୍ରୀୟ ଲୋକ ସମତା ପାର୍ଟି (ଆର୍‌ଏଲ୍‌ଏସ୍‌ପି) ସଭାପତି ଉପେନ୍ଦ୍ର କୁଶ୍‌ୱାହା ମୋଦି ସରକାରଙ୍କ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବା ଭାଜପା ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ମୋଦି ସରକାର ତାଙ୍କୁ ଧୋକାଦେବା ସହ ଜନସାଧାରଣଙ୍କ ଆକାଂକ୍ଷା ପୂରଣ କରିବାରେ ଅସମର୍ଥ ହେବାରୁ ଇସ୍ତଫା ଦେବାକୁ ବାଧ ହେଲେ ବୋଲି କୁଶ୍‌ୱାହା ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ବିଶେଷଜ୍ଞଙ୍କ ମତରେ କୁଶ୍‌ୱାହାଙ୍କ ଆର୍‌ଏଲ୍‌ଏସ୍‌ପି ଓ ଭାଜପା ମଧ୍ୟରେ ଆଗାମୀ ସାଧାରଣ ନିର୍ବାଚନ ପାଇଁ ଆସନ ବୁଝାମଣାରେ ସମସ୍ୟା ଦେଖାଦେବାରୁ ସେ ଇସ୍ତଫା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବିହାରରେ ୪୦ ଲୋକ ସଭା ଆସନରୁ ଭାଜପା କେବଳ ୨ଟି ଆସନ ଆର୍‌ଏଲ୍‌ଏସ୍‌ପିକୁ ନିର୍ବାଚନ ପାଇଁ ଛାଡ଼ିଦେବ ବୋଲି କହିବା ପରେ କୁଶ୍‌ୱାହା ଅମଙ୍ଗ ହୋଇ ଏଭଳି ପଦକ୍ଷେପ ନେଇଛନ୍ତି । ୨୦୧୭ ଜୁଲାଇରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଜେଡିୟୁ ଏନ୍‌ଡିଏରେ ମିଶିବା ପରେ ଭାଜପା କୁଶ୍‌ୱାହାଙ୍କୁ ଅଣଦେଖା କରୁଥିବା ଆଲୋଚନା ହେଉଛି।

ଡିସେମ୍ବର ୧୧ରେ ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ, ତେଲେଙ୍ଗାନା ଓ ମିଜୋରାମ ବିଧାନସଭା ନିର୍ବାଚନ ଭୋଟଗଣତି ହେବ। ସାଧାରଣ ନିର୍ବାଚନ ପୂର୍ବରୁ ଏହି ୫ ରାଜ୍ୟର ଫଳାଫଳ କେଉଁଆଡ଼କୁ ଯିବ ତାହା ଏକ ନୂଆ ସମୀକରଣ ସୃଷ୍ଟି କରିବ। ତେବେ ବର୍ତ୍ତମାନ ମୋଦି ସରକାରଙ୍କ କାର୍ଯ୍ୟଶୈଳୀକୁ ଦେଖିଲେ ତାହା ଜନସାଧାରଣଙ୍କ ଆଶା ଆକାଂକ୍ଷା ପୂରଣ କରିବାରେ ବିଫଳ ହୋଇଛି। କ୍ରମାଗତ କୃଷକଙ୍କ ସମସ୍ୟାକୁ ଗୁରୁତ୍ୱ ଦିଆ ନ ଯିବା, ବେକାରି ସମସ୍ୟା ବୃଦ୍ଧି, ଶିଶୁ ଓ ମହିଳା ଅସୁରକ୍ଷିତ ମନେକରିବା, ବିମୁଦ୍ରୀକରଣ ଯୋଗୁ ସାଧାରଣ ଲୋକ ହଇରାଣ ହରକତ ହେବାଠାରୁ ଆରମ୍ଭ କରି ଦେଶର ଅଭିବୃଦ୍ଧି ହ୍ରାସ ପାଇବା ଆଦି ବିଭିନ୍ନ ଦିଗକୁ ଦେଖିଲେ ଦେଶବାସୀ ଭାଜପା ସରକାର ଉପରୁ ବିଶ୍ୱାସ ତୁଟାଇଲେଣି। ଏଭଳି ସ୍ଥଳେ କୁଶ୍‌ୱାହା ସିଧାସଳଖ ସରକାରଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିବା, ଟିଡିପି ନେତା ଚନ୍ଦ୍ରାବାବୁ ନାଇଡୁ ଏବଂ ଉଦ୍ଧବ ଠାକ୍‌ରେଙ୍କ ଶିବସେନା ବାରମ୍ବାର ଭାଜପାକୁ ଟାର୍ଗେଟ କରିବା ଦର୍ଶାଉଛି ଯେ ସାଧାରଣ ନିର୍ବାଚନ ପୂର୍ବରୁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଦୁର୍ବଳ ହେବାରେ ଲାଗିଲାଣି।

ଏଭଳିପ୍ରଚ୍ଛଦପଟରେଡିସେମ୍ବର୧୦ରେଭାରତୀୟରିଜର୍ଭବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଉର୍ଜିତ ପଟେଲ ପଦବୀରୁ ଇସ୍ତଫା ଦେବା ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଓ ସରକାରଙ୍କ ଆର୍ଥିକ ନୀତି ଉପରେ ପ୍ରଶ୍ନ ସୃଷ୍ଟି କରିଛି। ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଗଭର୍ନର ପଦବୀରୁ ଇସ୍ତଫା ଦେଇଥିଲେ ହେଁ ଆର୍‌ବିଆଇ ଛାଡ଼ିବା ପଛରେ ଅନ୍ୟ ଉଦ୍ଦେଶ୍ୟ ଥାଇପାରେ। ଗତ କିଛି ମାସ ହେବ ସରକାରଙ୍କ ସହ ଆର୍‌ବିଆଇର ମତଭେଦ ପଦାରେ ପଡ଼ିଯିବା ପରେ ଉର୍ଜିତଙ୍କ ଉପରେ ଚାପ ବଢ଼ିଯାଇଥିଲା। ଆର୍‌ବିଆଇ ଏକ ସ୍ୱାଧୀନ ସଂସ୍ଥା ହୋଇଥିଲେ ମଧ୍ୟ ସରକାର ତା'ର ଗଚ୍ଛିତ ପାଣ୍ଠି ଉପରେ ଆଖି ପକାଇବା ପରେ ଉର୍ଜିତଙ୍କ ଅସୁବିଧା ହୋଇଥାଇପାରେ। ବ୍ୟକ୍ତିଗତ କାରଣ ଯୋଗୁ ଆର୍‌ବିଆଇ ଗଭର୍ନର ପଦବୀ ଛାଡ଼ିବା ଯେତିକି ବିଶ୍ୱସନୀୟ ହେଉନାହିଁ, ତା'ଠାରୁ ଅଧିକ ସମ୍ଭବ ଲାଗୁଛି ଉର୍ଜିତଙ୍କ ଆତ୍ମସମର୍ପଣ କରିବାକୁ ଅନିଚ୍ଛା। ବିଶେଷଜ୍ଞଙ୍କ ମତରେ ସରକାର କେନ୍ଦ୍ରୀୟ ବ୍ୟାଙ୍କ ବ୍ୟାପାରରେ ମୁଣ୍ଡ ଖେଳାଇବା ଯୋଗୁ ଆର୍‌ବିଆଇ କ୍ରମଶଃ ସ୍ୱାୟତ୍ତତା ହରାଇ ଦୁର୍ବଳ ହେବାରେ ଲାଗିଛି। ଅର୍ଥ ଜଗତରେ ଏହାର ଛବି ମଳିନ ହୋଇଛି। ମୋଦି ସରକାରଙ୍କ ପଦକ୍ଷେପ ଯୋଗୁ ସମସ୍ତ ସାମ୍ବିଧାନିକ ସଂସ୍ଥା ଆଜି ବିପଦରେ ପଡ଼ିଛି। ଅର୍ଥନୀତି ସମ୍ବନ୍ଧରେ ସାଧାରଣ ଭାରତୀୟଙ୍କ ସେଭଳି ଜ୍ଞାନ ନ ଥିଲେ ମଧ୍ୟ ମୋଦି ସରକାରଙ୍କ ଦ୍ୱାରା ନିଆଯାଉଥିବା ପଦକ୍ଷେପ କିଭଳି ଦେଶକୁ ଦୀର୍ଘମିଆଦୀ କ୍ଷତି ପହଞ୍ଚାଉଛି ଉର୍ଜିତଙ୍କ ଇସ୍ତଫା ତାହା ଦର୍ଶାଇଥାଇପାରେ।

## ଚିରନ୍ତନୀ

ହେ ପାଷାଣ ! ମାଗୁନାହିଁ ଶମିବାକୁ ମୋ ମରମଭାର,
କ୍ଷମିବାକୁ ଅପରାଧ ତୁଟିବାକୁ ବ୍ୟର୍ଥତା ଆଶାର
ଲୋଡୁନାହିଁ ଲଭିବାକୁ ତବ ଅନୁଗ୍ରହେ
ଧନ ମାନ ଯଶ ଖ୍ୟାତି ଅଭୟ ହୃଦୟେ,
ମୃତ୍ୟୁ ପରେ ମୁକ୍ତି ନାହିଁ ମାଗେଁ
ବଇକୁଣ୍ଠ ନାହିଁ ଭଲ ଲାଗେ,
ଏ ମର୍ତ୍ତ୍ୟର ଭୁବନ
ମୋ ସ୍ନେହ-ସଦନ,
ଏ ଧରଣୀ
ସୁଖମଣି।

(ପୁରୀ-ମନ୍ଦିର)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | C | | 5 | | | | | | | | A | | | E |
| | | 3 | | | | | | | 6 | | | | | |
| | | | | 1 | | | E | | | 2 | | | 8 | |
| | A | 1 | | B | 2 | | 0 | 7 | | | 8 | 6 | | |
| | | D | E | 0 | 8 | | 2 | | | | | C | A | 9 |
| | | 4 | | 3 | 1 | 6 | | | 5 | | | E | | |
| | D | | C | 5 | | 0 | | | | 1 | 9 | | | |
| | | E | | | 6 | 4 | | | | | | | D | B |
| | | | | 9 | | 5 | | | | 6 | | | C | |
| | | | 0 | D | | | 9 | | | | 7 | A | | |
| | 0 | | | E | D | | | | | | | | | |
| 4 | | B | | 6 | | | | | | 0 | 2 | | | 3 |
| 9 | 5 | | 8 | | | | | A | | | 3 | B | 2 | |
| | | 6 | | C | | | | 4 | | | D | 5 | 1 | |
| | 3 | A | | | 5 | | | | C | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 5 | 7 | 9 | 3 | 4 | 8 | D | B | 6 | E | 1 | C | A | 0 |
| 6 | A | 1 | C | 7 | 8 | 2 | 9 | 5 | 0 | 3 | D | B | 4 | E |
| B | D | E | 2 | 1 | 5 | C | 0 | A | 4 | 8 | 9 | 3 | 6 | 7 |
| C | 9 | 0 | D | E | 6 | 7 | 3 | 4 | A | 2 | B | 5 | 8 | 1 |
| 3 | 4 | 8 | A | B | 0 | E | 6 | 1 | 7 | 5 | C | D | 9 | 2 |
| E | 6 | 3 | 7 | C | D | 9 | 5 | 8 | B | 4 | 2 | 1 | 0 | A |
| 1 | 7 | 4 | B | 8 | E | 6 | 2 | 0 | D | A | 5 | 9 | C | 3 |
| 9 | 8 | 2 | 3 | 6 | 1 | A | B | D | E | C | 0 | 7 | 5 | 4 |
| 5 | C | D | 4 | 0 | A | 1 | 7 | E | 3 | 9 | 6 | 8 | 2 | B |
| A | 0 | B | 5 | 2 | 9 | 4 | C | 3 | 1 | 7 | 8 | 6 | E | D |
| D | 3 | 6 | E | 9 | 2 | 5 | 1 | 7 | C | 0 | A | 4 | B | 8 |
| 4 | E | 9 | 1 | 5 | B | 0 | A | 6 | 8 | D | 7 | 2 | 3 | C |
| 7 | 2 | A | 0 | D | C | 3 | 8 | 9 | 5 | B | 4 | E | 1 | 6 |
| 8 | B | C | 6 | A | 3 | D | 4 | 2 | 9 | 1 | E | 0 | 7 | 5 |
| 0 | 1 | 5 | 8 | 4 | 7 | B | E | C | 2 | 6 | 3 | A | D | 9 |

ଗତକାଲିର ଉତ୍ତର

# ଆଜିର ଯୁବବର୍ଗ କ୍ରୋଧିତ କାହିଁକି



ସହଦେବ ସାହୁ

ଭାରତ ଏକ ପ୍ରାଚୀନ ସଭ୍ୟତା କିନ୍ତୁ ଏକ ଯୁବରାଷ୍ଟ୍ର। ଚାଇନା ବି ଏକ ପ୍ରାଚୀନ ସଭ୍ୟତା, କିନ୍ତୁ ସେଠାକାର କମ୍ୟୁନିଷ୍ଟ ସରକାର ପରିବାର ନିୟନ୍ତ୍ରଣ କଡ଼ାକଡ଼ି ଲାଗୁ କରିଥିବାରୁ ତାହାର ଜନସଂଖ୍ୟାରେ ବୃଦ୍ଧଙ୍କ ସଂଖ୍ୟା କାଳକ୍ରମେ ବଢ଼ିଚାଲିଲା। ଚାଇନାରେ କାମିକା ଲୋକ (୨୦ରୁ ୫୦ ବର୍ଷ)ଙ୍କ ସଂଖ୍ୟା କମିବାରେ ଲାଗିଛି। ୨୦୧୨ରେ ଦେଶରେ କାମକରିପାରିବା ଲୋକଙ୍କ ସଂଖ୍ୟା ୩୦ ଲକ୍ଷ କମିଯିବା ଦେଖି ଚାଇନା ସରକାର ଚିନ୍ତିତ ହୋଇପଡ଼ିଲେ। ଏ ଦୃଷ୍ଟିରୁ ଭାରତ ଉତ୍ତମ ସ୍ଥିତିରେ ଅଛି ବୋଲି ବିଲାତର ପ୍ରସିଦ୍ଧ ପତ୍ରିକା 'ଦି ଇକୋନମିଷ୍ଟ' ଏକ ଅଗ୍ରଲେଖାରେ ସେହି ସମୟରେ କହିଥିଲା। ଭାରତରେ ପ୍ରତିବର୍ଷ କୋଟିଏ ତିରିଶ ଲକ୍ଷ କାମ କରିପାରିବା ଲୋକ ବାହାରୁଛନ୍ତି। ଆଗେ ଗୋଟିଏ ରୋଜଗାରୀ ଲୋକ ଉପରେ ବହୁତ ଲୋକ ନିର୍ଭର କରୁଥିଲେ, ପରିବାର ଚଳାଇବା କଷ୍ଟକର ହେବା ସଙ୍ଗେ ସଙ୍ଗେ ଦେଶର ଇକୋନମି ବଢୁ ନ ଥିଲା। ଯୁବତୀଯୁବକଙ୍କ ସଂଖ୍ୟା ବଢ଼ିଲେ ପରିବାରରେ କାମ କରିପାରିବା ଲୋକଙ୍କ ସଂଖ୍ୟା ବଢ଼ିବ, ବହୁତ ରୋଜଗାରୀ ଲୋକଙ୍କ ଉପରେ ଗୋଟିଏ ଲୋକ ନିର୍ଭର କରିବ। ଅର୍ଥାତ୍ ଆୟରୁ ବେଶି ସଞ୍ଚୟ ହେବ। ଏହାକୁ କହନ୍ତି ଡିମୋଗ୍ରାଫିକ୍ ଡିଭିଡେଣ୍ଡ, ଜନବୃଦ୍ଧିର ଲାଭାଂଶ। ଏହା ହିଁ ପୂର୍ବ ଏସିଆର ଅଭିବୃଦ୍ଧିର କାରଣ। କିନ୍ତୁ ଦୁଃଖର କଥା ଯୁବଗୋଷ୍ଠୀ ଉପରେ ଆସ୍ଥା ରଖିବାର ସ୍ୱପ୍ନ ଦେଖୁଥିବା ନେତାମାନଙ୍କୁ ଯୁବଗୋଷ୍ଠୀ ସନ୍ଦେହ କରୁଛନ୍ତି। ଇକୋନମି ବୃଦ୍ଧି ପାଇଲେ ସେମାନଙ୍କୁ କାମ ମିଳିବ, କିନ୍ତୁ ତାହା ହେଉନାହିଁ ବୋଲି ଯୁବଗୋଷ୍ଠୀ କ୍ଷୁବ୍ଧ। ଭାରତୀୟ ସମାଜରେ ଯାବତୀୟ ବିଶୃଙ୍ଖଳାର କାରଣ କ୍ରୋଧାନ୍ୱିତ ଯୁବସମାଜ।

ଆମ ଦେଶରେ ୨୦୦୫ରୁ ୨୦୦୭ ଭିତରେ ବର୍ଷକୁ ଶତକଡା ୯ ଭାଗ ଅଭିବୃଦ୍ଧି ଘଟିଲା, ଏପରିକି ୨୦୧୦ରେ ଭାରତର ଅଭିବୃଦ୍ଧି ହାର ଚାଇନାର ହାରଠାରୁ ବେଶି ହୋଇଥିଲା, କିନ୍ତୁ କର୍ମସଂସ୍ଥାନ ସେହି ପରିମାଣରେ ବଢ଼ିଲା ନାହିଁ। ୨୦୧୦ ପରେ ଅଭିବୃଦ୍ଧି ହାର ଅଧାକୁ ଖସିଲା, ସଞ୍ଚୟ ହାର ବି କମିଲା। ପାରିବାରିକ ସଞ୍ଚୟର ଯେତେ ଅଂଶ ଆର୍ଥିକ ଅଭିବୃଦ୍ଧିରେ ଲାଗୁଥିଲା ତାହା ଏବେ ମୁଦ୍ରାସ୍ଫୀତି ଡରରେ ସୁନା, ଘର, ଜମି ଆଦି ନିକମା ସାମଗ୍ରୀ କିଣିବାରେ ଲଗାଗଲା। ଏଭଳି ସଞ୍ଚୟ ପୁଞ୍ଜିନିବେଶ ନୁହେଁ, ତହିଁରେ ଆୟ ନାହିଁ, ଧନ ସ୍ଥାଣୁ ହୋଇ ରହିଯାଏ, ଦେଶର ଗ୍ରସ୍ ଡୋମେଷ୍ଟିକ୍ ପ୍ରଡକ୍ଟ (ଜିଡିପି) ସେହି ପରିମାଣରେ କମିଯାଏ। ଏସବୁର କାରଣ ଜଳଜଳ ଦିଶୁଛି।

୧୯୯୧ରେ ଆଜିର ଭାରତୀୟମାନଙ୍କ ଭିତରୁ ଶତକଡା ୪୦ ଭାଗ ଜନ୍ମ ହୋଇ ନ ଥିଲେ। ସେମାନେ ଏବେ ଆବଶ୍ୟକ ରୋଜଗାର ପନ୍ଥା ପାଉନାହାନ୍ତି, ତେଣୁ ସେମାନଙ୍କୁ ଦୁଶ୍ଚିନ୍ତା ଘାରିଛି - ଏ କଥା ଆମ ଦେଶର ବୁଢ଼ା ନେତାମାନଙ୍କ ଆଖିକୁ ଦିଶୁନାହିଁ। କେନ୍ଦ୍ର ମନ୍ତ୍ରିମଣ୍ଡଳରେ ହାରାହାରି ବୟସ ୬୦। ସ୍ୱାଧୀନ ଭାରତରେ ଜନ୍ମ ହୋଇଥିବା ଗୋଟିଏ ବି ଲୋକ ୨୦୧୪ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ହୋଇ ନ ଥିଲେ। ମୋଦି ହେଲେ। କିନ୍ତୁ ତାଙ୍କ ପୃଷ୍ଠଭାଗରେ ପରମ୍ପରାବାଦୀ ଗୋଷ୍ଠୀମାନେ ଭୁସା ମାରୁଛନ୍ତି। ଯୁବତୀମାନେ ଅତ୍ୟାଚାରର ସମ୍ମୁଖୀନ ହେବା, ନିଜ ଆକାଂକ୍ଷାର କାମ ନ ପାଇ ରାସ୍ତାଘାଟରେ ମହିଳାଙ୍କ ହାର ଛିଡାଇନେବାଠାରୁ ଏଟିଏମ୍ ଖୋଳିତାଡି ଟଙ୍କା ଲୁଟ୍ କରିବା ବେଳେ ପୋଲିସ୍ ଯେଭଳି ମୁହଁ ବୁଲାଇଦେଉଛି ସେଥିରୁ ଜଣାପଡ଼େ ପୁରୁଣା ଭାରତ ନୂଆ ଭାରତକୁ ସୁରକ୍ଷା ଦେଉନାହିଁ। ସମାଜର ଅର୍ଦ୍ଧାଙ୍ଗ ମହିଳାମାନେ ଇକୋନମିର ଅଭିବୃଦ୍ଧିରେ ସମ୍ପୂର୍ଣ୍ଣ ଭାଗ ନେଇପାରୁନାହାନ୍ତି। ଶିକ୍ଷା ଓ ସ୍ୱାସ୍ଥ୍ୟ ନାଗରିକର ମୌଳିକ ଅଧିକାର, ତାହାର ବାବସାୟୀକରଣ ହେଲା। ଖାଦ୍ୟସୁରକ୍ଷା ବା କ୍ଷୁଧାରୁ ମୁକ୍ତି ପାଇବା ବ୍ୟବସ୍ଥାରେ ଭ୍ରଷ୍ଟାଚାର ପଶି ଖାଦ୍ୟ ଉତ୍ପାଦକ ଚାଷୀକୁ ହେୟ ମନେକରି ତା'ର ଅଭାବଜନିତ ଆତ୍ମହତ୍ୟାପ୍ରବଣତାକୁ ବଢ଼ାଇ ଦିଆଗଲା। ଘରୋଇ ମାଲିକାନାରେ ଚାଲିଥିବା ବ୍ୟବସାୟ ତଥା ଶିଳ୍ପ ମାଲିକଙ୍କୁ ମୁଣ୍ଡରେ ବସାଗଲା, ଫଳ ହେଲା- ଉତ୍ପାଦନ କମ୍, ଦର ବେଶି, ଅଧିକାରର ଫଳ ବା ପ୍ରାପ୍ୟ ମିଳିବାରେ ଅନଟନ। ସରକାରୀ ଉତ୍ପୀଡନର ଔଷଧ ହେଉଛି ଲାଞ୍ଚ।


କ'ଣ ସଂସ୍କାର ଦରକାର ସମସ୍ତେ ଜାଣନ୍ତି- ଯଥାଶୀଘ୍ର ନିଷ୍ପତ୍ତି ନିଅ, ଭ୍ରଷ୍ଟାଚାର କମାଅ, ଆର୍ଥିକ ଶୃଙ୍ଖଳା ଆଣ, ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବାକୁ କେନ୍ଦ୍ରୀୟ ବ୍ୟାଙ୍କକୁ ସମର୍ଥ କର, ଅନାଦେୟ ଋଣ (ଏନ୍‌ପିଏ) କମାଇବାକୁ ବ୍ୟାଙ୍କଗୁଡ଼ିକର ସଂସ୍କାର କର, ବିଜୁଳି ଉତ୍ପାଦନ କ୍ଷେତ୍ରରେ ମାନ୍ଦାବସ୍ଥା ଦୂର କର, କର୍ମ ଯୋଗାଣ ପାଇଁ ସାମଗ୍ରୀ ତିଆରି କାରଖାନାମାନ ପ୍ରତିଷ୍ଠା କର ଅର୍ଥାତ୍ ମାନୁଫାକ୍ଚରିଂ ସେକ୍ଟର ବଢ଼ାଅ ଆଦି। ସ୍ୱାଧୀନତୋତ୍ତର ପିଢ଼ିର ପ୍ରଧାନମନ୍ତ୍ରୀଟିଏ ତାହା କରିବାକୁ ଲାଗିଛନ୍ତି, କିନ୍ତୁ ଶାସକଦଳର ପୁରୁଣାକାଳିଆ ଲୋକ ଏବଂ ପ୍ରଶାସନରେ ଥିବା କର୍ମଚାରୀମାନେ ଏ ପ୍ରକ୍ରିୟାଗୁଡ଼ିକୁ ଅବାଟରେ ନେଇଯାଉଛନ୍ତି। ଚାଇନାରେ ମାନୁଫାକ୍ଚରିଂ ସେକ୍ଟର ବେଶ୍ ଚଳଚଞ୍ଚଳ, ତା'ର ସାମଗ୍ରୀମାନ ଆମ ଦେଶରେ ଶସ୍ତାରେ ମିଳୁଛି। ପ୍ରକାଣ୍ଡକାୟ ଭୂଖଣ୍ଡରେ ପରିବହନ ଖର୍ଚ୍ଚ ଜିନିଷପତ୍ରର ଦାମ୍ ବଢ଼ାଏ। କୋଲକାତାରେ ତିଆରି ଜିନିଷ ଟନ୍ ପିଛା ସଡ଼କ ପଥରେ ବା ରେଳରେ ମୁମ୍ବାଇରେ ପହଞ୍ଚିବାକୁ ଯେତିକି ଖର୍ଚ୍ଚ ପଡ଼େ, ଚାଇନାରୁ ଜଳପଥରେ ଜାହାଜେ ଜିନିଷ ମୁମ୍ବାଇରେ ପହଞ୍ଚିବାକୁ ଟନ୍ ପିଛା ପ୍ରାୟ ସେତିକି ବା ତାହାଠାରୁ କମ୍ ଖର୍ଚ୍ଚ ପଡ଼େ। ତେଣୁ ଚାଇନା ଜିନିଷ ମୁମ୍ବାଇବାସୀଙ୍କ ପାଇଁ କଲିକତି ଜିନିଷଠାରୁ ଶସ୍ତା । ଏଥିପାଇଁ ଦରକାର ଜଳପଥର ପ୍ରସାର। ସୁଖର କଥା ଏବେ ଗଙ୍ଗାକୁ ସୁନାବ୍ୟା କରାଯାଉଛି।

ଶ୍ରମଭିତ୍ତିକ ମାନୁଫାକ୍ଚରିଂ ସେକ୍ଟର ଦରକାର, ନ ହେଲେ କୋଟି କୋଟି ଯୁବକ କାମ ପାଇବେ ନାହିଁ। ଆମ ରାଜ୍ୟରେ ଅନ୍ୟ ରାଜ୍ୟ ଭଳି ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧରେ ଯେଉଁସବୁ ଶିଳ୍ପ ବସାଇବାକୁ କୁବେରମାନେ ଆସୁଛନ୍ତି ତାହା ସବୁ ଜଟିଳ ମେଶିନ୍ ଦ୍ୱାରା ଚାଲିବ। ଲୋକ ବେଶି ଦରକାର ନାହିଁ, କର୍ମନିଯୁକ୍ତି ବଢ଼ିବ କିପରି? ୪୦ ହଜାର କୋଟି ଟଙ୍କାର ପ୍ରକଳ୍ପରେ ହଜାରେ ସ୍ଥାନୀୟ ଲୋକ ବି ଚାକିରି ପାଇବେ ନାହିଁ। ବଡ଼ ବଡ଼ ପଦବୀ ପାଇଁ ଆଗେ ଉପଯୁକ୍ତ ଶିକ୍ଷା ବନ୍ଦୋବସ୍ତ ନ କରି କାରଖାନା ବସାଇଲେ ଓଡ଼ିଶା ବାହାରର ଲୋକେ (କମ୍ପାନୀ ମାଲିକର ଚିହ୍ନା ଲୋକେ) ହିଁ କାମ ପାଇବେ। ଆମ ଦେଶରେ ଏବେ ଯାହା ଜିଡିପି ଅଭିବୃଦ୍ଧି ଦେଖାଯାଉଛି ତାହା ବିଭିନ୍ନ କନ୍‌ଷ୍ଟ୍ରକଶନ୍ କାମର ବହୁଳତା ଯୋଗୁ, ମାନୁଫାକ୍ଚରିଂ ସେକ୍ଟର ଯୋଗୁ ନୁହେଁ। ରାସ୍ତା ଓ ଗୃହ ନିର୍ମାଣ କାମରେ ଭୀମକାୟ ଯନ୍ତ୍ର ଲାଗୁଛି। ଆମର ଅଗଣିତ ଯୁବତୀଯୁବକ ଇଟା, ପଥର କି ସିମେଣ୍ଟ ବୋହିବା କାମରେ ନିଯୁକ୍ତ, ଅର୍ଥାତ୍ ଆମର ଯୁବତୀଯୁବକମାନେ ମୁଣ୍ଡବୋଝରେ ତଳମୁହାଁ ହୋଇ ଚାଲିବେ, ଉପରକୁ ଚାହିଁବା ଅଭ୍ୟାସ, ଉଚ୍ଚାଭିଳାଷ ଉଭେଇଯିବ। ଲେବର୍ ଆଇନ ଶିଳ୍ପପତିମାନଙ୍କ ଗୋଡ଼ହାତ ବାନ୍ଧି ରଖିଛି। ତେଣୁ ସେମାନେ ସିଧାସଳଖ ନିଯୁକ୍ତି ନ ଦେଇ ତୃତୀୟ ପକ୍ଷ (ଠିକାଦାରମାନଙ୍କ)ଠାରୁ ଠିକା କର୍ମଚାରୀ ନେଉଛନ୍ତି, ଏଭଳି ଶ୍ରମିକଙ୍କୁ କୁଶଳୀ କରିବା ବା ତାଲିମ ଦେବା କମ୍ପାନୀର ସ୍ୱାର୍ଥରେ ନୁହେଁ। ତାଲିମ ସମୟଟା କ୍ଷତି ବଢ଼ାଏ, ତେଣୁ କର୍ମକୁଶଳୀ ଯୁବତୀଯୁବକ ଯୋଗ୍ୟତା ଲୁଚାଇ ନିମ୍ନତର ମଜୁରିର କାମରେ ଯୋଗଦେଉଛନ୍ତି। ଆମ ଶିକ୍ଷା ବ୍ୟବସ୍ଥା ବି ପିଲାଙ୍କୁ ଚାକିରିକ୍ଷମ କରୁନାହିଁ। ସ୍କୁଲ ସ୍ତରରୁ ପିଲାଏ ଜୀବିକାନିର୍ବାହର ସାମର୍ଥ୍ୟ ହରାଉଛନ୍ତି। ଆନୁଆଲ୍ ଷ୍ଟାଟସ୍ ଅଫ୍ ଏଜୁକେଶନ୍ ରିପୋର୍ଟରୁ ଜଣାଯାଏ ଗାଁଗହଳର ପିଲାଙ୍କ ଭିତରୁ ଅଧେ କହିପାରୁନାହାନ୍ତି ୪୩ରୁ ୨୪ ଗଲେ କେତେ ରହିବ? ବିନା ପରୀକ୍ଷାରେ ଅଷ୍ଟମ ଶ୍ରେଣୀକୁ ଉଠିଥିବା ପିଲା ତୃତୀୟ ଶ୍ରେଣୀର ବହି ପଢ଼ିପାରୁନାହିଁ। ନେତାମାନେ ଯୁବଗୋଷ୍ଠୀକୁ ଅଣଦେଖା କରୁଥିବାରୁ ଯୁବଗୋଷ୍ଠୀ ସରକାର ଉପରେ କ୍ରୋଧାନ୍ୱିତ।

ଗାଁରେ ଓ ସହରତଳି ଅଞ୍ଚଳରେ ଅବିରତ ବିଜୁଳି, ମାଗଣା ବ୍ରଡ୍‌ବ୍ୟାଣ୍ଡ ସେବା, ଉତ୍ତମ ବିଦ୍ୟାଳୟ, ଗାଁ ଓ ସହରୀ ବସ୍ତିର ପିଲାଙ୍କୁ ମାଗଣା କଲେଜ ଶିକ୍ଷା, ସେମାନଙ୍କୁ ସେବା ଯୋଗାଇବାରେ ଅମଲାତାନ୍ତ୍ରିକ ବିଳମ୍ବର ହ୍ରାସ ବା ଗାଁ ସ୍କୁଲର କମ୍ପ୍ୟୁଟର ପ୍ରକୋଷ୍ଠରୁ ବା ପଞ୍ଚାୟତ ଘରୁ ସିଧାସଳଖ ଇ-ପ୍ରଶାସନ ମିଳିଲେ ଆମ ପିଲାମାନେ ରୋଜଗାରକ୍ଷମ ଶିକ୍ଷା ପାଇପାରିବେ, କର୍ମକ୍ଷମ ବୟସ ହେଲା ବେଳକୁ ସେମାନେ ବିଭିନ୍ନ କର୍ମରେ ଯୋଗ ଦେଇ ଦେଶର ଜିଡିପି ବୃଦ୍ଧିରେ ଅଂଶୀଦାର ହୋଇପାରିବେ। ଜୀବନରେ ସଫଳ ନାଗରିକଟିଏ ଶୃଙ୍ଖଳାର ସ୍ତମ୍ଭ। ଯୁବଶକ୍ତିକୁ ସଫଳ ଜୀବନଶୈଳୀ ଦେଇପାରିଲେ ଗଣତନ୍ତ୍ର ଦୃଢ଼ ହେବ, ସମାଜରେ ଶାନ୍ତିଶୃଙ୍ଖଳାଜନିତ ସମୃଦ୍ଧି ଭାରତର ହୃତଗୌରବ ଫେରାଇଆଣିବ।

ଇ-ମେଲ୍: sahadevas@yahoo.com

# ଦେଶ, ରାଜନୀତି ଓ ଆଜିର ଶିକ୍ଷା



ଡ. ଶରତ ଚନ୍ଦ୍ର ରଥ

ଦେଶର ଅଛି ଅର୍ଥ ସମସ୍ୟା। ଅତୀତରେ ସମସ୍ୟା ଥିଲା ଆଜି ମଧ୍ୟ ଅଛି। ପ୍ରଥମେ ସମସ୍ୟାଗୁଡ଼ିକର ତାଲିକା କରିବା ଦରକାର। ତା'ପରେ ସମାଧାନର ସୂତ୍ର ବିଷୟରେ ଚିନ୍ତା, ଆଲୋଚନା ଓ ପଦକ୍ଷେପ ଗ୍ରହଣର ବ୍ୟବସ୍ଥା। ଯେହେତୁ ଆଜିକାଲି ସମସ୍ତ କ୍ଷମତା ରାଜନେତାମାନଙ୍କ ହାତରେ ଠୁଳ, ସେମାନଙ୍କର ଏସବୁ ସର୍ବାଦୌ କରଣୀୟ। ସେମାନଙ୍କୁ ବୁଦ୍ଧିଜୀବୀମାନେ ସହଯୋଗ କରିପାରନ୍ତି।

ରାଜନେତାମାନଙ୍କର ଦାୟିତ୍ୱ ହେଉଛି ଦେଶର ବିକାଶ। କେଉଁ କେଉଁ ସମସ୍ୟା ଦେଶର ସାମଗ୍ରିକ ବିକାଶରେ ବାଧା ସୃଷ୍ଟି କରୁଛି, ସେହି ବିଷୟରେ ଗଭୀର ଅନୁଧ୍ୟାନ। ଦଳର ପ୍ରଚାର, ଗାଦିରକ୍ଷାର ବିକଳଭାବ, ଆତ୍ମବିଜ୍ଞାପନ, ସ୍ୱାର୍ଥସିଦ୍ଧିର ଚିନ୍ତାରେ ନେତା ବ୍ୟସ୍ତ ରହିଲେ ଦେଶ ଆଗେଇ ପାରେନାହିଁ। ଦେଶର ସମସ୍ୟା ସମାଧାନପୂର୍ବକ ବିକାଶ ପାଇଁ ଚିନ୍ତା କରିବା ହିଁ ନେତାପଣର ସାର୍ଥକତା। ମୁଦ୍ରାସ୍ଫୀତି, ଛାତ୍ର ରାଜନୀତି, ବସ୍ତିରେ ଜନ ବିସ୍ଫୋରଣ, ଦେଶବାସୀଙ୍କ ମନରେ ଦେଶାତ୍ମବୋଧର ଅଭାବ, ବିଭିନ୍ନ ପ୍ରଦେଶରେ ନଦୀଜଳ ବଣ୍ଟନ, ସୀମାପାର ବିବାଦ, ଅଶିକ୍ଷାର ପ୍ରାବଲ୍ୟ ସମେତ ବହୁ ସମସ୍ୟାରେ ସମାଜ ଓ ଦେଶ ଆକ୍ରାନ୍ତ। ସମସ୍ୟାର ସମାଧାନ ପାଇଁ ସୀମିତ ସମୟସୀମା ଭିତରେ ଯଥାଯଥ ପଦକ୍ଷେପ ଏକାନ୍ତ ଜରୁରୀ। ଦୃଢ଼ ମନୋବଳ ମାଧ୍ୟମରେ କ୍ଷମତାର ଉଚିତ ପ୍ରୟୋଗ ହିଁ ବିକାଶର ଚାବିକାଠି। କେବଳ ଭୋଟ୍‌କୁ ଦୃଷ୍ଟିରେ ରଖି ଗଛରେ ପାଣି ସିଞ୍ଚିଦେଲେ ବିଶେଷ କିଛି ଲାଭନାହିଁ, ଗଛମୂଳରେ ପାଣି ଦେଲେ ଗଛ ବଢ଼େ ଓ ଫୁଲଫଳରେ ଭରିଯାଏ।

ଯେତିକି ସୁବିଧା ଦେଶ ତରଫରୁ ସେମାନଙ୍କୁ ମିଳୁଛି, ସେମାନେ ତାହା ଭାବିବା ଆବଶ୍ୟକ। ତଦନୁସାରେ ଦେଶ ପ୍ରତି କର୍ତ୍ତବ୍ୟ କରିବା ବିବେକର କାର୍ଯ୍ୟ। ଦେଶର କଲ୍ୟାଣ ପାଇଁ ଯେତେ ସୁଯୋଗ ସେମାନଙ୍କୁ ମିଳିଛି, ତାହାର ସଦ୍‌ବ୍ୟବହାର ହିଁ ଯଥାର୍ଥ ନେତାପଣ। ସମସ୍ତଙ୍କୁ ସେ ସୁଯୋଗ ମିଳିନାହିଁ, ଯାହା ନେତାଙ୍କୁ ପ୍ରାପ୍ତ ହୋଇଛି। ସେମାନେ ଦେଶ ବିକାଶର ଚାବିକାଠି- ଏ କଥା ବୁଝି ନିଜକୁ ଭାଗ୍ୟବାନ୍ ମନେକରିବା ଉଚିତ। ପୋଲିସ ବିଭାଗର କଥା ଦେଖାଯାଉ। ପୋଲିସ କର୍ମଚାରୀମାନଙ୍କର ସାଧୁତା, କାର୍ଯ୍ୟଦକ୍ଷତା, ଲୋକପ୍ରିୟତା ପାଇଁ ଅନେକ ସୁବିଧା ସୁଯୋଗ ରହିଛି। ମାତ୍ର ଏ ଦିଗରେ ପ୍ରତିବନ୍ଧକ ସୃଷ୍ଟି କରୁଛି କେତୋଟି କଥା, ଯାହା ସମସ୍ତେ ଜାଣନ୍ତି। ସେମାନଙ୍କ ସଙ୍କୋଚପଣିଆ ହିଁ ସେମାନଙ୍କର ଲୋକପ୍ରିୟତା ଓ କାର୍ଯ୍ୟଦକ୍ଷତାର ମାପଦଣ୍ଡ। ମାତ୍ର ତାହା ରଖିବା ସମସ୍ତଙ୍କ ପକ୍ଷେ ସମ୍ଭବ ହୁଏନାହିଁ। ଦୁର୍ନୀତି ନିବାରଣ ପୁଣି ଦୁର୍ନୀତି ଦୋଷରେ ଯୁକ୍ତ ହୋଇଯାଏ। ରାଜନେତାମାନଙ୍କର ପ୍ରଭାବ ସେମାନଙ୍କ କାର୍ଯ୍ୟଦକ୍ଷତାକୁ ସଙ୍କୁଚିତ କରିଦିଏ। କହି ହୁଏନାହିଁ କି ସହି ହୁଏନାହିଁ। ବାଟ ତିଆରି କରିବାକୁ ପଡ଼େ ଦୋଷୀକୁ ଖସାଇବା ପାଇଁ।

ଏ ସବୁ କଥା ଔଷଧ ସ୍ୱରୂପ ରହିଛି, ମାତ୍ର ପ୍ରତିଷେଧକ କଥା କେହି ଭାବୁନାହିଁ। ଦେଶରେ ଜନସଂଖ୍ୟା ବଢ଼ିଚାଲିଛି। ଏଇ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଶୃଙ୍ଖଳିତ, ମାର୍ଜିତ କରିବାର ପ୍ରୟାସ ନାହିଁ। ନୈତିକତାର ମଞ୍ଜି କିଶୋର ଓ ଯୁବକ ମନରେ ବୁଣିବାର ବ୍ୟବସ୍ଥା ନାହିଁ। ସ୍ୱାଧୀନତା ମିଳିଛି ବୋଲି ଯିଏ ଯାହା ଇଚ୍ଛା ତାହା କରିବାର ସ୍ୱାଧୀନତା ଅଛି, ଏ ଭାବନା ମନ ଭିତରେ ବସା ବାନ୍ଧୁଛି। ଯୁବକଟିଏ ରାସ୍ତାକଡ଼ ଦୋକାନରୁ ଚା' ପିଇ ୟୁଜ୍ ଆଣ୍ଡ ଥ୍ରୋ କପ୍‌ଟିକୁ ରାସ୍ତାକୁ ଫିଙ୍ଗିଦେବା ସ୍ୱାଧୀନତାର ଅନ୍ୟନାମ କି? କହିବ ବା କିଏ? ଯଦି କିଏ କହିବ ତେବେ ଉତ୍ତର ମିଳିବ- 'ମୁଁ କାହା ଦୁଆର ମୁହଁରେ ପକାଇନାହିଁ, ରାସ୍ତାରେ ପକାଇଛି, କହିଲେ ମ୍ୟୁନିସିପାଲିଟି କହିବ ଇତ୍ୟାଦି। ଶିକ୍ଷିତ ବୋଲାଉଥିବା ଯୁବକ ତ ଏହିପରି, ଆଉ ଲୋକଙ୍କ କଥା କ'ଣ କହିବା?

ଶିକ୍ଷା ବ୍ୟବହାର ଶିଖାନ୍ତା, ରୁଚି ଶିଖାନ୍ତା, ସ୍ଥାନକାଳପାତ୍ରର ବିଚାର ଶିଖାଇ ଦେଶପ୍ରେମ ଶିଖାନ୍ତା, ଉଦାରତା ଶିଖାନ୍ତା, ବିଶ୍ୱ ନାଗରିକତ୍ୱର ଦୀକ୍ଷା ଦିଅନ୍ତା। ଏଇସବୁ ହେଉଛି ନୈତିକତାର କଥା, ଧର୍ମ ସହିତ ଏସବୁର ସମ୍ପର୍କ ନାହିଁ, ପ୍ରତ୍ୟେକ ମଣିଷ ସହିତ ଏହାର ସମ୍ପର୍କ ରହିଛି, ଏହା ମାନବିକତାର କଥା। ପ୍ରକୃତରେ ଆଜିକାଲିର ଶିକ୍ଷା ଭିତରେ ଏସବୁ କଥା ନାହିଁ। ଶିକ୍ଷା କହିଲେ ତଥ୍ୟ ଓ ଖବର ସଂଗ୍ରହକୁ ବୁଝାଉଛି। ଏହା ଶିକ୍ଷାର ବାହାର ଦିଗ, ଆଉ ଏକ ଭିତର ଦିଗ ରହିଛି ଶିକ୍ଷାର, ଯାହାର ଅନ୍ତର୍ଭୁକ୍ତ ନୈତିକ ଶିକ୍ଷା ଅଥବା ମାନବିକତାର ଶିକ୍ଷା। ବାହାର ଦିଗ ରହୁ ଏହା ସହିତ ଭିତର ଦିଗ ବି ରହୁ। ତେବେ ଯାଇ ଶିକ୍ଷା ଗଠନମୂଳକ ହେବ। ଆଶାନୁରୂପ ଭାବେ କ୍ରିୟାଶୀଳ ହୋଇପାରିବ। ଖାଲି ଦୁଇ ଚାରି ଛଅ, ତିନି ତିନି ଛଅ, ଚାରି ଦୁଇ ଛଅ ହେଲେ ତାହା ଶିକ୍ଷା ସଂସ୍କାର ନୁହେଁ, ଶିକ୍ଷା ସଂସ୍କାରର ଅର୍ଥ ହେଉଛି ବ୍ୟକ୍ତି ଚରିତ୍ର ଗଠନର ଶିକ୍ଷା, ଦେଶ ଗଠନର ଶିକ୍ଷା, ବିଶ୍ୱ ପରିବାରର ଶିକ୍ଷାର ସମ୍ପୃକ୍ତି। କିଏ କାହାକୁ ବୁଝାଇବ, କିଏ ବା ବୁଝିବ?

ଶିକ୍ଷା ବ୍ୟବସ୍ଥା ଏକପ୍ରକାର ବିପର୍ଯ୍ୟସ୍ତ। ଶିକ୍ଷାନୁଷ୍ଠାନରେ ଭୋଟ ରାଜନୀତି କ'ଣ ନିହାତି ଦରକାର? ଶିକ୍ଷକମାନଙ୍କ ଅବସ୍ଥା ମଧ୍ୟ ବିଭିନ୍ନ ଦୃଷ୍ଟିରୁ ଅସମ୍ଭାଳ। ଦୀର୍ଘଦିନର ଶିକ୍ଷକତା ପରେ ଛତା ଥିଲେ ଜୋତା ନାହିଁ କି ଜୋତା ଥିଲେ ଛତା ନାହିଁ। ଶିକ୍ଷକମାନଙ୍କ ଭିତରେ କେତେକ କ୍ଷେତ୍ରରେ ନିଯୁକ୍ତି ବଡ଼ ବିଚିତ୍ର ଧରଣର। ଶିକ୍ଷକତା ଏକ ପ୍ରବୃତ୍ତି। ବୃତ୍ତି ସହିତ ପ୍ରବୃତ୍ତି ମିଶିଲେ ଶିକ୍ଷକତା ସାର୍ଥକ ହୁଏ। ଆଜିକାଲି ପ୍ରବୃତ୍ତି ନ ଥାଇ ବୃତ୍ତିଧାରୀ ଶିକ୍ଷକଙ୍କ ସଂଖ୍ୟା ଅଧିକ। ବିଶେଷତଃ ଗାଁଗହଳିରେ ଡିଗ୍ରୀଗତ ଯୋଗ୍ୟତା ଥିଲେ ପାଖଆଖ ସ୍କୁଲ କଲେଜରେ 'ଯା ରହିଯା'। ଖାଲି ବୃତ୍ତି ପାଇଁ ରହିଯା, ପ୍ରବୃତ୍ତି ଥାଉ କି ନ ଥାଉ। ବ୍ୟବସ୍ଥା ଏହିପରି, ଅବସ୍ଥା ମଧ୍ୟ ଏହିପରି। ବ୍ୟବସ୍ଥାରୁ ଅବସ୍ଥା ଅଥବା ଅବସ୍ଥାରୁ ବ୍ୟବସ୍ଥା, ବୁଝି ହେଉନାହିଁ। ସତରେ- ଶ୍ରୋତା ବକ୍ତା କେହି ନାହିଁ, ରୋଦନ କରୁ କାହିଁ ପାଇଁ?

ଭୁବନେଶ୍ୱର, ମୋ-୯୪୩୭୭୫୬୨୪୦

## ଏଇ ଭାରତରେ

ସବୁ ମାତାପିତା ପରିଣତ ବୟସରେ ପୁତ୍ର ସନ୍ତାନର ମୁହଁ ଦେଖି ଖୁସି ହୁଅନ୍ତି। କିନ୍ତୁ ଯେଉଁ ମାତାପିତା ଏହି ସୁଖରୁ ବଞ୍ଚିତ ସେମାନେ ଦୁଃଖ ଅନୁଭବ କରନ୍ତି। ଏହି ପରିସ୍ଥିତିର ସାମ୍ନା କରିଛନ୍ତି ୬୨ବର୍ଷର ଜଣେ ମହିଳା। ଗୁଜରାଟର ସୁରତ ନଗରୀରେ ବାସ କରୁଥିବା ମଧୁବେନ ଗେହଲଟ୍ ନାମ୍ନୀ ଏହି ମହିଳା ୬୨ବର୍ଷ ବୟସରେ ଟେଷ୍ଟଟ୍ୟୁବ୍ ପଦ୍ଧତିରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ତାଙ୍କ ସ୍ୱାମୀ ୬୬ ବର୍ଷ ବୟସ୍କ ଶ୍ୟାମଭାଇ ଗେହଲଟ୍ ମଧ୍ୟ ଏହି ପଦ୍ଧତିକୁ ସମର୍ଥନ କରିଛନ୍ତି। ଉକ୍ତ ଦମ୍ପତିଙ୍କର ଝିଅପୁଅ ଥିଲେ। କିନ୍ତୁ ୨୦୧୬ରେ ତାଙ୍କ ବୋହୂ ଓ ପୁଅ ସମେତ ପରିବାରର ୯ଜଣ ସଦସ୍ୟ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ଏଥିପାଇଁ ଗେହଲଟ୍ ଦମ୍ପତି ମାନସିକ ଚାପରେ ରହୁଥିଲେ। ତେବେ ତାଙ୍କର ୨୪ବର୍ଷ ବୟସ୍କା ଝିଅ ମନୀଷା ମାତପିତାଙ୍କ ଅବସ୍ଥା ଦେଖି ସେମାନଙ୍କୁ ଟେଷ୍ଟଟ୍ୟୁବ୍ ପଦ୍ଧତି ବ୍ୟବହାର କରିବାକୁ ପ୍ରସ୍ତାବ ଦେଇଥିଲେ। ଏହାପରେ ବୃଦ୍ଧା ମଧୁବେନ ଏପରି ଏକ ପଦ୍ଧତି ଦ୍ୱାରା ଶିଶୁପୁତ୍ର ଜନ୍ମ କରିଛନ୍ତି। ପରିଣତ ବୟସରେ ଏକ ପୁତ୍ର ସନ୍ତାନ ଲାଭ କରି ଏହି ଦମ୍ପତି ବେଶ୍ ଖୁସି। ପୁତ୍ରସନ୍ତାନକୁ ଲାଳନ ପାଳନ କରିବା ସହିତ ତା'ର ଦରୋଟି ଓଠରେ ଖିଲିଖିଲି ହସ ଦେଖି ପତ୍ନୀପତି ଅତୀତ ଦିନର ଦୁଃଖ ଭୁଲିବାକୁ ପ୍ରୟାସ କରୁଛନ୍ତି। ଏବେ ଏହି ଘଟଣା ସୋସିଆଲ୍ ମିଡିଆରେ ଭାଇରାଲ ହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଡିସେମ୍ବର ୧୯୯୩

- ଫିଲିପାଇନ୍ସରେ ପ୍ରବଳ ସାମୁଦ୍ରିକ ଝଡ଼ରେ ୧୭୭ ଜଣଙ୍କ ପ୍ରାଣହାନି।
- ଶତକଡା ୩୮ ଭାଗ ଆଦିବାସୀ ଅଧ୍ୟୁଷିତ ମୋଟ ୨୫୭୦ଟି ଗ୍ରାମକୁ ନେଇ ଆସାମ ବୋଡୋ ସ୍ୱୟଂଶାସିତ ପରିଷଦ ଗଠନ କରାଗଲା।
- ସମଗ୍ର ଦେଶରେ ୪ ଦିନ ଧରି ଚାଲିଥିବା ଅନିର୍ଦ୍ଦିଷ୍ଟକାଳୀନ ଡାକ ଧର୍ମଘଟ ପ୍ରତ୍ୟାହୃତ।
- ପତିତ ଜମିର ଉନ୍ନୟନ ପାଇଁ ରାଜ୍ୟ ଓ ଜିଲ୍ଲା ସ୍ତରରେ ସ୍ୱତନ୍ତ୍ର ବୋର୍ଡ ଗଠନ କରାଯିବା ନେଇ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଘୋଷଣା।

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀମନ୍ଦିରରେ ସଂସ୍କାର

ମହାଶୟ,

ଶ୍ରୀମନ୍ଦିରରେ ପରିଚାଳନାଗତ ସଂସ୍କାର କଥା ଉଠୁଛି। ବର୍ତ୍ତମାନ ଯୁଗରେ ଠାକୁରଙ୍କୁ ସଖୀ କଣ୍ଢେଇ କରି ପରମ୍ପରା ନାମରେ ଭକ୍ତମାନଙ୍କୁ ଭଣ୍ଡି ଖାଇବା ଆଉ ସମ୍ଭବ ନୁହେଁ। ଏ ମଧ୍ୟରେ ଶ୍ରୀଜଗନ୍ନାଥ କ୍ଷେତ୍ରରେ ବ୍ରହ୍ମ ବିଭ୍ରାଟରୁ ଆରମ୍ଭ କରି ଧାଡ଼ି ଦର୍ଶନ ପର୍ଯ୍ୟନ୍ତ ଅନେକ ବିଭ୍ରାଟ ଦେଖାଦେଇଛି। ମୋ ମତରେ ସେବକମାନଙ୍କ ବଂଶାନୁକ୍ରମିକ ପରମ୍ପରା ନ ରହୁ। ବୈଦିକ ବିଧିବିଧାନରେ ଜ୍ଞାନ ଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ସେବାର ଦାୟିତ୍ୱ ଦିଆଯାଉ, ସେଥିପାଇଁ ମାସିକ ବେତନ ବ୍ୟବସ୍ଥା ରହୁ। ମନ୍ଦିରର ସବୁପ୍ରକାର ଆୟ ସରକାରଙ୍କ ତହବିଲରେ ରଖାଯାଉ। ବୈଷ୍ଣୋଦେବୀ ମନ୍ଦିର ଓ ତିରୁପତି ମନ୍ଦିରରେ ଯେପରି ଦେବଦେବୀ ଦର୍ଶନ କରାଯାଉଛି, ସେପରି ଦର୍ଶନ ଶ୍ରୀକ୍ଷେତ୍ରରେ ସମ୍ଭବ ହୋଇପାରିବ।

ଡ. ବାବାଜୀ ଚରଣ ସେଠୀ, ଶ୍ରୀରାମ ନଗର, ଭୁବନେଶ୍ୱର

### ଅନାବଶ୍ୟକ ବିଧାନ ପରିଷଦ

ଆମ ସରକାରଙ୍କର ଏକା ଜିଦ୍ ବିଧାନ ପରିଷଦ ଗଠନ କରିବେ। ପ୍ରାଥମିକ ସ୍ତରରେ ଏହି ପରିଷଦ ପାଇଁ ୩୫ କୋଟି ଟଙ୍କା ବାର୍ଷିକ ଖର୍ଚ୍ଚ ହେବ। ଅଧିକାଂଶ ସମୟରେ ବିଧାନସଭା ଅଧିବେଶନକୁ ସଙ୍କୁଚିତ କିମ୍ବା ମୁଲତବୀ କରାଯାଉଛି। ଏଭଳି ପରିପ୍ରେକ୍ଷୀରେ ୨ଟି ଗୃହର ଓ ବର୍ଷକୁ ୩୫ କୋଟି ଟଙ୍କା ଖର୍ଚ୍ଚ କରିବାର କି ଆବଶ୍ୟକତା ରହିଛି? ବିଭିନ୍ନ ଦପ୍ତରରେ କର୍ମଚାରୀ ଅଭାବ, ସ୍କୁଲକଲେଜମାନଙ୍କରେ ଶିକ୍ଷକ, ଅଭାବ। ଆଦିବାସୀ ଅଞ୍ଚଳରେ ରାସ୍ତାଘାଟ ଏବଂ ପୋଲ ନାହିଁ। ଚାଷୀମାନଙ୍କୁ ଠିକ୍ ସମୟରେ ବିହନ, କୀଟନାଶକ ଦିଆଯାଇ ପାରୁନାହିଁ, ଶସ୍ୟକୁ ସାଇତି ରଖିବା ପାଇଁ ଶୀତଳଭଣ୍ଡାର ନାହିଁ। ସେ ବିଷୟରେ ସରକାର ଚିନ୍ତା କରୁନାହାନ୍ତି। ଅଥଚ ବିଧାନ ପରିଷଦ ଗଠନ କରିବାକୁ ବହୁତ ବ୍ୟସ୍ତ। ଏହା ଠିକ୍ ନୁହେଁ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଉଦ୍ଧାର ଶାଳିଆପତନିକୁ ଶିମିଳିପାଳରେ ଛଡାଗଲା



**ବାରିପଦା ଅଫିସ,୧୦।୧୨:** ବାରିପଦା ସହର ୱାର୍ଡ ନଂ.୧୪ ତୁଳସିଚଉରା ଅଞ୍ଚଳରୁ ସୋମବାର ଏକ ଶାଳିଆପତନି ଉଦ୍ଧାର ହୋଇଛି। ପରେ ସୁସ୍ଥ ଅବସ୍ଥାରେ ଏହାକୁ ଶିମିଳିପାଳ ପାଦଦେଶରେ ଛଡାଯାଇଛି। ସୂଚନା ମୁତାବକ ଉପରୋକ୍ତ ଅଞ୍ଚଳର ମନୋରଞ୍ଜନ ଦେଙ୍କ ଘରେ ସୋମବାର ଏକ ଶାଳିଆପାତନି ପଶି ଯାଇଥିଲା। ଏହା ଦେଖି ଲୋକେ ଭୟଭୀତ ହୋଇ ବନ ବିଭାଗକୁ ଖବର ଦେଇଥିଲେ। ପରେ ବନ୍ୟପ୍ରାଣୀ ଉଦ୍ଧାରକ କୃଷ୍ଣଚନ୍ଦ୍ର ଗୋଛାୟତ ଘଟଣାସ୍ଥଳରେ ପହଞ୍ଚି କୌଶଳ କ୍ରମେ ଉକ୍ତ ଶାଳିଆପାତନିକୁ ଉଦ୍ଧାର କରିଥିଲେ। ପରେ ଏସଟିଆରର ବନ୍ୟପ୍ରାଣୀ ଡାକ୍ତରଙ୍କ ଦ୍ୱାରା ତାହାର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପରେ ଶିମିଳିପାଳ ପାଦଦେଶରେ ଛଡା ଯାଇଥିଲା। ଏହି ଶାଳିଆପାତନିର ଶରୀର ସମ୍ପୂର୍ଣ୍ଣ କଳା ହୋଇ ନ ଥିବା ବେଳେ ଦେହରେ ଧଳା, କଳା ଆଦି ମିଶ୍ରିତ ରଙ୍ଗ ରହିଥିବା ଦେଖାଯାଇଥିଲା।

### ବିଶ୍ୱ ମାନବାଧିକାର ଦିବସ

**ବାରିପଦା ଅଫିସ,୧୦।୧୨:** ସ୍ୱେଚ୍ଛାସେବୀ ସଙ୍ଗଠନ ଆର.ଡି.ଏ.ସି ପକ୍ଷରୁ ସୋମବାର ଅନ୍ତର୍ଜାତିୟ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଆର.ଡି.ଏ.ସି ସଭାପତି ଡ.କୁମୁଦ ରଞ୍ଜନ ରାଉତ ସଭାପତିତ୍ୱ କରିଥିବା ବେଳେ ଡିଏସପି ସବିତା ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହା ସହିତ ସଙ୍ଗଠନର ଉପସଭାପତି ପ୍ରଫେସର ଜ୍ୟୋତିଷ କୁମାର କର ଓ ବିଶିଷ୍ଟ ମାନବାଧିକାର କର୍ମୀ ଶୁଭେନ୍ଦୁ କର ଯୋଗ ଦେଇ ମାନବ ଅଧିକାରର ସଂଜ୍ଞା, ମାନବ ଅଧିକାର ଉଲ୍ଲଂଘନ ଓ ମୌଳିକ ଅଧିକାର ବିଷୟରେ ଆଲୋଚନା କରିଥିଲେ। ସଙ୍ଗଠନର ସମ୍ପାଦକ ବିଜୟ ବେହେରା ମଧ ଉପସ୍ଥିତ ରହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। ଶେଷରେ ସଙ୍ଗଠନର ସଂଯୋଜିକା ପ୍ରିୟଙ୍କା ବେହେରା ଧନ୍ୟବାଦ ଦେଇଥିଲେ।

**କପ୍ତିପଦା, (ଡ଼ି.ଏ୍ନ୍.ଏ):** ନୂଆସାହିସ୍ଥିତ କପ୍ତିପଦା ମହାବିଦ୍ୟାଳୟରେ ବିଶ୍ୱ ମାନବିକ ଅଧିକାର ଦିବସ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ଅଧକ୍ଷ ଡ଼. ଚନ୍ଦ୍ରକୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅଧାପକ ଡ଼. ପ୍ରଫୁଲ୍ଲ କୁମାର ସାହୁ, କମଳାକାନ୍ତ ବାଗୁଡ଼େଇ, ଧନଞ୍ଜୟ ରାଉତ, ମୌନାବତୀ ଦାସ, ରେଡ଼କ୍ରସ୍ କାଉନ୍ସିଲର ହରମୋହନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।


### ରାଜନୀତି ବିଜ୍ଞାନ ବିଭାଗ ଆଲୋଚନା ଚକ୍ର


**କପ୍ତିପଦା,୧୦।୧୨(ଡ଼ି.ଏ୍ନ୍.ଏ):** ନୂଆସାହିସ୍ଥିତ କପ୍ତିପଦା ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗର ଏକ ଆଲୋଚନାଚକ୍ରକୁ ମହାବିଦ୍ୟାଳୟର ଅଧକ୍ଷ ଡ.ଚନ୍ଦ୍ରକୁମାର ପଟ୍ଟନାୟକ ମୁଖ୍ୟଅତିଥିଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । 'ଭାରତୀୟ ସଂଘୀୟ ବ୍ୟବସ୍ଥାର ସମସ୍ୟା ଓ ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ରରେ ବିଭାଗୀୟ ପ୍ରଥମ ବର୍ଷର ଛାତ୍ରୀ ଗୌରୀ ରଣା ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ । ମୁଖ୍ୟଅତିଥି ଭାବେ ଡିଗ୍ରୀ କଲେଜର ଅଧକ୍ଷା ଡ. ଲିପିକା ବେହେରା, ମୁଖ୍ୟବକ୍ତାଭାବେ ପ୍ରାଧାପକ ଡ. ମହେଶ୍ୱର ମହାପାତ୍ର, ସମ୍ମାନିତ ବକ୍ତା ଭାବେ ପ୍ରାଧାପକ ଗଣେଶ ଚନ୍ଦ୍ର ପୁଥାଳ, ଅଧାପକ କମଳାକାନ୍ତ ବାଗୁଡ଼େଇ, ସର୍ବେଶ୍ୱର ବିଶ୍ୱାଳ, ଲମ୍ବୋଦର ବାରିକ୍ ପ୍ରମୁଖ ଯୋଗ ଦେଇଥିଲେ।

# ସୌନ୍ଦର୍ଯ୍ୟ ଅଛି, ରାସ୍ତା ନାହିଁ

**ଚିଙ୍ଗୁଡିଆ, ମାଛକାନ୍ଦଣା ଜଳପ୍ରପାତ**

- ୫ କି.ମି. ଚାଲି କରି ଯିବାକୁ ପଡୁଛି
- ସ୍ଥାୟୀ ରାସ୍ତା ହେଲେ ରାଜସ୍ୱ ବୃଦ୍ଧି ଆଶା
- ରାସ୍ତା ଲାଗି ନାହିଁ ପ୍ରଶାସନିକ ତତ୍ପରତା





**କପ୍ତିପଦା,୧୦।୧୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ରେଞ୍ଜ ପୋଡାଡିହା ବନଖଣ୍ଡ ଅଧୀନ ମାଛକାନ୍ଦଣା ଓ ଚିଙ୍ଗୁଡିଆ ଜଳପ୍ରପାତ ସୌନ୍ଦର୍ଯ୍ୟର ଗନ୍ତାଘର। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଶିମିଳିପାଳ ଅଭୟାରଣ୍ୟ ରାଜ୍ୟ ତଥା ଦେଶର ଅନ୍ୟତମ ସର୍ବବୃହତ ବିଷୁବ ମଣ୍ଡଳୀୟ ଜଙ୍ଗଲ। ଏହି ପର୍ବତମାଳାରେ ଅନେକଗୁଡିଏ ସଂକୀର୍ଣ୍ଣ ଉପତ୍ୟକା ସହିତ କଳକଳ ନାଦିନୀ ଚିରସ୍ରୋତା ନଦୀ ଓ ଝରଣା ପ୍ରବାହିତ। ଏହାକୁ ନେଇ ସୃଷ୍ଟି ହୋଇଛି ବହୁ ଜଳପ୍ରପାତ। ସେଥିମଧ୍ୟରୁ ମାଛକାନ୍ଦଣା ଓ ଚିଙ୍ଗୁଡିଆ ଜଳପ୍ରପାତ ଅନ୍ୟତମ। କିନ୍ତୁ ଦୁଃଖର ବିଷୟ ଆଜି ପର୍ଯ୍ୟନ୍ତ ଏହି ଦୁର୍ଗମ ଇଲାକାକୁ ଭଲ ରାସ୍ତାଟିଏ ନାହିଁ। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ପ୍ରଶାସନ ଓ ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆକର୍ଷଣ କଲେ ମଧ ଅଦ୍ୟାବଧି କୌଣସି ସୁଫଳ ମିଳି ନାହିଁ। ଯାହାଫଳରେ ଏହି ଅଞ୍ଚଳକୁ ପରିଭ୍ରମଣରେ ଆସୁଥିବା ହଜାର ହଜାର ପର୍ଯ୍ୟଟକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପର୍ଯ୍ୟଟକମାନେ ପାଦ ଚଲା ରାସ୍ତାରେ ଚାଲି ଚାଲି ୫ କି.ମି.ରୁ ଊର୍ଦ୍ଧ୍ୱ ରାସ୍ତା ସ୍ଥାନୀୟ ଲୋକଙ୍କ ସହାୟତାରେ ଯିବା ପରେ ଉକ୍ତ ସ୍ଥାନରେ ପହଞ୍ଚିବାରେ ସକ୍ଷମ ହୋଇଥାନ୍ତି। ତେଣୁ ଏହି ପର୍ଯ୍ୟଟନସ୍ଥଳୀକୁ ସ୍ଥାୟୀ ରାସ୍ତା ନିର୍ମାଣ ସହିତ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ କଲେ ସରକାରଙ୍କ ରାଜସ୍ୱ ବୃଦ୍ଧିରେ ସହାୟକ ହୁଅନ୍ତା ବୋଲି ଜେଏସ ଜାମୁଡିହାର ପୂର୍ବତନ ସରପଞ୍ଚ ମୋହନ ଦାସ କହିଛନ୍ତି। ପର୍ଯ୍ୟଟନ ଋତୁ ଆସିଲେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ସ୍ଥାନୀୟ ଲୋକେ ନିଜେ ନିଜେ ରାସ୍ତା ସଫେଇ ସହିତ ରାସ୍ତାର ଉନ୍ନତୀକରଣ କରିଥାନ୍ତି ବୋଲି ସେ କହିଛନ୍ତି।

ମାଛକାନ୍ଦଣା ଓ ଚିଙ୍ଗୁଡିଆ ଜଳପ୍ରପାତର ଉଚ୍ଚତା ପ୍ରାୟ ୨୫୦ରୁ ୩ଶହ ଫୁଟ ଉଚ୍ଚ ହେବ ବୋଲି ଜଣାଯାଇଛି। ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଉପରୁ ପଡୁଥିବା ଜଳର ଗୁରୁଗମ୍ଭୀର ଶବ୍ଦ ପର୍ଯ୍ୟଟକଙ୍କୁ ମନ୍ତ୍ରମୁଗ୍ଧ କରିଥାଏ। ପାଣି ପଡୁଥିବା ସ୍ଥାନରେ ସ୍ୱତନ୍ତ୍ର ଭାବରେ ଏକ ଜଳକୁଣ୍ଡ ରହିଛି। ପୂର୍ବରୁ ମାଛମାନେ ଏହି ଜଳପ୍ରପାତର ନିମ୍ନ ସ୍ଥାନକୁ ଆସିପାରୁ ନ ଥିବାରୁ ଗୁମୁରି ଗୁମରି କାନ୍ଦୁଥିବା ଲୋକକଥା ରହିଛି। ତେଣୁ ସେହି ଦିନଠାରୁ ଲୋକଙ୍କ ମୁଖରେ ଏହା ମାଛକାନ୍ଦଣା ନାମରେ ପରିଚିତ। ସେହିପରି ଚିଙ୍ଗୁଡିର ଗୋଡ ସଦୃଶ ପାଣିର ସରୁ ସରୁ ଧାର ବାହାରୁଥିବାରୁ ଏହା ଚିଙ୍ଗୁଡିଆ ଜଳପ୍ରପାତ ନାମରେ ନାମିତ। ଏହି ସବୁ ଜଳପ୍ରପାତ ସହିତ ବଡ ମାଛକାନ୍ଦଣା, ସାନ ମାଛକାନ୍ଦଣାରୁ ନିର୍ଗତ ଜଳକୁ ନେଇ କୁଶଭଦ୍ରା ନଦୀ ରୂପାନ୍ତରିତ ହେବା ସହିତ ପୌରାଣିକ କୀର୍ତ୍ତିପୀଠ ସମୀବୃକ୍ଷ କଡଦେଇ କାଳବନ୍ଧରେ ମିଶି ଏହାର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ କରୁଛି। ପ୍ରତ୍ୟେକ ବର୍ଷ ଅକ୍ଟୋବରରୁ ଜାନୁୟାରୀ ଶେଷ ପର୍ଯ୍ୟନ୍ତ ଏହି ସ୍ଥାନଗୁଡିକ ବଣଭୋଜି ପାଇଁ ପ୍ରକୃଷ୍ଟ ସ୍ଥାନ। ତେଣୁ ପର୍ଯ୍ୟଟନ ବିଭାଗ ଏବଂ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଲେ ଏହା ନିଶ୍ଚିତ ଭାବେ ପର୍ଯ୍ୟଟନ ସ୍ଥଳୀ ଭାବେ ମାନ୍ୟତା ପାଇପାରନ୍ତା ବୋଲି ସ୍ଥାନୀୟ ଲୋକେ ଆଶା ରଖିଛନ୍ତି। ପୂର୍ବରୁ ବହୁ ବନଖଣ୍ଡ ଅଧିକାରୀ ଏହାର ଉନ୍ନତୀକରଣ ତଥା ରାସ୍ତା ନିର୍ମାଣ ପାଇଁ ଜିଲାପାଳଙ୍କୁ ଅବଗତ କରିଥିଲେ ମଧ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇ ନାହିଁ। ତେଣୁ ଏହାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବର୍ତ୍ତମାନର ବନଖଣ୍ଡ ଅଧିକାରୀଙ୍କୁ ପଚାରିବାରୁ ସେ କହନ୍ତି, ଜଙ୍ଗଲ ବିଭାଗର ନିୟମକାନୁନ ସହିତ ଜିଲାପାଳ ଓ ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆକର୍ଷଣ କରିବି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



ପ୍ରକାଶ



ଅନିମାରାଣୀ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ବନ କର୍ମଚାରୀଙ୍କ କଳାବ୍ୟାଜ ଧାରଣ

**ଖୁଣ୍ଟା,୧୦।୧୨(ଡି.ଏନ.ଏ.)**



ବନ କର୍ମଚାରୀମାନେ କଳାବ୍ୟାଜ ପରିଧାନ କରିଛନ୍ତି।

ବନ୍ୟଜନ୍ତୁ ମୃତ୍ୟୁ ଘଟଣାକୁ ନେଇ ଢେଙ୍କାନାଳ ଡିଭିଜନର ବନ କର୍ମଚାରୀଙ୍କୁ ବିନା କାରଣରେ ନିଲମ୍ବିତ ଓ ଗିରଫ କରାଯାଇଥିବା ଘଟଣା ପ୍ରତିବାଦରେ ଡୁକୁରା ରେଞ୍ଜର ବନ କର୍ମଚାରୀ କଳା ବ୍ୟାଜ ଧାରଣ କରିଛନ୍ତି । ଗତ ନଭେମ୍ବର ୪ ତାରିଖରେ ଢେଙ୍କାନାଳଠାରେ ଓଡିଶା ଅଣଗେଜେଟେଡ ବନସେବା ସଂଘ ସଭାପତି ଗୌରୀ ଶଙ୍କର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ଜରୁରୀକାଳୀନ ସଭାରେ ନିଆ ଯାଇଥିବା ନିଷ୍ପତି ଅନୁଯାଇ ଏହି ପ୍ରତିବାଦ କରାଯାଇଥିବା ବନ କର୍ମଚାରୀ କହିଛନ୍ତି। ଆଗାମୀ ୧୫ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିବାଦ ଚାଲୁ ରହିବ। ଏହାପରେ ସଂଘ ପକ୍ଷରୁ ଉପସ୍ଥାପନ କରାଯାଇଥିବା ୬ ଦଫା ଦାବି ପୂରଣ ହେବା ପର୍ଯ୍ୟନ୍ତ ଆସନ୍ତା ୧୭ ତାରିଖରୁ ଅଣ ଗେଜେଟେଡ଼ ବନ କର୍ମଚାରୀମାନେ ସମୁହ ଛୁଟିରେ ରହିବେ ବୋଲି ଚେତାବନୀ ଦିଆଯାଇଛି। ଉକ୍ତ ସମୟରେ କାର୍ଯ୍ୟ ଦିବସ ଗୁଡିକରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଭାଗୀୟ ମୁଖ୍ୟ ପିସିସିଏଫଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେବେ ବୋଲି କହିଛନ୍ତି।

**ବିଶୋଇ, ୧୦।୧୨**–ସେହିପରି ୬ ଦଫା ଦାବି ନେଇ ବିଶୋଇ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ସମୁଦାୟ ୨୨ ଜଣ ଉପବନାଞ୍ଚଳ ଅଧିକାରୀ, ବନପାଳ ଓ ବନରକ୍ଷୀ କଳାବ୍ୟାଚ ପିନ୍ଧି ସୋମବାରଠାରୁ କାର୍ଯ୍ୟ କରୁଥିବା ଦେଖାଯାଇଛି।

**କପ୍ତିପଦା (ଡ଼ି.ଏନ୍.ଏ)–** ରାଜ୍ୟ ବନ ସେବା ସଂଘର ଆହ୍ୱାନ କ୍ରମେ ସୋମବାର କପ୍ତିପଦା ରେଞ୍ଜ ଅଧୀନରେ କାର୍ଯ୍ୟରତ ଅଣ ଗେଜେଟେଡ୍ ବନ ସେବା ସଂଘର କର୍ମଚାରୀ ମାନେ କଳାବ୍ୟାଜ ପିନ୍ଧି ପ୍ରତିବାଦ କରିଛନ୍ତି। ୬ ଦଫା ଦାବୀକୁ ନେଇ ସେମାନଙ୍କର ଏହି ପ୍ରତିବାଦ ଆରମ୍ଭ ହୋଇଛି। ଡେପୁଟୀ ରେଞ୍ଜର, ଫରେଷ୍ଟର ଓ ଫରେଷ୍ଟ ଗାର୍ଡମାନେ ଏଥିରେ ସାମିଲ ହୋଇଥିବା ଜଣାଯାଇଛି।

### ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ ସମ୍ମିଳନୀ

**କପ୍ତିପଦା, ୧୦।୧୨(ଡି.ଏନ୍.ଏ.)**

ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ୍‌ର ଅଷ୍ଟମ ସମ୍ମିଳନୀ ବାରିପଦାସ୍ଥିତ ମ୍ୟୁନିସିପାଲିଟି ବସ୍‌ଷ୍ଟାଣ୍ଡଠାରେ ଅନୁଷ୍ଠିତ ହୋଇଯାଇଛି। ରଘୁନାଥ ପଣ୍ଡା ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ମୋଟର କର୍ମଚାରୀ ମହାସଂଘ ସଭାପତି ଜନାର୍ଦ୍ଦନ ପତି ଯୋଗଦେଇ ସରକାରଙ୍କ ପରିବହନ ଶ୍ରମିକମାରଣ ନୀତିକୁ ନିନ୍ଦା କରିଥିଲେ। ପ୍ରତିବାଦରେ ଜାନୁୟାରୀ ୮ ଓ ୯ ତାରିଖରେ ସର୍ବଭାରତୀୟ ଧର୍ମଘଟ ସଫଳ କରିବାକୁ କହିଥିଲେ। ଆସନ୍ତା ୩ ବର୍ଷ ପାଇଁ ୨୦ଜଣିଆ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ରଘୁନାଥ ପଣ୍ଡା, କାର୍ଯ୍ୟକାରୀ ସଭାପତି ରବି ଗୋସ୍ୱାମୀ, ଉପସଭାପତି ରାଧାରମଣ ଷଡ଼ଙ୍ଗୀ, ଅଶୋକ ବେହେରା ମନୋନୀତ ହୋଇଛନ୍ତି।

## ଲିଫ୍ଟ ଦେଇ ଲୁଟ ଘଟଣା, ୨ ଗିରଫ୍

**ବାରିପଦା ଅଫିସ,୧୦।୧୨**



୨ ଗିରଫ ଅଭିଯୁକ୍ତ।

ଗତ ୭ ତାରିଖରେ ଜଣେ ଯାତ୍ରୀଙ୍କୁ ହୋଇଥିବା ଲୁଟ ଘଟଣାରେ ବାରିପଦା ପୋଲିସ ସୋମବାର ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ କରତବସା ଅଞ୍ଚଳର ଅଶୋକ ସିଂ ଓ ପାଳବଣିର ସୁମନ ସିଂ। ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୭ ତାରିଖ ରାତିରେ ଶିକାରଘାଟି ଅଞ୍ଚଳର ଚନ୍ଦ୍ର ମୋହନ ହେମ୍ବ୍ରମ ବସ୍ ଯୋଗେ ଭୁବନେଶ୍ୱରରୁ ବାରିପଦା ଆସିଥିଲେ। ବିଳମ୍ବିତ ରାତିରେ ସେ ଷ୍ଟେଶନ ବଜାରରେ ବସ୍‌ରୁ ଓହ୍ଲାଇଥିଲେ। ଉକ୍ତ ସମୟରେ ସେଠାରେ ଉପସ୍ଥିତ ଥିବା ଅଶୋକ ଓ ସୁମନ ଚନ୍ଦ୍ର ମୋହନଙ୍କ ସହିତ କଥା ହେବା ସହିତ ତାଙ୍କୁ ଘରେ ଛାଡି ଦେବେ ବୋଲି କହିଥିଲେ। ଚନ୍ଦ୍ରମୋହନ ମଧ୍ୟ ସେମାନଙ୍କ ସହ ବାଇକ୍‌ରେ ଯାଇଥିଲେ। ତେବେ ସେମାନେ ତାଙ୍କୁ କାଠପାଳ ଜଙ୍ଗଲ ଭିତରକୁ ନେଇ ମାଡ ମାରିବା ସହିତ ୫ ହଜାର ୪୦ ଟଙ୍କା ଓ ଏକ ମୋବାଇଲ ଛଡାଇ ନେଇ ପଳାଇଥିଲେ। ପରେ ଚନ୍ଦ୍ରମୋହନ ସେଠାରୁ ଚାଲି ଚାଲି ଆସି ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା(ନଂ.୨୯୫/୧୮) ରୁଜୁ କରିବା ସହିତ ଅଭିଯୁକ୍ତଦ୍ୱୟଙ୍କ ଠାରୁ ଲୁଟ ଜିନିଷ ଓ ବାଇକ୍ ଜବତ କରିଛି।

## ମହିଳା କ୍ରିକେଟ ଟୁର୍ନାମେଣ୍ଟ



ମହିଳା କ୍ରିକେଟ ଦଳର ସଦସ୍ୟ।

**ବିଶୋଇ,୧୦।୧୨**

ବିଶୋଇ ବ୍ଲକ ଅନ୍ତର୍ଗତ ସୁନାପୋଷିସ୍ଥିତ ଚୈତନ୍ୟ ପ୍ରସାଦ ଜୁନିୟର ମହାବିଦ୍ୟାଳୟ ଆନୁକୂଲ୍ୟରେ ୪ ଦିନିଆ ମହିଳା କଲେଜ ସ୍ତରୀୟ ଟି ୨୦ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଏହି କଲେଜର ସମ୍ପାଦକ ଲକ୍ଷ୍ମଣ ସରେନ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ଯୁକ୍ତ ୨ ଶ୍ରେଣୀର ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷ କଳା ବିଭାଗର ଛାତ୍ରୀଙ୍କ ମଧ୍ୟରେ ହୋଇଥିଲା। ପ୍ରଥମ ବର୍ଷ କଳା ବିଭାଗ ଛାତ୍ରୀମାନେ ବିଜୟୀ ହୋଇଥିଲେ ।

### ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**କପ୍ତିପଦା, ୧୦।୧୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅନ୍ତର୍ଗତ ନୂଆସାହି ବଜାର ମଧ୍ୟରେ ସ୍ୱେଚ୍ଛାସେବୀ ସଂଗଠନ ''ବି ପଜିଟିଭ୍ ଗ୍ରୁପ୍, ବଡ଼ଖଲାଡ଼ି'' ଆନୁକୂଲ୍ୟରେ ଏକ ସଫେଇ ଓ ପଲିଥିନ୍ ମୁକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯକ୍ରମରେ ବଜାର କଲ୍ୟାଣ ସମିତି, ନୂଆସାହିର ସଭାପତି ବସନ୍ତ କୁମାର ରାଉଳଙ୍କ ଆହ୍ୱାନ କ୍ରମେ ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟମାନେ ସାମିଲ ହୋଇ ବଜାର ମଧ୍ୟରୁ ଅଳିଆ। ଆବର୍ଜନା ସଫେଇ କାମରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ମାଧମରେ ଦୋକାନବଜାର ସାମ୍ନା, ବସ୍ ରହଣି ସ୍ଥାନ, ଜଟେଶ୍ୱର ମନ୍ଦିର ପରିସର ପରିଷ୍କାର ହେବା ଦ୍ୱାରା ବହୁ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା

## 'ଜମାରାଶି ଫେରସ୍ତ ପାଇଁ ୨୦ ସୁଦ୍ଧା ଆବେଦନ କର'

**ବାରିପଦା ଅଫିସ,୧୦।୧୨**




ବୈଠକରେ ଉପସ୍ଥିତ ସଂଘର କର୍ମକର୍ତ୍ତା।

ସ୍ୱଳ୍ପ ବ୍ୟବଧାନରେ ଅଧିକ ଧନରାଶି ମିଳିବାର ଲୋଭନୀୟ ପ୍ରତିଶ୍ରୁତିରେ ପଡ଼ି ଓଡ଼ିଶାରେ ଲକ୍ଷ ଲକ୍ଷ ଜମାକାରୀ କ୍ଷତି ସହିଛନ୍ତି। ଏହି ଜମାରାଶି ଫେରସ୍ତ ନିମନ୍ତେ ବିଭିନ୍ନ ଆର୍ଥିକ ସଂସ୍ଥାଙ୍କ ମିଳିତ ମଞ୍ଚ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଟଙ୍କା ଫେରସ୍ତ ପାଇବା ନିମନ୍ତେ ଆସନ୍ତା ୨୦ ତାରିଖ ସୁଦ୍ଧା ରେଜିଷ୍ଟ୍ରି ଡାକ ଯୋଗେ ଆବେଦନ କରିବାକୁ ମଞ୍ଚ ପକ୍ଷରୁ କୁହାଯାଇଛି।

ପ୍ରତ୍ୟେକ ଜମାକାରୀ ନିଜା ଠିକଣା ସହ ଥାନା ଓ ତହସିଲ ଉଲ୍ଲେଖପୂର୍ବକ ନିଜ ପରିଚୟ ପ୍ରମାଣପତ୍ର ସହ ଜମାରାଶିର ସମ୍ପୂର୍ଣ୍ଣ ପ୍ରମାଣର ନକଲ ଏବଂ ସମ୍ପୃକ୍ତ କମ୍ପାନୀର ଠିକଣା ଉଲ୍ଲେଖ କରି ନିଜ ଜମାରାଶି ଦାବି ଆବେଦନର ସତ୍ୟପାଠ କରିବେ। ଏ ନେଇ ଆର୍ଥିକ ସଂସ୍ଥାମାନଙ୍କ ମିଳିତ ମଞ୍ଚ ନେତୃତ୍ୱରେ କ୍ଷତିଗ୍ରସ୍ତ ଜମାକାରୀ ଚିହ୍ନଟ, ଠକାମିରେ ଜଡିତ ସଂସ୍ଥାର ମାଲିକଙ୍କୁ ଗିରଫ, ସେମାନଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି ଓ ଖୋଲା ବଜାର ନିଲାମୀ ମାଧମରେ ବିକ୍ରୟ ସହ କ୍ଷତିଗ୍ରସ୍ତ ଜମାକାରୀଙ୍କ ଜମାରାଶିକୁ ଫେରସ୍ତ କରିବା ଦାବି ନେଇ ଆନ୍ଦୋଳନ ଜାରି ରହିଛି। ଏ ନେଇ ଆର୍ଥିକ ସଂସ୍ଥାମାନଙ୍କ ମିଳିତ ମଞ୍ଚ ପକ୍ଷରୁ ମୟୂରଭଞ୍ଜରେ ଆୟୋଜିତ ଜମାକାରୀ ସମାବେଶରେ ଆହ୍ୱାନ ଦିଆଯାଇଛି।

■ ରାଜ୍ୟସ୍ତରୀୟ ଭଲିବଲ ଚାମ୍ପିୟନଶିପ

## ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଚାମ୍ପିୟନ




ଚାମ୍ପିୟନ ଦଳ

**ବାରିପଦା ଅଫିସ,୧୦।୧୨**

ସପ୍ତମ ରାଜ୍ୟସ୍ତରୀୟ ପୁରୁଷ ଦିବାରାତ୍ର ଭଲିବଲ କ୍ଲବ ଚାମ୍ପିୟନଶିପ୍‌ର ଫାଇନାଲ ମ୍ୟାଚ ରବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଓ ଖୋର୍ଦ୍ଧା ରେଳବାଇ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଖୋର୍ଦ୍ଧା ରେଳବାଇ ଦଳକୁ ୩–୦ ସେଟରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପରାସ୍ତ କରି ଚାମ୍ପିୟନ ହୋଇଛି। ଏହି ମ୍ୟାଚରେ ଓଡିଶା ବିଧାନସଭା ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ମୋରଡା ବିଧାୟକ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଓ ମୟୂରଭଞ୍ଜ ଲୋକ ସଭା ସଦସ୍ୟ ଇଂ. ରାମଚନ୍ଦ୍ର ହାଁସଦା ଉପସ୍ଥିତ ରହି ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏଶନର ସାଧାରଣ ସମ୍ପାଦକ କିଶୋର କୁମାର ବିଶ୍ୱାଳ ଏହି ମ୍ୟାଚକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ଏହା ସହିତ ରାଜ୍ୟ ଭଲିବଲ ଆସୋସିଏଶନର ସମସ୍ତ ପଦାଧିକାରୀ, ଜାତୀୟ ଓ ରାଜ୍ୟସ୍ତରୀୟ ସମସ୍ତ ରେଫରି, ମୁସ୍କାନ କ୍ଲବର ସଭାପତି ଅଜୟ ମହାପାତ୍ର, ସୁକାନ୍ତ କୁମାର ଦେ, ଆଶୁତୋଷ ପଣ୍ଡା, ସ୍ୱପନ କୁମାର ପଣ୍ଡା, ଜୟନ୍ତ କୁମାର ପଣ୍ଡା, ବ୍ରଜ କିଶୋର ପଟ୍ଟନାୟକ, ବିକର୍ତ୍ତନ ଲେଙ୍କା, ସୁନ୍ଦର ମୋହନ ଜିଉ ପ୍ରମୁଖ ଉପସ୍ଥିତ ଥିଲେ।

# ଯୋଜନାର କାର୍ଯ୍ୟକାରିତାକୁ ଗୁରୁତ୍ୱ

- ଆଇଫାଡ୍‌ର ଉନ୍ନୟନ କାର୍ଯ୍ୟ ତଦାରଖ
- ଗ୍ରାମବାସୀଙ୍କୁ ଦିଆଗଲା ଉନ୍ନତ ଚାଷ ପ୍ରଶିକ୍ଷଣ
- ହିତାଧିକାରୀଙ୍କ ସହଭାଗିତାକୁ ପ୍ରଶଂସା କଲା କମିଟି

**ଯଶିପୁର, ୧୦।୧୨(ଡି.ଏନ.ଏ.)**



ଆଇଫାଡ ଅଧିକାରୀଙ୍କ ସହ ସ୍ଥାନୀୟ ମହିଳାଙ୍କ ଆଲୋଚନା।

ଇଣ୍ଟରନ୍ୟାଶନାଲ ଫଣ୍ଡିଙ୍ଗ୍ ଫର ଏଗ୍ରିକଲଚର୍ ଡେଭଲପ୍‌ମେଣ୍ଟ (ଆଇଫାଡ୍) ସହାୟତାରେ ତଥା ଯଶିପୁର ଖଡିଆ ମାଙ୍କିଡିଆ ଉନ୍ନୟନ ସଂସ୍ଥା ଓ ଓଡିଶା ଜନଜାତି ସଶକ୍ତିକରଣ ଜୀବିକା ଉନ୍ନୟନ (ଓପିଲିପି)ର ମିଳିତ କାର୍ଯ୍ୟକ୍ରମର ତଦାରଖ କରାଯାଇଛି । ଆଇଫାଡ୍‌ର କଣ୍ଟ୍ରି ନିର୍ଦ୍ଦେଶକ ରସା ଓମାରଙ୍କ ନେତୃତ୍ୱରେ ଏକ ପାଞ୍ଚ ଜଣିଆ ପ୍ରତିନିଧି ମଣ୍ଡଳ କାର୍ଯ୍ୟକ୍ରମ ଚାଲୁଥିବା ଗ୍ରାମ କୁମୁଡାବାଡି, କଙ୍କଡାଣି, ଦୁରଦୁରା ପରିଦର୍ଶନ କରିଛନ୍ତି । ଓପିଲିପି ଏବଂ ଏନଜିଓ ଏଡିଆଇ ମାଧମରେ ଉକ୍ତ ଗ୍ରାମମାନଙ୍କରେ ପନିପରିବା ଚାଷ, ବତକ, କୁକୁଡା ଓ ମକା ଚାଷ କରାଯିବା ସହ ଏହି ଚାଷ ସମ୍ବନ୍ଧୀୟ ସଚେତନ ଓ ପ୍ରଶିକ୍ଷଣ ଦିଆଯାଇଥାଏ । ଏହାର ହିତାଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଗ୍ରାମ ଉନ୍ନୟନ ସଂଘର ସଭ୍ୟାସଭ୍ୟମାନଙ୍କ ସହିତ ପ୍ରତିନିଧି ଦଳ ଆଲୋଚନା କରିଥିଲେ । ଉକ୍ତ ପ୍ରତିନିଧି ଦଳରେ ଆଇଫାଡ୍‌ର ନିର୍ଦ୍ଦେଶକ ରସା ଓମାର ସମେତ ଅଫିସର ଆର୍.ବି. ସିହ୍ନା, ଡ. ଏ.କେ. ସିଂ, ଆଇଏଏସ ମାନସୀ ନିମ୍ବାଲ୍, ରଶ୍ମିରଞ୍ଜନ ବାରିକ, ପ୍ରଶନ୍ନ କୁମାର ଦଳବେହେରା ଓ ଯଶିପୁରର ଖଡିଆ ମାଙ୍କିଡିଆ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ମଧୁସ୍ମିତା ମହାପାତ୍ର ସାମିଲ୍ ଥିଲେ। ଗ୍ରାମ ପରିଦର୍ଶନପରେ ସ୍ୱତନ୍ତ୍ର ଅଧିକାରୀଙ୍କ ଅଧକ୍ଷତାରେ ଏକ ଆଲୋଚନା ବୈଠକ ହୋଇଥିଲା । ଉତ୍ତମ କାର୍ଯ୍ୟକାରିତା ଓ ହିତାଧିକାରୀଙ୍କ ସହଭାଗିତା ସଫଳ ରୂପାନ୍ତର ହୋଇପାରିଛି ବୋଲି ବୈଠକରେ ସନ୍ତୋଷ ଜନକ ମତପ୍ରକାଶ ପାଇଥିଲା । ଏଡିଆଇର ସଭାପତି ବିଭୂତିଭୂଷଣ ତ୍ରିପାଠୀ, କନିଷ୍ଠ ଯନ୍ତ୍ରୀ ତ୍ରିଲୋଚନ ସେନାପତିଙ୍କ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ସଂକ୍ଷେପରେ

## ଜଳିଗଲା ୫ ଏକର ଧାନ ଜମି

**ଖଇରା, ୧୦।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ମାଖନପୁର ପଞ୍ଚାୟତ ଅଧୀନ ଭାସ୍କରପୁର ଗ୍ରାମ ନିକଟରେ ଅନ୍ୟୁନ ୫ ଏକର ଜମିରେ ସୋମବାର ପୂର୍ବାହ୍ନରେ ନିଆଁ ଲାଗିବା ଯୋଗୁ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ଧାନ ନଷ୍ଟ ହୋଇଯାଇଛି । କ୍ଷତିଗ୍ରସ୍ତମାନେ ହେଲେ ମଡାପଦା ଗ୍ରାମର ସୁଲୋଚନା ସେଠୀ, ଭାସ୍କରପୁର ଗ୍ରାମର ଭଗବାନ ବେହେରା, ସୃଷ୍ଟିଧର ଭୂୟାଁ, ମନୋରଞ୍ଜନ ଶତପଥୀ, ରବୀନ୍ଦ୍ର ନାୟକ ଓ ଅଭିମନ୍ୟୁ ସାହୁ । ସେମାନଙ୍କ ଜମିରେ ଜଣେ ବ୍ୟକ୍ତି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜମିରେ ନିଆଁ ଲଗାଇ ଦେଇଥିବା ନେଇ ଚାଷୀମାନେ ଖଇରା ଥାନାରେ ଅଭିଯୋଗ କରିଛନ୍ତି । ସେହିଭଳି ଗ୍ରାମ ରାସ୍ତା ଶୋଚନୀୟ ଯୋଗୁ ଦମକଳ ଗାଡି ଜମି ପର୍ଯ୍ୟନ୍ତ ପହଞ୍ଚି ନ ପାରିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି ।

# ବେଆଇନ ଭିଆର୍‌ଏସ୍ ବିରୋଧରେ ଧାରଣା

**ବାଲେଶ୍ୱର ଅଫିସ, ୧୦।୧୨**



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିର୍ଲା ଟାୟାର୍ସ ଛଟେଇ ଶ୍ରମିକଙ୍କ ଧାରଣା ।

ବାଲେଶ୍ୱର ବିର୍ଲା ଟାୟାର୍ସ କର୍ତ୍ତୃପକ୍ଷ କର୍ମଚାରୀମାନଙ୍କୁ ବେଆଇନ ଭାବରେ ଭି.ଆର୍.ଏସ୍. (ଇଚ୍ଛାକୃତ ଅବସର ସ୍କିମ୍)କୁ ଲାଗୁ କରି ଶ୍ରମିକମାନଙ୍କୁ ଛଟେଇ କରିବା ପ୍ରତିବାଦରେ ସୋମବାର ଶତାଧିକ ଶ୍ରମିକ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେଇଛନ୍ତି । ସ୍ଥାନୀୟ ଶ୍ରମିକ କର୍ମଚାରୀମାନଙ୍କୁ କାରଖାନାରୁ ବାହାର କରିବା ପାଇଁ କେତେକ ଅଧିକାରୀମାନେ ଚକ୍ରାନ୍ତ କରିଥିବା କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ପ୍ରେମ ରଞ୍ଜନ ପାତ୍ର ପ୍ରକାଶ କରିଛନ୍ତି । କାରଖାନାର କର୍ତ୍ତୃପକ୍ଷ ଇଚ୍ଛାକୃତ ଅବସର ସ୍କିମ୍‌କୁ କାର୍ଯ୍ୟକାରୀ କରିବା ପୂର୍ବରୁ କାରଖାନାରେ ଥିବା ଶ୍ରମିକ ସଂଗଠନ ଗୁଡ଼ିକରୁ ଅନୁମୋଦନ ନେବା ସହ ଶ୍ରମ ଅଧିକାରୀଙ୍କୁ ଅବଗତ କରାଇବା ନିୟମ ରହିଛି । ବିର୍ଲା କର୍ତ୍ତୃପକ୍ଷ ମନଇଚ୍ଛା କର୍ମଚାରୀମାନଙ୍କୁ ଛଟେଇ କରିଥିବା ଅଭିଯୋଗ ହୋଇଛି । ୫ଶହରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ଜବରଦସ୍ତି ତଥାକଥିତ ଭିଆର୍‌ଏସ୍‌ରେ ବାହାର କରିଦେଇଛନ୍ତି । ଏ ସମ୍ପର୍କରେ ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କୁ ଲିଖିତ ଅବଗତ କରାଇବା ପରେ ଏ ସମ୍ପର୍କରେ ପୁନଃ ବିବେଚନା ମୂଳକ ବିଶ୍ଳେଷଣ କରି ଜିଲା ଶ୍ରମ ଅଧିକାରୀ କୁବେର ବେହେରାଙ୍କ ଉପସ୍ଥିତିରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ପ୍ରଶାନ୍ତ କୁମାର ରାୟ, ଏମ୍. ଏ. ଖାନ, ଦେବେନ୍ଦ୍ର ପଣ୍ଡା, ସୁଦର୍ଶନ ସାହୁ, କରୁଣାକର ବେହେରା, ସୁଦର୍ଶନ ବିଶ୍ୱାଳ, ବ୍ରଜ କିଶୋର ବସନ୍ତିଆ, ପ୍ରଦୀପ କୁମାର ଚାନ୍ଦ ପ୍ରମୁଖ ଆନ୍ଦୋଳନରେ ବସିଛନ୍ତି ।

ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ କୁବେର ବେହେରା କହନ୍ତି, ବିର୍ଲା ଟାୟାର୍ସ କମ୍ପାନୀ ଭି.ଆର୍.ଏସ୍. ସ୍କିମ୍ ବାହାର କରିବା ପରେ କର୍ମଚାରୀମାନେ ବିଭିନ୍ନ କାରଣ ସହ ଇଚ୍ଛାକୃତ ଆବେଦନ କରିଥିଲେ । କମ୍ପାନୀ ସେମାନଙ୍କର ପ୍ରାପ୍ୟ ନିୟମ ଅନୁସାରେ ପଇଠ କରିଛି । କିନ୍ତୁ ଅଧିକ ସହାୟତା ପାଇଁ ଦାବି କରିଆସୁଛନ୍ତି । ଯାହା ନିୟମ ଦୃଷ୍ଟିକୋଣରୁ ସମ୍ଭବ ନୁହେଁ । କିନ୍ତୁ କମ୍ପାନୀର ପରିଚାଳନା କମିଟି ଚାହିଁଲେ ଏହାର ପୁନଃ ବିଚାର କରିପାରିବ ବୋଲି ପ୍ରକାଶ କରିଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲୁଚି ଲୁଚି ପର ଅଇଁଠା ଖାଏ;
ଘର ଆଦରକୁ ଅସୁଖୁ ପାଏ ।**

ଆମ ସମାଜରେ ଏଭଳି କେତେଜଣ ବ୍ୟକ୍ତି ଅଛନ୍ତି ଯେଉଁମାନେ ମାନ ସମ୍ମାନକୁ ଖାତିର ନ କରି ପର ଆଗରେ ହାତ ପତେଇଥାନ୍ତି । ଅଥଚ ଆଉ କେହି ଭଲ ଭାବେ ଅଭ୍ୟର୍ଥନା କଲେ ମଧ୍ୟ ସେ ତାହାକୁ ଗ୍ରହଣ ନ କରି ନାମ ସମାଲୋଚନା କରିଥାନ୍ତି । ପ୍ରକୃତି ଛଡ଼ା ବ୍ୟକ୍ତିଙ୍କଠାରେ ଏପରି ରଙ୍ଗଢଙ୍ଗ ବା ହାବଭାବ ପରିଲକ୍ଷିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଲୁଣ ଲଗାଇ ଭାତ ଖାଏ,
ସାତ ତିଅଣ କହୁଥାଏ ।**

ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବା ସ୍ଥଳେ କେତେଜଣ ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖେଇ ହୋଇଥାନ୍ତି । ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାର ପଣିଆକୁ ନେଇ ଅନ୍ୟ ଆଗରେ ତୁଚ୍ଛା ବାହାଦୁରି ମାରିଥାନ୍ତି । ଛ'କୁ ନଅ କରି କହିବା ସେମାନଙ୍କ ପ୍ରକୃତି ହୋଇଥାଏ । ତେବେ ଦୀନହୀନ ଦରିଦ୍ର ବ୍ୟକ୍ତିଙ୍କ ଏପରି ଫମ୍ପା ଆଭିଜାତ୍ୟ କୌଣସି ପରିସ୍ଥିତିରେ ଗ୍ରହଣୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# 'ଶାନଦାର' ବିଭାଗରେ ବାଲେଶ୍ୱର ଏମପି ଶ୍ରେଷ୍ଠ

**ବାଲେଶ୍ୱର ଅଫିସ,୧୦।୧୨**



ଏମ୍‌ପି ରବୀନ୍ଦ୍ର କୁମାର ଜେନା ।

### ଫେମ ଇଣ୍ଡିଆ-ଏସିଆ ପୋଷ୍ଟ ସର୍ଭେ

ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର କୁମାର ଜେନାଙ୍କୁ ମିଳିଛି ଆଉ ଏକ ରାଷ୍ଟ୍ରୀୟସ୍ତରର ସମ୍ମାନ । ଫେମ ଇଣ୍ଡିଆ ମାଗାଜିନ ଓ ଏସିଆ ପୋଷ୍ଟ ପକ୍ଷରୁ ହୋଇଥିବା ମିଳିତ ସର୍ଭେ ୨୦୧୮ରେ ତାଙ୍କୁ 'ଶାନଦାର' ବିଭାଗରେ ଦେଶର ଶ୍ରେଷ୍ଠ ଏମ୍‌ପି ଭାବେ ଚୟନ କରାଯାଇଛି । ଫେମ ଇଣ୍ଡିଆ ପକ୍ଷରୁ ସର୍ଭେ ୨୦୧୭ରେ ତାଙ୍କୁ ଶ୍ରେଷ୍ଠ ଏମ୍‌ପି ଭାବେ ମନୋନୀତ କରାଯାଇଥିଲା । ଲଗାତର ଦୁଇଥର ଫେମ ଇଣ୍ଡିଆ ପକ୍ଷରୁ ଚୟନ କରାଯିବା ପରେ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି । ଲୋକସଭା ନିର୍ବାଚନରେ ମୋଟ ୫୪୩ ଏମ୍‌ପି ଜିତିଥିବା ବେଳେ ଫେମ ଇଣ୍ଡିଆ ପକ୍ଷରୁ ସର୍ଭେ କରାଯାଇ ବିଭିନ୍ନ ବିଭାଗରେ ମୋଟ ୨୫ ଜଣଙ୍କୁ ଶ୍ରେଷ୍ଠ ଭାବେ ମନୋନୀତ କରାଯାଇଛି । ଫେମ ଇଣ୍ଡିଆର ସମ୍ପାଦକ ରାଜଶ୍ରୀ ଓ ଏସିଆ ପୋଷ୍ଟର ପ୍ରମୁଖ ରାଜୀବ ମିଶ୍ରା ମିଳିତ ବିବୃତିରେ କହିଛନ୍ତି ଯେ, ଏହି ସର୍ଭେରେ ଚୟନ ପାଇଁ ୨୫ଟି ବିଭାଗ କରାଯାଇଛି । ଯେଉଁଥିରେ ଜଣେ ଏମପି ଲୋକମାନଙ୍କ ପ୍ରତି କାର୍ଯ୍ୟ କରିବାରେ କେତେ ନିଷ୍ଠା ରଖିଛନ୍ତି, ତାହା ନିରୀକ୍ଷଣ କରାଯାଇଛି ପରେ ଏସିଆ ପୋଷ୍ଟ ପକ୍ଷରୁ ୧୦ଟି ପ୍ରମୁଖ ନିର୍ଯାସରେ ଚୟନ କରାଯାଇଛି ।

## ଜିଲାସ୍ତରକୁ ଗଲେ ୧୫ ଖେଳାଳି

**ଭୋଗରାଇ, ୧୦।୧୨ (ଡି.ଏନ.ଏ.):** ଭୋଗରାଇ ବ୍ଲକ ଯୁବ ବାହିନୀ ପକ୍ଷରୁ ଜଳେଶ୍ୱରପୁର ସରକାରୀ ହାଇସ୍କୁଲ ପଡ଼ିଆରେ ଚାଲିଥିବା ବ୍ଲକସ୍ତରୀୟ ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି । ପଞ୍ଚାୟତ ସମିତି ଅଧ୍ୟକ୍ଷା ମଞ୍ଜୁରାଣୀ ବେହେରାଙ୍କ ଦ୍ୱାରା ଉଦ୍‌ଘାଟିତ ପ୍ରତିଯୋଗିତାରେ ୩୪ ଟିମ୍ ଭାଗ ନେଇଥିଲେ । ଖେଳଶିକ୍ଷକଙ୍କ ଦ୍ୱାରା ଜିଲାସ୍ତରକୁ ୧୫ ଶ୍ରେଷ୍ଠ ଖେଳାଳି ମନୋନୀତ ହୋଇଥିଲେ । ବ୍ଲକ ଉପାଧ୍ୟକ୍ଷା ଦୀପକ କୁମାର ଦାସ, କ୍ରୀଡ଼ାବିତ୍ ତପନ କୁମାର ପଣ୍ଡା, ପୂର୍ବତନ ରାଷ୍ଟ୍ରୀୟ ଗୌରବ ସରପଞ୍ଚ ରମାକାନ୍ତ କରଣ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ।

# ମିଳନପର୍ବ ସ୍ମୃତି ସାଉଁଟେ, ସମ୍ପର୍କ ବାନ୍ଧେ

**ରୂପ୍‌ସା, ୧୦।୧୨(ଡି.ଏନ.ଏ.)**



ଅତିଥିଙ୍କ ଗହଣରେ ପୁରାତନ ଛାତ୍ରୀଛାତ୍ର ।

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ଅଗ୍ରୱାଲା ବିଦ୍ୟାପୀଠର ୨୦୦୧ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି । ଛାତ୍ର ସଙ୍ଗଠନ ତରଫରୁ ଭବାନୀଶଙ୍କର ନାୟକ ଏହି ଉତ୍ସବରେ ପୌରୋହିତ୍ୟ କରି ବିଦ୍ୟାଳୟ ଜୀବନର ଇତିହାସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟଅତିଥି ଭାବେ ପ୍ରାକ୍ତନ ସଂସ୍କୃତ ଶିକ୍ଷକ ଡ. କୁମାର ଚନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମିଶ୍ର ଓ ସମ୍ମାନନୀୟ ଅତିଥି ଭାବେ ପ୍ରାକ୍ତନଶିକ୍ଷକ ରତ୍ନାକର ପଣ୍ଡା ଓ ଗୋପାଳ ପାତ୍ର ଯୋଗଦେଇ ମିଳନ ପର୍ବ ଅତୀତ ଜୀବନର ସ୍ମୃତି ସାଉଁଟେ ଓ ସମ୍ପର୍କ ମଜଭୁତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ଏହି ବ୍ୟାଚ୍‌ର ସମସ୍ତ ଛାତ୍ରୀଛାତ୍ର ଏକଜୁଟ୍ ହୋଇ ମିଳନ ପର୍ବର ମୁଖ୍ୟ ଉଦ୍ଦେଶ୍ୟ ବନ୍ଧୁତା ସ୍ଥାପନ ଦିଗରେ ଗୁରୁତ୍ୱାରୋପ କରିଥିଲେ । ଆଶିଷ ଚୌଧୁରୀ, ଦିବ୍ୟ ରଞ୍ଜନ ଷଡ଼ଙ୍ଗୀ, ସଞ୍ଜୀବ ଦାସ ଓ ବିଜୟ ଦାସ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନେ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।


ଅର୍ଶ (ମଳକଣ୍ଟକ) - Piles ଓ ଭଗନ୍ଦର - Fistula ର ସଫଳ ଚିକିତ୍ସା

ପରାମର୍ଶ ସମୟ
ସକାଳ ୯ଟାରୁ ରାତ୍ର ୮ଟା
ସବୁଦିନ ଖୋଲା

Call Us
94371 38000
94371 36000
0674-2354577
0674-2354320

ବାରମ୍ବାର ଅପରେସନ୍‌ରେ ଅସଫଳ ହେଉଥିବା ରୋଗୀମାନଙ୍କର ମଧ୍ୟ ସଫଳତାର ସହିତ ଚିକିତ୍ସା କରାଯାଉଛି
ସବୁଠୁ ନିରାପଦ, ସବୁଠୁ କମ୍ କଷ୍ଟ, ସବୁଠୁ କମ୍ ଖର୍ଚ୍ଚ

PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com
ଗୋପନରେ ଯେକୌଣସି ପ୍ରକାରର ନିଶା ଛଡାନ୍ତୁ


## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିର

**ବାହାନଗା, ୧୦।୧୨ (ଡି.ଏନ.ଏ.):** ବାହାନଗା ବ୍ଲକ ପରିସରରେ ଏମଜିଏନଆରଇଜିଏସ୍ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏପ୍ରିଲ ୧ତାରିଖଠାରୁ ସେପ୍ଟେମ୍ବର ୯ ୨୦୧୮ ପର୍ଯ୍ୟନ୍ତ ମୋଟ ୬ ମାସ ମଧ୍ୟରେ ୧କୋଟି ୪୭ ଲକ୍ଷ ୭୩ ହଜାର ଟଙ୍କାରେ କାମ ହୋଇଥିବା ଶିବିରରେ ଜଣାପଡିଛି । ବ୍ଲକ ଅଧ୍ୟକ୍ଷା ସରସ୍ୱତୀ ମହାଳିକ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଆଡିଶନାଲ ପିଡି ଫାଇନାନ୍ସ ଅଜୟ କୁମାର ସେଠୀ, ବିଡିଓ ନିରଞ୍ଜନ ସାହୁ, ଏବିଡିଓ ମାନସ କୁମାର ଚୌଧୁରୀ, ବ୍ଲକ ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସଦାଶିବ ବେହେରା, ଏପିଇଓ ସୁଭଦ୍ରା ରାଉତ, ଆର୍ଡିସାନ ପ୍ରୋଗ୍ରାମ ଅଫିସର କୃଷ୍ଣକାନ୍ତ ପ୍ରଧାନ, ୧୯ ନମ୍ବର ଜିଲା ପରିଷଦ ଜୋନର ସଭ୍ୟ ଶରତ ଚନ୍ଦ୍ର ରାଜ, ଜିପିଓ ରାମଚନ୍ଦ୍ର ମାରାଣ୍ଡି ପ୍ରମୁଖ ଉପସ୍ଥିତ ରହି ଏମଜିଏନଆରଇଜିଏସର ସଫଳ ରୂପାୟନ କିପରି ହେବ ସେ ବିଷୟରେ ଆଲୋକପାତ କରିଥିଲେ । ଏଥିରେ ୨୪ ଟି ପଞ୍ଚାୟତର ସମସ୍ତ ସମିତିସଭ୍ୟାସଭ୍ୟ ଓ ସରପଞ୍ଚମାନେ ଉପସ୍ଥିତ ଥିଲେ ।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790


## ବିଦ୍ୟାଳୟର ନୂତନ ଗୃହ ଉଦ୍‌ଘାଟିତ

**ବାଲେଶ୍ୱର ଅଫିସ,୧୦।୧୨:** ବାଲେଶ୍ୱର ଖ୍ରୀଷ୍ଟିଆନ ଉଚ୍ଚ ବିଦ୍ୟାଳୟର ବିଧାୟକଙ୍କ ନିଜସ୍ୱ ଉନ୍ନୟନ ପାଣ୍ଠିରୁ ୨୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନୂତନ ଗୃହକୁ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଯୋଗଦେଇ ସଦର ବିଧାୟକ ଜୀବନ ପ୍ରଦୀପ ଦାଶ କହିଥିଲେ ଯେ, ସେ ଏହି ବିଦ୍ୟାଳୟରେ ଅଧ୍ୟୟନ କରିଥିବାରୁ ନିଜ ବିଦ୍ୟାଳୟର ଉନ୍ନତି ପାଇଁ ସର୍ବଦା ଧ୍ୟାନ ଦେବେ । ଅନ୍ୟମାନଙ୍କ ମଧ୍ୟରେ ସଦର ବ୍ଲକ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଯୋଗଦେଇଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି ।
B-19, Tower No-9, New Moti Bagh, New Delhi-110021
8658167603
7064382081

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି ।
ସୁଧ ୨%
M: 7750923286
7750921101

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

SMS JOB
ଭାରତର Reputed Company ରେ SMS JOB କରି Part/Full Time ଘରେ ବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+ Sim + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9631847145
9006905977

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ ।
A to Z ସମସ୍ୟାର ସମାଧାନ ଘରେ ବସି ।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର ।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ । ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ । **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ । **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍ । **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ । **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩ । **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ । **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ । **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ । **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ । **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍ । **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ । **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ । **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍ । **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ । **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍ । **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ । **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ । **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ । **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍ । **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ ।

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ । 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ୍, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି ।
(ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି ।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ ।
7991052261
7991052595
405 D, Gandhi Marg, Mumbai-02

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

## ସଂକ୍ଷେପରେ

### ସୁନା ଅଳଙ୍କାର, ଟଙ୍କା ଚୋରି

**ପଦ୍ମପୁର, ୧୦।୧୨ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ମିଶ୍ରପୁର ଗ୍ରାମର ଶ୍ୟାମସୁନ୍ଦର ଦତ୍ତଙ୍କ ଘରୁ ରବିବାର ବିଳମ୍ବିତ ରାତିରେ ସୁନା ଅଳଙ୍କାର ସହ ନଗଦ ଟଙ୍କା ଚୋରି ହୋଇଛି। ଏନେଇ ନାୟକାଣିଡିହୀ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଶ୍ୟାମସୁନ୍ଦରଙ୍କ ଘରେ ରାତିରେ ସମସ୍ତେ ଶୋଇଥିବା ବେଳେ ଚୋର ପଶି ସୁନା ଅଳଙ୍କାର ଓ ଟଙ୍କା ଥିବା ବାକ୍ସ ଚୋରି କରି ନେଇଯାଇଛନ୍ତି। ଚୋରମାନେ ଛାତ ଦେଇ ଘରେ ପଶିଥିବା ଅନୁମାନ କରାଯାଉଛି। ସେମାନେ ବାକ୍ସ ଭାଙ୍ଗି ସୁନାଗହଣା ଓ ଟଙ୍କା ନେଇ ଯାଇଥିବା ବେଳେ ବାକ୍ସକୁ ବାହାବଳପୁର ନିକଟବର୍ତ୍ତୀ ବିଲ ମଝିରେ ଫିଙ୍ଗି ଦେଇ ପଳାଇଥିଲେ। ଏ ସମ୍ପର୍କରେ ଶ୍ୟାମସୁନ୍ଦରଙ୍କ ପୁଅ ଅରୁଣ ନାୟକାଣିଡିହୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

**ବାସୁଦେବପୁର, ୧୦।୧୨(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ଅଟଳବିହାରୀ କଲେଜ ପଡିଆରେ ବିଜୁ ଯୁବ ବାହିନୀ ଓ ବ୍ଲକ ପ୍ରଶାସନର ମିଳିତ ସହଯୋଗରେ ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଛି। ଏହି ଉଦ୍‌ଘାଟତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଡିଓ ବୀରକିଶୋର ପାଣିଗ୍ରାହୀ ଯୋଗ ଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଯୁବ ପ୍ରତିଭାର ବିକାଶ ଏହି ଟୁର୍ନାମେଣ୍ଟର ମୌଳିକ ଲକ୍ଷ୍ୟ ବୋଲି ସେ ମତ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଏବି କଲେଜ ଅଧକ୍ଷ ଡ. ମନୋରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ୧୮ଟି ପଞ୍ଚାୟତର ୧୮ଟି ଦଳ ମଧ୍ୟରେ କ୍ରିକେଟ ପ୍ରତିଯୋଗିତା ପ୍ରଥମ ଦିବସରେ ଅନୁଷ୍ଠିତ ହୋଇଛି। ଦିବସବ୍ୟାପୀ ଏହି ଟୁର୍ନାମେଣ୍ଟରେ ବିଜୁ ଯୁବ ବାହିନୀର ଜିଲା ସଂଯୋଜକ ପ୍ରଦୀପ ପ୍ରଧାନ ଓ ବ୍ଲକ ସଂଯୋଜକ ଅଙ୍କିତା ଜେନା, ସାମାଜିକ କର୍ମୀ ଅସିତ ଦାଶ, ଦେବଦର୍ଶନ ଦାଶ, ମାନସ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଟିଲୋରେ ଖୋଲିଲା ଧାନମଣ୍ଡି

**ବନ୍ତ, ୧୦।୧୨ (ଡି.ଏନ.ଏ.):** ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ବନ୍ତ ଶାଖା ଅଧୀନ ଟିଲୋ ସେବା ସମବାୟ ସମିତିରେ ସୋମବାର ଜିଲାପାଳ ଜ୍ଞାନରଞ୍ଜନ ଦାଶଙ୍କ ଦ୍ୱାରା ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଉପଜିଲାପାଳ ସୁଚାରୁ ବଳ, ଏଆର୍‌ସିଏସ୍ ସ୍ୱାତୀବାଳା ମହାପାତ୍ର, ଜିଲା ଯୋଗାଣ ଅଧିକାରୀ ଅଶୋକ କୁମାର ମାଝୀ, ସହକାରୀ ଯୋଗାଣ ଅଧିକାରୀ କେଦାରନାଥ ନାୟକ, ଆର୍‌ଏମ୍‌ସି ସମ୍ପାଦକ ବିକାଶ ନାୟକ, ଏମ୍‌ଆଇସି ଶିବପ୍ରସାଦ ଲେଙ୍କା, ବିବିସିସି ବନ୍ତ ଶାଖା ପରିଚାଳକ ସଞ୍ଜୟ ମହାନ୍ତି, ବ୍ଲକ ଯୋଗାଣ ଅଧିକାରୀ ସୁଶାନ୍ତ କୁମାର ସାହୁ, ଟିଲୋ ସରପଞ୍ଚ ନିହାରିକା ରାଉତ, ସମବାୟ ସମିତି ସଭାପତି ବିଜୟ କୁମାର ନାୟକ, ଗଣିଜାଙ୍ଗ ସେବା ସମବାୟ ସମିତି ସଭାପତି ଜଗନ୍ନାଥ ପାଣିଗ୍ରାହୀ, ଟିଲୋ ସମିତି ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାଥମିକ ପର୍ଯ୍ୟାୟରେ ତରଣୀ ବିଶ୍ୱାଳ, ବିଜୟ ନାୟକ, କ୍ଷୀରୋଦ ରାଉତ, ଅଭିମନ୍ୟୁ ଧଳ ପ୍ରମୁଖ ଚାଷୀଙ୍କଠାରୁ ଧାନକ୍ରୟ କରାଯାଇଥିଲା। ସହସମ୍ପାଦକ ଦୀନବନ୍ଧୁ ସାମଲ, କର୍ମଚାରୀ ପର୍ଶୁରାମ ପାତ୍ର, ବୋର୍ଡ ସଭ୍ୟ ଅର୍ଜୁନ ଚରଣ ପଣ୍ଡା, ଅଭିମନ୍ୟୁ ଧଳ, ଚାଷୀ କମିଟି ସଭ୍ୟ ନରେନ୍ଦ୍ର କୁମାର ନାଥ, ଯୁଧିଷ୍ଠିର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### କମ୍ବଳ, ପୋଷାକ ବଣ୍ଟନ

**ଭଦ୍ରକ ଅଫିସ, ୧୦।୧୨:** ଭଦ୍ରକ ସୋସିଆଲ ସର୍ଭିସ (ବିଏସ୍‌ଏସ୍) ସଙ୍ଗଠନ ପକ୍ଷରୁ ଚାରିଘରିଆ ନିକଟସ୍ଥ କୁଷ୍ଠ କଲୋନୀରେ ସାମାଜିକ ସେବା, ସ୍ୱାସ୍ଥ୍ୟ, ପରିମଳ ଓ ଶିକ୍ଷା ନେଇ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗରିବଙ୍କୁ କମ୍ବଳ, ଛୋଟ ପିଲାଙ୍କୁ ଡ୍ରେସ୍ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ବିଏସ୍‌ଏସ୍‌ର ଚେୟାରମ୍ୟାନ ସଞ୍ଜିତ କୁମାର ନାୟକ ଓ ପ୍ରକାଶ ସ୍ୱାଇଁ, ନିର୍ମଳ ବେହୁରିଆ, ଯୋଗୀ ସଞ୍ଜୀବ, ଅଜୟ ଦାସ, ଜ୍ୟୋତିରଞ୍ଜନ ନାୟକ, ଲକି ନାୟକ ଓ ଅଭିଷେକ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ଏହି ସଙ୍ଗଠନ ପକ୍ଷରୁ ପ୍ରତ୍ୟେକ ରବିବାର ପ୍ରାୟ ୩ ସପ୍ତାହ ମଧ୍ୟରେ ୫୦ରୁ ଅଧିକ କମ୍ବଳ ଭଦ୍ରକର ରେଲୱେ ଷ୍ଟେଶନ, ବସ୍‌ଷ୍ଟାଣ୍ଡ ଆଦି ସ୍ଥାନରେ ବାସ କରୁଥିବା ଅସହାୟ ଲୋକଙ୍କୁ ବଣ୍ଟନ କରାଯାଇଛି।

# ଅବାଧରେ ଚାଲିଛି ନିଶା କାରବାର

- ଉପଯୁକ୍ତ ସମୟରେ ଦାଖଲ ହେଉନି ଚାର୍ଜଶିଟ୍
- ଖସି ଯାଉଛନ୍ତି ଚୋରା ବେପାରୀ

**ଭଦ୍ରକ ଅଫିସ, ୧୦।୧୨**

ଭଦ୍ରକ ଜିଲା ଚୋରା ନିଶା ବେପାରୀଙ୍କ ଭୂସ୍ୱର୍ଗ ପାଲଟିଛି। ପଡ଼ୋଶୀ ବାଲେଶ୍ୱର ଓ କେନ୍ଦୁଝର ଜିଲାରୁ ଦୈନିକ ୧୦ ହଜାରରୁ ଉର୍ଦ୍ଧ୍ୱ ଲିଟର ଦେଶୀମଦ ଏହି ଜିଲାକୁ ଜାତୀୟ ରାଜପଥ ଦେଇ ଅଣାଯାଉଛି। ସେହିଭଳି ଏକ ସକ୍ରିୟ ର୍‍ୟାକେଟ ଜରିଆରେ ଟ୍ରେନ ଯୋଗେ ପୁରୁଣା ବାଲେଶ୍ୱରରୁ ବ୍ରାଉନସୁଗାର ଚାଲାଣ ହେଉଛି। ନିଶା ବେପାରୀମାନେ ଜିଲାର ଅବକାରୀ ଓ ପୋଲିସ ବିଭାଗର କେତେକ କର୍ମଚାରୀ, ଅଧିକାରୀଙ୍କୁ ହାତ କରି ଅବାଧରେ ବ୍ୟବସାୟ ଚଳାଇ ଆସୁଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଅବକାରୀ କିମ୍ବା ପୋଲିସ ନାମକୁ ମାତ୍ର ଚଢ଼ାଉ କରୁଥିଲେ ମଧ୍ୟ ବଡ଼ ନିଶା ବେପାରୀ ଚତୁରତାର ସହ ଖସି ଯାଉଛନ୍ତି। କେବଳ ଛୋଟକାଟିଆ ନିଶା ବ୍ୟବସାୟୀଙ୍କୁ ଧରି ନେଉଛନ୍ତି ଅବକାରୀ ଓ ପୋଲିସ ବିଭାଗ। ବେଆଇନ ନିଶା ନିରୋଧ ଆଇନ (ଏନ୍‌ଡିପିଏସ୍ ଆକ୍ଟ) ଅନୁଯାୟୀ କେହି ଗିରଫ ହେଉଥିଲେ, ଉପଯୁକ୍ତ ସମୟରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରା ନ ଯିବା ଭଳି ଘଟଣାରେ ସେମାନେ ଜାମିନ ପାଇ ଖସି ଯାଉଛନ୍ତି। ଗତ ୩ ମାସ ମଧ୍ୟରେ ଏଭଳି ୩ଟି ଘଟଣା ଘଟିଥିବା ପଦାକୁ ଆସିଛି।

ଉଲ୍ଲେଖନୀୟ ଯେ, ଗତ ଅକ୍ଟୋବର ୪ ତାରିଖରେ ବିଦାଙ୍ଗ ଅଞ୍ଚଳର ବନଜା ଷଡ଼ଙ୍ଗୀ ନାମ୍ନୀ ଜଣେ ମହିଳାଙ୍କଠାରୁ କଟକ କେନ୍ଦ୍ରାଞ୍ଚଳ ଅବକାରୀ ବିଭାଗ ଦ୍ୱାରା ଗଠିତ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ୧୩ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ଏନେଇ ଏକ ସ୍ୱତନ୍ତ୍ର ମାମଲା ସଂଖ୍ୟା ଏସ୍‌ପିଏଲ୍ (ନଂ.୧୩୬/୧୮) ରୁଜୁ ହୋଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ହେଲେ ଡିସେମ୍ବର ୪ ତାରିଖ ସୁଦ୍ଧା ଉକ୍ତ ସ୍କ୍ୱାର୍ଡର ମୁଖ୍ୟ ତଥା କେଶ୍‌ର ତଦନ୍ତକାରୀ ଅଧିକାରୀ ଚାର୍ଜଶିଟ୍ ଦାଖଲ ନ କରିବାରୁ ଗତ ୫ ତାରିଖରେ ଜିଲାଜଜ୍ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଅନ୍ୟପକ୍ଷେ ପୋଲିସ ମାନୁଆଲ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଚାର୍ଜଶିଟ୍ ଦାଖଲ କରୁ ନ ଥିବା ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଆଇନଜୀବୀ ଦିବ୍ୟସିଂହ ନାୟକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସେହିପରି ଆଇନଜୀବୀ ଗଦାଧର ବଳ କହନ୍ତି, ନିର୍ଦ୍ଧାରିତ ସମୟ ମଧ୍ୟରେ ତଦନ୍ତକାରୀ ଅଧିକାରୀ ଚାର୍ଜଶିଟ୍ ଦାଖଲ କରିବାରେ ଅସଫଳ ହେଲେ କୋର୍ଟ ଫୌଜଦାରୀ କାର୍ଯ୍ୟବିଧି ଆଇନର ଧାରା ୧୬୭(୨) ଅନୁଯାୟୀ ଗିରଫ ଅଭିଯୁକ୍ତଙ୍କୁ ଜାମିନରେ ଛାଡ଼ିଦେବାର ନିୟମ ରହିଛି। ତଦନ୍ତକାରୀ ଅଧିକାରୀ କୋର୍ଟରେ ସମୟସୀମା ମଧ୍ୟରେ ଚାର୍ଜଶିଟ୍ ଦେବାରେ ଅସଫଳ ହେଲେ ସେମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ପୂର୍ବରୁ ରାଜ୍ୟ ପୋଲିସ ବିଭାଗରେ ନିର୍ଦ୍ଦିଷ୍ଟ ଭାବେ ନିର୍ଦ୍ଦେଶ ଅଛି। କିନ୍ତୁ ଏହିଭଳି ଆଇନ କେବଳ ଫାଇଲରେ ସୀମିତ ହୋଇ ରହୁଛି। ଫଳରେ ନିଶା ବେପାରୀମାନେ ଚୋରା କାରବାର କରିବାକୁ ଅଧିକ ସୁଯୋଗ ପାଉଛନ୍ତି।

ଗଞ୍ଜେଇ ବେପାରୀ ସେକ୍ ଜାବିର ଓ କାମିନୀ ଘଡ଼େଇ ବେଆଇନ ବ୍ରାଉନସୁଗାର ବିକ୍ରି ମାମଲାରେ ଗିରଫ ହୋଇ ଚାର୍ଜଶିଟ୍ ଦାଖଲ ନ ହେବାରୁ କୋର୍ଟ ବାଧହୋଇ ଜାମିନ ପ୍ରଦାନ କରିଥିବା ଜଣାପଡ଼ିଛି।

■ ୪୨ ଅଭିଯୋଗର ଶୁଣାଣି

# ଉନ୍ନୟନ କାର୍ଯ୍ୟ ବିଳମ୍ବ ନେଇ ଜିଲାପାଳଙ୍କ ତାଗିଦ୍

**ବନ୍ତ, ୧୦।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାଶ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୪୨ଟି ଅଭିଯୋଗ ଆସିଥିଲା। ଏହି ଅବସରରେ ଜଳ ଓ ପରିମଳ ବିଭାଗର ଉନ୍ନୟନ କାର୍ଯ୍ୟ ବିଳମ୍ବ ହେଉଥିବା ନେଇ ଜିଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିକାଶ ଦାସ, ପିଡି ମଧୁସୂଦନ ମିଶ୍ର, ଉପଜିଲାପାଳ ସୁଚାରୁ ବଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ମହମ୍ମଦ ଅବଦୁଲ ରସିଦ, ବିଡିଓ ରେବେକା ବିଲୁଙ୍ଗ, ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ଜେନା, ତହସିଲଦାର ଫକୀର ଚରଣ ପରିଡ଼ା, ଜିଲା ମଙ୍ଗଳ ଅଧିକାରୀ ବସନ୍ତ ରଥ, ଜିଲା ସାମାଜିକ ମଙ୍ଗଳ ଅଧିକାରୀ ଆଶାଲତା ମହାନ୍ତି, ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ରାମ ସିଂ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ହରେନ୍ଦ୍ର କୁମାର ଦେହୁରୀ, ଜିଲା ଅବକାରୀ ଅଧୀକ୍ଷକ ପୁରୁଷୋତ୍ତମ ଧାରୁଆ, ଜିଲା ଯୋଗାଣ ଅଧିକାରୀ ଅଶୋକ କୁମାର ମାଝୀ, ଜିଲା କୃଷି ନିର୍ଦ୍ଦେଶକ କିରଣ କୁମାର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ରେଣୁବାଳା ଦାସ, କୃଷି ଉପନିର୍ଦ୍ଦେଶକ ରାଜକିଶୋର ନାୟକ, ବ୍ଲକ ଯୋଗାଣ ଅଧିକାରୀ ସୁଶାନ୍ତ କୁମାର ସାହୁ, ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଶୁଭେନ୍ଦୁ କୁମାର ମିଶ୍ର, ଭବାନୀ ଶଙ୍କର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଅନଶନ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଅନଶନରେ ବସିଛନ୍ତି।

**ଭଦ୍ରକ ଅଫିସ, ୧୦।୧୨**

ନବନିର୍ମାଣ କୃଷକ ସଙ୍ଗଠନ ଡାକରାରେ ସୋମବାର ଭଦ୍ରକ ଜିଲାର ଚାଷୀ ଓ କୃଷି ଶ୍ରମିକମାନେ ସଙ୍ଗଠନର ମୁଖ୍ୟ ଓ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ଆହ୍ୱାନରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନଶନରେ ବସିଥିଲେ। ଚାଷୀଙ୍କ ଦାବି ପୂରଣ ପାଇଁ ରାଷ୍ଟ୍ରୀୟ ସଂଯୋଜକ ଗତ ୮ ଦିନ ଧରି ଭୁବନେଶ୍ୱରର ରଘୁନାଥପୁରରେ ସଙ୍ଗଠନର ମୁଖ୍ୟ କାର୍ଯ୍ୟାଳୟରେ ଅନଶନ ଜାରି ରଖିଛନ୍ତି। ଗତ ଅକ୍ଟୋବର ୨୯ ରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ କୃଷକଙ୍କ ପଦଯାତ୍ରା ଏବଂ ରାଜଧାନୀରେ ସମାବେଶକୁ ସରକାରଙ୍କ ପକ୍ଷରୁ ଭଣ୍ଡୁର କରାଯାଇଥିଲା। ଏପଟେ ଜିଲାପାଳଙ୍କୁ ୭ ଦଫା ଦାବି ପୂରଣ ଲାଗି ଲିଖିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ତାହା ଏଯାଏ କାର୍ଯ୍ୟକାରୀ ହୋଇ ନାହିଁ। ଧାନର ଅଭାବୀ ବିକ୍ରି ଚାଲିଛି ବୋଲି ଅଭିଯୋଗ ହୋଇଛି। ସଙ୍ଗଠନର ଜିଲା ସହସଂଯୋଜକ ସତ୍ୟରଞ୍ଜନ ନାୟକ, ଆର୍ତ୍ତତ୍ରାଣ ତିୱାରୀ, ଭାଗବତ ମଲିକ, ସୁକାନ୍ତ କୁମାର ସାହୁ, ଗଗନ ଚନ୍ଦ୍ର ପାଗଳ ପ୍ରମୁଖ ଅନଶନରେ ସାମିଲ ହୋଇଥିଲେ।

# ଖାନ୍‌କାହାଠାରେ ଫାତେହା ସମାରୋହ



ସମାରୋହରେ ଯୋଗ ଦେଇଥିବା ଶ୍ରଦ୍ଧାଳୁ।

**ଭଦ୍ରକ ଅଫିସ, ୧୦।୧୨**

ଭଦ୍ରକ ବାଇପାସ୍ ରୋଡସ୍ଥିତ ଗୁଲସନେ ଗୌସପାକ, ଖାନ୍‌କାହା ପରିସର ଓ ବାହାରେ ଫାତେହା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏନ୍‌ପିଜି ତରଫରୁ ପୃଥିବୀ ପ୍ରସିଦ୍ଧ ବଡ଼ ପୀରବାବା (ଗୌସପାକ)ର:ଅଙ୍କ ଚନ୍ଦ୍ର ଗଣନା ଅନୁଯାୟୀ ଏଗାରୁଇଁ ମାସର ଚନ୍ଦ୍ରର ପ୍ରଥମ ଦିନରେ ଫାତେହା ପ୍ରସାଦ (ଲଙ୍ଗର)ର ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ (ମଗରିବ) ନମାଜ ପାଠ ପରେ ମିଲାଦ ସରିଫ କରାଯାଇ ଫାତେହା କରାଯାଇଥିଲା। ଫାତେହା ସରିଫରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଫାତେହା ସୋମବାରଠାରୁ ଏକ ମାସ ପର୍ଯ୍ୟନ୍ତ ଚାଲୁ ରହିବ। ଏନ୍‌ପିଜି କମିଟି ସଭାପତି ଶେଖ୍ ହବିବୁଲ୍ଲା, ବାଜ ମହମ୍ମଦ ଖାଁ ଓ ତାଜ ମହମ୍ମଦ ଖାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କମିଟିର ସମସ୍ତ ସଦସ୍ୟ ସହାୟତା କରିଥିଲେ।

■ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଏ-୧ ଟିମ୍ ଚାମ୍ପିୟନ

**ତିହିଡ଼ି, ୧୦।୧୨ (ଡି.ଏନ.ଏ.)**

ତିହିଡ଼ି ବ୍ଲକ ବିଜୁ ଯୁବବାହିନୀ ପକ୍ଷରୁ ଚାଲିଥିବା ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଏ-୪ ଟିମ୍‌କୁ ୨ ଉଇକେଟରେ ହରାଇ ଏ-୧ ଚାମ୍ପିୟନ ହୋଇଛି। ଭାଟପଡ଼ା, ମୁକୁନ୍ଦପୁର, ସୟା ଓ ବାହାବଳପୁର ପଞ୍ଚାୟତର ୧୧ ଖେଳାଳିଙ୍କୁ ନେଇ ଗଠିତ ଏ-୪ ଟିମ୍ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରୁ ୧୫ ଓଭର ଖେଳି ୭୨ରନ୍ ସଂଗ୍ରହ କରିଥିବା ବେଳେ ସମସ୍ତ ଉଇକେଟ ହରାଇଥିଲା। ପାଳିଆବିନ୍ଧା, ବାରୋ, କାଁପଡ଼ା ଓ ତାଳପଦା ପଞ୍ଚାୟତର ୧୧ ଖେଳାଳିଙ୍କୁ ନେଇ ଗଠିତ ଏ-୧ ଟିମ୍ ୧୪ ଓଭରରେ ୮ ଉଇକେଟ ବିନିମୟରେ ଲକ୍ଷ୍ୟ ହାସଲ କରିଥିଲା।

ଉଦ୍‌ଯାପନୀ ସଭାରେ ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ ପୌରୋହିତ୍ୟ କରିଥିଲେ। ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ମୁଖ୍ୟଅତିଥି ଏବଂ ବିଜେଡି ବ୍ଲକ ସଭାପତି ରଘୁନାଥ ପଣ୍ଡା, ଏମ୍‌ପିଙ୍କ ପ୍ରତିନିଧି ସୁରେନ୍ଦ୍ର ନାୟକ, ମୁକୁନ୍ଦପୁର ସରପଞ୍ଚ କୀର୍ତ୍ତନ ରାଉତ, ବିଜୁ ଯୁବବାହିନୀ ବ୍ଲକ ସଂଯୋଜକ ପ୍ରଶାନ୍ତ ଖଟୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ। ସେହିପରି ଏ-୧ ଟିମ୍‌ର ସ୍ୱାଧୀନ ମଲ୍ଲିକଙ୍କୁ 'ମ୍ୟାନ୍ ଅଫ୍ ଦି ସିରିଜ୍' ଏବଂ ସତ୍ୟବ୍ରତ ଦାସଙ୍କୁ 'ମ୍ୟାନ ଅଫ୍ ଦି ମ୍ୟାଚ୍' ପୁରସ୍କାର ପ୍ରଦାନ କରାଯାଇଥିଲା। ଏସ୍. କେ. ପାପା ଓ ସାହଜିତ୍ ଖାଁ ମ୍ୟାଚ୍ ପରିଚାଳନା କରିଥିଲେ। ଶୁଭ୍ରଜିତ୍ ପାଳ, ସୁଧାଂଶୁ ନାୟକ, ଶୁଭେନ୍ଦୁ ନାୟକ, ଅଲେଖ ମଲିକ, ଦୁଷ୍ମନ୍ତ ମଲିକ ପ୍ରମୁଖ ସହଯୋଗ କରିଥିଲେ।

# କ୍ରିକେଟ: ବାଲିପୋଖରୀ ଟିମ୍ ଚାମ୍ପିୟନ

**ଭଣ୍ଡାରିପୋଖରୀ, ୧୦।୧୨ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ବର୍ୟାଁବନାପୁର ପଞ୍ଚାୟତ ଚନ୍ଦ୍ରଭାନୁପୁର ପଡ଼ିଆଠାରେ ଚାଲିଥିବା ବିଜୁ ଯୁବବାହିନୀର ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ବାଲିପୋଖରୀ ଓ ସରସଦା ପଞ୍ଚାୟତ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲିପୋଖରୀ ଚାମ୍ପିୟନ ହୋଇଛି। ବାଲିପୋଖରୀ ଟିମ୍ ଟସ୍ ଜିତି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ୍ ହରାଇ ୧୨୮ ରନ୍ କରିଥିଲା। ସରସଦା ଯୁବବାହିନୀ ୧୦ ଓଭରରେ ୯ ଉଇକେଟ ହରାଇ ୬୪ ରନ୍ କରି ରନର୍ସଅପ୍ ହୋଇଥିଲା। ଅମ୍ପାୟର ଶରତ ପଣ୍ଡା ଓ ବିଜୟ ଦାସ ଖେଳ ପରିଚାଳନା କରିଥିଲେ। ସ୍କୋରର ଦାୟିତ୍ୱ ତୁଲାଇଥିଲେ ନିର୍ମଳକୃଷ୍ଣ ମହାନ୍ତି ଓ ସତ୍ୟଜିତ ଚନ୍ଦ। ପ୍ରଦୀପ ଜେନା, ପ୍ରତ୍ୟୁଷ ସାହୁ, ସୁବ୍ରତ ପାତ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ବିଜେଡି ବ୍ଲକ ସଭାପତି ଲକ୍ଷ୍ମୀଧର ନାୟକଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣୀ ସଭା ହୋଇଥିଲା। ଅତିଥି ଭାବେ ବିଡିଓ ବନମାଳୀ ତରାଇ, ଯୁବବାହିନୀ ସଂଯୋଜକ ଆଲୋକ ଦାସ, ଯୁବନେତା ଲଳିତ କୁମାର ରାଉତ, ବ୍ଲକ ସହକାରୀ ଯନ୍ତ୍ରୀ ଅଜୟ କୁମାର ସ୍ୱାଇଁ, ଗଗନ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଚାମ୍ପିୟନ ବାଲିପୋଖରୀ ଟିମ୍‌କୁ ଟ୍ରଫି ସହ ନଗଦ ଅର୍ଥ ଓ ରନର୍ସ ଅପ୍ ସରସଦା ଟିମ୍ କୁ ଟ୍ରଫି ଓ ନଗଦ ଅର୍ଥ ପ୍ରଦାନ କରିଥିଲେ।



# ଭାଜପା ମହିଳା ମୋର୍ଚ୍ଚାର ବିକ୍ଷୋଭ

**ଭଦ୍ରକ ଅଫିସ, ୧୦।୧୨**



ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଆୟୋଜିତ ପ୍ରତିବାଦ ସଭା।

ରାଜ୍ୟର ବିଭିନ୍ନ ଅଞ୍ଚଳରେ ବେଆଇନ ଶେଲ୍‌ଟର ହୋମ୍‌ରେ ନାବାଳିକାଙ୍କୁ ଯୌନ ନିର୍ଯାତନା ଘଟଣାକୁ ପ୍ରତିବାଦ କରି ସୋମବାର ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ବେଆଇନ ଭାବେ ଶେଲ୍‌ଟର ହୋମ୍ ଖୋଲାଯାଇ ରାଜନେତାଙ୍କ ଛତ୍ରଛାୟା ତଳେ ରହି ବହୁ ଅନୈତିକ କାର୍ଯ୍ୟ କରାଯାଉଛି। ଏଥିଲାଗି ମୁଖ୍ୟ ଭାବେ ବିଭାଗୀୟ ମନ୍ତ୍ରୀ ଦାୟୀ ବୋଲି ଅଭିଯୋଗ ହୋଇଥିଲା। ମହିଳା ମୋର୍ଚ୍ଚା କର୍ମକର୍ତ୍ତା ମନ୍ତ୍ରୀ ସାମଲଙ୍କ ଇସ୍ତଫା ଦାବି କରିବା ସହ ତାଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

**ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ**

ମହିଳା ମୋର୍ଚ୍ଚାର ଜିଲା ସଭାନେତ୍ରୀ ମନସ୍ୱିତା ଖୁଣ୍ଟିଆଙ୍କ ନେତୃତ୍ୱରେ ଶତାଧିକ ମହିଳା ଜିଲା ଭାଜପା କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ସଭାନେତ୍ରୀ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ ସଭା ହୋଇଥିଲା। ରାଜ୍ୟ ଉପସଭାପତି ବିଷ୍ଣୁ ସେଠୀ, ଜିଲା ସଭାପତି ବଦ୍ରିନାରାୟଣ ଧଳ, କେନ୍ଦ୍ର କାର୍ଯ୍ୟକାରିଣୀ ସଭ୍ୟ ଶରତ ଦାସ, ବୁଦ୍ଧଦେବ ଜେନା, ମହିଳାନେତ୍ରୀ ଉମାମଣି ସାହୁ, ସୁମିତ୍ରା ପାଣି, ପ୍ରେମଲତା କର, ଦୀପ୍ତିମୟୀ ଦାସ, କନକଲତା ପ୍ରଧାନ, ଭାରତୀ ବିଶ୍ୱାଳ, ତପସ୍ୱିନୀ ମହାପାତ୍ର ପ୍ରମୁଖ ବକ୍ତବ୍ୟରେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ।

# ୧୧୬ ବିଜ୍ଞାନ ପ୍ରକଳ୍ପରୁ ୧୦ ଜିଲାସ୍ତରକୁ ମନୋନୀତ

**ବନ୍ତ, ୧୦।୧୨ (ସ୍ୱ.ପ୍ର.)**

ବନ୍ତ ବ୍ଲକ ଆଗରପଡ଼ା ଶିକ୍ଷା ସର୍କଲ ଅଧୀନ ବରହମପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ରଙ୍କ ଦ୍ୱାରା ୧୧୬ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ୧୦ ଟି ଜିଲାସ୍ତରକୁ ମନୋନୀତ ହୋଇଛି। ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ଜେନା ମେଳାକୁ ଉଦ୍‌ଘାଟନ କରିବା ପରେ ବ୍ଲକ ଶିକ୍ଷାଧିକାରୀ ବାସନ୍ତୀ କୁମାରୀ ମିଶ୍ରଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ସଭା ହୋଇଥିଲା। ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ଡ. ଖଗେଶ୍ୱର ନାୟକ ବିଶିଷ୍ଟ ଅତିଥି, ଓଡ଼ିଶା ସାହିତ୍ୟ ଓ ବିଜ୍ଞାନ ଏକାଡେମୀ ସଦସ୍ୟ ଇଂ. ଅଭୟ ସୂତାର ମୁଖ୍ୟଅତିଥି, ଚରମ୍ପା ଶିଳ୍ପ ତାଲିମ କେନ୍ଦ୍ର ଅଧ୍ୟକ୍ଷା ଇଂ. ସଙ୍ଗୀତା ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ଜେନା, ସରପଞ୍ଚ ସତ୍ୟବାନ ଦାଶ, ଅତିରିକ୍ତ ଶିକ୍ଷାଧିକାରୀ ନିଗମାନନ୍ଦ ମିଶ୍ର, ସୁରଥ କୁମାର ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବ୍ଲକ ବିଜ୍ଞାନ ସଂଯୋଜକ ଶଶୀଶେଖର କରଶର୍ମା ଉଦ୍ଦେଶ୍ୟ ଜ୍ଞାପନ, ପ୍ରଧାନଶିକ୍ଷକ ରତ୍ନାକର ନାୟକ ସ୍ୱାଗତ ଭାଷଣ ପ୍ରଦାନ, ରମାକାନ୍ତ ଜେନା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କଳା ଶିକ୍ଷକ ପଦ୍ମନାଭ ସେଠୀଙ୍କ ବାଲୁକା କଳା ଆକର୍ଷଣ ସାଜିଥିଲା।

ଉଦ୍‌ଯାପନୀ ସଭାରେ ଆଗରପଡା କଲେଜ ଅଧ୍ୟକ୍ଷ ଡ. ନାରାୟଣ ସେନାପତି ମୁଖ୍ୟଅତିଥି ଏବଂ ଅତିରିକ୍ତ ଶିକ୍ଷାଧିକାରୀ ରବିନାରାୟଣ ପରିଡା, ପାଇମହୁରା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଚିନ୍ତାମଣି ପାଣିଗ୍ରାହୀ, ଅଧ୍ୟାପକ ଜଗବନ୍ଧୁ ବାରିକ, ଶିକ୍ଷକ ଅଜୟ କୁମାର ପୃଷ୍ଟି, ଅଲ୍ ଓଷ୍ଟାର ଯୁଗ୍ମ ସମ୍ପାଦକ ରୋହିତ କୁମାର ଜେନା, ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ପ୍ରଧାନ, ସିଆର୍‌ସିସି ପ୍ରଫୁଲ୍ଲ ଚନ୍ଦ୍ର ଜେନା, ଅଭିମନ୍ୟୁ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସିଆର୍‌ସିସି ସୁଧୀର ବାରିକ ମଞ୍ଚ ପରିଚାଳନା କରିଥିଲେ। ବିଚାରକ ଭାବେ ପ୍ରଧାନଶିକ୍ଷକ ଖଗେଶ୍ୱର ମହାପାତ୍ର, ସୁବଳ ଚରଣ ପତ୍ରୀ, ରବୀନ୍ଦ୍ର କୁମାର ମହାରଣା ଦାୟିତ୍ୱ ତୁଲାଇଥିଲେ।

# ବାର୍ଷିକ ଉତ୍ସବ, ଦିବ୍ୟ ସମ୍ମାନ ସମାରୋହ

**ଭଦ୍ରକ ଅଫିସ, ୧୦।୧୨**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଭଦ୍ରକ ଓ ଚରମ୍ପା ଶାଖାର ମିଳିତ ବାର୍ଷିକ ଉତ୍ସବ ଏବଂ ଯୁଗଳ ଦିବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଚରମ୍ପାସ୍ଥିତ ଅଗ୍ରସେନ ଭବନରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ରୂପେ ବାଲେଶ୍ୱରର ସୁଲଗ୍ନା ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ ଚେୟାରମ୍ୟାନ ଘନଶ୍ୟାମ ବିଶ୍ୱାଳ ଓ ମୁଖ୍ୟବକ୍ତା ଭାବେ କଟକରୁ ବ୍ରହ୍ମାକୁମାର କୁଳଦୀପ ଯୋଗ ଦେଇଥିଲେ। 'ପରମାତ୍ମାଙ୍କ ଶକ୍ତି ଦ୍ୱାରା ବିଶ୍ୱ ଜାଗୃତି' ଶୀର୍ଷକ ଉପରେ ମୁଖ୍ୟବକ୍ତା ଆଲୋକପାତ କରିଥିଲେ। ରାଜସ୍ଥାନର ଜାଲୋରରୁ ବ୍ରହ୍ମାକୁମାରୀ ରଞ୍ଜୁ, ସମ୍ବଲପୁରର ଦେବଗଡ଼ରୁ ବ୍ରହ୍ମାକୁମାରୀ ସୁଶୀଳା, ବୀରେନ୍ଦ୍ର କୁମାର ପଣ୍ଡା, ଡା. ପୂର୍ଣ୍ଣ ଦାଶ, ବାରିପଦା ଏନ୍‌ଏଚ୍ ଡିଭିଜନ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ଧର ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରହ୍ମାକୁମାରୀ ମଞ୍ଜୁ ଭଉଣୀ ଓ ନନ୍ଦିନୀ ଭଉଣୀଙ୍କ ମିଳିତ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା। ପଣ୍ଡିତ ଦୟାନିଧି ଦାଶ ଈଶ୍ୱରୀୟ ଜୀବନର ଦିବ୍ୟ ଅନୁଭୂତି ସମ୍ପର୍କରେ ମତ ରଖିଥିଲେ। ବ୍ରହ୍ମାକୁମାରୀ ମଧୁସ୍ମିତା ରାଜଯୋଗର ଅନୁଭୂତି କରାଇଥିଲେ।

# ଖୋଲିଲା ଧାନମଣ୍ଡି, ମିଲରଙ୍କ ଦେଖା ନାହିଁ

**ପଦ୍ମପୁର, ୧୦।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବିଭିନ୍ନ ସେବା ସମବାୟ ସମିତିର ମଣ୍ଡି ସୋମବାର ଖୋଲିଥିବା ସୂଚନା ମିଳିଛି। ପଦ୍ମପୁର, ସୁଗୋ ବାଲିମେଦ ସେବା ସମବାୟ ସମିତିର ମଣ୍ଡି ଖୋଲାଯାଇଥିବା ବେଳେ କୌଣସି ମିଲର ପହଞ୍ଚି ନ ଥିବା ନେଇ ଚାଷୀମାନେ ହତାଶ ହୋଇଛନ୍ତି। ଏଥିଲାଗି ବାସୁଦେବପୁର ଭଦ୍ରକ-ବାଲେଶ୍ୱର ସେବା ସମବାୟ ସମିତିର ପରିଚାଳକ ନରେନ୍ଦ୍ର ନାଥ ବିହାରୀ, ପଦ୍ମପୁର ସେବା ସମବାୟ ସମିତିର ଓ ସୁଗୋ ସେବା ସମବାୟ ସମିତିର ସମ୍ପାଦକ ଅମୂଲ୍ୟ କୁମାର ନାୟକ, ପଦ୍ମପୁର ସମିତି ସଭ୍ୟ ବନଜ କୁମାର ମହାପାତ୍ର, ସୁଗୋ ସମବାୟ ସମିତିର ସଭାପତି ନିର୍ମଳ କୁମାର ମଣ୍ଡଳ, ସମିତି ସଭ୍ୟ କୈଳାସ ଚନ୍ଦ୍ର ଜେନା, ବାଲିମେଦ



ଧାନମଣ୍ଡି ଉଦ୍‌ଘାଟନୀ କାର୍ଯ୍ୟକ୍ରମ।

ପରିଚାଳନା ସମିତିର ସଭାପତି ଉତ୍ତମ କୁମାର ପାତ୍ର, ସମ୍ପାଦକ ଶ୍ରୀଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଯୋଗାଣ ବିଭାଗ ତରଫରୁ ମଣ୍ଡି ଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ କୌଣସି ମିଲରଙ୍କୁ ଧାନ କିଣିବା ପାଇଁ ନିର୍ଦ୍ଦେଶ ଦିଆଯାଇନାହିଁ। ଫଳରେ ଅଞ୍ଚଳରେ ଚାଷୀମାନେ ଏନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଧାନ ଅମଳ ଋତୁ ଚାଲିଥିବା ବେଳେ କୌଣସି ସେବା ସମବାୟ ସମିତି ଧାନ କିଣୁ ନ ଥିବା ଫଳରେ ଧାନର ଅଭାବୀ ବିକ୍ରି ଚାଲିଛି। ଆନ୍ଧ୍ର ଓ ପଶ୍ଚିମବଙ୍ଗର ବେପାରୀ ମାନେ ସରକାରୀ ଧାର୍ଯ୍ୟ ମୂଲ୍ୟ ଠାରୁ କମ୍ ମୂଲ୍ୟରେ ଧାନ କିଣୁଥିବା ବେଳେ ଚାଷୀମାନେ ଶୋଷଣର ଶିକାର ହେଉଛନ୍ତି। ଏ ବାବଦରେ ପଦ୍ମପୁର ସେବା ସମବାୟ ସମିତିର ସମ୍ପାଦକ ଅମୂଲ୍ୟ ନାୟକ କହନ୍ତି ଜିଲାପ୍ରଶାସନ ମିଲର ମାନଙ୍କୁ ନିର୍ଦ୍ଦେଶ ନ ଦେବାଯାଏ ଆମେ ଧାନ କିଣିପାରିବୁ ନାହିଁ। ଜିଲା ଯୋଗାଣ ବିଭାଗ ଓ ଜିଲାପାଳ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ପାଇଁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।



ଅଯୋଧ୍ୟାସ୍ଥିତ ବିବାଦୀୟ ରାମ ଜନ୍ମଭୂମିରେ ମନ୍ଦିର ନିର୍ମାଣ ପାଇଁ କେନ୍ଦ୍ର ସରକାର ବିଲ୍ ଆଣନ୍ତୁ । ଅନ୍ୟଥା ପାର୍ଲାମେଣ୍ଟର ଶୀତ ଅଧିବେଶନକୁ ଅଚଳ କରିଦିଆଯିବ ।

- ଚନ୍ଦ୍ରକାନ୍ତ ଖାଇରେ, ଶିବସେନା ଏମ୍‌ପି



## ସଂକ୍ଷେପରେ

### କଶ୍ମୀର ବିଧାନସଭା ଭଙ୍ଗ ବିରୋଧରେ ଜନସ୍ୱାର୍ଥ ମାମଲା ଖାରଜ

**ନୂଆଦିଲ୍ଲୀ,୧୦।୧୨**-ରାଜ୍ୟପାଳ ସତ୍ୟପାଳ ମଲ୍ଲିକଙ୍କ ଦ୍ୱାରା ଜମ୍ମୁ କଶ୍ମୀର ବିଧାନସଭା ଭଙ୍ଗକୁ ଚ୍ୟାଲେଞ୍ଜ କରି ଦାଏର ଏକ ଜନସ୍ୱାର୍ଥ ମାମଲାକୁ ଉଚ୍ଚତମ ନ୍ୟାୟାଳୟ ସୋମବାର ଖାରଜ କରିଛନ୍ତି। ସୁପ୍ରିମ୍‌କୋର୍ଟର ମୁଖ୍ୟ ବିଚାରପତି ରଞ୍ଜନ ଗୋଗୋଇ ଏବଂ ବିଚାରପତି ଏସ୍ କେ କୌଲଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ରାଜ୍ୟପାଳଙ୍କ ନିଷ୍ପତ୍ତିରେ ହସ୍ତକ୍ଷେପ କରିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ଜମ୍ମୁ କଶ୍ମୀର ବିଧାନସଭା ଭଙ୍ଗ ହେବା ପୂର୍ବରୁ ବିଧାୟକ ଥିବା ଭାଜପା ନେତା ଗଗନ ଭଗତ ଏହି ଜନସ୍ୱାର୍ଥ ମାମଲା ଦାଏର କରିଥିଲେ।

### ଅନାହାରରେ ବୃଦ୍ଧାଙ୍କ ମୃତ୍ୟୁ

**ଶାହଜାହାନପୁର,୧୦।୧୨(ପି.ଟି.)**- ଉତ୍ତରପ୍ରଦେଶର ଶାହଜାହାନପୁରରେ ଜଣେ ବୃଦ୍ଧାଙ୍କର ଅନାହାରରେ ମୃତ୍ୟୁ ଘଟିଛି। ରେଲୱେ କଲୋନିର ଏକ ବନ୍ଦ କୋଠରୀରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ଉତ୍ତରପ୍ରଦେଶର ପୂର୍ବତନ ବିଧାନ ପରିଷଦ ସଦସ୍ୟ ରାମେଶ୍ୱର ଚୌଧୁରୀଙ୍କ ସ୍ତ୍ରୀ। ତାଙ୍କ ପୁଅ ସଲିଲ ଚୌଧୁରୀ ଜଣେ ରେଳ କର୍ମଚାରୀ। ସେ ବୃଦ୍ଧା ମା'ଙ୍କୁ କୋଠରୀରେ ବନ୍ଦ କରି ରଖିଥିଲେ। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ପିଏମ୍‌ଓ ଜନସମ୍ପର୍କ ଅଧିକାରୀଙ୍କ ପରଲୋକ

**ନୂଆଦିଲ୍ଲୀ,୧୦।୧୨(ପି.ଟି.)**- ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜନସମ୍ପର୍କ ଅଧିକାରୀ ଜଗଦୀଶ ଠକ୍କରଙ୍କ ସୋମବାର ପରଲୋକ ଘଟିଛି। ୭୨ ବର୍ଷୀୟ ଠକ୍କର କିଛି ମାସ ଧରି ଅସୁସ୍ଥ ଥିଲେ।



ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେପ୍ଟେମ୍ବର ୨୩ ତାରିଖରେ ତାଙ୍କୁ ଅଲ୍ ଇଣ୍ଡିଆ ମେଡିକାଲ୍ ସାଇନ୍ସ (ଆଇଆଇଏମ୍‌ଏସ୍)ର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଏହି ମୃତ୍ୟୁ ଖବର ପାଇବା ପରେ ପ୍ରଧାନମନ୍ତ୍ରୀ ଆଇଆଇଏମ୍‌ଏସ୍ ଗସ୍ତରେ ଯାଇ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭେଟିଥିଲେ।

# ଫିଟିବ ୮୫୦୦ ପ୍ରାର୍ଥୀଙ୍କ ଭାଗ୍ୟ

**ନୂଆଦିଲ୍ଲୀ,୧୦।୧୨(ପି.ଟି.)**



- ଭୋଟଗଣତି ଲାଗି ୫ ରାଜ୍ୟରେ ପ୍ରସ୍ତୁତି ଶେଷ
- ୧.୭୬ ଲକ୍ଷରୁ ଉର୍ଦ୍ଧ୍ୱ ଇଭିଏମ୍

୧.୭୪ ଲକ୍ଷରୁ ଉର୍ଦ୍ଧ୍ୱ ଇଭିଏମ୍‌ରେ ବନ୍ଦ ଥିବା ୮୫୦୦ରୁ ଅଧିକ ପ୍ରାର୍ଥୀଙ୍କ ଭାଗ୍ୟ ମଙ୍ଗଳବାର ଖୋଲିବାକୁ ଯାଉଛି। ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ, ମିଜୋରାମ ଏବଂ ତେଲେଙ୍ଗାନା ବିଧାନସଭା ନିର୍ବାଚନର ଭୋଟ ଗଣତି ମଙ୍ଗଳବାର ସକାଳ ୮ଟାରୁ ଆରମ୍ଭ ହେବ। ଏହି ଇଭିଏମ୍‌ଗୁଡିକୁ ୬୭୦ଟି ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି। ୫ ରାଜ୍ୟରେ ମୋଟ ୧,୭୪,୭୨୪ଟି ଇଭିଏମ୍ ବ୍ୟବହୃତ ହୋଇଥିଲାବେଳେ ମଧ୍ୟପ୍ରଦେଶରେ ସର୍ବାଧିକ ୬୫,୩୬୭ଟି ମେଶିନ ଲାଗିଥିଲା। ୫ ରାଜ୍ୟର ମୋଟ ୬୭୯ଟି ଆସନ ଲାଗି ନଭେମ୍ବର ୧୨ରୁ ଡିସେମ୍ବର ୭ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ଭୋଟଗ୍ରହଣ ହୋଇଥିଲା।

୨୦୧୯ ପୂର୍ବରୁ ଉପରୋକ୍ତ ୫ ରାଜ୍ୟର ନିର୍ବାଚନକୁ ସେମି ଫାଇନାଲ କୁହାଯାଉଥିବାରୁ ମଙ୍ଗଳବାର ଫଳାଫଳ ଉପରେ ସାରା ଦେଶର ଉତ୍କଣ୍ଠା ରହିଛି। ଏହା କେନ୍ଦ୍ରର ନରେନ୍ଦ୍ର ମୋଦି ନେତୃତ୍ୱାଧୀନ ସରକାରଙ୍କୁ ଏକ ସ୍ପଷ୍ଟ ବାର୍ତ୍ତା ଦେବ ବୋଲି କୁହାଯାଉଛି। ବିଭିନ୍ନ ଟିଭି ଚାନେଲ ପକ୍ଷରୁ ପ୍ରକାଶିତ ଏକଜିଟ୍ ପୋଲ୍‌ରେ କଂଗ୍ରେସ ରାଜସ୍ଥାନରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିବ ବୋଲି କୁହାଯାଇଥିଲା ବେଳେ ମଧ୍ୟପ୍ରଦେଶ ଏବଂ ଛତିଶଗଡରେ ଭାଜପା ସହ କଡା ଟକ୍କର ହେବ ବୋଲି ପୂର୍ବାନୁମାନ କରିଥିଲେ। ତେଲେଙ୍ଗାନାରେ ପୁଣି ଥରେ କେସିଆରଙ୍କ ନେତୃତ୍ୱରେ ଟିଆରଏସ୍ କ୍ଷମତାକୁ ଆସିପାରେ ବୋଲି କୁହାଯାଇଥିଲା। ନିର୍ବାଚନ ଫଳାଫଳ ଆସିବା ପୂର୍ବରୁ ସୋମବାର ଷ୍ଟକ୍ ବଜାର ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡିଛି। ଅନ୍ୟ ପକ୍ଷରେ ଏନଡିଏରୁ ରାଷ୍ଟ୍ରୀୟ ଲୋକସମତା ପାର୍ଟି ଅଧ୍ୟକ୍ଷ ଉପେନ୍ଦ୍ର କୁଶୱାହା ଓହରିଯାଇ ବିରୋଧରେ ମେଣ୍ଟରେ ଯୋଗଦେବେ ବୋଲି ସୂଚନା ଦେଇଛନ୍ତି। ତେଲେଙ୍ଗାନାରେ ଆବଶ୍ୟକ ପଡିଲେ ଟିଆରଏସ୍‌କୁ ସମର୍ଥନ ଦେବାକୁ ଭାଜପା ପ୍ରସ୍ତୁତ ଥିବା କହିଥିଲା ବେଳେ ସୋମବାର ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଆସାଦୁଦ୍ଦିନ ଓୱାଇସି କାମଚଳା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କୁ ଭେଟି ସମର୍ଥନ ଜଣାଇଛନ୍ତି। ମଧ୍ୟପ୍ରଦେଶରେ କଂଗ୍ରେସ ୧୪୦ଟି ଆସନରେ ଜିତି ସରକାର ଗଢ଼ିବ ବୋଲି ବରିଷ୍ଠ ନେତା କମଳନାଥ କହିଛନ୍ତି। ଏହି ନିର୍ବାଚନ ଭାଜପା ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। କାରଣ ୫ଟି ରାଜ୍ୟ ମଧ୍ୟରୁ ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଛତିଶଗଡରେ ଏହି ଦଳ କ୍ଷମତାରେ ରହିଛି। ମିଜୋରାମରେ କଂଗ୍ରେସ ସରକାର ଥିବାବେଳେ ତେଲେଙ୍ଗାନାରେ ଟିଆରଏସ୍ ସରକାର ରହିଛି। ଭାଜପା ମଧ୍ୟପ୍ରଦେଶ ଏବଂ ଛତିଶଗଡରେ କ୍ରମାଗତ ଚତୁର୍ଥ ଥର ପାଇଁ କ୍ଷମତାରେ ରହିବାକୁ ଚାହୁଁଥିଲାବେଳେ ରାଜସ୍ଥାନରେ ମଧ୍ୟ ପୁଣି କ୍ଷମତାରେ ରହିବା ଉଦ୍ୟମ ଜାରି ରଖିଛି। ଏହି ତିନି ରାଜ୍ୟର ୬୫ ଲୋକ ସଭା ଆସନରୁ ଗତ ନିର୍ବାଚନରେ ଭାଜପାକୁ ୬୨ ଆସନ ମିଳିଥିଲା।

- ଅଗୁଷ୍ଟା ଭିଭିଆଇପି ହେଲିକପ୍ଟର ମାମଲା

## ୫ ଦିନ ବଢ଼ିଲା ମିଶେଲଙ୍କ ରିମାଣ୍ଡ

**ନୂଆଦିଲ୍ଲୀ,୧୦।୧୨(ପି.ଟି.)**

ଅଗୁଷ୍ଟା ୱେଷ୍ଟଲାଣ୍ଡ ଭିଭିଆଇପି ହେଲିକପ୍ଟର ଦୁର୍ନୀତି ମାମଲାରେ ଅଭିଯୁକ୍ତ ଖ୍ରୀଷ୍ଟିଆନ୍ ମିଶେଲଙ୍କୁ ପୁନଃ ଜେରା ପାଇଁ ଦିଲ୍ଲୀ ହାଇକୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ଫଳରେ ତାଙ୍କର ରିମାଣ୍ଡ ଅବଧି ଆଉ ୫ ଦିନ ବଢ଼ିଛି। ବ୍ରିଟେନ ନାଗରିକ ମିଶେଲଙ୍କ ମଧ୍ୟସ୍ଥତାରେ ଅଗୁଷ୍ଟା ହେଲିକପ୍ଟର କିଣାବିକା ହୋଇଥିଲା।



୫୫୬.୨୬୨ ନିୟୁତ ୟୁରୋରେ ହୋଇଥିବା ଏହି ଡିଲ୍‌ରେ ମିଶେଲ ୩୦ ନିୟୁତ ୟୁରୋ (ପ୍ରାୟ ୨୨୫ କୋଟି ଟଙ୍କା) ଲାଞ୍ଚ ନେଇଥିବା ଅଭିଯୋଗ ହୋଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଏ ସମ୍ପର୍କିତ ଚାର୍ଜଶିଟ୍ ଦାଖଲ ପରେ ଡିସେମ୍ବର ୪ ରାତିରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇରୁ ତାଙ୍କୁ ପ୍ରତ୍ୟର୍ପଣ କରାଯାଇ ଭାରତ ଅଣାଯାଇଥିଲା। କୋର୍ଟରେ ହାଜର ପରେ ସିବିଆଇ ତାଙ୍କୁ ୫ଦିନିଆ ରିମାଣ୍ଡରେ ନେଇ ପଚରାଉଚୁରା ଚଳାଇଥିଲା। ସୋମବାର ରିମାଣ୍ଡ ଅବଧି ଶେଷ ହୋଇଥିଲାବେଳେ ଆଉ ୫ ଦିନ ରିମାଣ୍ଡ ପାଇଁ ଅନୁମତି ମିଳିଛି। ମିଶେଲ ଜେରା ବେଳେ ତଦନ୍ତକାରୀ ଅଧିକାରୀଙ୍କୁ ସହଯୋଗ କରୁନଥିବା ସିବିଆଇ ଅଦାଲତର ଦୃଷ୍ଟି ଆକର୍ଷଣ କରିଥିଲେ।

## ତାଜମହଲ ଟିକେଟ ଦାମ୍ ୨୦୦ ବଢ଼ିଲା

**ଆଗ୍ରା,୧୦।୧୨(ପି.ଟି.)**



ବିଶ୍ୱ ଐତିହ୍ୟ ତାଜମହଲ ଦେଖିବା ଏଣିକି ମହଙ୍ଗା ହେବ। ସରକାର ସୋମବାରଠାରୁ ଟିକେଟ ମୂଲ୍ୟ ୨୦୦ ଟଙ୍କା ବଢ଼ାଇ ଦେଇଛନ୍ତି। ଫଳରେ ଘରୋଇ ଦର୍ଶକଙ୍କ ଲାଗି ଟିକେଟ ମୂଲ୍ୟ ୨୫୦ ଟଙ୍କା ହୋଇଥିବା ବେଳେ ବିଦେଶୀ ଦର୍ଶକଙ୍କୁ ୧୩୦୦ ଟଙ୍କା ଦେବାକୁ ପଡିବ ବୋଲି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ମୁଖ୍ୟ ପ୍ରତ୍ନତାତ୍ତ୍ୱିକ ବସନ୍ତ ସ୍ୱର୍ଣ୍ଣକାର କହିଛନ୍ତି। ସେହିପରି ସାର୍କ ଦେଶର ଦର୍ଶକଙ୍କୁ ୫୪୦ ଟଙ୍କା ପରିବର୍ତ୍ତେ ୭୪୦ ଟଙ୍କା ଦେବାକୁ ହେବ। ତାଜମହଲର ମୁଖ୍ୟ କବରସ୍ଥଳରେ ଯାତ୍ରୀଙ୍କ ଭିଡ କମାଇବା ଲାଗି ଟିକେଟ ମୂଲ୍ୟ ବୃଦ୍ଧି କରାଯାଇଛି। ୫୦ ଟଙ୍କା ଟିକେଟରେ ମୁଖ୍ୟ ସମାଧିସ୍ଥଳରେ ପ୍ରବେଶ ଅନୁମତି ମିଳିବ ନାହିଁ। ତେବେ ସେମାନେ ତାଜମହଲ ଚାରିପଟେ ବୁଲିପାରିବେ।

- ମୃତ୍ୟୁ ପୂର୍ବରୁ ଖାସୋଗିଙ୍କ ଶେଷ ବାକ୍ୟ

## 'ମୁଁ ନିଃଶ୍ୱାସ ନେଇପାରୁନାହିଁ'

**ୱାଶିଂଟନ,୧୦।୧୨**

ୱାଶିଂଟନ ପୋଷ୍ଟର ସାଉଦୀଆରବ ପ୍ରତିନିଧି ସାମ୍ବାଦିକ ଜାମାଲ୍ ଖାସୋଗିଙ୍କ ହତ୍ୟା ରହସ୍ୟରୁ ପରଦା ହଟିଛି। ଏହି ହତ୍ୟାକାଣ୍ଡ ଯୋଜନାବଦ୍ଧ ଥିଲା ବୋଲି ପ୍ରମାଣ ମିଳିଛି। ଘଟଣା ଘଟିବା ସମୟର ଅଡିଓ-ଟେପ୍ ରେକର୍ଡିଂ ଯାଞ୍ଚରୁ ଏହା ସ୍ପଷ୍ଟ ହୋଇଛି। ଖାସୋଗି ହତ୍ୟାକାରୀମାନଙ୍କ ସହ ସଂଘର୍ଷ କରୁଥିବା ସେଥିରୁ ଜଣାଯାଇଛି। ମୃତ୍ୟୁ ପୂର୍ବରୁ ଖାସୋଗି ଶେଷଥର ପାଇଁ 'ମୁଁ ନିଃଶ୍ୱାସ ନେଇପାରୁନାହିଁ' କହିଥିଲେ। ଏହି ଜଘନ୍ୟ ଅପରାଧ ସମୟରେ



ଏକାଧିକ ଫୋନ କଲ ହୋଇଥିଲା। ଏ ସମସ୍ତ କଲ ରିଆଦ୍‌ର ଉଚ୍ଚସ୍ତରୀୟ ଅଧିକାରୀମାନଙ୍କୁ କରାଯାଇଥିବା ଜଣାପଡ଼ିଛି। ଏହି ଅଡିଓ-ଟେପ୍ ପ୍ରତିଲିପିକୁ ଆଧାର କରି ହତ୍ୟାକାରୀଙ୍କ ନିକଟରେ ପହଞ୍ଚିବା ପାଇଁ ଖୋଳତାଡ଼ ଆରମ୍ଭ ହୋଇଛି। ଅକ୍ଟୋବର ୨ରେ ଖାସୋଗିଙ୍କୁ ଇସ୍ତାନବୁଲଠାରେ ହତ୍ୟା କରାଯାଇଥିଲା। ଏଥିପାଇଁ ସାଉଦି ଆରବରୁ ୧୫ ଜଣିଆ ଏକ ଦଳ ଇସ୍ତାନବୁଲ ଆସିଥିଲେ ବୋଲି ତୁର୍କୀର ଗୁଇନ୍ଦା ବିଭାଗ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ସାଉଦି ଆରବ ସରକାରଙ୍କୁ ଅବଗତ କରାଯାଇଛି। ତେବେ ସାଉଦି ଆରବ ବହିର୍ବ୍ୟାପାର ମନ୍ତ୍ରୀ ସନ୍ଦିଗ୍ଧ ଅପରାଧୀମାନଙ୍କ ପ୍ରତ୍ୟର୍ପଣ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଛନ୍ତି।

## ବିଚ୍ଛିନ୍ନତାବାଦୀଙ୍କ ବନ୍ଦ ପାଳନ

**ଶ୍ରୀନଗର,୧୦।୧୨(ପି.ଟି.)**

କଶ୍ମୀର ଉପତ୍ୟକାରେ ସୋମବାର ବିଚ୍ଛିନ୍ନତାବାଦୀମାନଙ୍କ ବନ୍ଦ ପାଳନ ଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ଉପତ୍ୟକାରେ ମାନବାଧିକାରର ଉଲ୍ଲଂଘନ ହେଉଥିବା ଅଭିଯୋଗରେ ଏହି ବନ୍ଦ ଡାକରା ଦିଆଯାଇଥିଲା। ଶ୍ରୀନଗରରେ ସମସ୍ତ ଦୋକାନ ବଜାର, ପେଟ୍ରୋଲ ପମ୍ପ ଏବଂ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ସେହିପରି ସମସ୍ତ ଜିଲା ସଦରମହକୁମା ଗୁଡ଼ିକରେ ବନ୍ଦ ପାଳନ କରାଯାଇଥିଲା। ଜେଆର୍‌ଏଲ୍ ନେତୃତ୍ୱରେ ବିଚ୍ଛିନ୍ନତାବାଦୀମାନେ ଏହି ବନ୍ଦ ଡାକରା ଦେବା ସହ ଆଜିର ଦିନକୁ କଳା ଦିବସ ଭାବେ ପାଳନ କରିବାକୁ ଲୋକମାନଙ୍କୁ ପ୍ରବର୍ତ୍ତାଇଥିଲେ। ଜେଆର୍‌ଏଲ୍‌ରେ ସୟେଦ ଅଲି ଶାହ ଗିଲାନି, ମିରୱାଇଜ ଉମାର ଫାରୁକ, ମହମ୍ମଦ ୟାସିନ ମଲିକ ପ୍ରମୁଖ ସାମିଲ ଅଛନ୍ତି।



ଭାଜପା ବିରୋଧରେ ମହାମେଣ୍ଟ ଲାଗି ଦିଲ୍ଲୀରେ ବିରୋଧୀ ଏକଜୁଟ୍।

## ଫୁର୍‌ସତ

ଇତିହାସର ଆଇନାରେ

### ଡିସେମ୍ବର ୧୧ର ପ୍ରମୁଖ ଘଟଣା

#### ଆମେରିକା ବିରୋଧରେ ଯୁଦ୍ଧ

୧୯୪୧ ଡିସେମ୍ବର ୧୧ରେ ଆମେରିକା ବିରୋଧରେ ଜର୍ମାନୀ ଓ ଇଟାଲୀ ଯୁଦ୍ଧ ଘୋଷଣା କରିଥିଲେ। ଜାପାନ ବିରୋଧରେ ଆମେରିକାର ଯୁଦ୍ଧ ଘୋଷଣା ପରେ ଇଟାଲି ଓ ଜର୍ମାନୀ ଏହି ନିଷ୍ପତ୍ତି ନେଇଥିଲେ। ଏହା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଘଟଣା। ଦ୍ୱିତୀୟ ବିଶ୍ୱଯୁଦ୍ଧ ୧୯୩୯ରୁ ଆରମ୍ଭ ହୋଇ ୧୯୪୫ରେ ଶେଷ ହୋଇଥିଲା।

#### ଡବ୍ଲ୍ୟୁଟିଓରେ ଚାଇନା ସାମିଲ

୨୦୦୧ ଡିସେମ୍ବର ୧୧ରେ ଦି ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନା ବିଶ୍ୱ ବାଣିଜ୍ୟ ସଂଗଠନରେ ସାମିଲ ହୋଇଥିଲା। ୧୯୪୯ରୁ ଚାଇନାକୁ ସରକାରୀ ଭାବରେ ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନା ଘୋଷଣା କରାଯାଇଛି। ଏହା ପୂର୍ବ ଏସିଆର ଏକ ବୃହତ୍ ଦେଶ। ଏହାର ଲୋକସଂଖ୍ୟା ୧୪୦କୋଟିରୁ ଉର୍ଦ୍ଧ୍ୱ ଏବଂ କ୍ଷେତ୍ରଫଳ ୯୬ଲକ୍ଷ ବର୍ଗ କିଲୋମିଟର।

# ମୁକ୍ୱେଜ୍, ମୁରାଦ୍‌ଙ୍କୁ ନୋବେଲ ଶାନ୍ତି

**ଓସ୍‌ଲୋ:**

କଙ୍ଗୋ ଡାକ୍ତର ଡେନିସ ମୁକ୍ୱେଜ ଏବଂ ୟାଜିଦିର ବିଶିଷ୍ଟ ସାମାଜିକ କର୍ମୀ ନାଦିଆ ମୁରାଦ୍‌ଙ୍କୁ ସୋମବାର ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଛି। ମୁକ୍ୱେଜ୍ ଯୌନ ହିଂସା ପ୍ରପୀଡିତ ମହିଳାଙ୍କ ଚିକିତ୍ସା କରି 'ଡକ୍ଟର ମିରାକଲ୍' ଆଖ୍ୟା ଅର୍ଜନ କରିଥିବା ବେଳେ ମୁରାଦ କୁଖ୍ୟାତ ଆତଙ୍କବାଦୀ ଗୋଷ୍ଠୀ ଆଇଏସ୍‌ର ଯୌନଦାସତ୍ୱରୁ ମୁକ୍ତିପାଇ ନିଜକୁ ସମାଜସେବାରେ ନିୟୋଜିତ କରିଥିଲେ। ସେ ଅତି ସନ୍ତର୍ପଣରେ ଆଇଏସ୍ କବଳରୁ ଖସିଆସି ନିଜ ଜନ୍ମଭୂମି ୟାଜିଦି ବାସୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିଆସୁଛନ୍ତି।

ନରୱେ ନୋବେଲ କମିଟି ଅକ୍ଟୋବରରେ ଶାନ୍ତି ପୁରସ୍କାର ପାଇଁ ଏହି ଦୁଇ ସାମାଜିକ କର୍ମୀଙ୍କୁ ଚୟନ କରିଥିଲା। ଯୌନହିଂସା ହେଉଛି ଯୁଦ୍ଧାସ୍ତ୍ର ଏବଂ ସଶସ୍ତ୍ର ବିପ୍ଳବ ଭଳି। ଏହାର ପରିସମାପ୍ତି ପାଇଁ




କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କ ନିମନ୍ତେ ଏହା ଅଭିପ୍ରେତ ବୋଲି ନୋବେଲ କମିଟି ପ୍ରକାଶ କରିଥିଲା। ଦୁଇ ନୋବେଲ ବିଜୟୀ ସେମାନଙ୍କ ପୁରସ୍କାର ବିଶ୍ୱର ଯୌନ ପୀଡିତଙ୍କ କଲ୍ୟାଣ ନିମନ୍ତେ ଉତ୍ସର୍ଗ କରିବା ସହିତ ଯୌନ ହିଂସା ଦୂର ପାଇଁ ସଚେତନତା ସୃଷ୍ଟି କରିବାରେ ଏହା ସହାୟକ ହେବ ବୋଲି ଆଶା ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ବର୍ତ୍ତମାନ ଅନ୍ତର୍ଜାତୀୟ ସମୁଦାୟର ଦାୟିତ୍ୱ ରହିଛି ବୋଲି ମୁକ୍ୱେଜ୍ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଉକ୍ତ ପୁରସ୍କାର ଯୌନ ଉତ୍ପୀଡନ ବିରୋଧରେ ବିଜୟ ନୁହେଁ ବରଂ ଏହିଠାରୁ ହିଁ ନୂଆ ସଂଗ୍ରାମ ଆରମ୍ଭ ହେଲା ବୋଲି ସେ ପ୍ରକାଶ କରିଛନ୍ତି। ଯୁଦ୍ଧ ବିଧ୍ୱସ୍ତ କଙ୍ଗୋରେ ଦୀର୍ଘ ୨୦ବର୍ଷ ଧରି ମୁକ୍ୱେଜ ଯୌନ ହିଂସାର ଶିକାର ମହିଳାଙ୍କୁ ଚିକିତ୍ସା କରିବା ସହିତ ସେମାନଙ୍କୁ ଲାଗିଥିବା ମାନସିକ ଧକ୍କା ଦୂର କରିବାରେ ସହାୟକ ହୋଇଛନ୍ତି।


ସେହିପରି ନାଦିଆ ମୁରାଦ ୟାଜିଦି ବାସିନ୍ଦାଙ୍କ କଲ୍ୟାଣ ପାଇଁ ସଚେତନତା ସୃଷ୍ଟି କରିଆସୁଛନ୍ତି। ୨୦୧୪ରେ ଦୁର୍ଦ୍ଧର୍ଷ ଆଇଏସ୍ ଆତଙ୍କବାଦୀ ଗୋଷ୍ଠୀ ଇରାକ୍ ଓ ସିରିଆରେ ଆତଙ୍କରାଜ ଚଳାଇଥିବା ବେଳେ ତାଙ୍କ କୁର୍ଦ୍ଦିସ ଭାଷାଭାଷୀ ସମ୍ପ୍ରଦାୟ ଉପରେ ଆକ୍ରମଣ କରିଥିଲେ। ବହୁ ଝିଅବୋହୂଙ୍କୁ ନେଇ ଯୌନଦାସୀ କରି ରଖିଥିଲେ। ଏଥିରୁ ବାଦ୍ ପଡି ନ ଥିଲେ ମୁରାଦ୍। ତାଙ୍କୁ ବଳପୂର୍ବକ ବିବାହ, ଗଣବଳାତ୍କାର କରାଯିବା ସହିତ ମାଡ ମରାଯାଇଥିଲା। ଜିହାଦୀଙ୍କ କବଳରେ ଥିବା ହଜାର ହଜାର ମହିଳାଙ୍କ ନିମନ୍ତେ ନୋବେଲ ଶାନ୍ତି ପୁରସ୍କାର ଏକ 'ଶୁଭ ସଂକେତ' ବୋଲି ମୁରାଦ୍ ପ୍ରକାଶ କରିଛନ୍ତି।

## ବୃହତ୍ ଡାଇନୋସର କଙ୍କାଳ ଠାବ



**ମସ୍କୋ:**

ରୁଷୀୟ ବୈଜ୍ଞାନିକମାନେ ନୂତନକରି ଏକ ତୃଣଭୋଜୀ ପ୍ରଜାତିର ବୃହତ୍ ଡାଇନୋସର୍ କଙ୍କାଳ ଠାବ କରିଛନ୍ତି। ଏହାର ବେକ ଓ ଲାଞ୍ଜ ଲମ୍ୱା। ୧୩୦ ନିୟୁତ ବର୍ଷ ତଳେ ଏଭଳି ପ୍ରକାଣ୍ଡ ଜୀବ ପୃଥିବୀରେ ତିଷ୍ଠି ରହିଥିଲେ ବୋଲି ବୈଜ୍ଞାନିକମାନେ ବିଶ୍ୱାସ କରୁଛନ୍ତି। ରୁଷିଆର ସେଣ୍ଟ ପିଟର୍ସବର୍ଗ ୟୁନିଭର୍ସିଟିର ଇତିହାସ ବିଶେଷଜ୍ଞମାନେ ଏହି ନୂଆ ଡାଇନୋସରକୁ ଭଲ୍‌ଗାଟାଇଟନ୍ ନାମକରଣ କରିଛନ୍ତି। ରୁଷିଆର ଉଲିଆନୋସ୍କ ନିକଟବର୍ତ୍ତୀ ଭଲ୍‌ଗା ନଦୀକୂଳରେ ୭ଟି ଡାଇନୋସର କଙ୍କାଳ ଠାବ କରାଯାଇଛି। ଭଲଗାଟାଇଟନ୍ ସରୋପଡ୍ସ ଗୋଷ୍ଠୀର ଅନ୍ତର୍ଭୁକ୍ତ। ଏଭଳି ପ୍ରଜାତି ଡାଇନୋସର ତୃଣଭୋଜୀ। ସେମାନଙ୍କ ବେକ ଓ ଲାଞ୍ଜ ଲମ୍ୱା। ୨୦୦ରୁ ୬୫ ନିୟୁତ ବର୍ଷ ମଧ୍ୟରେ ଏଭଳି ପ୍ରଜାତି ପୃଥିବୀ ପୃଷ୍ଠରେ ବଞ୍ଚି ରହିଥିଲେ। ଏଭଳି ଡାଇନୋସରର ଓଜନ ପାଖାପାଖି ୧୭ଟନ୍ ବୋଲି ବୈଜ୍ଞାନିକମାନେ ବିଶ୍ୱାସ କରୁଛନ୍ତି।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୧୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୮ | ୧୧.୪ |
| ଚାନ୍ଦବାଲି | ୨୬.୮ | ୧୩.୮ |
| କଟକ | ୨୭.୬ | ୧୨.୮ |
| ପାରାଦ୍ୱୀପ | ୨୮.୦ | ୧୫.୨ |
| ଭୁବନେଶ୍ୱର | ୨୯.୪ | ୧୩.୭ |
| ଗୋପାଳପୁର | ୨୮.୮ | ୧୮.୩ |
| ପୁରୀ | ୨୭.୮ | ୧୬.୮ |
| ଅନୁଗୋଳ | ୨୮.୧ | ୧୦.୬ |
| ବାରିପଦା | ୨୫.୬ | ୧୧.୪ |
| ଝାରସୁଗୁଡ଼ା | ୨୮.୫ | ୧୩.୪ |
| କେନ୍ଦୁଝର | ୨୫.୬ | ୯.୮ |
| ସମ୍ବଲପୁର | ୨୯.୫ | ୧୫.୦ |
| ସୁନ୍ଦରଗଡ଼ | ୨୭.୦ | ୧୦.୦ |
| ହୀରାକୁଦ | ୨୯.୦ | ୧୫.୧ |
| ତାଳଚେର | ୩୦.୫ | ୧୩.୫ |
| ଭବାନୀପାଟଣା | ୨୯.୮ | ୧୬.୦ |
| ବଲାଙ୍ଗୀର | ୨୯.୦ | ୧୫.୦ |
| କୋରାପୁଟ | ୨୭.୨ | ୧୪.୦ |
| ଫୁଲବାଣୀ | ୨୭.୮ | ୭.୫ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୨୯.୪ | ୨୦.୦ |
| ସୋନପୁର | ୩୦.୪ | ୧୭.୬ |
| ଦାରିଙ୍ଗିବାଡ଼ି | ୨୫.୦ | ୯.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## 'ମର୍ଦ୍ଦାନି-୨'ରେ ଅଭିନୟ କରିବେ ରାଣୀ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ରାଣୀ ମୁଖାର୍ଜୀ 'ମର୍ଦ୍ଦାନି'ର ଦ୍ୱିତୀୟ ସଂସ୍କରଣ 'ମର୍ଦ୍ଦାନି-୨'ରେ ଖୁବ୍ ଶୀଘ୍ର ଅଭିନୟ କରିବାକୁ ଯାଉଛନ୍ତି। ଶେଷଥର ଲାଗି ସେ 'ହିଚ୍‌କି'ରେ ଅଭିନୟ କରିଥିବାର ଦେଖିବାକୁ ମିଳିଥିଲା। ତାଙ୍କ କହିବାନୁଯାୟୀ, ଉକ୍ତ ଫିଲ୍ମର ପ୍ରଥମ ଭାଗ ତାଙ୍କ ହୃଦୟକୁ ଛୁଇଁପାରିଥିଲା। ମର୍ଦ୍ଦାନି-୨ରେ ଅଭିନୟ କରିବାକୁ ସେ ଆଉ ବେଶି ବିଳମ୍ବ କରିବେ ନାହିଁ।

ମର୍ଦ୍ଦାନି ସବୁବେଳେ ମୋ ହୃଦୟ ସହ ଜଡିରହିଛି। ଏହା ରିଲିଜ ହେବା ପରେପରେ ଅନେକ ଦର୍ଶକ ପ୍ରଶ୍ନ କରିଥିଲେ, ମର୍ଦ୍ଦାନି-୨ କେବେ ରିଲିଜ୍ ହେଉଛି। ତେବେ ଏ ସମ୍ପର୍କିତ ଘୋଷଣା ସମସ୍ତଙ୍କୁ ବିସ୍ମିତ କରିବ। ଗୋପୀ ଏଥିପାଇଁ ସୁନ୍ଦର ସ୍କ୍ରିପ୍ଟ ଲେଖିଥିବା ବେଳେ ସମସ୍ତେ ଏହାକୁ ପସନ୍ଦ କରିଛନ୍ତି। ତେବେ ଏହାର ଶୁଟିଂ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ରାଣୀ ଏକ ବିବୃତିରେ କହିଛନ୍ତି।

ମର୍ଦ୍ଦାନି ୨୦୧୪ରେ ରିଲିଜ୍ ହୋଇଥିଲା। ଏଥିରେ ରାଣୀ ମୁଖାର୍ଜୀ ଜଣେ ବରିଷ୍ଠ ଇନ୍‌ସପେକ୍ଟର (ଶିବାନୀ ଶିବାଜୀ ରଏ) ଭୂମିକାରେ ଅଭିନୟ କରିଥିଲେ। ୟଶରାଜ ଫିଲ୍ମ ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଥିବା ମର୍ଦ୍ଦାନି-୨ର ଶୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବ ଏବଂ ଏହା ଆସନ୍ତାବର୍ଷ ଦ୍ୱିତୀୟାର୍ଦ୍ଧରେ ରିଲିଜ୍ ହେବାର ଅଛି।






# Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : **www.dharitri.com**

# MOCK TEST PAPER # 1

## CLASS-XII (PHYSICS)

**Time Allowed : 3 hours** **Maximum Marks: 70**

### GENERAL INSTRUCTIONS

***i.*** ***All questions are compulsory. There are 27 questions in all.***

***ii.*** ***This question paper has five sections : Section A, Section B, Section C and Section D.***

***iii.*** ***Section A contains five questions of one mark each, Section B contains seven questions of two marks each, Section C contains twelve questions of three marks each, Section D contains three questions of five marks each.***

***iv.*** ***There is no overall choice. However, an internal choice has been provided in one question of two marks, one question of three marks and all the three questions of five marks weightage. You have to attempt only one of the choices in such questions.***

### SECTION-A

**1.** What is the direction of the force acting on a charged particle q, moving with a velocity $\vec{v}$ in a uniform magnetic field $\vec{B}$ ?

**2.** The instantaneous current from an ac source is I = 5sin 314t ampere. What is the rms value of the current ?

**3.** What is the value of refractive index of a medium of polarizing angle $60^0$ ?

**4.** Name the part of electromagnetic spectrum which is suitable for

i. radar systems used in aircraft navigation.

ii. treatment of cancer tumours.

**5.** Two nuclei have mass numbers in the ratio 2 : 5. What is the ratio of their nuclear densities ?

### SECTION-B

**6.** Two point charges, $q_1 = 10 \times 10^{-8}$C and $q_2 = -2 \times 10^{-8}$C are separated by a distance of 60 cm in air.

i. Find at what distance from the 1st charge, $q_1$, would the electric potential be zero.

ii. Also calculate the electrostatic potential energy of the system.

**OR**

Two point charges 4Q, Q are separated by 1 m in air.

i. At what point on the line joining the charges is the electric field intensity zero ?

ii. Also calculate the electrostatic potential energy of the system of charges, taking the value of charge $Q = 2 \times 10^{-7}$C.

**7.** The oscillating magnetic field in a plane electromagnetic wave is given by $B_y = (8 \times 10^{-6}) \sin[2 \times 10^{11} t + 320\pi x]$T

i. Calculate the wavelength of the electromagnetic wave.

ii. Write down the expression for the oscillating electric field.

**8.** List any four applications of intersect.

**9.** What conclusion can you draw from the following observations on a resistor made of alloy manganin ?

| Current A | Voltage V | Current A | Voltage V |
|---|---|---|---|
| 0.2 | 3.94 | 3.0 | 59.2 |
| 0.4 | 7.87 | 4.0 | 78.8 |
| 0.6 | 11.8 | 5.0 | 98.6 |
| 0.8 | 15.7 | 6.0 | 118.5 |
| 1.0 | 19.7 | 7.0 | 138.2 |
| 2.0 | 39.4 | 8.0 | 158.0 |

**10.** Calculate the enenrgy in fusion reaction:

$^2_1H + ^2_1H \rightarrow ^3_2He + n$, where B.E. of $^2_1H = 2.23$. MeV and of $^3_1He = 7.73$ MeV

**11.** Answer the following questions:


(a) A virtual image, we always say, cannot be caught on a screen. Yet when we 'see' a virtual image, we are obviously bringing it on to the 'screen' (i.e., the retina) of out eye. Is there a contraction?

(b) The refractive index of diamond is much greater than that of ordinary glass. Is this fact of some use to a diamond cutter ?

**12.** Why is the diffraction of sound wave more evident in daily experience than that of light wave ?

### SECTION-C

**13.** State Kirchhoff's rules. Apply Kirchhoff's rules to the loops ACBPA and ACBQA to write the expression for the current $I_1$, $I_2$ and $I_3$ in the network.




**14.** If a light beam shows no intensity variation when transmitted through a polaroid which is rotated, does it mean that the light is unpolarized ? Explain briefly.

**15.** i. Define activity of a radioactive material and write its SI unit.

ii. Plot a graph showing variation of activity of a given radioactive sample with time.

iii. The sequence of stepwise decay of a radioactive nucleus is $D \xrightarrow{\alpha} D_1 \xrightarrow{\beta^-} D_2$

If the atomic number and mass number of $D_2$ are 71 and 176 respectively, what are their corresponding values for D ?

**16.** A 10μF capacitor is charged by a 30 V dc supply and then connected across an uncharged 50μF capacitor. Calculate (i) the final potential difference across the combination, and (ii) the initial and final energies. How will you account for the difference in energy ?

**17.** (a) Draw a ray diagram showing the formation of image by a reflecting telescope.

(b) Write two advantages of a reflecting telescope over a refracting telescope.

**18.** An electron and a proton are accelerated through the same potential. Which one of the two has (i) greater value of de Broglie wavelength associated with it and (ii) less momentum ? Justify your answer.

**19.** Write two basic modes of communication. Explain the process of amplitude modulation. Draw a schematic sketch showing how amplitude modulated signal is obtained by superposing a modulating signal over a sinusoidal carrier wave.

**20.** An illuminated object and a screen are placed 90 cm apart. Determine the focal length and nature of the lens required to produce a clear image on the screen, twice the size of the object.

**OR**

The image obtained with a convex lens is erect and its length is four times the length of the object. If the focal length of the lens is 20 cm, calculate the object and image distance.

**21.** i. Draw a neat labelled ray diagram of an astronomical telescope in normal adjustment. Explain briefly its working.

ii. An astronomical telescope uses two lenses of powers 10D and 1D. What is its magnifying power in normal adjustment ?

**22.** The deuteron is bound by nuclear forces just as H-atom is made up of p and e bound by electrostatic forces. If we consider the force between neutron and proton in deuteron as given in the form of a Coulomb potential but with an effective charge e′ :


$F = \frac{1}{4\pi\varepsilon_0} \frac{e'^2}{r}$. Estmate the value of $(e'/e)$ given that the binding energy of a deuteron is 2.2 MeV.

**23.** White light reflected at perpendicular incidence from a soap film has, in the visible spectrum, an interference maximum at 6000 $A^0$ and a minimum at 4500 $A^0$ with no minimum in between. If $\mu = 4/3$ for the film, what is the thickness of the film ?

**OR**

A convex lens of focal length 20 cm is placed coaxially with a convex mirror of radius of curvature 20 cm. The two are kept at 15 cm from each other. A point object lies 60 cm in front of the convex lens. Draw a ray diagram to show the formation of the image by the combination. Determine the nature and position of the image formed.

**24.** A glass rod rubbed with silk is broght close to two uncharged metallic spheres in contact with each other, inducing charges on them as shown in the following figure. Describe what happens, when




a. the spheres are slightly separated.

b. the glass rod is subsequently removed, and

c. the spheres are separated far apart.

### SECTION-D

**25.** Give the principle, construction, theory and working of an ac generator.

**OR**

Draw a labelled circuit arrangement showing the winding of primary and secondary coils in a transformer. Explain the underlying principle and working of a transformer. Write any two major sources of energy loss in this device.

**26.** A long straight wire of uniform cross section of radius a is carrying a steady current I. Use Ampere's circuital law to obtain a relation showing the variation of the magnetic field (B) inside and outside the wire with distance r, (r < a) and (r > a) at the field point from the centre of its cross section. Plot of graph showing the nature of this variation.

**OR**

State Biot-Savart's law. Using this law derive an expression for the magnetic field at a point situated at a distance of x metre from the centre of a circular coil of N turns and radius r carrying a current of IA.

**27.** Explain briefly, with the help of circuit diagram, how V-I characteristic of a p-n junction diode are obtained in (i) forward bias, and (ii) reverse bias. Draw the shape of the curve obtained.

**OR**

Discuss common emitter amplifier, using n-p-n transistor. Find its current gain, voltage gain and power gain.

**For Answers visit: www.dharitri.com**

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

ସୌ|ନ୍ଦ|ର୍ଯ୍ୟ

# ସୁନ୍ଦର ଦେଖାଯିବାକୁ ଚାହୁଁଥିଲେ

**ଯଦି ଆପଣ ପର୍ଯ୍ୟାପ୍ତ ପରିମାଣରେ ଶୋଇବେ ତେବେ ଫ୍ରେଶ ଲାଗିବେ । ଏମିତି କିଛି ଟିପ୍ସ ରହିଛି ଯାହା ଆପଣଙ୍କୁ ସୁନ୍ଦର ଦେଖାଯିବାରେ ସାହାଯ୍ୟ କରିବ...**



- ଶୋଇବା ସମୟରେ ଯଦି ବାମକଡ,ଡାହାଣ କଡ ହୋଇ ଶୋଇବେ ତେବେ ଏହାର ପ୍ରଭାବ ଆପଣଙ୍କ ମୁହଁରେ ପଡିବ। ଯାହା ଦ୍ୱାରା ଆପଣଙ୍କ ମୁହଁରେ ରିଙ୍କଲ୍ସ ପଡିଯିବ।
- ଶୋଉଥିବା ତକିଆ ବ୍ୟବହାର କରୁଥିଲେ, ଚେଷ୍ଟା କରନ୍ତୁ ତକିଆ କଭର ମୁଲାୟମ୍ କପଡାର ହେବା ଆବଶ୍ୟକ।
- ରାତିରେ ପର୍ଯ୍ୟାପ୍ତ ପରିମାଣର ଶୁଅନ୍ତୁ ଏବଂ ନାଇଟ୍ କ୍ରିମ୍ ଲଗାଇ ହାଲ୍କା ମସାଜ୍ କରନ୍ତୁ। ଏହାଦ୍ୱାରା ଆପଣଙ୍କ ସ୍କିନ୍ ମଶ୍ଚରାଇଜ୍ ରହିଥାଏ। ଯାହା ଫଳରେ ମୁହଁରେ ଫାଇନ୍ ଲାଇନ୍ସ ଦେଖାଯାଇ ନ ଥାଏ।
- ଯଦି ଆପଣ ଏୟାର କଣ୍ଡିଶନର ସଂସ୍ପର୍ଶରେ ଆସୁଛନ୍ତି ତେବେ ଚେଷ୍ଟା କରନ୍ତୁ ମୁହଁ ଯେପରି ଏସି ସମ୍ମୁଖରୁ ଦୂରେଇ ରହିବ। ଏହାଦ୍ୱାରା ଆପଣଙ୍କ ମୁହଁର ଚମକ ନଷ୍ଟ ହେବ ନାହିଁ।



ଝିଅକୁ ଶିଖାନ୍ତୁ

# ସମ୍ପର୍କ ଯୋଡ଼ି ରଖିବାର କଳା

**ଝିଅଟିଏ ବୋହୂ ହୋଇ ଶାଶୁଘରକୁ ଗଲେ ତାହାର ଦାୟିତ୍ୱ ବଢ଼ିଯାଏ। ଶାଶୁଘର ସଦସ୍ୟଙ୍କ ସହ ମନ ମିଳାଇ ତାକୁ ଚାଲିବାକୁ ପଡ଼େ। ତେବେ ସେଠାରେ ସେ କିପରି ସୁସମ୍ପର୍କ ରଖିପାରିବ, ସେନେଇ ତାକୁ ବିବାହ ପୂର୍ବରୁ କିଛି ଶିଖିବାକୁ ପଡିଥାଏ। ସେ ସମ୍ପର୍କରେ...**





### ସାବଧାନତା

ଝିଅର ସୁରକ୍ଷା ଏବଂ ତା'ର ଭବିଷ୍ୟତ ପାଇଁ ଜନ୍ମଦାତ୍ରୀ ମା' ସବୁପ୍ରକାର ଚେଷ୍ଟା କରିଥାଏ। ଯେତେବେଳେ ଝିଅର ବାହାଘର ହୋଇଯାଉଛି ତାକୁ ଆଉ ଏକ ଘରର ଦାୟିତ୍ୱ ତୁଲାଇବାକୁ ପଡିଥାଏ। ତେଣୁ ଏହି ସମୟରେ ମାପିଚୁପି ଚାଲିବାକୁ ପଡେ। ଟିକେ ଟିକେ ଅସାବଧାନତା ଏପରି ସମସ୍ୟା ସୃଷ୍ଟି କରେ, ଯାହା ପରବର୍ତ୍ତୀ ସମୟରେ ତାକୁ ଅଡୁଆରେ ପକାଇବାର ସମ୍ଭାବନା ରହିଛି। ତେଣୁ ଏହି ଦିଗ ପ୍ରତି ଦୃଷ୍ଟି ଦେବା ନିହାତି ଜରୁରୀ। ବିବାହ ପୂର୍ବରୁ ଯଦି ମା' ତାକୁ ଏ ନେଇ କିଛି ଟିପ୍ସ ଦେଇଥାଆନ୍ତି କିମ୍ବା ସେ ନିଜର ଉପସ୍ଥିତ ବୁଦ୍ଧିକୁ ଠିକ୍ ଭାବରେ ଉପଯୋଗ କରେ, ତେବେ ତାହାର ବ୍ୟକ୍ତିତ୍ୱ ଆହୁରି ପ୍ରଶଂସିତ ହୋଇଥାଏ।

### ଝିଅକୁ ଦିଅନ୍ତୁ ନିଜକୁ ଗଢ଼ି ତୋଳିବାର ସ୍ୱାଧୀନତା

ଝିଅଟି ଯେତେବେଳେ ବାପଘରୁ ଶାଶୁ ଘରକୁ ଯାଉଛି, ତାକୁ ପ୍ରତ୍ୟେକ କ୍ଷେତ୍ରରେ ନଜର ରଖିଲେ ସେ ନିଜ ବୁଦ୍ଧି ଖଟାଇବାକୁ ସମୟ ପାଇ ନ ଥାଏ। ହେଲେ ସେହି ବୁଦ୍ଧିକୁ ଭଲ ବାଟରେ ଉପଯୋଗ କରିବା ଦରକାର। ତେଣୁ ଝିଅଟି ନିଜ ଜୀବନକୁ କିପରି ନିଜେ ଗଢୁଛି ତାହା ଭଲ ଭାବରେ ଲକ୍ଷ୍ୟ କରନ୍ତୁ। ଯଦି ସେଥିରେ କିଛି ଦୋଷତ୍ରୁଟି ପରିଲକ୍ଷିତ ହେଉଛି ତେବେ ତାହାକୁ ତୁରନ୍ତ ସମାଧାନ କରନ୍ତୁ। ନିଜ ସମସ୍ୟାକୁ ଯଦି ସେ ଭଲ ଭାବରେ ସମାଧାନ କରିପାରୁଛି, ତେବେ ନିଜ ନୂଆ ଜୀବନକୁ ଆଗେଇ ନେବାରେ ସେ ଅସୁବିଧାର ସମ୍ମୁଖୀନ ହୋଇ ନ ଥାଏ। ପ୍ରତିଟି କଥାରେ ଯଦି ମା' ଝିଅକୁ ଉପଦେଶ ଦେବା ଆରମ୍ଭ କରନ୍ତି ତେବେ ଝିଅ ନିଜ ବୁଦ୍ଧି ଖଟାଇବାକୁ ସମୟ ପାଇ ନ ଥାଏ। ତାକୁ ଯେମିତି ଏକ ପଞ୍ଜୁରି ଭିତରେ ଆବଦ୍ଧ ହୋଇ ରହିବା ପରି ଲାଗିଥାଏ। ତେଣୁ ତାକୁ ଗାଇଡ୍ କରନ୍ତୁ–ଏଥିରେ ଦ୍ୱିମତ ନାହିଁ। ହେଲେ ସବୁ କଥାରେ ମୁଣ୍ଡ ଖେଳାଇଲେ ତାହା ତାଙ୍କର ବ୍ୟକ୍ତିଗତ ଜୀବନକୁ ଅନେକାଂଶରେ ପ୍ରଭାବିତ କରିଥାଏ।

### ଶାଶୁଘର ନୁହେଁ ନିଜ ଘର

ଯେତେବେଳେ ଝିଅଟିଏ ବାହାହୋଇ ଶାଶୁଘରକୁ ଆସେ ସେତେବେଳେ ସେ ଘରକୁ ନିଜର ବୋଲି ଭାବିବା ଦରକାର। ନୂଆ ଘର, ନୂଆ ଲୋକ, ଆଉ ତା' ଭିତରେ ତାକୁ ଆଗେଇବାକୁ ପଡ଼େ। ତେଣୁ ସେହି ଲୋକଙ୍କ ସହ ଭଲ ଭାବରେ ମିଶି କିପରି ଶାଶୁଘରକୁ ଆହୁରି ସୁନ୍ଦର କରି ଗଢ଼ି ତୋଳିବ, ସେନେଇ ତାକୁ ଭଲ ଉପଦେଶ ଦିଅନ୍ତୁ। ଯଦି ସେ କିଛି ଭଲ କଥା କହୁଛି ତେବେ ତାକୁ ଆହୁରି ଉତ୍ସାହିତ କରନ୍ତୁ। ଶାଶୁଘରକୁ ନେଇ ତାକୁ ଏଭଳି ଉପଦେଶ ଦିଅନ୍ତୁ ନାହିଁ, ଯାହାଦ୍ୱାରା ସମ୍ପର୍କ ପ୍ରଭାବିତ ହେବ ଏବଂ ସେ ସେଠାରେ ଅଣନିଃଶ୍ୱାସୀ ଅନୁଭବ କରିବ।

### ଅଯଥା ହସ୍ତକ୍ଷେପ ନ ହେଉ

କେତେକ ମା' ନିଜ ଝିଅ ଶାଶୁଘରେ କିପରି ଚଳୁଛି ତାହାର ଟିକିନିଖି ଖବର ରଖିଥାଆନ୍ତି। ହେଲେ ଛୋଟ ଛୋଟ କଥାକୁ ଆଳକରି ସେମାନେ ସେଠାରେ ଅଯଥା ସମସ୍ୟା ସୃଷ୍ଟି କରନ୍ତି, ଯାହାଦ୍ୱାରା ଝିଅ ସେଠାରେ ଉପହସିତ ହୋଇଥାଏ। ତେଣୁ ଏଭଳି ଅଯଥା ହସ୍ତକ୍ଷେପ ନ କରିବା ଭଲ। ଝିଅଟି ଶାଶୁଘରେ ଭଲରେ ରହୁ ଏ କଥା ପ୍ରତ୍ୟେକ ମା' ଚାହାନ୍ତି। ହେଲେ ତା'ର ଅର୍ଥ ନୁହେଁ ଯେ ପ୍ରତିଟି କଥାରେ ମୁଣ୍ଡ ଖେଳାଇ ସେଠାରେ ନିଜର ଆଧିପତ୍ୟ ଜାହିର କରିବା ଆଦୌ ସମୀଚୀନ ନୁହେଁ।

### କିଛି ଟିପ୍ସ

- ଘରେ ଯଦି କୌଣସି ସମସ୍ୟା ହୋଇଛି ତେବେ ତା'ର ସମାଧାନ ପାଇଁ ସବୁବେଳେ ମା'ଙ୍କ ନିକଟକୁ ଫୋନ୍ ନ କରି ନିଜେ ସମାଧାନର ବାଟ ଖୋଜନ୍ତୁ। ସ୍ୱାମୀ ଏବଂ ଶାଶୁଙ୍କ ସାମ୍ନାରେ ନିଜର ଆତ୍ମବଡ଼ିମା ନ ଦେଖାଇ ତାଙ୍କ ସହ ବିନମ୍ରତାର ସହ କଥା ହୁଅନ୍ତୁ ଏବଂ ଯଦି କିଛି ଭୁଲ୍ କରିଛନ୍ତି ତେବେ ଆବଶ୍ୟକ ପଡିଲେ ତାଙ୍କଠାରୁ କ୍ଷମା ମାଗିନିଅନ୍ତୁ।
- ନିଜ ବ୍ୟକ୍ତିଗତ କଥା ସବୁବେଳେ ମା'ଙ୍କୁ କହିବା ଠିକ୍ ବୋଲି ଧାରଣାକୁ ମନରୁ ଦୂରେଇବାକୁ ଚେଷ୍ଟା କରନ୍ତୁ।
- ନୂଆ ରୋଷେଇ ବିଷୟରେ ମା'ଙ୍କ ସହ କଥା ହେଲେ କିଛି କ୍ଷତି ନାହିଁ। କେବେ କେବେ ଶାଶୁଙ୍କ ରୋଷେଇର କଳା ଶିଖନ୍ତୁ ଏବଂ ତାଙ୍କୁ ମଧ୍ୟ ପ୍ରଶଂସା କରିବାକୁ ଭୁଲନ୍ତୁ ନାହିଁ।
- କେବେ ବି ଶାଶୁଘର ଲୋକଙ୍କ ସାମ୍ନାରେ ମା'ଙ୍କର ପ୍ରଶଂସା ବାରମ୍ବାର କରନ୍ତୁ ନାହିଁ।
- ବାପଘରକୁ ଆସିଲେ ପୂରା ସମୟ ମା' ସହିତ କଥାବାର୍ତ୍ତାରେ କଟାଇ ଦିଅନ୍ତୁ। କିନ୍ତୁ ଶାଶୁଘରେ ଥାଇ ସବୁ ସମୟ ମା' ସହ ଫୋନ୍‌ରେ କଥା ହେବା କିମ୍ବା ଭିଡିଓ ଚାଟିଂରେ ଘରର ସବୁ କଥା କହିବା ଜରୁରୀ ନୁହେଁ। ଏହାଦ୍ୱାରା ଶାଶୁଘର ଲୋକ ହୁଏତ ଏହି କଥାକୁ ଭିନ୍ନ ଅର୍ଥରେ ନେବା ଅସମ୍ଭବ ନୁହେଁ।

### ଏମାନେ କ'ଣ କରନ୍ତି



**ମନ୍ଦାକିନୀ ଦାସ**
**(ଗୃହିଣୀ, ଚୌଦ୍ୱାର, କଟକ)**

ଜଣେ ବୋହୂ ଭାବେ ଶାଶୁଘରେ ଦେଖାଯାଉଥିବା ସମସ୍ୟାର କାରଣ ପ୍ରଥମେ ଖୋଜି ବାହାର କରେ। ତା'ପରେ ସମାଧାନର ବାଟ ଖୋଜେ। ଛୋଟ ଛୋଟ ସମସ୍ୟା ହେଲେ ବାପଘରକୁ କେବେ ବି ଏହାର ସମାଧାନର ଉପାୟ ପଚାରି ନ ଥାଏ। କାରଣ ସେମାନଙ୍କୁ କାହିଁକି ଅଯଥା ଟେନ୍‌ଶନ ଦେବି, ଯେଉଁଟା ମୁଁ ନିଜେ କରିପାରିବି। ଜଣେ ଆଦର୍ଶ ବୋହୂ ହେବାକୁ ହେଲେ ଶାଶୁ, ଶ୍ୱଶୁରଙ୍କ ମନଜାଣି କାମ କରିବା, ଯା' ଦେଢ଼ଶୁରଙ୍କ ପ୍ରତି ସମ୍ମାନ ରହିବା,ଝିଆରୀ, ପୁତୁରାଙ୍କୁ ନିଜ ସନ୍ତାନ ଭାବିବା ଆବଶ୍ୟକ।



**ଅଳକାନନ୍ଦା ପଟ୍ଟନାୟକ**
**(କର୍ମଜୀବୀ,ଜଗନ୍ନାଥ ବିହାର,ବରମୁଣ୍ଡା,ଭୁବନେଶ୍ୱର)**

ବାପଘର ଲୋକ କୌଣସି କଥାରେ ଇଣ୍ଟର ଫିୟର କଲେ କଥାଟା ଖରାପ ହେବ। କିଛି ବି ସମସ୍ୟା ଆସୁଛି ତେବେ ତାକୁ ସହଜରେ ହ୍ୟାଣ୍ଡେଲ କରନ୍ତୁ। ପ୍ରଥମେ ଶାଶୁଘରେ ଆଡଜଷ୍ଟ କରିବାକୁ ଟିକେ ସମୟ ଲାଗିବ । ନିଜେ ଯଦି ସାକ୍ରିଫାଇସ୍ ଏବଂ କମ୍ପ୍ରମାଇଜ୍ କରିବେ ସବୁ ଜିନିଷ ସମାଧାନ ଆପେ ଆପେ ହୋଇଯିବ। ଜଣେ ଆଦର୍ଶ ବୋହୂ ଭାବରେ ମୋ ଦ୍ୱାରା ଯାହା ସମ୍ଭବ ମୁଁ ସେଥିରେ କେବେ ବି ହେଳା କରେ ନାହିଁ। ଶାଶୁଘରକୁ ଅପମାନ କଲାଭଳି କାମ କିଛି କରେନି।

ଶୀତଦିନେ ଫ୍ୟା|ଶ|ନ

**ଶୀତଦିନ ଆସିଗଲାଣି । ଶୀତଦିନେ ସମସ୍ତେ ସ୍ମାର୍ଟ ଏବଂ ଆକର୍ଷକ ଦେଖାଯିବାକୁ ଚାହାନ୍ତି । ଏଥିପାଇଁ ନିମ୍ନଲିଖିତ ଟିପ୍ସ ଆପଣେଇ ପାରନ୍ତି..**

- ଏହି ଦିନେ ଆପଣ ସ୍ୱେଟର ପିନ୍ଧି ବି ନିଜକୁ ଷ୍ଟାଇଲିଶ୍ ଲୁକ୍ ଦେଇ ପାରିବେ। ବେଲ୍‌ଟେଡ୍ ସ୍ୱେଟର ପିନ୍ଧିବା ଦ୍ୱାରା ଆପଣ ଆହୁରି ଷ୍ଟାଇଲିଶ୍ ଦେଖାଯିବେ। ଆପଣ ଏହାକୁ ଜିନ୍ସ, ସ୍କର୍ଟ ଟ୍ରାଉଜର ସହିତ ମଧ୍ୟ ପିନ୍ଧିପାରିବେ।
- ଏବେ ବଜାରରେ ସୋଲଡର ପ୍ୟାଡ୍ ଜ୍ୟାକେଟ୍‌ର ଚାହିଦା ବଢ଼ିଛି। ଏହି ଜ୍ୟାକେଟ୍‌କୁ ଡ୍ରେସ ଓ ଜିନ୍ସ ସହ ମଧ୍ୟ ପିନ୍ଧିପାରିବେ।
- ଡେନିମ୍ ସହ ଡେନିମ୍ ପିନ୍ଧିବା ଯେମିତି ଫ୍ୟାଶନ୍, ସେମିତି ଲେଦର ସହ ଲେଦର ପିନ୍ଧିବା ମଧ୍ୟ ଏକ ଫ୍ୟାଶନ୍ ହୋଇଯାଇଛି। ଲେଦର ଜ୍ୟାକେଟ୍‌କୁ ଜିନ୍ସ କିମ୍ବା ଲେଦର ସ୍କର୍ଟକୁ ସିର୍ଟିନ୍ ଟପ୍‌ରେ ପିନ୍ଧିପାରିବେ।
- ଓ୍ୱିଣ୍ଟର ସିଜନ୍‌ରେ ମୁଣ୍ଡଠୁ ଆରମ୍ଭ କରି ପାଦ ପର୍ଯ୍ୟନ୍ତ ଲେଦର ଆଉଟ୍ ଫିଟ୍ ପିନ୍ଧିବା ଫ୍ୟାଶନ୍ ଚାଲିଛି।
- ଆପଣ କଳା ରଙ୍ଗ ସହ ବରଗଣ୍ଡି,ବ୍ରାଉନ୍ କଲର ଲେଦର ଆଉଟ୍ ଫିଟ୍ ବି ପିନ୍ଧିପାରିବେ।
- ଏହି ଦିନେ ଆନିମଲ ପ୍ରିଣ୍ଟେଡ୍ ପ୍ୟାଟର୍ନର ଆଉଟ୍ ଫିଟ୍ ପ୍ରଚଳନ ବେଶି ଚାଲିଛି। ବ୍ରାଉନ୍ ସ୍ୱଟ ପ୍ୟାଟର୍ନ ଥିବା ଡ୍ରେସ ସବୁଠୁ ଭଲ ଅପଶନ୍। ଲିଓପାର୍ଡ ପ୍ରିଣ୍ଟ ଥିବା ମିଡ୍ଡି ସ୍କର୍ଟ ପିନ୍ଧି ଆପଣ ସ୍ମାର୍ଟ ଲୁକ୍ ପାଇପାରିବେ।
- ଏହି ସିଜନ୍‌ରେ ବ୍ରାଉନ୍ ଶେଡ୍ ଟ୍ରେଣ୍ଡ ଚାଲିଛି। ଟ୍ରେଞ୍ଚ କୋର୍ଟଠୁ ଆରମ୍ଭ କରି ଜମ୍ପ ସୁଟ୍ ପର୍ଯ୍ୟନ୍ତ, ଜିପ୍ କୋର୍ଟରେ ସବୁ ଷ୍ଟାଇଲ୍‌ରେ ବ୍ରାଉନ୍ ଶେଡ୍ ଦେଖିବାକୁ ମିଳିବ।





# ଗୃହିଣୀଙ୍କ ପାଇଁ

- ରୋଷେଇପାଇଁ ଲାଗୁଥିବା ସବୁ ଉପକରଣକୁ ଯଥାସ୍ଥାନରେ ରଖନ୍ତୁ ଫଳରେ ରୋଷେଇ ସମୟରେ ଅସୁବିଧା ହେବନାହିଁ।
- ରୋଷେଇ ପାଇଁ ଭଲ ଧାର ଥିବା ଛୁରି ରଖନ୍ତୁ।
- ଯେଉଁ ଖାଦ୍ୟ ରୋଷେଇ ହେବା ପାଇଁ ଅଧିକ ସମୟ ଲାଗୁଛି ତାକୁ ପ୍ରଥମେ ସାରି ଦିଅନ୍ତୁ।
- ଯଦି ଆପଣ କିଛି ସିଝାଇବା ପାଇଁ ଚାହୁଁଛନ୍ତି ତାକୁ ପ୍ରେସରକୁକରରେ ବସାଇ ଦିଅନ୍ତୁ। ଏହା ଜଲ୍‌ଦି ହୋଇଯିବ।
- ରୋଷେଇ ଆରମ୍ଭ କରିବା ପୂର୍ବରୁ ପ୍ରଥମେ ପନିପରିବା କାଟି ରଖନ୍ତୁ ।
- ରୋଷେଇ ସରିବା ପରେ ପ୍ଲାଟଫର୍ମକୁ ଭଲଭାବେ ସଫା କରି ଦିଅନ୍ତୁ।

ଖା|ଦ୍ୟ|ରୁ|ଚି

# ଟମାଟୋ ଚିକେନ୍



**ଆବଶ୍ୟକ ସାମଗ୍ରୀ:** ଚିକେନ୍: ୬୬୦ଗ୍ରାମ୍, ଲୁଣ ଏକ ଚାମଚ, ଗୋଲମରିଚ ଏକ ଚାମଚ,ତେଲ ଦୁଇ ଚାମଚ, ଅଦା ରସୁଣ ପେଷ୍ଟ ଏକ ଚାମଚ, ଡାଲଚିନି ଏକ ଇଞ୍ଚ,ତେଜପତ୍ର ଦୁଇଟି, ପିଆଜ ପ୍ୟୁରି୧୩୫ଗ୍ରାମ୍, ହଳଦୀ ଏକ ଚାମଚ, ଟମାଟୋ ପ୍ୟୁରି ୪୨୦ଗ୍ରାମ୍,ଲବଙ୍ଗ ଚାରୋଟି, ଜାଇଫଳ ଚାରୋଟି, ଇଲାଇଚି ପାଉଡର ଅଧାଚାମଚ,ଜିରାପାଉଡର ଦୁଇ ଚାମଚ, ଲୁଣ ସ୍ୱାଦ ଅନୁସାରେ, ଧନିଆ ପତ୍ର ଗାର୍ନିଶ ପାଇଁ।

**ପ୍ରସ୍ତୁତି ପ୍ରଣାଳୀ:**ଏକ ପାତ୍ରରେ ଚିକେନ୍ ନିଅନ୍ତୁ, ଏକ ଚାମଚ ଲୁଣ, ଏକ ଚାମଚ ଗୋଲମରିଚ ଗୁଣ୍ଡ ପକାଇ ମାରିନେଟ୍ କରି ଛାଡି ଦିଅନ୍ତୁ। ଏବେ ପ୍ୟାନ୍ ଗରମ କରନ୍ତୁ। ପ୍ୟାନ୍ ଗରମ ହେଲା ପରେ ସେଥିରେ ଦୁଇଚାମଚ ତେଲ ପକାଇ ଏକ ଚାମଚ ଅଦାରସୁଣ ପେଷ୍ଟ ଦେଇ ଦୁଇ ତିନିମିନିଟ୍ ପର୍ଯ୍ୟନ୍ତ କଷନ୍ତୁ। ମସଲା କଷି ହୋଇଗଲା ପରେ ସେଥିରେ ଡାଲଚିନି, ଦୁଇଟି ତେଜପତ୍ର ପକାଇ ଘାଣ୍ଟନ୍ତୁ। ଏବେ ପିଆଜ ପ୍ୟୁରି ପକାନ୍ତୁ ଯେ ପର୍ଯ୍ୟନ୍ତ ଲାଲ ନ ହୋଇଛି । ପିଆଜ ପ୍ୟୁରି କଷି ହୋଇଗଲା ପରେ ଏଥିରେ ହଳଦୀ ପକାଇ କଷନ୍ତୁ। ଏହାପରେ ମ୍ୟାରିନେଟ୍ ହୋଇଥିବା ଚିକେନ୍‌କୁ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ପୁଣି ଆଗରୁ ହୋଇଥିବା ଟମାଟୋ ପ୍ୟୁରି ପକାଇ କଷନ୍ତୁ। ଏବେ ଏଥିରେ ଲବଙ୍ଗ,ଜାଇଫଳ, ଇଲାଇଚି ପାଉଡର,ଜିରା ପାଉଡର, ଅଧା ଚାମଚ ଲୁଣ ପକାଇ ମିକ୍ସ କରନ୍ତୁ। ଏହାକୁ ୩୦–୩୫ମିନିଟ୍ ପର୍ଯ୍ୟନ୍ତ ଗ୍ୟାସ୍‌ରେ ବସାଇ ରଖନ୍ତୁ। ଏବେ ଆପଣଙ୍କ ଟମାଟୋ ଚିକେନ୍ ପ୍ରସ୍ତୁତ ହୋଇଗଲା।



"୨୦୧୮-୧୯ ଶେଷ ସୁଦ୍ଧା ଦେଶର ପାସେଞ୍ଜର ଭେହିକିଲ ସେଗମେଣ୍ଟରେ ପ୍ରଥମ ତିନି କମ୍ପାନୀ ମଧ୍ୟରେ ସ୍ଥାନିତ ହେବାକୁ ଲକ୍ଷ୍ୟ ରଖିଛି।
– ଗ୍ୱେଣ୍ଟର ବୁସେକ୍, ସିଇଓ, ଟାଟା ମୋଟର୍ସ



"ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ନକଲ ନ କରି ସବୁ ବେଳେ ତାଙ୍କଠାରୁ ବହୁତ ଶିଖିବାର ଆବଶ୍ୟକତା ରହିଛି। ନକଲ କଲେ ତୁମେ ନିଜେ ଏବଂ ତୁମ ନକଲର ଅସ୍ତିତ୍ୱ ରହିବ ନାହିଁ।
– ଜ୍ୟାକ୍ ମା, ପ୍ରତିଷ୍ଠାତା, ଆଲିବାବା ଗ୍ରୁପ

## ସଂକ୍ଷେପରେ

### ପ୍ରତ୍ୟକ୍ଷ ଟିକସ ଆଦାୟ ୧୫.୭% ବୃଦ୍ଧି



ନୂଆଦିଲ୍ଲୀ,୧୦-୧୨: ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ନଭେମ୍ବର ମଧ୍ୟରେ ମୋଟ୍ ପ୍ରତ୍ୟକ୍ଷ ଟିକସ ଆଦାୟ ୧୫.୭ପ୍ରତିଶତ ବୃଦ୍ଧି ପାଇ ୬.୭୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଏ ସମ୍ପର୍କରେ ତଥ୍ୟ ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଚଳିତ ଆର୍ଥିକ ବର୍ଷର ଏହି ଅବଧିରେ ୧.୨୩ ଲକ୍ଷ କୋଟି ଟଙ୍କା ରିଫଣ୍ଡ କରାଯାଇଛି। ଗତବର୍ଷ ଅପେକ୍ଷା ଏହା ୨୦.୮% ଅଧିକ। ଉଲ୍ଲେଖଥାଉ କି, ଚଳିତ ବର୍ଷର ବଜେଟରେ ପ୍ରତ୍ୟକ୍ଷ ଟିକସ ଆଦାୟ ୧୧.୫୦ ଲକ୍ଷ କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଅଦ୍ୟାବଧି ବଜେଟ ଅନୁମାନର ୪୮ ପ୍ରତିଶତ ଟିକସ ସଂଗ୍ରହ କରାଯାଇଛି ବୋଲି ଏଥିରେ କୁହାଯାଇଛି। ସମୀକ୍ଷା ଅବଧିରେ କର୍ପୋରେଟ ଆୟକର ଓ ଘରୋଇ ଟିକସ ସଂଗ୍ରହ କ୍ରମଶଃ ୧୭.୭% ଓ ୧୮.୩% ବଢ଼ିଛି। ସେହିପରି ରିଫଣ୍ଡ କ୍ଷେତ୍ରରେ କର୍ପୋରେଟରେ ୧୮.୪% ଓ ଘରୋଇ କ୍ଷେତ୍ରରେ ୧୬ ପ୍ରତିଶତ ବୃଦ୍ଧି ଦେଖାଯାଇଛି।

### ଏନ୍‌ପିଏସ୍‌ରେ ୬୦% ଟଙ୍କା ଉଠାଇ ଟିକସମୁକ୍ତ

ନୂଆଦିଲ୍ଲୀ,୧୦-୧୨: କେନ୍ଦ୍ର ସରକାର ନ୍ୟାଶନାଲ ପେନସନ ସ୍କିମ୍‌ରେ କର୍ମଚାରୀ ୬୦ ପ୍ରତିଶତ ପର୍ଯ୍ୟନ୍ତ ଟଙ୍କା କାଢ଼ିଲେ ଏହା ସମ୍ପୂର୍ଣ୍ଣ ଟିକସମୁକ୍ତ ହେବ ବୋଲି ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏଠାରେ ପ୍ରକାଶ କରିଛନ୍ତି। ଏଥିସହିତ ଏହି ସ୍କିମ୍‌ରେ ସରକାରଙ୍କ ଯୋଗଦାନକୁ ୪% ବଢ଼ାଯାଇଥିବା ସେ କହିଛନ୍ତି। ଏହାଦ୍ୱାରା ୨୦୧୯-୨୦ରେ ସରକାରଙ୍କ ଉପରେ ୨,୮୪୦ କୋଟି ଟଙ୍କାର ଅତିରିକ୍ତ ବୋଝ ପଡିବ ବୋଲି ସେ ପ୍ରକାଶ କରିଛନ୍ତି। ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ, ଏନ୍‌ପିଏସରେ ପୂର୍ବରୁ କର୍ମଚାରୀଙ୍କୁ ୪୦ ପ୍ରତିଶତ ପର୍ଯ୍ୟନ୍ତ ଟଙ୍କା ଉଠାଇବାକୁ ସୁଯୋଗ ମିଳୁଥିଲା। ଏହା ଟିକସ ମୁକ୍ତ ଥିଲା। ଅବଶିଷ୍ଟ ୨୦% ଉପରେ ଟିକସ ଦେବାକୁ ପଡୁଥିଲା। ଏବେ ସମ୍ପୂର୍ଣ୍ଣ ୬୦%ଟଙ୍କା ଉଠାଣକୁ ଟିକସମୁକ୍ତ କରାଯାଇଛି।

# ବିବାଦ ନେଲା ଉର୍ଜିତଙ୍କ ପଦ

**ନୂଆଦିଲ୍ଲୀ,୧୦-୧୨: ଗତ ୨ ମାସ ଧରି ଚାଲିଥିବା ବିବାଦ ଭିତରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଗଭର୍ନର ଉର୍ଜିତ ପଟେଲ ସୋମବାର ତତ୍କାଳ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଇସ୍ତଫା ଦେଇଛନ୍ତି ବୋଲି କହୁଥିଲେ ହେଁ କେନ୍ଦ୍ର ସରକାରଙ୍କ ସହ ଆର୍‌ବିଆଇର ଉପୁଜିଥିବା ବିବାଦର ଚାପ ସେ ଆଉ ସହିପାରି ନ ଥିଲେ। ଏହି କାରଣରୁ ସରକାରଙ୍କ ସହ କେନ୍ଦ୍ରୀୟ ବ୍ୟାଙ୍କର ତାଳମେଳ ନଷ୍ଟ ହୋଇଯାଇଥିଲା। ଆଉ ବେଶି ଦିନ ବିବାଦ ଭିତରେ ରହିବା ଠିକ୍ ହେବ ନାହିଁ ବୋଲି ମନେକରି ସେ ନିଜ ପଦରୁ ଇସ୍ତଫା ଦେଲେ। ବିବାଦଗୁଡିକ କ'ଣ ଥିଲା, ତାହା ନିମ୍ନରେ ବର୍ଣ୍ଣନା କରାଯାଉଛି...**



### ଆର୍‌ବିଆଇର ବଳକା ଅର୍ଥ ଚାହୁଁଥିଲା କେନ୍ଦ୍ର

ଆର୍‌ବିଆଇ ନିକଟରେ ପଡି ରହିଥିବା ବଳକା ଅର୍ଥ ଉପରେ କେନ୍ଦ୍ର ସରକାରଙ୍କ ନଜର ଥିଲା। କେନ୍ଦ୍ରୀୟ ବ୍ୟାଙ୍କ ଏହି ଟଙ୍କାକୁ ଦେଇ ଦିଅନ୍ତୁ ବୋଲି କେନ୍ଦ୍ର ସରକାର ଚାହୁଁଥିଲେ। ଏହାକୁ ଆର୍‌ବିଆଇ ବିରୋଧ କରିବାରୁ ଏହା ବିବାଦର କେନ୍ଦ୍ରବିନ୍ଦୁ ଥିଲା। ତେବେ ଆର୍‌ବିଆଇର ସ୍ୱାୟତ୍ତତାକୁ ନେଇ କୌଣସି ବିବାଦ ନାହିଁ ବୋଲି କେନ୍ଦ୍ର ସରକାର ସ୍ପଷ୍ଟୀକରଣ ଦେଇଥିଲେ। ସେହିପରି କେତେ ଟଙ୍କା ଆର୍‌ବିଆଇ କେନ୍ଦ୍ର ସରକାରଙ୍କୁ ଦେବ ସେ ନେଇ ସ୍ଥିର କରିବାକୁ ଆର୍‌ବିଆଇ ବୋର୍ଡ ଏକ ବିଶେଷଜ୍ଞ କମିଟି ଗଠନ କରିବାକୁ ସ୍ଥିର କରିଥିଲେ। ଉଭୟ କେନ୍ଦ୍ରୀୟ ବ୍ୟାଙ୍କ ଓ ସରକାର ମିଳିତ ଭାବେ କମିଟି ସଦସ୍ୟ ବାଛିବେ ବୋଲି ସ୍ଥିର ହୋଇଥିଲା। ତେବେ ଉର୍ଜିତ ଏହା ଚାହୁଁ ନ ଥିଲେ। ତାଙ୍କର ଇସ୍ତଫା ଏହା ପ୍ରମାଣିତ କରୁଛି।

ସମସ୍ୟାକୁ ଦୂର କରିବା ଲାଗି ଆର୍‌ବିଆଇ ପକ୍ଷରୁ ବହୁ କଟକଣା ଜାରି କରାଗଲା। ଫଳରେ ସେମାନଙ୍କ ପାଇଁ ନଗଦ ସଙ୍କଟ ସୃଷ୍ଟି ହେଲା। ଏହାକୁ ଦୂର କରିବା ଲାଗି ସରକାର କଟକଣା କୋହଳ କରିବାକୁ ଆର୍‌ବିଆଇ ଉପରେ ଚାପ ପକାଇଲେ। ସେହିପରି ବ୍ୟାଙ୍କିଙ୍ଗ ସେକ୍ଟରରେ ଏନ୍‌ପିଏ ସମସ୍ୟା ସୁଧାରିବା ଲାଗି ୧୧ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ପ୍ରମ୍ପଟ କରେକ୍ଟିଭ ଆକ୍ସନ (ପିସିଏ) ଅଧୀନକୁ ଅଣାଗଲା। ଫଳରେ ସେମାନେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗକୁ ଆଉ ଋଣ ଦେଇପାରିଲେ ନାହିଁ। ଫଳସ୍ୱରୂପ ଏହି ଉଦ୍ୟୋଗ ଦିନକୁ ଦିନ ଆର୍ଥିକ ସଙ୍କଟର ସାମ୍ନା କଲେ। ଏହି କଟକଣାକୁ ମଧ୍ୟ କୋହଳ କରିବା ଲାଗି ସରକାର ଚାପ ପକାଉଥିଲେ, ଯାହା ଆର୍‌ବିଆଇ ଚାହୁଁ ନ ଥିଲା।

### ସେକ୍ସନ ୭କୁ ନେଇ ସସ୍‌ପେନ୍ସ

ଆର୍‌ବିଆଇ କଥା ଶୁଣୁ ନ ଥିବାରୁ କେନ୍ଦ୍ର ସରକାର ରିଜର୍ଭ ବ୍ୟାଙ୍କ ଆଇନର ଧାରା ୭କୁ ବ୍ୟବହାର କରିଛନ୍ତି ବୋଲି ଚର୍ଚ୍ଚା ହେଲା। ଏହି ଧାରା ବଳରେ ସରକାର ଜନହିତରେ ନିଜର ଦାବି ପୂରଣ ପାଇଁ କେନ୍ଦ୍ରୀୟ ବ୍ୟାଙ୍କକୁ କହିପାରିବେ। ତେବେ ଏ ନେଇ ସରକାରଙ୍କ ତରଫରୁ ସ୍ପଷ୍ଟ କରାଯାଇ କୁହାଯାଇଥିଲା ଯେ, ଉକ୍ତ ଧାରାକୁ ଲାଗୁ କରାଯାଇନି।

### ଋଣ ବାଣ୍ଟିବାକୁ ନେଇ ମୁହାଁମୁହିଁ

ଡେପୁଟି ଗଭର୍ନର ବିରଳ ଆଚାର୍ଯ୍ୟ ଖୋଲାଖୋଲି କେନ୍ଦ୍ର ସରକାରଙ୍କ ବିରୋଧରେ ବିଷୋଦ୍‌ଗାର କରିବା ପରେ ଆର୍‌ବିଆଇ ଓ ସରକାରଙ୍କ ମଧ୍ୟରେ ବିବାଦ ଥିବା ପଦାକୁ ଆସିଥିଲା। ସରକାର ରିଜର୍ଭ ବ୍ୟାଙ୍କର କାମରେ ହସ୍ତକ୍ଷେପ କରୁଛନ୍ତି ବୋଲି ବିରଳ ଅଭିଯୋଗ କରିବା ପରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କେନ୍ଦ୍ରୀୟ ବ୍ୟାଙ୍କ ବିରୋଧରେ ପାଲଟା ଦୋଷାରୋପ କରିଥିଲେ। ୨୦୦୮ରୁ ୨୦୧୪ ମଧ୍ୟରେ ଦେଶରେ ଋଣ ବଣ୍ଟନକୁ ଆର୍‌ବିଆଇ ଅଣଦେଖା କରିବାରୁ ବଡ଼ ଧରଣର ଏନ୍‌ପିଏସ ସମସ୍ୟା ସୃଷ୍ଟିହୋଇଛି ବୋଲି ସେ ଅଭିଯୋଗ କରିଥିଲେ।

### ଏନବିଏଫ୍‌ସିଙ୍କ ଲାଗି ନିୟମ କୋହଳ ଦାବି

ବ୍ୟାଙ୍କିଙ୍ଗ ସେକ୍ଟରରେ ସଂସ୍କାର ଆଣିବା ଲକ୍ଷ୍ୟରେ ଉର୍ଜିତଙ୍କ ନେତୃତ୍ୱରେ ଆର୍‌ବିଆଇ ବହୁ କଡ଼ା ପଦକ୍ଷେପ ଗ୍ରହଣ କଲେ। ଏନବିଏଫ୍‌ସି (ଅଣବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା)ଙ୍କ ଅନାଦାୟ ଋଣ

### ୨୦୦, ୨୦୦୦ ଟଙ୍କିଆ ନୋଟ୍‌ରେ ସ୍ୱାକ୍ଷର କରିବାରେ ପ୍ରଥମ ଗଭର୍ନର

ବିମୁଦ୍ରୀକରଣର ଠିକ୍ ୨ ମାସ ପୂର୍ବରୁ ୨୦୧୬ ସେପ୍ଟେମ୍ବର ୪ରେ ଉର୍ଜିତ ପଟେଲ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ଗଭର୍ନର ଭାବେ ଯୋଗ ଦେଇଥିଲେ। ସେ ରଘୁରାମ ରାଜନଙ୍କ ସ୍ଥାନ ନେଇଥିଲେ। ଏଥିପୂର୍ବରୁ ସେ ଆର୍‌ବିଆଇର ଡେପୁଟି ଗଭର୍ନର ଥିଲେ। ବିମୁଦ୍ରୀକରଣ ବେଳେ କେନ୍ଦ୍ରୀୟ ବ୍ୟାଙ୍କ ଜାରି କରିଥିବା ୨୦୦ ଓ ୨୦୦୦ ଟଙ୍କିଆ ନୋଟ୍‌ରେ ପ୍ରଥମ ଗଭର୍ନର ଭାବେ ତାଙ୍କର ସ୍ୱାକ୍ଷର ରହିଛି। ଯାହାକି ଏକ ଇତିହାସ ହୋଇ ରହିଯିବ।

## ଭାରତୀୟଙ୍କ ପାଇଁ ଚିନ୍ତାର ବିଷୟ: ରାଜନ



ଆର୍‌ବିଆଇ ଗଭର୍ନର ପଦରୁ ଉର୍ଜିତ ପଟେଲଙ୍କ ଇସ୍ତଫା ଖବର ପାଇବା ମାତ୍ରେ ତାଙ୍କର ପୂର୍ବସୂରୀ ପୂର୍ବତନ ଗଭର୍ନର ରଘୁରାମ ରାଜନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଦେଶବାସୀଙ୍କ ଲାଗି ଏହା ଚିନ୍ତାର ବିଷୟ ବୋଲି ସେ କହିଛନ୍ତି। ଅଭିବୃଦ୍ଧି ଓ ବିକାଶ ପାଇଁ କେନ୍ଦ୍ରୀୟ ବ୍ୟାଙ୍କକୁ ଶକ୍ତିଶାଳୀ କରାଯିବା ଆବଶ୍ୟକ। ବିବାଦର କାରଣ କ'ଣ ତାହା ଆମକୁ ଜାଣିବାକୁ ହେବ। ଆର୍‌ବିଆଇ ବୋର୍ଡର ଶକ୍ତିରେ ବିରାଟ ପରିବର୍ତ୍ତନ ଆସିଛି ବୋଲି ରାଜନ କହିଛନ୍ତି। ସୂଚନାଥାଉ କି, ସରକାରଙ୍କ ସହ ମତଭେଦ କାରଣରୁ ରାଜନଙ୍କୁ ଦ୍ୱିତୀୟ ଥର ପାଇଁ କାର୍ଯ୍ୟ କରିବାକୁ ଅନୁମତି ମିଳି ନ ଥିଲା।

## ପ୍ରଧାନମନ୍ତ୍ରୀ, ଜେଟ୍‌ଲୀଙ୍କ ପ୍ରଶଂସା



ଆର୍‌ବିଆଇ ଗଭର୍ନର ପଦରୁ ଉର୍ଜିତ ପଟେଲ ସୋମବାର ଇସ୍ତଫା ଦେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ତାଙ୍କ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଟୁଇଟ୍‌ରେ ଲେଖିଛନ୍ତି ଯେ, ଡକ୍ଟର ଉର୍ଜିତ ପଟେଲ ଜଣେ ଉଚ୍ଚକୋଟୀର ଅର୍ଥନୀତିଜ୍ଞ। ମାକ୍ରୋ ଇକୋନୋମିରେ ତାଙ୍କର ଅଗାଧ ଜ୍ଞାନ ରହିଛି। ସେ ବ୍ୟାଙ୍କିଙ୍ଗ ସିଷ୍ଟମକୁ ଅରାଜକତାରୁ ବାହାର କରି ବ୍ୟବସ୍ଥିତ ଓ ଶୃଙ୍ଖଳିତ କରିଛନ୍ତି। ତାଙ୍କ ନେତୃତ୍ୱରେ ଆର୍‌ବିଆଇରେ ଆର୍ଥିକ ସ୍ଥିରତା ଆସିଛି। ସେ ଜଣେ ପେସାଦାର ଓ ନିର୍ବିବାଦ ରୂପରେ କର୍ତ୍ତବ୍ୟନିଷ୍ଠ ଅଧିକାରୀ ଭାବେ ପରିଚିତ। ଗଭର୍ନର ଓ ଡେପୁଟି ଗଭର୍ନର ରୂପେ ସେ ଆର୍‌ବିଆଇରେ ୬ ବର୍ଷ କାର୍ଯ୍ୟ କରିଛନ୍ତି। ସେ ମହାନ ଲିଗାସି ଛାଡି ଯାଇଛନ୍ତି। ସେ ମନେରହିବେ। ଅନ୍ୟପକ୍ଷରେ ଜେଟ୍‌ଲୀ ତାଙ୍କ ଟୁଇଟ୍‌ରେ ଲେଖିଛନ୍ତି ଯେ, ଗଭର୍ନର ଓ ଡେପୁଟି ଗଭର୍ନର ରୂପରେ ଉର୍ଜିତ ପଟେଲଙ୍କ କାର୍ଯ୍ୟକୁ ଦେଶବାସୀ ସ୍ମରଣ ରଖିବେ ଓ ପ୍ରଶଂସା କରିବେ। ତାଙ୍କ ସହିତ କାମ କରିବା ଖୁସିର ବ୍ୟାପାର ଥିଲା। ଆମେ ସବୁ ତାଙ୍କର ବିଜ୍ଞତାରୁ ଲାଭ ଉଠାଇଛୁ। ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ଓ ଶୁଭେଚ୍ଛା ଜଣାଉଛି।


## କେନ୍ଦ୍ରକୁ ରାହୁଲଙ୍କ ଟାର୍ଗେଟ୍



ଉର୍ଜିତ ପଟେଲଙ୍କ ଇସ୍ତଫା ପରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଭାଜପା ନେତୃତ୍ୱାଧୀନ ଏନଡିଏ ସରକାରଙ୍କୁ ସମାଲୋଚନା କରିଛନ୍ତି। ଆର୍‌ବିଆଇର ସ୍ୱାୟତ୍ତତା ଉପରେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଯୋଗୁ ବାଧ୍ୟ ହୋଇ ଉର୍ଜିତ ଇସ୍ତଫା ଦେଲେ। ମୋଦି ସରକାର ମୁଦ୍ରା ନୀତି ଓ ବ୍ୟାଙ୍କିଙ୍ଗ ପ୍ରଣାଳୀ ଉପରେ କ୍ରମାଗତ ଚାପ ପକାଉଛନ୍ତି। ଏବେ ଦେଶକୁ ଏଭଳି ଏକ ସରକାରଙ୍କ ଆବଶ୍ୟକତା ରହିଛି, ଯିଏ କି ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିପାରିବ। ସିବିଆଇ, ଆର୍‌ବିଆଇ, ନିର୍ବାଚନ କମିଶନ ଓ ସମ୍ବିଧାନକୁ ଭାଜପା ହାତରୁ ରକ୍ଷା କରିବା ଲାଗି ବିରୋଧୀଙ୍କ ସର୍ବଦଳୀୟ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। କେନ୍ଦ୍ରୀୟ ସଂସ୍ଥାକୁ ସୁରକ୍ଷା ଦେବାକୁ ଯାଇ ଉର୍ଜିତ ଇସ୍ତଫା ଦେଲେ ବୋଲି ରାହୁଲ ଅଭିଯୋଗ କରିଛନ୍ତି।

## ମାଲ୍ୟାଙ୍କୁ ଆଣିବା ପାଇଁ ଅଣ୍ଟା ଭିଡ଼ିଲା ସିବିଆଇ

# ଆର୍ଥର ରୋଡ୍ ଜେଲ ପ୍ରସ୍ତୁତ



ମୁମ୍ବାଇ,୧୦-୧୨

ମଦ ବ୍ୟବସାୟୀ ବିଜୟ ମାଲ୍ୟା ପ୍ରତ୍ୟର୍ପଣ ମାମଲାର ରାୟ ପ୍ରକାଶ ପାଇଛି। ସେ ପ୍ରତ୍ୟର୍ପିତ ହେଲେ ତାଙ୍କୁ ମୁମ୍ବାଇର ଆର୍ଥର ରୋଡ୍ ଜେଲ୍‌ରେ ରଖାଯିବ। ଏଥିପାଇଁ ସିବିଆଇ ପକ୍ଷରୁ ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଏହାରି ନିର୍ଦ୍ଦେଶରେ ଉକ୍ତ ଜେଲ୍‌ର ବାରାକ ନମ୍ବର ୧୨ର ପୁନଃନିର୍ମାଣ କରାଯାଇଛି। ଜଣେ ଧନୀ ବ୍ୟକ୍ତି ନିଜ ଘରେ ଯେପରି ଆରାମଦାୟକ ଜୀବନ ଅତିବାହିତ କରେ ଠିକ୍ ସେହିପରି ଆର୍ଥର ରୋଡ୍ ଜେଲ୍‌ର ବାରାକ ନମ୍ବର ୧୨କୁ ନିର୍ମାଣ କରାଯାଇଛି।

ଲଣ୍ଡନର ୱେଷ୍ଟ ମିନିଷ୍ଟର ଅଦାଲତରେ ପ୍ରତ୍ୟର୍ପଣ ମାମଲାର ସମ୍ମୁଖୀନ ହେବାବେଳେ ମାଲ୍ୟା ଭାରତ ନ ଫେରିବା ନେଇ ବିତଣ୍ଡା ଯୁକ୍ତି ବାଢ଼ିଥିଲେ। ଭାରତୀୟ ଜେଲ୍‌ଗୁଡିକ ବାସ ଯୋଗ୍ୟ ନୁହେଁ। ସେ ପ୍ରତ୍ୟର୍ପିତ ହେଲେ ସେଠାରେ ରହିପାରିବେ ନାହିଁ ବୋଲି ତାଙ୍କ ଓକିଲ ଅଦାଲତରେ କହିଥିଲେ। ଏହା ଶୁଣିବା ପରେ ବିଚାରପତି ଆର୍ଥର ରୋଡ ଜେଲ୍ ସମ୍ପର୍କରେ ଜାଣିବା ଲାଗି ଏକ ଭିଡିଓ ଉପସ୍ଥାପନ କରିବାକୁ ଭାରତକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ସିବିଆଇ ପୁନଃନିର୍ମିତ ଜେଲ୍‌ର ପ୍ରକୋଷ୍ଠର ଭିଡିଓ ଉଠାଇ ଅଦାଲତରେ ଉପସ୍ଥାପନ କରିଥିଲା। ଏହି ପ୍ରକୋଷ୍ଠ ନିର୍ମାଣ ଦାୟିତ୍ୱରେ ଥିଲା ପ୍ରମେଶ କନଷ୍ଟ୍ରକ୍‌ଶନ। ଠିକାଦାର ଶିବକୁମାର ପାଟିଲ କହିଥିଲେ ଯେ, ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ଅଜମଲ କସବଙ୍କୁ ରଖାଯାଇଥିବା ସେଲ୍‌ରେ ମାଲ୍ୟାଙ୍କୁ ରଖାଯିବ। ଏହା ଅତ୍ୟନ୍ତ ସୁରକ୍ଷିତ ସେଲ୍ କୁହାଯାଉଛି। ବାରାକ ନମ୍ବର ୧୨କୁ ଯିବା ଆସିବା ଲାଗି ଉଦ୍ଦିଷ୍ଟ ରାସ୍ତାକୁ ପକ୍କା କରାଯାଇଛି। ଲଣ୍ଡନ କୋର୍ଟରେ ମାଲ୍ୟା ଅଭିଯୋଗ କରିଥିଲେ ଯେ, ଭାରତର ଜେଲ୍‌ରେ ପର୍ଯ୍ୟାପ୍ତ ସୂର୍ଯ୍ୟାଲୋକ ପଡେନାହିଁ। ଏହି କାରଣରୁ ସେଲ୍‌ରେ ଦିନର ଆଲୋକ ଯେପରି ଅଧିକ ମାତ୍ରାରେ ପଡିବ ସେ ଦିଗରେ ବ୍ୟବସ୍ଥା କରାଯାଇଛି। ଏହାଛଡା ସୂର୍ଯ୍ୟଙ୍କ ରଶ୍ମୀକୁ ବିଚ୍ଛୁରିତ କରିବା ଲାଗି ବାହାର କାନ୍ଥକୁ କଳା ରଙ୍ଗ କରାଯାଇଛି। କାନ୍ଥରେ ଟାଇଲ ଓ ମେଜିଆରେ ମାର୍ବଲ ଲଗାଯାଇଛି ବୋଲି ପାଟିଲ କହିଛନ୍ତି। ଅନ୍ୟପକ୍ଷରେ ଆର୍ଥର ରୋଡ ଜେଲ୍‌ର ପିଡବ୍ଲ୍ୟୁଡି ସେକ୍ସନ ଇଞ୍ଜିନିୟର ଇନଚାର୍ଜ ଶୈଳେଶ ପାଲ୍ ପ୍ରସ୍ତୁତି ସମ୍ପର୍କରେ ବିଶଦ ବିବରଣୀ ଦେବାକୁ ମନା କରି ଦେଇଛନ୍ତି।

## ପ୍ରମୋଟରଙ୍କ ଅଂଶଧନ ହ୍ରାସ

# ଆର୍‌ବିଆଇ ବିରୋଧରେ ହାଇକୋର୍ଟ ଗଲା କୋଟାକ୍ ମହିନ୍ଦ୍ରା

ନୂଆଦିଲ୍ଲୀ,୧୦-୧୨

ପ୍ରମୋଟରଙ୍କ ଅଂଶଧନ ହ୍ରାସ କରିବା ନେଇ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶ ବିରୋଧରେ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ବମ୍ବେ ହାଇକୋର୍ଟରେ ମାମଲା ଦାଏର କରିଛି। ବ୍ୟାଙ୍କ ପକ୍ଷରୁ ସୋମବାର ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଏଥିରେ କୁହାଯାଇଛି ଯେ, ବ୍ୟାଙ୍କର ପ୍ରମୋଟର ତଥା ପ୍ରତିଷ୍ଠାତା ଉଦୟ କୋଟାକ୍ ଅଗଷ୍ଟରେ ତାଙ୍କର ପ୍ରିଫରେନ୍ସିଆଲ ଶେୟାର ଅଂଶକୁ ୩୦ ପ୍ରତିଶତରୁ ୧୯.୭ ପ୍ରତିଶତକୁ ହ୍ରାସ କରିଛନ୍ତି। ଏହାର କିଛି ଦିନ ପରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଏକ ନିର୍ଦ୍ଦେଶନାମା ଜାରି କରି ଉଦୟଙ୍କ ଅଂଶଧନ ହ୍ରାସ ନିୟାମକଙ୍କ ଦ୍ୱାରା ପ୍ରଣୀତ ନିୟମ ପାଳନ କରୁ ନାହିଁ ବୋଲି କହି ଏହାକୁ ଆହୁରି କମାଇବାକୁ କହିଥିଲେ। ଏଥିପୂର୍ବରୁ ଏଭଳି ଏକ ମାମଲାରେ ଆର୍‌ବିଆଇ ବନ୍ଧନ ବ୍ୟାଙ୍କର ପ୍ରମୋଟର ତଥା ସିଇଓ ଚନ୍ଦ୍ର ଶେଖର ଘୋଷଙ୍କ ଦରମା ବନ୍ଦ କରିଦେଇଥିଲେ ଓ ବ୍ୟାଙ୍କକୁ ନୂଆ ଖାତା ଖୋଲିବାକୁ ଅନୁମତି ଦେଇ ନ ଥିଲେ। ବିଶେଷଜ୍ଞଙ୍କ କହିବାନୁଯାୟୀ ସଂଶୋଧିତ ବ୍ୟାଙ୍କିଙ୍ଗ ନିୟନ୍ତ୍ରଣ ଆଇନ ଅନୁଯାୟୀ ଭୋଟିଂ ଅଧିକାର ପାଇବାକୁ ହେଲେ ୨୬% ଅଂଶଧନ ପାଖରେ ରହିଥିବା ଆବଶ୍ୟକ। ଏହାକୁ ଦେଖିଲେ ପ୍ରମୋଟରଙ୍କ ଅଂଶଧନ ୨୬% ରହିବା କଥା। କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ କ୍ଷେତ୍ରକୁ ଦେଖିଲେ ଆଇନଗତ ଦୃଷ୍ଟିରୁ ଉଦୟ କୋଟାକଙ୍କ ସପକ୍ଷରେ ରାୟ ଯିବ। ତେବେ ଆର୍‌ବିଆଇର ଯୁକ୍ତି ହେଉଛି ଯେ, ପ୍ରିଫରେନ୍ସ ଶେୟାର ଜାରି କରାଯିବା ଦ୍ୱାରା ପ୍ରମୋଟରଙ୍କ ଅଂଶଧନ ହ୍ରାସ ପାଉନି ଯାହା ନିୟମ ରହିଛି।


**Office of the Executive Engineer,
Harabhangi Irrigation Division, Adava, Dist: Gajapati**
eeharabhangi@gmail.com, Phone: 06816-259628

**e – Procurement Notice No. 08/ 2018-19**

**No. 932-A:-** Bid document consisting of work, estimated cost, cost of tender paper, EMD, time of completion, class of contractor, the set of terms and condition of contract and other necessary documents can be seen in e-procurement portal http://tenderodisha.gov.in

| | | |
|---|---|---|
| 1. | Type of the work | : FDR works & Flood protection works. |
| 2. | No. of works | : 12 Nos. |
| 3. | Class of contractor | : 'D', & 'C' class |
| 4. | Bid identification No. | : EE-HID- No. 27/2018-19 to 38/ 2018-19 |
| 5. | Estimated cost | : Varies from Rs. 5.12 Lakhs to 17.70 Lakhs |
| 6. | Period of completion | : 2 (Two) and 3 (Three) calendar months |
| 7. | Date & time of availability of bid documents in the portal | : From 15.12.2018, 11.00 AM to 24.12.2018, 5.00 PM |
| 8. | Last date / time for receipt of bids in the portal | : From 15.12.2018, 11.00 AM to 24.12.2018, 5.00 PM |
| 9. | Date of opening of Bid | : 26.12.2018 at 11.00 AM in the e-procurement cell, O/o Executive Engineer, Harabhangi Irrigation Division, Adava, Gajapati |
| 10. | Name of the officer inviting Bid | : Executive Engineer, Harabhangi Irrigation Division, Adava, Gajapati |

1) Any addendum / corrigendum / cancellation of tender can also be seen in the said Website.
2) Further details can be seen from Government Website – http://tenderodisha.gov.in.

*Executive Engineer
Harabhangi Irrigation Division
Adava (Gajapati)*

32021/11/0015/1819



**BHUBANESWAR MUNICIPAL CORPORATION**

No.41828 Dt.10/12/2018

**TENDER CALL NOTICE**

Sealed Tenders, in conformity to tender schedule, are invited from intending authorised registered firms, Suppliers & Manufactures having eligibility criteria as noted below, for supply of Cartridge for Computer Printer & Xerox Machine for Bhubaneswar Municipal Corporation, so as to reach the undersigned through registered post/speed post only up to 3.30 PM on 27.12.2018. The tender documents to be obtained from the Cashier on deposit of the non-refundable cost of the tender paper, in shape of cash by 24.12.2018 subject to the fulfillment of eligibility criteria. The tenders will be opened at 5.00 PM on 27.12.2018 in presence of the bidders/their authorised representatives in Mini Conference Hall of BMC. BMC will in no way, be responsible for any delay in receipt of the tender documents. The tender envelope should superscribed as **"Tender for supply of Cartridges"**.

| Name of the Work | Cost of Tender Documents | E M D |
|---|---|---|
| Supply of Cartridge for Computer Printer & Xerox Machine | Rs. 2000/- | Rs. 20,000/- |

The tender must be accompanied with the required EMD In shape of Bank Draft / Pay Order / Bankers Cheque from any Nationalized Bank drawn in favour of Commissioner BMC, failing which the tender shall be rejected out-rightly. The tender should also be accompanied with xerox copy of valid and up-to date ITCC or PAN Card and GST clearance certificate issued by theTaxing Officer, without which the tender are liable for outright rejection. Mere procurement of Tender Document does not guarantee for fulfillment of the eligibility criteria.

The authority reserves the right to accept or reject any tender Without assigning any reason thereof.

By order,
Deputy Commissioner
Bhubaneswar Municipal Corporation

Progress Through Partnership for a Better Bhubaneswar



**ଡାକ ବିଭାଗ (ସିଭିଲ୍ ୱିଙ୍ଗ୍)**

**ଇ-ଟେଣ୍ଡର ଆମନ୍ତ୍ରଣ ସୂଚନା**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ନିର୍ମାଣ), ପୋଷ୍ଟାଲ ସିଭିଲ୍ ଡ଼ିଭିଜନ, ତୃତୀୟ ମହଲା ପୋଷ୍ଟାଲ ଷ୍ଟୋର ଡିପୋ ବିଲ୍ଡିଙ୍ଗ୍, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ନିମନ୍ତେ ଦୁଇ ଗୋଟି ଲଫାଫା ପ୍ରଣାଳୀରେ ଜଉମୁଦା ପର୍‌ସେଣ୍ଟେଜ୍ ରେଟ୍ ଟେଣ୍ଡରଗୁଡ଼ିକ ଆମନ୍ତ୍ରଣ କରାଯାଉଛି :

1. NIT No. **44/CDB/2018-19.** କାର୍ଯ୍ୟର ନାମ : ସୁନ୍ଦରଗଡ଼ ମୁଖ୍ୟଡାକଘର ଗୃହର ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ । ଆନୁମାନିକ ମୂଲ୍ୟ : ଟ.୨୦,୨୨,୪୩୭.୦୨, ଅମାନତ ଜମା ରାଶି : ଟ.୪୦,୪୪୯/-, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୨,୩୮୬.୫୦ (ଜି.ଏସ୍.ଟି. ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୯୦ (ନବେ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୧୮.୧୨.୨୦୧୮ରିଖ ଅପରାହ୍ଣ ୧୫.୦୦ଘଟିକା ପର୍ଯ୍ୟନ୍ତ ।
2. NIT No. **45/CDB/2018-19.** କାର୍ଯ୍ୟର ନାମ : ମାଲକାନାଗିରି, ଓଡ଼ିଶା ସ୍ଥିତ ଡାକଘର ଗୃହ ଏବଂ ଏସ୍.ପି.ଏମ୍. କ୍ୱାଟର୍ସର ନିର୍ମାଣ କାର୍ଯ୍ୟ । ଆନୁମାନିକ ମୂଲ୍ୟ : ଟ.୧,୩୩,୭୮,୭୪୯.୬୯, ଅମାନତ ଜମା ରାଶି : ଟ.୨,୬୭,୫୭୫/-, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୧୫,୭୮୭/- (ଜି.ଏସ୍.ଟି. ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୩୬୫ (ତିନିଶହ ପଞ୍ଚଷଠି) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୨୬.୧୨.୨୦୧୮ରିଖ ଅପରାହ୍ଣ ୧୫.୦୦ଘଟିକା ପର୍ଯ୍ୟନ୍ତ ।

ବିଡ୍ ଫର୍ମ ଏବଂ ଅନ୍ୟ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ **https://dopcivil.euniwizard.com** ରୁ ପ୍ରାପ୍ତ କରାଯାଇ ପାରିବ ।

ସ୍ୱା/- କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ନିର୍ମାଣ),
ପୋଷ୍ଟାଲ ସିଭିଲ୍ ଡିଭିଜନ, ଭୁବନେଶ୍ୱର



**TENDER CALL NOTICE**

**Tender Notification No. 2583 Dt. 05.12.2018**


**No.116-L:-** Deputy Director of Horticulture, Mayurbhanj, Baripada invites Technical & Financial bids from the registered firms and producers for supply of Lemon Grass Slips of variety Krishna (Cymbopogon flexosus) for utilization in MGNREGS plantations during 2018-19. An earnest money deposit of Rs.5,000/- (Rupees five thousand) only per product & the tender must be accompanied with EMD in shape of Bank Draft in any Nationalized Bank payable at Baripada in favour of Deputy Director of Horticulture, Mayurbhanj, Baripada. The tender paper can be obtained from O/o DDH, Mayurbhanj on payment of Rs.500/- (Rupees five hundred) only (non-refundable) in working days from the date of publication of this notice till 20.12.2018. The same can be downloaded from the District website at www.mayurbhanj.nic.in and in such case the DD of Rs.500/- on refund is to be attached with tender paper towards cost of tender paper.

Tender paper completed in all respect along with all required documents should reach at office of the DDH, Mayurbhanj, Baripada on or before 20.12.2018.

| | |
|---|---|
| Date of closing of sale of tender paper- | 20.12.2018 at 5.00 P.M. |
| Date of closing of submission of technical bid and finaicial bid- | 20.12.2018 at 5.00 P.M. |
| Date of opening of Technical and financial bid- | 21.12.2018 at 11.00 A.M. |

**Sd./-
Deputy Director of Horticulture
Mayurbhanj, Baripada**

01059/11/0001/1819



ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ ।


ଚାଇନାକୁ ହରାଇବା ପରେ ଉଲ୍ଲସିତ ଫ୍ରାନ୍ସ ଖେଳାଳି ।

# ଇଂଲଣ୍ଡ, ଫ୍ରାନ୍ସ କ୍ୱାର୍ଟର ଫାଇନାଲରେ

ଭୁବନେଶ୍ୱର, ୧୦।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ସୋମବାର ୨ଟି କ୍ରସ୍ ଓଭର ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚରେ ଇଂଲଣ୍ଡ ୨-୦ ଗୋଲରେ ନ୍ୟୁଜିଲାଣ୍ଡକୁ ହରାଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ଫ୍ରାନ୍ସ ୧-୦ରେ ଚାଇନାକୁ ପରାସ୍ତ କରିଛି। ଫଳରେ ଇଂଲଣ୍ଡ ଓ ଫ୍ରାନ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବାବେଳେ ନ୍ୟୁଜିଲାଣ୍ଡ ଓ ଚାଇନାର ଅଭିଯାନ ଏହିଠାରୁ ଶେଷ ହୋଇଛି। ଡିସେମ୍ବର ୧୨ରେ ହେବାକୁଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ଇଂଲଣ୍ଡ ପୁଲ୍'ଏ'ର ଶୀର୍ଷ ଦଳ ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନାକୁ ଭେଟିବ। ସେହିଦିନ ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଫ୍ରାନ୍ସ ପୁଲ୍'ବି'ର ଶ୍ରେଷ୍ଠ ଦଳ ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆକୁ ଭେଟିବ।

## ନ୍ୟୁଜିଲାଣ୍ଡ, ଚାଇନାର ଅଭିଯାନ ଶେଷ

ପ୍ରଥମ କ୍ରସ୍ଓଭର ମ୍ୟାଚରେ ନ୍ୟୁଜିଲାଣ୍ଡ ଏବଂ ଦ୍ୱିତୀୟ କ୍ରସ୍ଓଭରରେ ପଦାର୍ପଣକାରୀ ଚାଇନା ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଚାଇନା ୪ଟି ମ୍ୟାଚ ଖେଳିଥିଲେ ହେଁ ବିଜୟ ସ୍ୱାଦ ବିନା ସ୍ୱଦେଶ ଫେରିଛି। ତେବେ ପ୍ରଥମ ପଦାର୍ପଣରେ ଦଳ କ୍ରସ୍ଓଭର ଖେଳିଥିବାରୁ ଖେଳାଳିମାନେ ଅନେକ ଅନୁଭୂତି ଲାଭ କରିଛନ୍ତି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ପୁଲ୍ ପର୍ଯ୍ୟାୟରେ ଗୋଟିଏ ମ୍ୟାଚରେ ବିଜୟୀ ହୋଇଥିଲେ ହେଁ କ୍ରସ୍ଓଭରରେ ଆଶାନୁରୂପ ପ୍ରଦର୍ଶନ କରି ନ ପାରି ବିଦା ହୋଇଛି। ୱିଲ୍ କାଲନାନ ଓ ଲ୍ୟୁକ ଟେଲରଙ୍କ ଗୋଲ ଇଂଲଣ୍ଡକୁ କ୍ୱାର୍ଟର ଫାଇନାଲ ନେବା ପାଇଁ ପର୍ଯ୍ୟାପ୍ତ ହୋଇଥିଲା।

ଦୁଇ ସମକକ୍ଷ ଦଳ ଇଂଲଣ୍ଡ-ନ୍ୟୁଜିଲାଣ୍ଡ ମଧ୍ୟରେ ମୁକାବିଲା ଆରମ୍ଭରୁ ମାନ୍ଦା ରହିଥିଲା। ନ୍ୟୁଜିଲାଣ୍ଡ ରକ୍ଷଣାତ୍ମକ ଏବଂ ଇଂଲଣ୍ଡ ଆକ୍ରମଣାତ୍ମକ ରଣନୀତିରେ ଖେଳ ଆରମ୍ଭ କରିଥିଲେ। ୫ମ ମିନିଟରେ ଇଂଲଣ୍ଡକୁ ମିଳିଥିବା ପେନାଲ୍ଟି କର୍ନର ବେକାର ଯାଇଥିଲା। ମାର୍କ ଗ୍ଲେଘୋର୍ନ ଟାର୍ଗେଟ୍ ଶୁଟ୍ କରିପାରି ନ ଥିଲେ। ଦୁଇ ଦଳ ଫିଲ୍ଡ ଗୋଲ ପାଇଁ କେତେକ ସୁଯୋଗ ସୃଷ୍ଟି କରିଥିଲେ ହେଁ ତାହା ସମ୍ଭବ ହୋଇ ନ ଥିଲା। ଦ୍ୱିତୀୟ କ୍ୱାର୍ଟରରେ ଅଗ୍ରଣୀ ନେବା ଲକ୍ଷ୍ୟରେ ଉଭୟ ଦଳ ରହିଥିବାବେଳେ ଇଂଲଣ୍ଡ ଆକ୍ରମଣକୁ ଅଧିକ ଜୋରଦାର କରିଥିଲା। ନ୍ୟୁଜିଲାଣ୍ଡର ରକ୍ଷଣଭାଗ ଭେଦ ପାଇଁ ଦଳ ବାରମ୍ବାର ଉଦ୍ୟମ କରିଥିଲା। ଶେଷରେ ୨୫ତମ ମିନିଟରେ ସୁଫଳ ମିଳିଥିଲା। ନ୍ୟୁଜିଲାଣ୍ଡର ଡି' ଏରିଆ ମଧ୍ୟରେ ବଲ୍ ପାଇଁ ସଂଘର୍ଷ ଚାଲିଥିବାବେଳେ ଅଧିନାୟକ ଫିଲ୍ ରୋପରଙ୍କ ପାସ୍‌କୁ ସିଧା ଗୋଲରେ ପରିଣତ କରିଥିଲେ ୨୫ ନମ୍ବର ଖେଳାଳି ୱିଲ୍ କାଲନାନ। ୨୮ତମ ମିନିଟରେ ଗୋଲ ପରିଶୋଧ ପାଇଁ ନ୍ୟୁଜିଲାଣ୍ଡ ନିକଟରେ ସୁଯୋଗ ଥିଲେ ହେଁ ପେନାଲ୍ଟି କର୍ନର କନ୍‌ଭର୍ସନ ସମୟରେ ଦୁର୍ବଳ ଶଟ୍ ଯୋଗୁ ତାହା ବେକାର ଯାଇଥିଲା। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଇଂଲଣ୍ଡ ୧-୦ ଗୋଲରେ ଅଗ୍ରଣୀ ରହିଥିଲା

ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଅର୍ଥାତ୍ ୩ୟ କ୍ୱାର୍ଟରରେ ଜୋରଦାର ଲଢ଼େଇ ହୋଇଥିଲା। ରଣନୀତିରେ ପରିବର୍ତ୍ତନ କରି ବ୍ଲାକ୍ କ୍ୟାପ ନ୍ୟୁଜିଲାଣ୍ଡ ଗୋଲ ପରିଶୋଧ ପାଇଁ ପୂରା ଦମ୍ ଲଗାଇ ଦେଇଥିଲା। ତେବେ ଇଂଲଣ୍ଡ କୌଣସି ପରିସ୍ଥିତିରେ ହାଲ୍‌କା ମନୋଭାବ ପୋଷଣ କରି ନ ଥିଲା। ଆକ୍ରମଣ ଜାରି ରଖି ଦଳ ଏକାଧିକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ୩୬ତମ ମିନିଟରେ କ୍ରମାଗତ ୨ଟି ପେନାଲ୍ଟି କର୍ନର ମିଳିଥିବାବେଳେ ନ୍ୟୁଜିଲାଣ୍ଡ ଗୋଲକିପର ରିଚାର୍ଡ ଜୋୟସେ ତାହାକୁ ସେଭ୍ କରି ଦେଇଥିଲେ। ୪୪ତମ ମିନିଟରେ ଦଳ ପାଇଁ ଆଉ ଏକ ପେନାଲ୍ଟି କର୍ନର ସୁଯୋଗ ଆସିଥିଲା। ଇଆନ ସ୍ଲୋଆନ୍‌ଙ୍କ ପୁଶ୍‌କୁ ୨ ଖେଳାଳି ପାସ୍ ଆଣ୍ଡ ଶୁଟ୍ ରଣନୀତିରେ ଖେଳିଥିଲେ ହେଁ ତାହା ଫଳପ୍ରଦ ହୋଇ ନ ଥିଲା। ତେବେ ବଲ୍ ସେଭ୍ ହୋଇ ଫେରି ଆସୁଥିବାବେଳେ ଡି ଏରିଆର ଡାହାଣପଟ କଣରୁ ଜୋରଦାର ଶଟ୍ ଜରିଆରେ ତାହାକୁ ଗୋଲରେ ପରିଣତ କରିଥିଲେ ୩ ନମ୍ବର ଖେଳାଳି ଲ୍ୟୁକ ଟେଲର। ଏଥିସହ ଇଂଲଣ୍ଡର ଅଗ୍ରଣୀ ବ୍ୟବଧାନ ୨-୦ରେ ପହଞ୍ଚି ଯାଇଥିଲା। ଅନ୍ତିମ କ୍ୱାର୍ଟରରେ ଗୋଲ ପରିଶୋଧ ପାଇଁ ନ୍ୟୁଜିଲାଣ୍ଡ ପ୍ରୟାସକୁ ଜୋରଦାର କରିଥିଲେ ହେଁ ଇଂଲଣ୍ଡ ରକ୍ଷଣଭାଗ ତାହା ହେବାକୁ ଦେଇ ନ ଥିଲେ। ଶେଷ ସୁଯୋଗ ଭାବେ ୬୦ତମ ମିନିଟରେ ଦଳକୁ ଏକ ପେନାଲ୍ଟି କର୍ନର ମିଳିଥିଲା, ମାତ୍ର ତାହାକୁ ମଧ୍ୟ ନ୍ୟୁଜିଲାଣ୍ଡ ଖେଳାଳି ଗୋଲରେ ପରିଣତ କରିପାରି ନ ଥିଲେ। ଫଳରେ ଇଂଲଣ୍ଡ ୨-୦ରେ ମ୍ୟାଚ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।

ପରିସଂଖ୍ୟାନକୁ ଦେଖିଲେ ନ୍ୟୁଜିଲାଣ୍ଡର ୪୮.୬୭ ପ୍ରତିଶତ ତୁଳନାରେ ବଲ୍ ୫୧.୩୩ ପ୍ରତିଶତ ଇଂଲଣ୍ଡ ନିୟନ୍ତ୍ରଣରେ ରହିଥିଲା। ଇଂଲଣ୍ଡ ୮ ଥର ଶୁଟ୍ କରିଥିବାବେଳେ ନ୍ୟୁଜିଲାଣ୍ଡ ୫ରେ ସୀମିତ ରହିଥିଲା। ପାସ୍ ଆକ୍ୟୁରେସିରେ ମଧ୍ୟ ଇଂଲଣ୍ଡ ଆଗରେ ରହିଥିଲା। ଇଂଲଣ୍ଡର ୭୭% ତୁଳନାରେ ନ୍ୟୁଜିଲାଣ୍ଡର ୬୨% ରହିଥିଲା। ଇଂଲଣ୍ଡ ୧୬ ଥର ସର୍କଲ ଏଣ୍ଟ୍ରି କରିଥିବାବେଳେ ନ୍ୟୁଜିଲାଣ୍ଡ ୫ ଥର ପ୍ରତିପକ୍ଷ ସର୍କଲ ଏଣ୍ଟ୍ରି କରିବାକୁ ସକ୍ଷମ ହୋଇଥିଲା। ନ୍ୟୁଜିଲାଣ୍ଡର ରୋଜ୍ ନିକ୍ ୩୬ତମ ମିନିଟରେ ଗ୍ରୀନ୍ କାର୍ଡ ପାଇଥିଲେ।

### ପ୍ରଥମ ଦୁଇ କ୍ୱାର୍ଟର ଫାଇନାଲ କାର୍ଯ୍ୟସୂଚୀ

**ଡିସେମ୍ବର ୧୨: ଆର୍ଜେଣ୍ଟିନା ବନାମ ଇଂଲଣ୍ଡ**
ସମୟ ଅପରାହ୍ନ ୪ଟା ୪୫

**ଡିସେମ୍ବର ୧୨: ଅଷ୍ଟ୍ରେଲିଆ ବନାମ ଫ୍ରାନ୍ସ**
ସମୟ ରାତି ୭ଟା

## ୧୮ ବର୍ଷ ପରେ ଫ୍ରାନ୍ସ

ଚଳିତ ବିଶ୍ୱକପର ସବୁଠାରୁ ନିମ୍ନ ର୍‍ୟାଙ୍କ୍‌ପ୍ରାପ୍ତ ଦଳ (୨୦ତମ) ଫ୍ରାନ୍ସ ଦୀର୍ଘ ୧୮ ବର୍ଷ ବ୍ୟବଧାନରେ ବିଶ୍ୱକପ ଖେଳି ଆଗକୁ ବଢ଼ିଛି। ଶେଷଥର ଏହି ଦଳ ୧୯୯୦ରେ ବିଶ୍ୱକପ ଖେଳିଥିଲା ଏବଂ ୭ମ ସ୍ଥାନ ପାଇଥିଲା। ପ୍ରଥମ ମ୍ୟାଚ ପରି ଏହି କ୍ରସ୍ଓଭର ଗେମ୍‌ଟି ମଧ୍ୟ ସେପରି ସଂଘର୍ଷପୂର୍ଣ୍ଣ ହୋଇ ନ ଥିଲା। ଲଢ଼େଇ ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ରୋମାଞ୍ଚହୀନ ରହିଥିଲା। ପ୍ରଥମ କ୍ୱାର୍ଟରରେ ଫ୍ରାନ୍ସ ୪ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ତାହାର ସଦୁପଯୋଗ କରିପାରି ନ ଥିଲା। ଚାଇନାର ୩୨ ନମ୍ବର ଖେଳାଳି ଜିନ୍ ଗୋଡ ଆହତ ହୋଇ ଷ୍ଟ୍ରେଚରରେ ପଡ଼ିଆ ଛାଡ଼ିଥିଲେ। ତେବେ ସେ ପରେ ପୁଣି ଖେଳିବାକୁ ଆସିଥିବା ଦେଖା ଯାଇଥିଲା। ଦ୍ୱିତୀୟ କ୍ୱାର୍ଟର ଖେଳ ମଧ୍ୟ ମାନ୍ଦା ରହିଥିଲା। ଫଳରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ସ୍ଥିତି ୦-୦ ରହିଥିଲା। ତୃତୀୟ କ୍ୱାର୍ଟରରେ ଉଭୟ ଦଳ ଆକ୍ରମଣକୁ ଜୋରଦାର କରିଥିଲେ। ୩୬ତମ ମିନିଟରେ ଫ୍ରାନ୍ସର ଟିମୋଥି କ୍ଲିମେଣ୍ଟ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚରେ ଉଷ୍ଣତା ଭରିଥିଲେ। ଅନ୍ୟପକ୍ଷରେ ଦେଖିବାକୁ ଗଲେ ମ୍ୟାଚରେ ଚାଇନାକୁ ଭାଗ୍ୟ ସାଥ୍ ଦେଇ ନ ଥିଲା। ୫୮ତମ ମିନିଟରେ ଗୋଲ ପରିଶୋଧ ପାଇଁ ଦଳ ନିକଟରେ ସୁଯୋଗ ରହିଥିଲା। ମାତ୍ର ତାହା ବେକାର ଯାଇଥିଲା। ଏହାର ୧ ମିନିଟ ପରେ ଅର୍ଥାତ ୫୯ତମ ମିନିଟରେ ମଧ୍ୟ ଦଳକୁ ଆଉ ଏକ ପେନାଲ୍ଟି କର୍ନର ଅଫର ଦିଆଯାଇଥିଲା। ମାତ୍ର ସୁଯୋଗର ସଦ୍‌ବ୍ୟବହାର ହୋଇପାରି ନ ଥିଲା। ଫଳରେ ବିଜୟୀ ହୋଇ ଫ୍ରାନ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।

ସୋମବାରର ପ୍ରଥମ ମ୍ୟାଚରେ ଓଡ଼ିଶାର ଅନ୍ତର୍ଜାତୀୟ ଭାରୋତ୍ତୋଳକ କେ. ରବିକୁମାର ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଶେଷରେ ଜଷ୍ଟିସ ଚିତ୍ତରଞ୍ଜନ ଦାସ ଅତିଥିଭାବେ ଯୋଗଦେଇ ଇଂଲଣ୍ଡର ଲିଆମ ସାନ୍‌ଫୋର୍ଡଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ବୈଷୟିକ ଶିକ୍ଷା ନିର୍ଦ୍ଦେଶକ ବଳବନ୍ତ ସିଂ ମ୍ୟାଚ ପୂର୍ବରୁ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଶେଷରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଅତିଥିଭାବେ ଯୋଗଦେଇ ଫ୍ରାନ୍ସର ଭିକ୍ଟର ଲକ୍‌ଉଡ୍‌ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

## ଲକ୍ଷ୍ୟପଥରେ ଇଂଲଣ୍ଡ

ଭୁବନେଶ୍ୱର, ୧୦।୧୨(କ୍ରୀଡ଼ା ପ୍ରତିନିଧି)

ଗତ ୨ଟି ହକି ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ କରିଥିବା ଇଂଲଣ୍ଡ ଏଥର ମଧ୍ୟ ଲକ୍ଷ୍ୟପଥରେ ଅଗ୍ରସର ହୋଇଛି। ଲିଗ୍ ପର୍ଯ୍ୟାୟ ଏବଂ କ୍ରସ୍ଓଭର ଦେଇ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କ୍ୱାର୍ଟର ଫାଇନାଲରେ ଆର୍ଜେଣ୍ଟିନାକୁ ହରାଇବା କଷ୍ଟସାଧ୍ୟ ମନେ ହେଉଥିଲେ ହେଁ ଇଂଲଣ୍ଡ ପାଇଁ ଅସମ୍ଭବ ନୁହେଁ। ଅତୀତ ରେକର୍ଡ ଦେଖିଲେ ୧୯୮୬ ବିଶ୍ୱକପ୍ ରୌପ୍ୟ ବିଜେତା ଇଂଲଣ୍ଡ ଗତ ୨ଟି ସଂସ୍କରଣରେ ବଡ଼ ଟିମ୍‌ଗୁଡ଼ିକୁ ଟକ୍କର ଦେଇ ସେମିଫାଇନାଲ ଖେଳିଛି। ୨୦୧୦ ଓ ୨୦୧୪ରେ ଦଳ ୪ର୍ଥ ସ୍ଥାନ ଅଧିକାର କରିଛି। ପୂର୍ବ ରେକର୍ଡ ଦେଖିଲେ ଏହି ଦଳ ୧୯୭୩ ଓ ୧୯୭୫ ବିଶ୍ୱକପ୍‌ରେ ୬ଷ୍ଠ ସ୍ଥାନ ପାଇଥିବାବେଳେ ୧୯୭୮ରେ ୭ମ ଓ ୧୯୮୨ରେ ୯ମ ସ୍ଥାନରେ ରହିଛି। ୧୯୮୬ରେ ଦଳ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ପାଇଛି। ୧୯୯୦ରେ ୫ମ, ୧୯୯୪ ଓ ୧୯୯୮ରେ ୬ଷ୍ଠ, ୨୦୦୨ରେ ୭ମ ଏବଂ ୨୦୦୬ରେ ୫ମ ସ୍ଥାନ ଅଧିକାର କରିଛି।

### ଫ୍ୟାନ କର୍ନର



ଷ୍ଟାଡିୟମକୁ ପ୍ରବେଶ ପୂର୍ବରୁ ସେଲଫି ନେଉଛନ୍ତି କିଛି ହକିପ୍ରେମୀ ।



ଅଷ୍ଟ୍ରେଲିଆରୁ ଆସିଥିବା କିଛି ପ୍ରଶଂସିକା ।


ଫ୍ୟାନ ଭିଲେଜରେ କିଛି ପ୍ରଶଂସକ ହକି ଖେଳର ମଜା ନେଉଛନ୍ତି ।

# କ୍ୱାର୍ଟରରେ ଶ୍ରୀଜେସ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ

ରିକ୍ ଚାର୍ଲ୍ସୱର୍ଥ

ଯେତେବେଳେ ବିଶ୍ୱକପ୍ ଆରମ୍ଭ ହେଲା, ସେତେବେଳେ ମୁଁ ଭାବୁଥିଲି ୬ଟି ଦଳ ଚାମ୍ପିୟନ ହେବାର ଦକ୍ଷତା ରଖୁଛନ୍ତି। ସେହି ଦଳଗୁଡିକ ହେଲା ଜର୍ମାନୀ, ନେଦରଲାଣ୍ଡ୍ସ, ବେଲ୍‌ଜିୟମ, ଅଷ୍ଟ୍ରେଲିଆ, ଭାରତ ଓ ଆର୍ଜେଣ୍ଟିନା। ଏମାନଙ୍କ ମଧ୍ୟରୁ ୪ଟି ଦଳ ଭାରତ, ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ ଓ ଜର୍ମାନୀ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ନେଦରଲାଣ୍ଡ୍ସ ଓ ବେଲ୍‌ଜିୟମ କ୍ରସ୍ଓଭର ମ୍ୟାଚ୍‌ରେ ଯଥାକ୍ରମେ କାନାଡ଼ା ଓ ପାକିସ୍ତାନକୁ ଭେଟିବେ। ତେଣୁ ଯେଉଁ ଦଳଗୁଡିକ ଟାଇଟଲ ଜିତିବେ ବୋଲି ଆଶା କରୁଥିଲୁ, ସେଗୁଡିକ କ୍ୱାର୍ଟର ଫାଇନାଲରେ ପରସ୍ପରକୁ ଭେଟିବେ। ତେଣୁ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ତେବେ ଚଳିତ ବିଶ୍ୱକପ୍‌ରେ ଗୋଟିଏ ଦଳ ସମସ୍ତଙ୍କୁ ଚକିତ କରିଛି। ସେହି ଦଳ ହେଉଛି ଫ୍ରାନ୍ସ। ବିଶ୍ୱକପ୍‌ର ସବୁଠାରୁ ନିମ୍ନ ର୍‍ୟାଙ୍କ୍‌ର ଦଳ ହୋଇଥିଲେ ମଧ୍ୟ ଫ୍ରାନ୍ସ ଉଚ୍ଚକୋଟୀର ପ୍ରଦର୍ଶନ କରିଛି। ଫ୍ରାନ୍ସର ଅଧିକାଂଶ ଖେଳାଳି ୨୦୧୩ରେ ଦିଲ୍ଲୀରେ ଖେଳାଯାଇଥିବା ଜୁନିୟର ବିଶ୍ୱକପ୍ ଖେଳିଛନ୍ତି। ଭାରତରେ ଅନୁଷ୍ଠିତ ଜୁନିୟର ଟୁର୍ନାମେଣ୍ଟରେ ଫ୍ରାନ୍ସ ବେଶ୍ ଭଲ ପ୍ରଦର୍ଶନ କରିଥିଲା। ସେହିପରି ଚଳିତ ବିଶ୍ୱକପ୍‌ରେ ମଧ୍ୟ ଫ୍ରାନ୍ସ ଭଲ ଖେଳୁଛି।

ମଙ୍ଗଳବାର ଖେଳାଯିବାକୁ ଥିବା କ୍ରସ୍ଓଭର ମ୍ୟାଚ୍‌ରେ ପାକିସ୍ତାନ ଓ ବେଲ୍‌ଜିୟମ ପରସ୍ପରକୁ ଭେଟିବେ। ଏହି ମ୍ୟାଚ୍ ନିଶ୍ଚିତ ଭାବେ ରୋମାଞ୍ଚକ ହେବ। ପାକିସ୍ତାନ ଏକ ପ୍ରତିଭାସମ୍ପନ୍ନ ଦଳ ହୋଇଥିଲେ ମଧ୍ୟ ପ୍ରଦର୍ଶନରେ ସ୍ଥିରତା ଆଣିବାରେ ବିଫଳ ହୋଇଛି। ପାକିସ୍ତାନ ଏକାଧିକ ତ୍ରୁଟି କରିବା ଦେଖାଯାଇଛି। ପାକିସ୍ତାନ ବିପକ୍ଷରେ ବେଲ୍‌ଜିୟମ ବିଜୟ ହେବ ଓ କ୍ୱାର୍ଟର ଫାଇନାଲରେ ଜର୍ମାନୀକୁ ଭେଟିବ ବୋଲି ମୁଁ ଆଶା କରୁଛି। ବେଲ୍‌ଜିୟମ ଭଲ ଖେଳୁଥିଲେ ମଧ୍ୟ ଦକ୍ଷତା ଅନୁରୂପ ପ୍ରଦର୍ଶନ କରିବାରେ ବିଫଳ ହୋଇଛି। ଏବେ ଏହି ମ୍ୟାଚ୍‌ର ଗୁରୁତ୍ୱ ବେଶ୍ ବଢ଼ିଯାଇଛି।

ମଙ୍ଗଳବାର ଖେଳାଯିବାକୁ ଥିବା ଦ୍ୱିତୀୟ କ୍ରସ୍ଓଭର ମ୍ୟାଚ୍‌ରେ ନେଦରଲାଣ୍ଡ୍ସ ପ୍ରତିପକ୍ଷ କାନାଡ଼ାକୁ ହରାଇବ ବୋଲି ଆଶା କରାଯାଉଛି। ନେଦରଲାଣ୍ଡ୍ସ ବିଜୟୀ ହେଲେ କ୍ୱାର୍ଟର ଫାଇନାଲରେ ଭାରତକୁ ଭେଟିବ। ଆୟୋଜକ ଭାରତ ବିଶ୍ୱକପ୍‌ର ସବୁଠାରୁ ଯୁବ ଦଳ ଭାବେ ବିବେଚିତ ହୋଇଛି। ପୂର୍ଣ୍ଣପ୍ରାଣରେ ଭାରତ ଭଲ ଖେଳିବାକୁ ପ୍ରୟାସ ଜାରି ରଖିଛି ଓ ସଫଳ ମଧ୍ୟ ହୋଇଛି ଏବଂ କେତେକ ତ୍ରୁଟି ମଧ୍ୟ କରିଛି। ଭାରତୀୟ ଷ୍ଟ୍ରାଇକର ସିମରନ୍‌ଜିତ ସିଂ, ଲଳିତ ଉପାଧ୍ୟାୟ, ଦିଲପ୍ରୀତ୍ ସିଂ ଓ ମନଦୀପ ସିଂ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି ଓ ଏମାନଙ୍କ ଖେଳରେ ମୁଁ ବେଶ୍ ପ୍ରଭାବିତ। ପ୍ରତିପକ୍ଷ ଦଳର ଡିଫେନ୍ସକୁ ଭେଦକରି ଏହି ଷ୍ଟ୍ରାଇକର୍‌ମାନେ ଗୋଲ ଦେବାରେ ସଫଳ ହୋଇଛନ୍ତି। ସେହିପରି ମିଡ୍‌ଫିଲ୍ଡରେ ମନପ୍ରୀତ୍ ସିଂ ଓ ଚିଙ୍ଗଲେନସାନା ସିଂ ମଧ୍ୟ ବେଶ୍ ଭଲ ପ୍ରଦର୍ଶନ କରିଛନ୍ତି। ଅନ୍ୟପଟେ କୋଥାଜିତ୍ ସିଂ, ହରମନପ୍ରୀତ୍ ସିଂ ଓ ବୀରେନ୍ଦ୍ର ଲାକ୍ରା ବ୍ୟାକ୍ ତଥା ଡିଫେନ୍ସରେ ସଫଳ ଭାବେ ନିଜର ଦାୟିତ୍ୱ ତୁଲାଇଛନ୍ତି। ଯଦି ଭାରତ କ୍ୱାର୍ଟରରେ ନେଦରଲାଣ୍ଡ୍ସକୁ ଭେଟିବ ତେବେ ନିଶ୍ଚିତ ଭାବେ ଏହି ମ୍ୟାଚ୍‌କୁ ଅଧିକ ଗୁରୁତ୍ୱ ଦେବେ। ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଅଭିଜ୍ଞ ଗୋଲକିପର ପି.ଆର. ଶ୍ରୀଜେସ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ ଏବଂ ତାଙ୍କୁ ଆହୁରି ଅଧିକ ଭଲ ପ୍ରଦର୍ଶନ କରିବାକୁ ପଡିବ। ଗୋଲକିପର ଭଲ ନ ଖେଳିଲେ କୌଣସି ଦଳ ବିଶ୍ୱକପ୍ ଜିତିବା ଏକପ୍ରକାର ଅସମ୍ଭବ।

ଅଷ୍ଟ୍ରେଲିଆ ମଧ୍ୟ ଦଳଗତ ଭାବେ ଉନ୍ନତ ପ୍ରଦର୍ଶନ କରୁଛି। ଗତ ବିଶ୍ୱକପ୍‌ର ୭ ଖେଳାଳି ଏଥର ଦଳରେ ସାମିଲ ହୋଇଛନ୍ତି। ଚଳିତ ବର୍ଷ ଅଷ୍ଟ୍ରେଲିଆ ଏପର୍ଯ୍ୟନ୍ତ ଦମ୍‌ଦାର ପ୍ରଦର୍ଶନ କରି ପ୍ରାୟ ସବୁ ଟୁର୍ନାମେଣ୍ଟ ଜିତିବାରେ ସଫଳ ହୋଇଛି। ଚାମ୍ପିୟନ୍ସ ଟ୍ରଫି ସମେତ ଅଷ୍ଟ୍ରେଲିଆ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ଜିତିଛି। ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଏଥର ମଧ୍ୟ କେତୋଟି ତ୍ରୁଟି କରିଥିବା ଲକ୍ଷ୍ୟ କରାଯାଇଛି। ଅଷ୍ଟ୍ରେଲିଆ ତା'ର ଫିନିଶିଂରେ ସୁଧାର ଆଣିବା ଦରକାର ବୋଲି ମୁଁ ଭାବୁଛି। ଗୋଲ କିପିଂ ଓ ଡିଫେନ୍ସରେ ଅଷ୍ଟ୍ରେଲିଆ ବେଶ୍ ଭଲ ପ୍ରଦର୍ଶନ କରିଛି। ତେବେ ଷ୍ଟ୍ରାଇକର୍‌ମାନଙ୍କୁ ଆହୁରି ଭଲ ପ୍ରଦର୍ଶନ କରିବାକୁ ହେବ, ନ ହେଲେ ଏହି ଚାମ୍ପିୟନ ଦଳକୁ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ଗୁଡିକରେ ବହୁମୂଲ୍ୟ ଦେବାକୁ ହେବ।

(ଗେମ୍ ପ୍ଲାନ୍)


THE ULTIMATE INVERTER BATTERY
EXIDE
INVATUBULAR

## ସଂକ୍ଷେପରେ

### ୮ ରନ୍‌ରେ ଜିତିଲା ଓଡ଼ିଶା

**କଟକ ଅଫିସ,୧୦।୧୨:** ନିମପୁର ଗ୍ରାଉଣ୍ଡରେ ସୋମବାର ଖେଳାଯାଇଥିବା ସିନିୟର ମହିଳା ଏକଦିବସୀୟ କ୍ରିକେଟ ଲିଗ୍ ଏଲିଟ୍ ଗ୍ରୁପ-ସି'ର ଏକ ମ୍ୟାଚ୍‌ରେ ଓଡ଼ିଶା ୮ ରନ୍‌ରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ଓଡ଼ିଶାର ଏହା ୩ୟ ବିଜୟ। ୫ଟି ମ୍ୟାଚ୍ ଖେଳି ଓଡ଼ିଶା ୩ ବିଜୟ, ୨ ପରାଜୟ ବଳରେ ୧୨ ପଏଣ୍ଟ ହାସଲ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ମାଧୁରୀ ମେହେଟ୍ଟାଙ୍କ ୪୭, ସରିତା ମେହେରଙ୍କ ୪୬ ଓ ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ୨୪ ରନ୍ ସହାୟତାରେ ୬ ଉଇକେଟ ହରାଇ ୧୬୪ ରନ୍ କରିଥିଲା। ମଧ୍ୟପ୍ରଦେଶ ପକ୍ଷରୁ ନିଧି ବୁଲେ ସର୍ବାଧିକ ୨ଟି ଉଇକେଟ ଅକ୍ତିଆର କରିଛନ୍ତି। ଜବାବରେ ମଧ୍ୟପ୍ରଦେଶ ପ୍ରଥମ ଉଇକେଟ ଭାଗିଦାରୀରେ ୭୭ ରନ କରିଥିଲେ ମଧ୍ୟ ୧୫୬ ରନ୍‌ରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ବବିତା ମନ୍ଦଲିକ ସର୍ବାଧିକ ୪୪ ରନ୍ କରିଛନ୍ତି। ଓଡ଼ିଶା ଅଧିନାୟିକା ମଧୁସ୍ମିତା ବେହେରା ୪ ଓ ସୁଶ୍ରୀ ୩ଟି ଉଇକେଟ ଅକ୍ତିଆର କରିଥିଲେ।

### ଓଡ଼ିଶା ରଣ୍‌ଜୀ ଦଳ ଘୋଷିତ
### ଶୁଭମଙ୍କ ପ୍ରତ୍ୟାବର୍ତ୍ତନ, ଦେବାଶିଷ ନୂଆ ମୁହଁ

**କଟକ ଅଫିସ,୧୦।୧୨:** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଚାଲିଥିବା ଚଳିତ ରଣଜୀ ସିଜନ ଏଲିଟ ଗ୍ରୁପ୍-ସି'ରେ ଓଡ଼ିଶା-ରାଜସ୍ଥାନ ମ୍ୟାଚ୍ ଆସନ୍ତା ୧୪ତାରିଖରୁ ଭୁବନେଶ୍ୱରସ୍ଥିତ ବିକାଶ ଗ୍ରାଉଣ୍ଡରେ ଖେଳାଯିବ । ଏହି ମ୍ୟାଚ୍ ନିମନ୍ତେ ରାଜ୍ୟ ରଣ୍‌ଜୀ ଦଳରେ ୨ଜଣ ଖେଳାଳିଙ୍କୁ ପରିବର୍ତ୍ତନ କରାଯାଇଛି। ଉଇକେଟ କିପର ଭାବେ ଗତ ୫ଟି ମ୍ୟାଚ୍‌ରେ ଦଳରେ ରହିଥିବା ସୁଜିତ ଲେଙ୍କାଙ୍କୁ ବାଦ୍ ଦିଆଯାଇଛି। ସିନିୟର ଦଳରେ ସୁଯୋଗ ପାଇ ମଧ ଏବେ ସୁଦ୍ଧା ପ୍ରଥମଶ୍ରେଣୀ କ୍ରିକେଟରେ ପଦାର୍ପଣ କରିପାରି ନ ଥିବା ପି.ରୋଶନ କୁମାର ରାଓ ଏହି ମ୍ୟାଚ୍‌ରେ ଉଇକେଟକିପର ଭାର ସମ୍ଭାଳିବେ। ଏହାଛଡ଼ା ଓପ୍‌ନର ରାଜେଶ ଧୂପରଙ୍କୁ ମଧ ବାଦ୍ ଦିଆଯାଇଛି। ପରିବର୍ତ୍ତିତ ଖେଳାଳି ଭାବେ ଦଳରେ ସାମିଲ ହୋଇଥିବା ୨ଜଣ ଖେଳାଳି ହେଲେ ଶୁଭମ ନାୟକ ଓ ଦେବାଶିଷ ସାମନ୍ତରାୟ। ୨୩ ବର୍ଷରୁ କମ୍ ଦଳର ଅଧିନାୟକ ରହିଥିବା ବ୍ୟାଟ୍ସମ୍ୟାନ ଦେବାଶିଷ ପ୍ରଥମଥର ଲାଗି ସିନିୟର ଦଳରେ ସୁଯୋଗ ପାଇଛନ୍ତି। **ଓଡ଼ିଶା ରଣ୍‌ଜୀ ଦଳ:**ଅନୁରାଗ ଷଡ଼ଙ୍ଗୀ, ରଣଜିତ ସିଂ, ଗୋବିନ୍ଦ ପୋଦ୍ଦାର, ବିପ୍ଳବ ସାମନ୍ତରାୟ(ଅଧିନାୟକ), ଶୁଭ୍ରାଂଶୁ ଶେଖର ସେନାପତି, ଶାନ୍ତନୁ ମିଶ୍ର, ପି.ରୋଶନ କୁମାର ରାଓ (ଉଇକେଟ କିପର), ଧୀରଜ ସିଂ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଅଭିଷେକ ରାଉତ, ଶୁଭମ ନାୟକ, ଦେବାଶିଷ ସାମନ୍ତରାୟ। ରଶ୍ମିରଞ୍ଜନ ପରିଡ଼ା-କୋଚ୍, ଶୁଭକାନ୍ତ ସାହୁ-ଫିଜିଓ, ମନୋଜ କୁମାର ବିଶ୍ୱାଲ-ଟ୍ରେନର, ବିଷ୍ଣୁଦେବ ମହାନ୍ତି-ମ୍ୟାନେଜର/ନିରୀକ୍ଷକ ।

### ସେମିରେ ଓଡ଼ିଶା

**କଟକ ଅଫିସ,୧୦।୧୨:** ଅରୁଣାଚଳ ପ୍ରଦେଶଠାରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ ଚାମ୍ପିୟନଶିପ୍‌ର ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୧-୦ ଗୋଲରେ ଘରୋଇ ଅରୁଣାଚଳ ପ୍ରଦେଶକୁ ପରାସ୍ତ କରିଛି। ଏହି ମ୍ୟାଚ୍ ଓଡ଼ିଶା ନିମନ୍ତେ ବହୁ ଗୁରୁତ୍ୱପୂର୍ଣ୍ଣ ଥିବା ବେଳେ ବିଜୟ ସହ ଦଳ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ୮୩ତମ ମିନିଟରେ ମିଳିଥିବା ଏକ ଫ୍ରିକିକ୍‌ରୁ ଅଜୟ ଟପ୍ପୋ ଓଡ଼ିଶା ନିମନ୍ତେ ଉକ୍ତ ଗୋଲ ସ୍କୋର କରିଥିଲେ। ୪ଟି ମ୍ୟାଚ୍‌ରୁ ୧୦ପଏଣ୍ଟ ହାସଲ କରି ଓଡ଼ିଶା ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିଛି ।

### ରାଜନୀତିରେ ଯୋଗଦେବେ ନାହିଁ ଗମ୍ଭୀର

**ନୂଆଦିଲ୍ଲୀ,୧୦।୧୨:** ନିକଟରେ କ୍ରିକେଟରୁ ଅବସର ନେଇଥିବା ଗୌତମ ଗମ୍ଭୀର ରାଜନୀତିରେ ଯୋଗଦେବା ନେଇ ଚାଲିଥିବା ଚର୍ଚ୍ଚାକୁ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ସେ ରାଜନୀତିରେ ଯୋଗଦେବେ ନାହିଁ। କୋଚିଂରେ କ୍ୟାରିୟର କରିବା ନେଇ ସେ ସ୍ପଷ୍ଟ କରିଛନ୍ତି।

"ଆମ ଖେଳାଳିମାନେ କ୍ଳାନ୍ତ। ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପାଇଁ ଆମ ଖେଳାଳିଙ୍କ ଲାଗି ତୁରନ୍ତ ନେଟ୍ସ ଅପେକ୍ଷା ବିଶ୍ରାମ ଜରୁରୀ।
**–ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ କୋଚ୍**



"ଆଡିଲେଡ୍ ଟେଷ୍ଟରେ ପରାଜୟକୁ ଗ୍ରହଣ କରିବା ଯଦିଓ କଷ୍ଟକର, ତେବେ ୫ମ ଦିବସରେ ଲଢୁଆ ପ୍ରଦର୍ଶନ ଆମ ପାଇଁ ପ୍ରେରଣା ସଦୃଶ।
**–ଟିମ୍ ପେନ୍, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ**



# ପ୍ରଥମଥର ଅଷ୍ଟ୍ରେଲିଆରେ ଭାରତର ବିଜୟ ଅଭିଯାନ

ଆଡିଲେଡ୍, ୧୦।୧୨(ପି.ଟି.)

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ୍ ଦଳ ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆକୁ ରୋମାଞ୍ଚକ ଭାବେ ୩୧ ରନ୍‌ରେ ପରାସ୍ତ କରିଛି। ଭାରତ ପକ୍ଷରୁ ଧାର୍ଯ୍ୟ ୩୨୩ ରନ୍‌ର ଟାର୍ଗେଟ୍‌କୁ ପିଛା କରି ସୋମବାର ଅନ୍ତିମ ତଥା ୫ମ ଦିନରେ ଅଷ୍ଟ୍ରେଲିଆ ୨ୟ ଇନିଂସ୍‌ରେ ୨୯୧ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଛି। ଏହି ବିଜୟ ସହ ଭାରତ ୭୦ ବର୍ଷର ଇତିହାସରେ ପ୍ରଥମଥର ପାଇଁ ଅଷ୍ଟ୍ରେଲିଆ ଗସ୍ତରେ ଟେଷ୍ଟ ସିରିଜ ବିଜୟରୁ ଅଭିଯାନ ଆରମ୍ଭ କରିଛି। ୧୯୪୭-୪୮ରେ ଭାରତ ପ୍ରଥମଥର ଲାଗି ଅଷ୍ଟ୍ରେଲିଆ ଗସ୍ତ କରିଥିଲେ ମଧ୍ୟ ଏଭଳି ବିରଳ ସଫଳତା ପାଇ ନ ଥିଲା। ଏଥିସହ ଭାରତ ୪ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ସିରିଜର ୨ୟ ମ୍ୟାଚ୍ ଡିସେମ୍ବର ୧୪ରୁ ପର୍ଥରେ ଆରମ୍ଭ ହେବ।

୩୨୩ ରନ୍‌ର ଏକ ଚ୍ୟାଲେଞ୍ଜିଂପୂର୍ଣ୍ଣ ଟାର୍ଗେଟ୍‌କୁ ପିଛା କରି ଘରୋଇ ଅଷ୍ଟ୍ରେଲିଆ ରବିବାର ୪ର୍ଥ ଦିବସ ଶେଷ ସୁଦ୍ଧା ୨ୟ ଇନିଂସ୍‌ରେ ୪ ଉଇକେଟ୍ ହରାଇ ୧୦୪ ରନ୍ କରିଥିଲା। ସୋମବାର ଅନ୍ତିମ ଦିବସରେ ବିଜୟ ପାଇଁ ଅଷ୍ଟ୍ରେଲିଆକୁ ଆଉ ୨୧୯ ରନ୍ ଆବଶ୍ୟକ ହେଉଥିଲା, ଯାହା ଦଳ ପାଇଁ ସହଜସାଧ ନ ଥିଲା। ତେବେ ଯଶ୍‌ପ୍ରୀତ୍ ବୁମ୍‌ରା, ମହମ୍ମଦ ସାମି ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ବୋଲିଂକୁ ସାମ୍ନା କରି ନ ପାରି ଅଷ୍ଟ୍ରେଲିଆ ଟାର୍ଗେଟ୍‌ଠାରୁ ୩୨ ରନ୍ ଦୂରରେ ରହିଯାଇଥିଲା। ଏହି ୩ ବୋଲର ୩ଟି ଲେଖାଏ ଉଇକେଟ୍ ଅକ୍ତିଆର କରି ଭାରତକୁ ଏହି ସ୍ମରଣୀୟ ବିଜୟ ଭେଟି ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଶନ୍ ମାର୍ଶ (୬୦ ରନ୍) ସବୁଠୁ ସଫଳତମ ବ୍ୟାଟ୍ସମ୍ୟାନ ରହିଥିଲେ। ସେହିଭଳି ନିମ୍ନକ୍ରମରେ ଅଧିନାୟକ ଟିମ୍ ପେନ୍ (୪୧), ପ୍ୟାଟ୍ କୁମିନ୍ସ (୨୮) ଓ ମିଚେଲ ଷ୍ଟାର୍କ (୨୮) ଲଢୁଆ ବ୍ୟାଟିଂ କରିଥିଲେ ମଧ୍ୟ ଦଳକୁ ବିଜୟୀ କରାଇପାରି ନ ଥିଲେ। ଏପରି କି ନାଥନ ଲିୟନ (୩୮*) ଓ ଜୋଶ୍ ହାଜେଲଉଡ୍ (୧୩) ଅନ୍ତିମ ଉଇକେଟ୍ ଯୋଡ଼ିରେ ୪୨ ରନ୍ ସଂଗ୍ରହ କରି ମ୍ୟାଚ୍‌ରେ ରୋମାଞ୍ଚ ଭରିଦେଇଥିଲେ। କିନ୍ତୁ ୧୨୦ତମ ଓଭରରେ ବୋଲିଂ କରିବାକୁ ଆସିଥିବା ଅଶ୍ୱିନ ୫ମ ବଲରେ ହାଜେଲଉଡ୍‌ଙ୍କୁ ୨ୟ ସ୍ଲିପ୍‌ରେ ଲୋକେଶ ରାହୁଲଙ୍କ ହାତରେ କ୍ୟାଚ୍ କରାଇ ଦଳ ପାଇଁ ପ୍ରତୀକ୍ଷିତ ବିଜୟ ଆଣିଦେଇଥିଲେ। ଅଷ୍ଟ୍ରେଲିଆ ମାଟିରେ ଭାରତର ଏହା ସର୍ବମୋଟ୍ ୬ଷ୍ଠ ଟେଷ୍ଟ ମ୍ୟାଚ୍ ବିଜୟ ଥିଲା। ଅଷ୍ଟ୍ରେଲିଆ ଦଳ ଅନ୍ତିମ ୩ ଉଇକେଟ୍‌ରେ ୧୦୪ ରନ୍ ସଂଗ୍ରହ କରିଥିଲା। ପ୍ରଥମ ଇନିଂସ୍‌ରେ ଶତକ (୧୨୩ ରନ୍) ଏବଂ ୨ୟ ଇନିଂସ୍‌ରେ ଅର୍ଦ୍ଧଶତକ (୭୧ ରନ୍) ହାସଲ କରିଥିବା ଚେତେଶ୍ୱର ପୂଜାରା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅଧିନାୟକ ଭାବେ କୋହଲିଙ୍କ ଏହା ୨୫ତମ ଟେଷ୍ଟ ବିଜୟ ଥିଲା। ଭାରତର ୪୩ତମ ମ୍ୟାଚର ନେତୃତ୍ୱ ନେଉଥିବାବେଳେ ଅଧିନାୟକ ଭାବେ କୋହଲିଙ୍କୁ ଏହି ସଫଳତା ମିଳିଛି। ଏଥିସହ ଏହି ସଫଳତା ପାଇବାରେ ଦ୍ରୁତତମ ଭାରତୀୟ ଅଧିନାୟକ ହୋଇଛନ୍ତି।



ବିଜୟ ହାସଲ ପରେ ବିରାଟ କୋହଲିଙ୍କ ସହ ସାଥୀ ଖେଳାଳି ଖୁସି ମନାଉଛନ୍ତି ।

### ସଂକ୍ଷିପ୍ତ ସ୍କୋର

- ଭାରତ ପ୍ରଥମ ଇନିଂସ୍- ୨୫୦/୧୦ (ପୂଜାରା ୧୨୩, ହାଜେଲଉଡ୍ ୩/୫୨)।
- ଅଷ୍ଟ୍ରେଲିଆ ପ୍ରଥମ ଇନିଂସ୍- ୨୩୫/୧୦ (ଟ୍ରାଭିସ୍ ହେଡ୍ ୭୨, ବୁମ୍‌ରା ୩/୪୭)।
- ଭାରତ ୨ୟ ଇନିଂସ୍- ୩୦୭/୧୦ (ପୂଜାରା ୭୧, ନାଥନ ଲିୟନ ୬/୧୨୨)।
- ଅଷ୍ଟ୍ରେଲିଆ ୨ୟ ଇନିଂସ୍- ୨୯୧/୧୦ (ମାର୍ଶ ୬୦, ଟ୍ରାଭିସ୍ ହେଡ୍ ୧୪, ଆରୋନ ଫିଞ୍ଚ ୧୧, ମାର୍କସ ହାରିସ ୨୬, ସାମି ୩/୬୫, ଇଶାନ୍ତ ଶର୍ମା ୧/୪୮)।

### ଅଷ୍ଟ୍ରେଲିଆରେ ଭାରତର ଟେଷ୍ଟ ବିଜୟ

| ବିଜୟ ବ୍ୟବଧାନ | ସ୍ଥାନ | ସିଜନ |
|---|---|---|
| ୨୨୨ ରନ୍ | ମେଲବୋର୍ନ | ୧୯୭୭-୭୮ |
| ଇନିଂସ୍ ଓ ୨ ରନ୍ | ସିଡ୍‌ନୀ | ୧୯୭୭-୭୮ |
| ୫୯ ରନ୍ | ମେଲବୋର୍ନ | ୧୯୮୦-୮୧ |
| ୪ ଉଇକେଟ୍ | ଆଡିଲେଡ୍ | ୨୦୦୩-୦୪ |
| ୭୨ ରନ୍ | ପର୍ଥ | ୨୦୦୭-୦୮ |
| ୩୧ ରନ୍ | ଆଡିଲେଡ୍ | ୨୦୧୮-୧୯ |

### ୨୫ ଟେଷ୍ଟ ଜିତିବାରେ ଦ୍ରୁତତମ ଅଧିନାୟକ

| ଖେଳାଳି | ଦେଶ | ମ୍ୟାଚ୍ |
|---|---|---|
| ରିକି ପଣ୍ଟିଂ | ଅଷ୍ଟ୍ରେଲିଆ | ୩୩ ମ୍ୟାଚ୍ |
| ଷ୍ଟିଭ୍ ୱ | ଅଷ୍ଟ୍ରେଲିଆ | ୩୫ ମ୍ୟାଚ୍ |
| କୋହଲି | ଭାରତ | ୪୩ ମ୍ୟାଚ୍ |
| ଭିଭି ରିଚାର୍ଡ୍ସ | ୱେଷ୍ଟଇଣ୍ଡିଜ | ୪୪ ମ୍ୟାଚ୍ |

## ପନ୍ତ ବିଶ୍ୱ ରେକର୍ଡ ସମକକ୍ଷ

ଗୋଟିଏ ଟେଷ୍ଟ ମ୍ୟାଚ୍‌ରେ ସର୍ବାଧିକ ସଂଖ୍ୟକ କ୍ୟାଚ୍ ଧରି ଯୁବ ଉଇକେଟକିପର ରିଷଭ ପନ୍ତ ବିଶ୍ୱରେକର୍ଡ ସମକକ୍ଷ ହୋଇଛନ୍ତି। ସ୍ଥାନୀୟ ଆଡିଲେଡ୍ ଓଭାଲଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍‌ରେ ସେ ସର୍ବାଧିକ ୧୧ଟି କ୍ୟାଚ୍ ଧରିଛନ୍ତି। ସୋମବାର ମିଚେଲ ଷ୍ଟାର୍କଙ୍କ କ୍ୟାଚ୍ ଉଇକେଟ ପଛରେ ଧରି ସେ ଦୁଇ ପୂର୍ବତନ ଉଇକେଟକିପର ଏବି ଡିଭିଲର୍ସ ଓ ଜ୍ୟାକ ରସେଲଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ଉଭୟ ଗୋଟିଏ ଟେଷ୍ଟ ମ୍ୟାଚ୍‌ରେ ୧୧ ଲେଖାଏ କ୍ୟାଚ୍ ନେଇଥିଲେ। ପନ୍ତ ପ୍ରଥମ ଇନିଂସରେ ୬ ଓ ଦ୍ୱିତୀୟ ଇନିଂସରେ ୫ ବ୍ୟାଟ୍ସମ୍ୟାନଙ୍କ କ୍ୟାଚ୍ ଧରିଥିଲେ।

ଏତଦ୍‌ବ୍ୟତୀତ ସେ ଭାରତୀୟ ଉଇକେଟକିପର ରିଦ୍ଧିମାନ ଶାହ (୧୦ କ୍ୟାଚ)ଙ୍କ ରେକର୍ଡ ଭାଙ୍ଗିଛନ୍ତି। ମ୍ୟାଚ୍ ଶେଷ ହେବା ପରେ ପନ୍ତ କହିଛନ୍ତି, ଅଷ୍ଟ୍ରେଲିଆ ବିଜୟ ଲକ୍ଷ୍ୟର ନିକଟତର ହେଉଥିବାରୁ ଆମେ ଚିନ୍ତିତ ଥିଲୁ। ମାତ୍ର ଆମେ ଭଲ ପ୍ରଦର୍ଶନ କରିଛୁ। ଦଳ ପାଇଁ ଯୋଗଦାନ କରିପାରିଥିବାରୁ ଓ ପ୍ରଥମ ଥର ଏହି ମାଇଲଷ୍ଟୋନର ଅଧିକାରୀ ହୋଇପାରିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ।



### ସଂକ୍ଷେପରେ...

- ପ୍ରଥମ ଟେଷ୍ଟରେ ୫ ଉଇକେଟ୍ ସହ ମହମ୍ମଦ ସାମି ଚଳିତ ବର୍ଷ ଟେଷ୍ଟରେ ୩୮ଟି ଉଇକେଟ୍ ନେଇ ଅଶ୍ୱିନଙ୍କ ସମକକ୍ଷ ହୋଇଛନ୍ତି।
- ଚଳିତ ବର୍ଷ ବିଦେଶ ମାଟିରେ ଭାରତ ବିଜୟ ହାସଲ କରିଥିବା ୩ଟି ଟେଷ୍ଟରେ ପୂଜାରା ୫୦ କିମ୍ବା ତଦ୍ଦୁର୍ଦ୍ଧ୍ୱ ରନ କରିଛନ୍ତି।
- ଆଡିଲେଡ୍ ବିଜୟ ସହ ଭାରତ ୨ୟ ଥର ପାଇଁ ଗୋଟିଏ କ୍ୟାଲେଣ୍ଡରରେ ଏସିଆ ବାହାରେ ୩ଟି ମ୍ୟାଚ୍ ଜିତିବାର କୃତିତ୍ୱ ହାସଲ କରିଛି। ୧୯୬୮ରେ ଭାରତ ନ୍ୟୁଜିଲାଣ୍ଡ ମାଟିରେ ୩ଟି ମ୍ୟାଚ୍ ଜିତିଥିଲା।
- ଏସିଆର ପ୍ରଥମ ଅଧିନାୟକ ଭାବେ କୋହଲି ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମାଟିରେ ଟେଷ୍ଟ ମ୍ୟାଚ୍ ଜିତିବାର ରେକର୍ଡ କରିଛନ୍ତି।

# ବେଲ୍‌ଜିୟମ, ନେଦରଲାଣ୍ଡ୍ସ ପଲା ଭାରି

## ହକି ବିଶ୍ୱକପ୍

ଭୁବନେଶ୍ୱର, ୧୦।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପ୍‌ର ମଙ୍ଗଳବାର ୨ଟି କ୍ରସ୍ ଓଭର ମ୍ୟାଚ୍ ଖେଳାଯିବ। ଅପରାହ୍ନ ୪ଟା ୪୫ରେ ବେଲ୍‌ଜିୟମ-ପାକିସ୍ତାନ ଏବଂ ରାତି ୭ଟାରେ ନେଦରଲାଣ୍ଡ୍ସ ଓ କାନାଡ଼ା ମଧ୍ୟରେ ଏହା ଅନୁଷ୍ଠିତ ହେବ। ଉଭୟ ର୍‍ୟାଙ୍କିଙ୍ଗ୍ ଓ ସାମ୍ପ୍ରତିକ ପ୍ରଦର୍ଶନ ଦୃଷ୍ଟିରୁ ଏହି ୨ଟି ମ୍ୟାଚ୍‌ରେ ଯଥାକ୍ରମେ ବେଲ୍‌ଜିୟମ ଓ ନେଦରଲାଣ୍ଡ୍ସ ଫେଭରାଇଟ ରହିଛନ୍ତି। ପୁଲ୍ 'ସି'ରେ ସ୍ଥାନ ପାଇଥିବା ବେଲ୍‌ଜିୟମ ୩ଟି ମ୍ୟାଚ୍ ଖେଳି ୨ଟିରେ ବିଜୟୀ ହେବା ସହ ଭାରତ ବିପକ୍ଷ ମ୍ୟାଚ୍ ଡ୍ର ରଖିଥିଲା। ଏହି ଦଳ ନିଜ ପ୍ରଥମ ମ୍ୟାଚ୍‌ରେ କାନାଡ଼ାକୁ ୨-୧ ଗୋଲରେ ହରାଇଥିବାବେଳେ ଭାରତ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌କୁ ୨-୨ରେ ଡ୍ର ରଖିଥିଲା। ତୃତୀୟ ତଥା ଅନ୍ତିମ ପୁଲ୍ ମ୍ୟାଚ୍‌ରେ ଦଳ ୫-୧ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲା। ୩ ମ୍ୟାଚ୍‌ରୁ ଦଳ ଭାରତ ସମକକ୍ଷ ୭ ପଏଣ୍ଟ ପାଇଥିଲା। ମାତ୍ର ଗୋଲ ବ୍ୟବଧାନରେ ଭାରତ ଆଗରେ ରହି ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବାବେଳେ ବେଲ୍‌ଜିୟମ ପୁଲ୍'ସି'ର ଦ୍ୱିତୀୟ ସ୍ଥାନୀୟ ଦଳ ଭାବେ କ୍ରସ୍ ଓଭରରେ ପୁଲ୍'ଡି'ର ତୃତୀୟ ଦଳ ପାକିସ୍ତାନକୁ ଭେଟିବାକୁ ଯାଉଛି। ଅପରପକ୍ଷେ ପାକିସ୍ତାନ ୩ଟି ମ୍ୟାଚ୍ ଖେଳିସାରିଥିବାବେଳେ ଏପର୍ଯ୍ୟନ୍ତ ବିଜୟ ସ୍ୱାଦ ଚାଖିନାହିଁ। ଦଳ ଗୋଟିଏ ମ୍ୟାଚ୍ ଡ୍ର ରଖିଛି ଏବଂ ୨ଟି ମ୍ୟାଚ୍‌ରେ ପରାଜିତ ହୋଇ ମାତ୍ର ୧ ପଏଣ୍ଟ ସହିତ କ୍ରସ୍ ଓଭରରେ ପ୍ରବେଶ କରିଛି। ସେହିପରି ଏହି ଗ୍ରୁପ୍‌ରେ ଥିବା ମାଲେସିଆ ମଧ୍ୟ ୧ ପଏଣ୍ଟ ପାଇଥିଲା। ମାତ୍ର ଗୋଲ ବ୍ୟବଧାନରେ ମାଲେସିଆକୁ ପଛରେ ପକାଇ ପାକିସ୍ତାନ କ୍ରସ୍ ଓଭରକୁ ଆସିଛି। ବେଲ୍‌ଜିୟମ ବିଶ୍ୱର ୩ ନମ୍ବର ର୍‍ୟାଙ୍କ୍ ଦଳ ହୋଇଥିବାବେଳେ ପାକିସ୍ତାନର ର୍‍ୟାଙ୍କିଙ୍ଗ୍ ୧୩ ରହିଛି। କିନ୍ତୁ କଳିଙ୍ଗ ଷ୍ଟାଡିୟମରେ ପାକିସ୍ତାନ ଦଳକୁ ଭରପୂର ସମର୍ଥନ ମିଳୁଛି, ମାତ୍ର ନିକଟ ଅତୀତର ପ୍ରଦର୍ଶନ ରେକର୍ଡ ଦେଖିଲେ ବେଲ୍‌ଜିୟମ ପଲା ଭାରି ରହିବ।

ମଙ୍ଗଳବାର ମ୍ୟାଚ୍‌ର ଅନ୍ୟ ଦୁଇ ପ୍ରତିଦ୍ୱନ୍ଦ୍ୱୀ ହେଲେ ନେଦରଲାଣ୍ଡ୍ସ ଓ କାନାଡ଼ା। ନେଦରଲାଣ୍ଡ୍ସ ବିଶ୍ୱର ୪ ନମ୍ବର ର୍‍ୟାଙ୍କ୍ ଦଳ ହୋଇଥିବାବେଳେ କାନାଡ଼ାର ର୍‍ୟାଙ୍କିଙ୍ଗ୍ ୧୧। ପୁଲ୍ ପର୍ଯ୍ୟାୟରେ କାନାଡ଼ା ଅପେକ୍ଷା ନେଦରଲାଣ୍ଡ୍ସ ଯଥେଷ୍ଟ ଅଧିକ ଭଲ ପ୍ରଦର୍ଶନ କରିଛି। ତେଣୁ ଏହି ଦଳ ସ୍ୱାଭାବିକଭାବେ ଫେଭରାଇଟ ବିବେଚିତ ହେଉଛି। ନେଦରଲାଣ୍ଡ୍ସ ପୁଲ୍'ଡି'ରେ ୩ଟି ମ୍ୟାଚ୍ ଖେଳି ୨ଟି ଜିତିବା ସହ ଗୋଟିଏ ମ୍ୟାଚ୍ ଜର୍ମାନୀଠାରୁ ହାରି ୬ ପଏଣ୍ଟ ପାଇଛି। ପୁଲ୍'ଡି'ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ପୁଲ୍ 'ସି'ର ତୃତୀୟ ଦଳ କାନାଡ଼ାକୁ ଭେଟିବାକୁ ଯାଉଛି। ଅନ୍ୟପକ୍ଷରେ କାନାଡ଼ା ୩ ମ୍ୟାଚ୍‌ରୁ ଗୋଟିଏ ଡ୍ର ଓ ୨ଟି ପରାଜୟ ସହ ମାତ୍ର ୧ ପଏଣ୍ଟ ପାଇ କ୍ରସ୍ ଓଭରରେ ପ୍ରବେଶ କରିଛି। ପୁଲ୍ ପର୍ଯ୍ୟାୟରେ ନେଦରଲାଣ୍ଡ୍ସ ୭-୦ ଗୋଲରେ ମାଲେସିଆକୁ ହରାଇ ଅଭିଯାନ ଆରମ୍ଭ କରିଥିବାବେଳେ ଜର୍ମାନୀଠାରୁ ୧-୪ ଗୋଲରେ ପରାଜିତ ହୋଇଥିଲା। ଶେଷ ମ୍ୟାଚ୍‌ରେ ପାକିସ୍ତାନକୁ ୫-୧ ଗୋଲରେ ହରାଇ ଦଳ ଆଗକୁ ବଢ଼ିଛି। ଏହି ପୁଲ୍‌ରୁ ଜର୍ମାନୀ ୩ଟି ମ୍ୟାଚ୍‌ରୁ ୩ ବିଜୟ ସହ ୯ ପଏଣ୍ଟ ପାଇ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଲିଗ୍ ପର୍ଯ୍ୟାୟରେ ନେଦରଲାଣ୍ଡ୍ସ ସବୁଠାରୁ ଆକ୍ରମଣାତ୍ମକ ଦଳ ଭାବେ ସାବ୍ୟସ୍ତ ହୋଇଛି। ଏହି ଦଳ ୯୮ଥର ପ୍ରତିପକ୍ଷ ସର୍କଲ ଏରିଆରେ ପ୍ରବେଶ କରିଛି। ମାଲେସିଆ ବିପକ୍ଷରେ ଆକ୍ରମଣାତ୍ମକ ଆଭିମୁଖ୍ୟରେ ଦଳ ସର୍ବାଧିକ ୨୫ଥର ଡି' ଏରିଆରେ ପ୍ରବେଶ କରିଥିଲା। ଅନ୍ୟପକ୍ଷରେ କାନାଡ଼ା ୧-୨ରେ ବେଲ୍‌ଜିୟମଠାରୁ ହାରିଥିବାବେଳେ ଦକ୍ଷିଣ ଆଫ୍ରିକା ସହିତ ୧-୧ରେ ମ୍ୟାଚ୍ ଡ୍ର ରଖିଥିଲା। ଶେଷ ମ୍ୟାଚ୍‌ରେ ଭାରତଠାରୁ ୫-୧ ଗୋଲରେ ହାରି ପୁଲ୍‌ର ତୃତୀୟ ସ୍ଥାନ ଅଧିକାର କରିଥିଲା। ଏହି ପୁଲ୍‌ରେ ଦକ୍ଷିଣ ଆଫ୍ରିକା ମଧ୍ୟ ୧ ପଏଣ୍ଟ ପାଇଥିଲା। ମାତ୍ର ଗୋଲ ବ୍ୟବଧାନରେ କାନାଡ଼ା କ୍ରସ୍ ଓଭରକୁ ଥ୍ରୁ କରିଥିଲା।

### ଆଜିର ମ୍ୟାଚ୍



**ବେଲ୍‌ଜିୟମ ବନାମ ପାକିସ୍ତାନ**
ସମୟ: ଅପରାହ୍ନ ୪ଟା ୪୫

**ନେଦରଲାଣ୍ଡ୍ସ ବନାମ କାନାଡ଼ା**
ସମୟ: ରାତି ୭ଟା

ସ୍ଥାନ: କଳିଙ୍ଗ ଷ୍ଟାଡିୟମ

**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ**



## ସଂକ୍ଷେପରେ

### ଘରୋଇ କଳିରୁ ସ୍ତ୍ରୀଙ୍କୁ ହତ୍ୟା

**ବେତନଟୀ,୧୦।୧୨.(ଡିଏନ.ଏ):** ସାମାନ୍ୟ ଘରୋଇ କଳିରୁ ବେତନଟୀ ଥାନାର କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନରେ ଥିବା ଜାମଶୋଳ ଗ୍ରାମରେ ଜଣେ ବ୍ୟକ୍ତି ନିଜ ସ୍ତ୍ରୀଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି । ମୃତା ମହିଳାଜଣକ ହେଲେ ବାଙ୍ଗାଳୀ ଦେହୁରୀ। ହତ୍ୟାକାଣ୍ଡରେ ସମ୍ପୃକ୍ତ ତାଙ୍କ ସ୍ୱାମୀ ଡାକ୍ତର ଦେହୁରୀ ଫେରାର ଅଛନ୍ତି। ମୃତା ମହିଳାଙ୍କ ପୁତ୍ର ମିଥୁନ ଦେହୁରିଙ୍କ ଅଭିଯୋଗ କ୍ରମେ ସୋମବାର ବେତନଟୀ ଥାନାରେ ଏନେଇ ଏକ ହତ୍ୟା ମାମଲା (ନଂ ୧୭୦/୧୮) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ କୌଣସି ଏକ କଥାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ଝଗଡା ସୃଷ୍ଟି ହୋଇ ଥିଲା । ଫଳରେ ଡାକ୍ତର ଉତ୍କ୍ଷିପ୍ତ ହୋଇ ବାଙ୍ଗାଳୀଙ୍କୁ ମାଡ ମାରିଥିଲେ । ଘଟଣାସ୍ଥଳରେ ବାଙ୍ଗାଳୀଙ୍କ ମୃତ୍ୟୁ ହୋଇଥିଲା । ଖବର ପାଇ ବେତନଟୀ ଆଇଆଇସି ଗୋବିନ୍ଦ ବେହେରା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଯାଇଛି।

### ୭ ଚୋରା ମଦ ବେପାରୀ ଗିରଫ

**ନୀଳଗିରି, ୧୦।୧୨(ଡି.ଏନ.ଏ.):** ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ଥାନାର ବିଭିନ୍ନ ଗାଁରେ ସୋମବାର ଚଢାଉ କରାଯାଇ ୭ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ସମୁଦାୟ ୪୪ଲିଟର ଦେଶୀ ମହୁଲି ମଦ ଜବତ ହୋଇଛି। ଏନେଇ ବିଭାଗରେ ମାମଲା (ନଂ. ୩୧/୧୮, ୩୨/୧୮, ୮୩/୧୮, ୮୪/୧୮, ୮୫/୧୮, ୮୬/୧୮ ଓ ୮୭/୧୮) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଛି। ସେମାନେ ହେଲେ ଗୋପାଳପୁର ଗାଁର ବୀରଭଦ୍ର ସିଂ, କରଞ୍ଜିଆ ଗାଁର ମୀନତି ଜେନା, ଗୁଜୁଡିହା ଗାଁର ସୁକାନ୍ତି ବେହେରା, ପୋଡାଶୂଳ ଗାଁର ସଞ୍ଜୟ କୁମାର ବେହେରା, ବିଟୁସାହି ଗାଁର ସୁମିତ୍ରା ସିଂ, ଜଡିବାଲି ଗାଁର କୃଷ୍ଣଚନ୍ଦ୍ର ମହାନ୍ତି ଓ ସଜନାଗଡ ଗାଁର ସୋମନାଥ ରାଉତ। ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ପୂର୍ବାହ୍ନରେ ନିରୀକ୍ଷକ କରୁଣାଶଙ୍କର ତିୱାରୀଙ୍କ ନେତୃତ୍ୱରେ ଉପନିରୀକ୍ଷକ ଲକ୍ଷେସାଧବ ପ୍ରଧାନ, ସହକାରୀ ଉପନିରୀକ୍ଷକ ଜୟନ୍ତୀ ଆଚାର୍ଯ୍ୟଙ୍କ ସମେତ ଅବକାରୀ ଟିମ୍ ଚଢାଉରେ ସାମିଲ ଥିଲେ ।

# ସରକାରୀ ଗୋଦାମରୁ ଚାଉଳ ଗାଏବ

**ଭଦ୍ରକ ଅଫିସ, ୧୦।୧୨**

ଭଦ୍ରକ ଜିଲା ଚରମ୍ପାସ୍ଥିତ ସରକାରୀ ଚାଉଳ ଗୋଦାମରୁ ୧୯୪ କୁଇଣ୍ଟାଲ ଚାଉଳ ନିଅଣ୍ଟ ହେବା ଘଟଣା ସୋମବାର ପଦାକୁ ଆସିଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମାଜିଷ୍ଟ୍ରେଟ ଭାବେ ଭଦ୍ରକ ତହସିଲଦାର ପ୍ରଦୀପ ସାହୁ, ଯୋଗାଣ ନିରୀକ୍ଷକ ଅଶୋକ ବେହେରା ଗୋଦାମରେ ଚଢ଼ାଉ କରି ମହଜୁଦ ଚାଉଳ ହିସାବ କରିବା ପରେ ଏ ସମ୍ପର୍କରେ ଜଣାପଡ଼ିଥିଲା। ଫଳରେ ତହସିଲଦାର ଗୋଦାମକୁ ସିଲ୍ କରି ଜିଲାପାଳଙ୍କୁ ସବିଶେଷ ରିପୋର୍ଟ ପ୍ରଦାନ କରିଛନ୍ତି। ରିପୋର୍ଟ ପାଇବା ପରେ ଜିଲାପାଳ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ଗୋଦାମ ସିଲ୍ ହେବା ପରେ ଚାଉଳ ପରିବହନ ଠିକାଦାର ଓ ଗୋଦାମ କର୍ତ୍ତୃପକ୍ଷଙ୍କ ଅସାଧୁ ମେଣ୍ଟ ନେଇ ଚର୍ଚ୍ଚା ହେଉଛି।

ସୂଚନା ଅନୁସାରେ, ରାଜ୍ୟ ଯୋଗାଣ ନିଗମ ପକ୍ଷରୁ ସରକାରୀ ଭାବେ ଧାନ କ୍ରୟ କରିଥିବା ମିଲ୍ ଓ ଅନ୍ୟ ଜିଲାରୁ ମଧ୍ୟାହ୍ନଭୋଜନ ତଥା ସାଧାରଣ ବଣ୍ଟନ ପାଇଁ ଆବଶ୍ୟକ ଚାଉଳ ମହଜୁଦ ରଖିବା ଲାଗି ଚରମ୍ପା ଆର୍‌ଟିଓ ଅଫିସ ନିକଟରେ ଏକ ଗୋଦାମ ରହିଛି। ଗୋଦାମରେ ସରକାରୀ ଭାବେ ୮୮୧୨ କୁଇଣ୍ଟାଲ ଚାଉଳ ମହଜୁଦ ରହିବା କଥା। ଏହି ଗୋଦାମରେ ଅନିୟମିତତା ହେଉଥିବା ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ଜିଲାପାଳ ସୋମବାର ମଧ୍ୟାହ୍ନରେ ମାଜିଷ୍ଟ୍ରେଟ ଭାବେ ଭଦ୍ରକ ତହସିଲଦାରଙ୍କୁ ଯୋଗାଣ ଅଧିକାରୀଙ୍କ ଉପସ୍ଥିତିରେ ଚଢ଼ାଉ କରି ଷ୍ଟକ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗୋଦାମ ଦାୟିତ୍ୱରେ ଥିବା ପ୍ରକ୍ୟୁରମେଣ୍ଟ ଇନ୍ସପେକ୍ଟରଙ୍କ ଅନୁପସ୍ଥିତିରେ ଗୋଦାମର ଷ୍ଟକ ଯାଞ୍ଚ ହୋଇଥିଲା। ଯାଞ୍ଚ ବେଳେ ୮୮୧୨ କୁଇଣ୍ଟାଲ ଚାଉଳ ରହିବା ପରିବର୍ତ୍ତେ ୧୯୪ କୁଇଣ୍ଟାଲ (୪୦୦ ବସ୍ତା) ଚାଉଳ ନିଅଣ୍ଟ ଥିବା ଜଣାପଡ଼ିଥିଲା। ନିଅଣ୍ଟ ଚାଉଳର ଆନୁମାନିକ ମୂଲ୍ୟ ୬ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି। ନିଅଣ୍ଟ ଚାଉଳକୁ ମିଲରମାନେ ଦେଇନାହାନ୍ତି ନା ବିକ୍ରି କରିଦିଆଯାଇଛି ତାହା ଅସ୍ପଷ୍ଟ ରହିଛି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଜିଲା ଯୋଗାଣ ଅଧିକାରୀ ଅଶୋକ ମାଝୀ କହିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



ଭଦ୍ରକ ଚରମ୍ପାସ୍ଥିତ ଗୋଦାମରେ ଯାଞ୍ଚ କରାଯାଉଛି।

- ମାଜିଷ୍ଟ୍ରେଟଙ୍କ ଦ୍ୱାରା ଗୋଦାମ ସିଲ୍
- ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

### ଯୁବକଙ୍କ ଗାଲକୁ ବ୍ଲେଡରେ କାଟିଲେ ବୃଦ୍ଧ

**ଆରଡି, ୧୦।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ବେତାଳିଙ୍ଗାଁ ବଜାରରେ ସୋମବାର ଜଣେ ବୃଦ୍ଧ ବେତାଳିଙ୍ଗାଁ ଗ୍ରାମର ସଦାନନ୍ଦ ନାୟକ(୩୨)ଙ୍କ ଗାଲକୁ ବ୍ଲେଡରେ କାଟି ଦେଇଛନ୍ତି। ଆହତ ଯୁବକଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବୃଦ୍ଧଙ୍କୁ ଗାଁରେ ଅଟକ ରଖାଯାଇଥିଲା। ସଦାନନ୍ଦ ଓ ସମ୍ପୃକ୍ତ ବୃଦ୍ଧଙ୍କ ମଧ୍ୟରେ ବଚସା ହୋଇ ହାତାହାତି ହୋଇଥିଲେ। ବୃଦ୍ଧ ଜଣଙ୍କ ନିକଟରେ ଥିବା ସେଲୁନରୁ ଏକ ବ୍ଲେଡ ଆଣି ସଦାନନ୍ଦଙ୍କ ଗାଲକୁକାଟିଦେଇଥିଲେ। ଗୁରୁତର ଅବସ୍ଥାରେ ସଦାନନ୍ଦଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

### ଆହତଙ୍କ ଚିକିତ୍ସାରେ ବିଳମ୍ବ ନେଇ ଉତ୍ତେଜନା

**କେନ୍ଦୁଝର, ୧୦।୧୨(ସ୍ୱ.ପ୍ର.)**

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ସୁଆକାଠି ନିକଟରେ ଏକ ଗାଡି ଧକ୍କାରେ ସୋମବାର ସନ୍ଧ୍ୟାରେ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଆହତ ହୋଇଥିଲେ। ସେମାନଙ୍କ ଠିକ ପରିଚୟ ମିଳିପାରି ନାହିଁ। ଦୁଇ ଜଣଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବିଳମ୍ବରେ ଡାକ୍ତର ଆସିବାରୁ ସେଠାରେ ଉତ୍ତେଜନା ପରିସ୍ଥିତି ଦେଖାଦେଇଥିଲା। ପୋଲିସ ପହଞ୍ଚି ବୁଝାସୁଝା କରିଥିଲା।

# ଜଳନ୍ତା ଧାନଗଦାରୁ ମୃତଦେହ ଉଦ୍ଧାର

- ହତ୍ୟା ପରେ ଫୋପାଡ଼ି ଦେଇଥିବା ସନ୍ଦେହ
- ସାଇଣ୍ଟିଫିକ ଟିମ୍, ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ ଆରମ୍ଭ
- ମୃତଦେହର ମିଳିନି ପରିଚୟ

**ବାରିପଦା ଅଫିସ/ରାଇରଙ୍ଗପୁର (ଡି.ଏନ.ଏ.), ୧୦।୧୨**

ଜଳନ୍ତା ଧାନଗଦାରୁ ଉଦ୍ଧାର ହୋଇଛି ଅର୍ଦ୍ଧଦଗ୍ଧ ମୃତଦେହ। ମୃତଦେହର ପରିଚୟ ମିଳିପାରି ନ ଥିବା ବେଳେ ତାହା ମହିଳା କି ପୁରୁଷ ତାହା ବି ଜଣାପଡିନାହିଁ। ଏପରି ଜଘନ୍ୟ ଘଟଣା ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଦାଣ୍ଡବୋଷ-କାପିଡୁଙ୍ଗୁରି ରାସ୍ତା ନିକଟରେ ସୋମବାର ଭୋରୁ ସଂଘଟିତ ହୋଇଥିବା ଅନୁମାନ କରାଯାଉଛି। ଉକ୍ତ ଧାନଗଦାର ମାଲିକ ମଙ୍ଗଲ ହେମ୍ବ୍ରମ୍‌ଙ୍କ ଅଭିଯୋଗକ୍ରମେ ରାଇରଙ୍ଗପୁର ଟାଉନ ଥାନା ପୋଲିସ ଏକ ହତ୍ୟା ମାମଲା (ନଂ.୧୧୧/୧୮ ) ରୁଜୁ କରିଛି। ବାରିପଦାରୁ ଆସିଥିବା ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ବି ସନ୍ଧ୍ୟା ସୁଦ୍ଧା କିଛି ସୁରାକ୍ ମିଳିପାରି ନାହିଁ। ଉକ୍ତ ଧାନଗଦାରୁ ମୃତଦେହକୁ ଉଦ୍ଧାର କରି ପିଆରଏମ୍ ମେଡିକାଲକୁ ବ୍ୟବଚ୍ଛେଦ ଲାଗି ପଠାଯାଇଛି।

ସୋମବାର ସକାଳେ ଦାଣ୍ଡବୋଷସ୍ଥିତ ୨୨୦ ନମ୍ବର ଜାତୀୟ ରାଜପଥ ଦାଣ୍ଡବୋଷ- କାପିଡୁଙ୍ଗୁରି ରାସ୍ତାକଡ଼ରେ ଥିବା ଏକ ଧାନଗଦାରେ ନିଆଁ ଲାଗି ଜଳୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ପାଖକୁ ଯିବାରୁ ସେଥିରେ ଏକ ମୃତଦେହ ପଡିଥିବା ଦେଖିଥିଲେ। ଏ ସମ୍ପର୍କରେ ଖବର ପାଇ ତୁରନ୍ତ ରାଇରଙ୍ଗପୁର ପୋଲିସ ଓ ଦମକଳ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ପରେ ସେଠାରୁ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରାଯାଇଥିଲା। ଏହାପରେ ଘଟଣାର ତଦନ୍ତ ନିମନ୍ତେ ବାରିପଦାରୁ ଆସିଥିବା ସନ୍ଧାନୀ କୁକୁର ଘଟଣାସ୍ଥଳରୁ କିଛିବାଟ ଯାଇ ବହଳଦା ଥାନା ଗମ୍ଭାରିଆ ଗାଁର ଏକ ନିର୍ମାଣାଧୀନ କୋଠାଘର ନିକଟରେ ରହିଯାଇଥିଲା। ହେଲେ ସେଠାରୁ ପୋଲିସ କିଛି ପ୍ରମାଣ ପାଇପାରିନାହିଁ। ସୋମବାର ଭୋରୁ ରାସ୍ତାକଡ଼ରେ ଥିବା ଉକ୍ତ ଧାନଗଦାରେ କେହି ମୃତଦେହ ପକାଇ ନିଆଁ ଲଗାଇ ପଳାଇଥିବା ଅନୁମାନ କରାଯାଉଥିବା ରାଇରଙ୍ଗପୁର ଟାଉନ୍ ଥାନା ଅଧିକାରୀ ରଞ୍ଜନ କୁମାରୀ ସେଠୀ ସୂଚନା ଦେଇଛନ୍ତି। ଏହାର ତଦନ୍ତ ଆରମ୍ଭ ହୋଇଥିବା ବେଳେ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

■ ବଜ୍ରକାପ୍ତା ଚୋରା ଚାଲାଣ ଘଟଣା

# ରିମାଣ୍ଡରେ ଗଲେ ଦୁଇ ଅଭିଯୁକ୍ତ: ୬ ଅଟକ

**ଉଦଳା,୧୦।୧୨ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଉଦଳାରୁ ବିଲୁପ୍ତପ୍ରାୟ ପ୍ରାଣୀ ବଜ୍ରକାପ୍ତା ଶିକାର ଏବଂ ଚୋରା ଚାଲଣ ଘଟଣାରେ କ୍ରାଇମବ୍ରାଞ୍ଚ ଏସଟିଏଫ୍ ପକ୍ଷରୁ ସୋମବାର ୬ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଇଛି। ଏହି ଘଟଣାରେ ୭ ତାରିଖ ରାତିରେ ୪ ଅଭିଯୁକ୍ତଙ୍କୁ ଗିରଫ କରି ଉଦଳା କୋର୍ଟଚାଲାଣ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଦୁଇ ଅଭିଯୁକ୍ତ ଦେବେନ୍ଦ୍ର ଦାସ ଏବଂ ରଘୁନାଥ ବେହେରାଙ୍କୁ ଦୁଇ ଦିନ ରିମାଣ୍ଡରେ ନେବାକୁ କୋର୍ଟ ସୋମବାର ଅନୁମତି ପ୍ରଦାନ କରିଛନ୍ତି। ସୋମନଙ୍କୁ ନେଇ କ୍ରାଇମବ୍ରାଞ୍ଚ ଟିମ୍ ଉଦଳା ଇଲାକାର ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି । ଚଢାଉ ସମୟରେ ଉକ୍ତ ୬ ଜଣଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଏକ ଅଜଣା ସ୍ଥାନରେ ଅଟକ ରଖି ପଚରାଉଚରା କରୁଛି। ତେବେ ଘଟଣାର ମାଷ୍ଟର ମାଇଣ୍ଡ ଗିରଫ ପରେ ଏହି ବିଲୁପ୍ତପ୍ରାୟ ବଜ୍ରକାପ୍ତା ଚାଲାଣ ନେଇ ବିଦେଶୀ ଲିଙ୍କ୍ ରହିଛି କି ନାହିଁ ତାହା ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇଯିବ ବୋଲି ଆଲୋଚନା ହେଉଛି ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଦୁଇ ମାସର ଶିଶୁ ଉଦ୍ଧାର

**ଆନନ୍ଦପୁର, ୧୦।୧୨(ସ୍ୱ.ପ୍ର.):** ଘସିପୁରା ଥାନା ଖପରାଖାଇ ୧ ନଂ ବସଷ୍ଟାଣ୍ଡରୁ ସୋମବାର ଦୁଇ ମାସର ଶିଶୁକୁ ପୋଲିସ ଉଦ୍ଧାର କରିଛି। ଶିଶୁଙ୍କୁ ଭଦ୍ରକ ଅଞ୍ଚଳର ଜଣେ ମହିଳା ବସ୍‌ରେ ନେଉଥିଲେ। ସେହି ବସରେ ଥିବା ଜଣେ ମହିଳା ଯାତ୍ରୀ ଦେଖି ସନ୍ଦେହ କରି ପୋଲିସକୁ ସୂଚନା ଦେଇଥିଲେ। ପରେ ସମ୍ପୃକ୍ତ ମହିଳାଙ୍କୁ ନେଇ ଘସିପୁରା ଥାନାରେ ହାଜର କରାଯାଇଥିଲା। ଖବରପାଇ ଆନନ୍ଦପୁର ଚାଇଲ୍ଡଲାଇନ୍ ପକ୍ଷରୁ ସଦସ୍ୟ ଆଇନଜୀବୀ ଭାଗିରଥି ଦାଶ ଏବଂ ଗଣମାଧ୍ୟମ ପ୍ରତିନିଧି ଥାନାରେ ପହଞ୍ଚି ଥିଲେ। ଶିଶୁକୁ ନେଉଥିବା ମହିଳା ଜଣଙ୍କ ଚାନ୍ଦବାଲୀ ଅଞ୍ଚଳର କମଳିନୀ ସେଠୀ। ସେ ଦୁଇ ମାସ ହେବ ଭଦ୍ରକସ୍ଥିତ ବାତ୍ସଲ୍ୟ ନାମକ ଶିଶୁ ଯତ୍ନ ଅନୁଷ୍ଠାନରେ କାର୍ଯ୍ୟ କରିଆସୁଥିବା ବେଳେ ଶିଶୁଙ୍କୁ ଉଦ୍ଧାର କରି ଘସିପୁରା ଥାନା କଲରାଗଡିଆ ନେଉଥିଲେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଖବରପାଇ ଘସିପୁରା ସ୍ଥିତ ଏସଆରଏମ(ସେଲ୍ଫ ରିଅଲାଇଜେସନ୍ ମିସନ୍)ର ଜଣେ ମହିଳା ପ୍ରତିନିଧି ଶିଶୁ ଆମର ବୋଲି ଦାବି କରିଥିଲେ। ଶିଶୁଟି ଅସୁସ୍ଥ ଥିବାରୁ ଡାକ୍ତରୀ ଚିକିତ୍ସା ପାଇଁ ଭଦ୍ରକ ପଠାଯାଇଥିବା ପ୍ରକାଶ କରିଥିଲେ। ଘସିପୁରା ପୋଲିସ ଶିଶୁକୁ ଶିଶୁ ଯତ୍ନ ଅନୁଷ୍ଠାନ ଏସଆରଏମକୁ ହସ୍ତାନ୍ତର କରିଥିବା ଜଣାଯାଇଛି।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ଆନନ୍ଦପୁର, ୧୦।୧୨(ସ୍ୱ.ପ୍ର.):** ଆନନ୍ଦପୁର ବ୍ଲକ ବିଡିଓ ଡ. ମଧୁସ୍ମିତା ସାମନ୍ତରାୟଙ୍କ ସଂଯୋଜନାରେ ରାଜୀବ ଗାନ୍ଧୀ ସେବା ଗୃହରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ହୋଇଯାଇଛି। ଆନନ୍ଦପୁର ବିଧାୟକ ମାୟାଧର ଜେନା, ଜିଲାପାଳ ଆଶିଷ କୁମାର ଠାକରେ, ଏସପି ଜୟନାରାୟଣ ପଙ୍କଜ, ପିଡି ନୃସିଂହ ଚରଣ ସ୍ୱାଇଁଙ୍କ ସମେତ ଜିଲା ତଥା ଉପଖଣ୍ଡ ସମସ୍ତ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ୬୦ରୁ ଊର୍ଦ୍ଧ୍ୱ ଅଭିଯୋଗର ଶୁଣାଣି ହୋଇଥିଲା।

# ଜଙ୍ଗଲ ଅଞ୍ଚଳରେ ବିଦ୍ୟୁତ୍ କାଟ

**ଝୁମ୍ପୁରା, ୧୦।୧୨(ଡି.ଏନ.ଏ.)**

- ହଇରାଣ ହେଉଛନ୍ତି ଗ୍ରାମବାସୀ
- ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ସମସ୍ୟା

ଝୁମ୍ପୁରା ଏବଂ ବାଂଶପାଳ ବ୍ଲକର ଜଙ୍ଗଲାଞ୍ଚଳରେ ବନ ଓ ନେସ୍କୋ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଲୋକେ ହଇରାଣ ହେଉଛନ୍ତି। ହାତୀପଲ ବିପଦରେ ପଡୁଛନ୍ତି। ହାତୀ ଚଳାଚଳ ନ ଥିଲେ ହେଁ ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଉକ୍ତ ଅଞ୍ଚଳରେ ବିଦ୍ୟୁତ୍ କାଟ ହେଉଛି। ଅଞ୍ଚଳବାସୀ ଅନ୍ଧାରରେ ରହୁଛନ୍ତି। ପ୍ରତ୍ୟହ ଅପରାହ୍ନ ୪ଟାରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହେଉଛି। ବିଦ୍ୟୁତ କାଟରୁ ଜଙ୍ଗଲାଞ୍ଚଳର ପିଲାମାନେ ପାଠ ପଢି ପାରୁନାହାନ୍ତି। ଉଠାଜଳସେଚନ ସହ ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡୁଛି। ସନ୍ଧ୍ୟା ସମୟରେ ଯାତାୟାତ ବନ୍ଦ ହୋଇଯାଉଛି। ସଞ୍ଜ ଉଇଁଲେ ଘରକୁ ଫେରୁଥିବା ଶ୍ରମଜୀବୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଜଙ୍ଗଲାଞ୍ଚଳରେ ରହିଥିବା ଝୁମ୍ପୁରା ଓ ବାଂଶପାଳ ବ୍ଲକର ଗ୍ରାମ ଗୁଡିକ ପଟୁଆକୁଦର, ନୁଣଗାଡିଆ, କାଶିଆ, ବଳଭଦ୍ରପୁର, କେନ୍ଦୁଘାଟି, ଧଳାଡିହି, ଅନ୍ଧାରୀଖମଣ, ବସନ୍ତପୁର, କାଇଯୋଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଦ୍ୟୁତ୍‌କରଣ ଯୋଜନା ଗୁଡିକରେ ଠିକାଦାର ଟେଣ୍ଡର ନେଇ ଜଙ୍ଗଲାଞ୍ଚଳରେ ନିମ୍ନମାନର କାମ କରୁଛନ୍ତି। କମ ଉଚ୍ଚତାରେ ବିଦ୍ୟୁତ୍ ତାର ଟାଣାଯାଉଛି। ବିଦ୍ୟୁତ ଖୁଣ୍ଟ ଗୁଡିକର ପୋତା ଅଂଶ କଂକ୍ରିଟ କରାଯାଉ ନାହିଁ। ଇନସୁଲେଟର ଆପଣା ଛାଏଁ ଫାଟି ଯାଉଛି। ଦୋଷ ଛଡାଇବା ପାଇଁ ଜଙ୍ଗଲାଞ୍ଚଳର ଗୋଟିଏ ପାର୍ଶ୍ୱରେ ହାତୀପଲଙ୍କ ଚଳାଚଳର ନେସ୍କୋ କର୍ତ୍ତୃପକ୍ଷ ସୂଚନା ଦେଲେ ସମସ୍ତ ଅଞ୍ଚଳରେ ବିଦ୍ୟୁତ୍ କାଟ ହେଉଛି। ଏ ନେଇ ବାମେବାରୀ ପରେଷ୍ଟର ଯତିନ୍ଦ୍ର ସାହୁଙ୍କୁ ପଚାରିବାରୁ କେବଳ ହାତୀ ଚଳାଚଳ କରୁଥିବା ଜାଗା ସମ୍ପର୍କରେ ନେସ୍କୋ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥାଉ। କେନ୍ଦୁଝରସ୍ଥିତ ନେସ୍କୋର ଅଧୀକ୍ଷଣ ଯନ୍ତ୍ରୀ ନାରାୟଣ ଦାସଙ୍କୁ ପଚାରିବାରୁ ହାତୀପଲଙ୍କ ଚଳାଚଳ ହେତୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଉଛି ବୋଲି ସେ କହିଛନ୍ତି। ଅନ୍ୟ ଅଭିଯୋଗକୁ ସେ ଏଡ଼ାଇ ଦେଇଥିଲେ।

## ବିଶ୍ୱ ମାନବାଧିକାର ଦିବସରେ ସଚେତନତା



ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର।




କାର୍ଯ୍ୟକ୍ରମରେ ଉପସ୍ଥିତ ସମିତିର କର୍ମକର୍ତ୍ତା।

**ଆନନ୍ଦପୁର/ବଡବିଲ, ୧୦।୧୨(ସ୍ୱ.ପ୍ର.)**

ଘସିପୁରା ବ୍ଲକ କଅଁସ କେନ୍ଦୁଆ ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ମଳ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି।। ସମାଜରେ ମାନବାଧିକାର କିପରି କ୍ଷୁର୍ଣ୍ଣ ହେଉଛି, ଆମର ସ୍ୱାଧୀନତା କିପରି ଭୂଲୁଣ୍ଠିତ, ଦୁର୍ନୀତି, ଭ୍ରଷ୍ଟାଚାର କିପରି ସମାଜକୁ କବଳିତ କରି ରଖିଛି ସେନେଇ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ଗୁଣାକାର ରାଉତ, ସୁରେନ୍ଦ୍ର ବିଶ୍ୱାଳ, କର୍ମୀ କିସ୍କୁ, ନମିତାରାଣୀ ରଥ, ନିର୍ମଳା ଜେନା, ଏଲିଜା ମିଶ୍ର, ଅମରେନ୍ଦ୍ର ଦାଶ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମରେ ବିଦୁ ଭୂଷଣ ଜେନା, ପ୍ରଶାନ୍ତ ରାଉତ, ରଜତ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

ବଡବିଲ ତାଲୁକ ଆଇନ ସେବା ସମିତି ପକ୍ଷରୁ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆନ୍ତର୍ଜାତୀୟ ମାନବାଧିକାର ଦିବସ ଅବସରରେ ଏକ ସଚେତନତା ଶିବିର ହୋଇଥିଲା। ସମିତି ଅଧ୍ୟକ୍ଷ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଆଲୋକ ପଣ୍ଡାଙ୍କ ସଭାପତିତ୍ୱରେ ସମିତି କର୍ମଚାରୀ ମାନସ ନାଏକ ତାଲୁକ ଆଇନ ସେବା ସମିତିର କାର୍ଯ୍ୟ ଓ ମାନବାଧିକାର ଦିବସ ବିଷୟରେ ସୂଚନା ଦେଇଥିଲେ। ବରିଷ୍ଠ ଆଇନଜୀବୀ ବଳରାମ ମହାନ୍ତି, ଦେବପ୍ରିୟ ରଣା ଓ ଜ୍ୟୋତିରଞ୍ଜନ ମହାନ୍ତି ଯୋଗ ଦେଇ ମାନବାଧିକାର ସମ୍ପର୍କିତ ବିଭିନ୍ନ ଆଇନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ପିଲାମାନେ ଦେଶର ଭବିଷ୍ୟତ, ସେମାନେ ସଚେତନ ହେବା ଲାଗି ସମିତି ଅଧ୍ୟକ୍ଷ ପଣ୍ଡା କହିଥିଲେ।

### ବନ କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

**କେନ୍ଦୁଝର, ୧୦।୧୨(ସ୍ୱ.ପ୍ର.)**

ଓଡ଼ିଶା ଅଣଗେଜେଟେଡ ବନସେବା ସଂଘର କେନ୍ଦୁଝର ଜୋନ ତରଫରୁ ୯ ଦଫା ଦାବି ନେଇ ସୋମବାରଠାରୁ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ ଜଣାଯାଇଛି। ଦାବିଗୁଡିକ ମଧ୍ୟରେ ଢେଙ୍କାନାଳ ଡିଭିଜନର ଫରେଷ୍ଟଗାର୍ଡ ଓ ଫରେଷ୍ଟରଙ୍କୁ ବିନା ଅପରାଧରେ କ୍ରାଇମବ୍ରାଞ୍ଚ ତରଫରୁ କରାଯାଇଥିବା କେସ୍‌କୁ ତୁରନ୍ତ ପ୍ରତ୍ୟାହାର, ବନ୍ୟଜନ୍ତୁଙ୍କର ପରିଚାଳନା ପାଇଁ ଏକ ଷ୍ଟାଣ୍ଡାର୍ଡ ଅପରେଶନ ପ୍ରୋସ୍ୟୁସର ଜାରି କରିବା ଆଦି ଦାବି ରହିଛି।

ଜିଲାର ଟେରିଟୋରିଆଲ ଡିଭିଜନର ୭, ବନ୍ୟପ୍ରାଣୀ ଡିଭିଜନର ୪, କେନ୍ଦୁପତ୍ର ଡିଭିଜନର ୭ ଗୋଟି ଓ ୧୦୫ ଫରେଷ୍ଟଗାର୍ଡ, ୪୮ ଫରେଷ୍ଟର, ୭ ଡେପୁଟୀ ରେଞ୍ଜର ଆନ୍ଦୋଳନରେ ସାମିଲ ହୋଇଛନ୍ତି। ୧୫ ସୁଧା ଦାବି ପୂରଣ ନ କଲେ ୧୭ରୁ ସାମୂହିକ ଛୁଟିରେ ରହି ପିସିସିଏଫ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲୁଚି ଲୁଚି ପର ଅଇଁଠା ଖାଏ;**
**ଘର ଆଦରକୁ ଅସୁଖୁ ପାଏ ।**

ଆମ ସମାଜରେ ଏଭଳି କେତେଜଣ ବ୍ୟକ୍ତି ଅଛନ୍ତି ଯେଉଁମାନେ ମାନ ସମ୍ମାନକୁ ଖାତିର ନ କରି ପର ଆଗରେ ହାତ ପତେଇଥାନ୍ତି। ଅଥଚ ଆଉ କେହି ଭଲ ଭାବେ ଅଭ୍ୟର୍ଥନା କଲେ ମଧ୍ୟ ସେ ତାହାକୁ ଗ୍ରହଣ ନ କରି ନାମ ସମାଲୋଚନା କରିଥାନ୍ତି। ପ୍ରକୃତି ଛଡ଼ା ବ୍ୟକ୍ତିଙ୍କଠାରେ ଏପରି ରଙ୍ଗଢଙ୍ଗ ବା ହାବଭାବ ପରିଲକ୍ଷିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଲୁଣ ଲଗାଇ ଭାତ ଖାଏ,**
**ସାତ ତିଅଣ କହୁଥାଏ।**

ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବା ସ୍ଥଳେ କେତେଜଣ ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖେଇ ହୋଇଥାନ୍ତି। ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାର ପଣିଆକୁ ନେଇ ଅନ୍ୟ ଆଗରେ ତୁଚ୍ଛା ବାହାଦୁରି ମାରିଥାନ୍ତି। ଛ'କୁ ନଅ କରି କହିବା ସେମାନଙ୍କ ପ୍ରକୃତି ହୋଇଥାଏ। ତେବେ ଦୀନହୀନ ଦରିଦ୍ର ବ୍ୟକ୍ତିଙ୍କ ଏପରି ଫମ୍ପା ଆଭିଜାତ୍ୟ କୌଣସି ପରିସ୍ଥିତିରେ ଗ୍ରହଣୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୭୫ ହିତାଧିକାରୀଙ୍କୁ ମିଳିଲା କାର୍ଯ୍ୟାଦେଶ



କାର୍ଯ୍ୟାଦେଶ ବଣ୍ଟନ ସମୟରେ ଉପସ୍ଥିତ ବ୍ଲକ୍ କର୍ମଚାରୀ।

**ଚମ୍ପୁଆ, ୧୦।୧୨(ଡି.ଏନ.ଏ.)**

ଚମ୍ପୁଆ ବ୍ଲକ ସଭାଗୃହରେ ବିଜୁ ପକ୍କାଘର ଯୋଜନାରେ ସୋମବାର ୭୫ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଚମ୍ପୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀଣୀ ନୁପୁର ଚାନ୍ଦଗୋଟିଆ, ଅଧ୍ୟକ୍ଷା ରମଣୀ ନାଏକ, ଏବିଡିଓ ଶରତ ଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ। ୪ ମାସରେ ହିତାଧିକାରୀ କାର୍ଯ୍ୟ ଶେଷ କଲେ ୨୦ ହଜାର ଟଙ୍କା ଓ ୬ ମାସ ମଧ୍ୟରେ କାର୍ଯ୍ୟଶେଷ କଲେ ୧୦ ହଜାର ଟଙ୍କା ରାଶି ପ୍ରଦାନ କରାଯିବ ବୋଲି ଜଣାପଡିଛି। କାର୍ଯ୍ୟକ୍ରମକୁ ପରିଷ୍ଠ କିରାଣି ଯୋଗେଶ୍ୱର ନାଏକ ଓ ବ୍ଲକ କୋଡିନେଟର ଆଲୋକ ନାଏକ ପରିଚାଳନା କରିଥିଲେ।

### ରୌପ୍ୟ ଜୟନ୍ତୀରେ ବାଳିକା ଶିକ୍ଷା ଆଲୋଚନାଚକ୍ର

**ବଡବିଲ, ୧୦।୧୨(ସ୍ୱ.ପ୍ର.)**

ବଡ଼ବିଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରୌପ୍ୟ ଜୟନ୍ତୀ ପାଳନ ଉତ୍ସବର ଦ୍ୱିତୀୟ ଦିନରେ ବାଳିକା ଶିକ୍ଷା ଆଲୋଚନାଚକ୍ର, ବୁଦ୍ଧିଜୀବୀ ସମ୍ମିଳନୀ ପରେ ସଭାକାର୍ଯ୍ୟ ହୋଇଥିଲା। ଶେଷରେ ପୁରସ୍କାର ବିତରଣ କରାଯାଇଥିଲା। କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା ନାଟକ ପ୍ରଦର୍ଶିତ ହୋଇଥିଲା।

### ଗାଁ ପରିବେଶ ସଫେଇ

**ପାଟଣା, ୧୦।୧୨(ସ୍ୱ.ପ୍ର.)**

ପାଟଣା ବ୍ଲକ ତୁରୁମୁଙ୍ଗାସ୍ଥିତ ସାମାଜିକ ଉନ୍ନୟନ ସଂସ୍ଥା ପକ୍ଷରୁ ରବିବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଙ୍ଗଠନର ସନ୍ତୋଷ ବାରିକ ଓ ଧ୍ୟାନଚାନ୍ଦ ବେହେରାଙ୍କ ନେତୃତ୍ୱରେ ଗାଁରେ ପଡ଼ିଥିବା ଆବର୍ଜନା ସଫେଇ କରାଯାଇଥିଲା। ବଳଭଦ୍ର ନାଏକ, ଭକ୍ତବନ୍ଧୁ ବେହେରା, ପ୍ରମୋଦ ସାହୁ, ଗୋପିନାଥ ସାହୁ, ବିନାୟକ ସାହୁ, ଗୌତମ ଚନ୍ଦ୍ର ସାହୁ, ପ୍ରଦୀପ ସାହୁ, ରମେଶ ନାଏକ ଓ ବାଇଧର ସାହୁ ପ୍ରମୁଖ ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ। ସ୍ଥାନୀୟ ଶିବ ମନ୍ଦିର ଓ ପୁଷ୍କରଣୀର ଆବର୍ଜନା ସଫା କରାଯାଇଥିଲା।

ଅର୍ଶ (ମଳକଣ୍ଟକ) - Piles ଓ ଭଗନ୍ଦର - Fistula ର ସଫଳ ଚିକିତ୍ସା
ପରାମର୍ଶ ସମୟ
ସକାଳ ୯ଟାରୁ ରାତ୍ର ୮ଟା
ସବୁଦିନ ଖୋଲା
Call Us
94371 38000
94371 36000
0674-2354577
0674-2354320
ବାରମ୍ବାର ଅପରେସନ୍‌ରେ ଅସଫଳ ହେଉଥିବା ରୋଗୀମାନଙ୍କର ମଧ୍ୟ ସଫଳତାର ସହିତ ଚିକିତ୍ସା କରାଯାଉଛି
ସବୁଠୁ ନିରାପଦ, ସବୁଠୁ କମ୍ କଷ୍ଟ, ସବୁଠୁ କମ୍ ଖର୍ଚ୍ଚ
PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com
ଗୋପନରେ ଯେକୌଣସି ପ୍ରକାରର ନିଶା ଛଡାନ୍ତୁ

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

T.C.F. FINANCE
(Govt. Registered)
ଋଣ ମାତ୍ର ୬ ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
(ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିଷ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

M. GROUP FINANCE CO.
DIWALI OFFER
(Govt. Approved)
- Personal Loan
- Business Loan
- Salary Slip Loan
- Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

SMS JOB
ଭାରତର Reputed Company ରେ SMS JOB କରି Part/Full Time ଘରେ ବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+Sim + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9631847145
9006905977

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ



### ଗଛରେ ପିଟିହେଲା ଟ୍ରକ୍, ଚାଳକ ଗୁରୁତର

**ଯୋଡ଼ା, ୧୦।୧୨(ଡି.ଏନ.ଏ.):** କେନ୍ଦୁଝର ଜିଲା ବାମେବାରୀ ଥାନା ହେଁସାବେଡ଼ା ଟିସ୍କୋ-ଖଣ୍ଡବନ୍ଧ ରାସ୍ତାର ପଳସା ଘାଟିଠାରେ ସୋମବାର ଦଶଚକିଆ ଟ୍ରକ୍ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହେବାରୁ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ କେନ୍ଦ୍ରାପଡ଼ା ଅଞ୍ଚଳର ସୁଦର୍ଶନ ଚୁଲି। ଦଶଚକିଆ ଟ୍ରକ୍ ନଂ ଓଆର୦୪ଜି୪୬୫ ର ଡ୍ରାଇଭର ନ ଥିବାରୁ ମାଲିକ ସୁଦର୍ଶନ ଚୁଲି ଗାଡି ଚଳାଉଥିଲେ। ପଳସା ନିକଟସ୍ଥ ଏକ ଖଣିରୁ ଖଣିଜ ବୋଝେଇ କରି ଯୋଡା ଅଭିମୁଖେ ଆସୁଥିଲା। ଟ୍ରକ୍‌ର ସମୁଖ ଭାଗ ଭାଙ୍ଗି ଚୁରମାର ହୋଇଯାଇଛି। ସୁଦର୍ଶନ ଚୁଲିଙ୍କ ଡାହାଣ ଗୋଡ ସମ୍ପୂର୍ଣ୍ଣ କଟି ଯାଇ ସେ ଗୁରୁତର ହୋଇଛନ୍ତି। ଖଣିର ସୁରକ୍ଷା କର୍ମୀ ତାଙ୍କୁ ଉଦ୍ଧାର କରି ଯୋଡାସ୍ଥିତ ଟାଟା ଷ୍ଟିଲ୍ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

### ମହିଳାଙ୍କ ଆତ୍ମହତ୍ୟା

**ଯୋଡ଼ା, ୧୦।୧୨(ଡି.ଏନ.ଏ.):** କେନ୍ଦୁଝର ଜିଲା ବାମେବାରୀ ଥାନା ଜୁରୁଡିସ୍ଥିତ ଜୟଶ୍ୟାମ ବସ୍ତିଠାରେ ସୋମବାର ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଝାଡଖଣ୍ଡ ଗୋଆ ଜିଲା ଛୋଟାନାଗପୁରର ସାଲାଇଦାଦାରିର ମେଞ୍ଜ ଆଇନ୍ଦ। ଉକ୍ତ ବସ୍ତିରେ ଏକ ଭଡ଼ା ଘରେ ଗମା ଆଇନ୍ଦ ଓ ତାଙ୍କ ପତ୍ନୀ ମେଞ୍ଜ ରହୁଥିଲେ। ସୋମବାର ସକାଳେ ପତ୍ନୀ ମେଞ୍ଜ ନିକଟସ୍ଥ ମନ୍ଦିରକୁ ଯିବା ପାଇଁ ଗମାଙ୍କୁ କହିଥିଲେ। ସ୍ୱାମୀ ମନା କରିବାରୁ ଉଭୟଙ୍କ ମଧ୍ୟରେ କଳହ ହୋଇଥିଲା। ମେଞ୍ଜ କ୍ରୋଧାନ୍ୱିତ ହୋଇ ଘରଠାରୁ ପ୍ରାୟ ୧୦୦ ମିଟର ଦୂର ଏକ ଗଛରେ ଏକ ପ୍ଲାଷ୍ଟିକ୍ ଦଉଡିରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଯୋଡାସ୍ଥିତ ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାମେବାରୀ ପୋଲିସ ମାମଲା (ନଂ.୧୯/୧୮) ରୁଜୁ କରିଛି।

### ଯୌତୁକ ନିର୍ଯାତନା ଅଭିଯୋଗ ଆଣିଲେ ନନ୍ଦିନୀ

**ପାଟଣା,୧୦।୧୨(ସ୍ୱ.ପ୍ର.):** ପାଟଣା ବ୍ଲକ ବାଉଁସୁଳି ପଞ୍ଚାୟତର ଜଣେ ବିବାହିତା ମହିଳା ତାଙ୍କ ସ୍ୱାମୀଙ୍କ ବିରୋଧରେ ତୁରୁମୁଙ୍ଗା ଥାନାରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ମହିଳା ଜଣଙ୍କ ହେଲେ ନନ୍ଦିନୀ ନାଏକ। ତାଙ୍କ ସ୍ୱାମୀ ହୃଷିକେଶ ନାଏକ ଅଗ୍ନିଶମ ବିଭାଗର ଜଣେ କର୍ମଚାରୀ। ଅଧିକ ଯୌତୁକ ଦାବି କରି ନିର୍ଯାତନା ଦିଆଯିବା ସହ ଜୀବନରୁ ମାରିଦେବାକୁ ଧମକ ଦିଆଯାଉଥିବା ନନ୍ଦିନୀ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା (ନଂ.୧୨୫/୧୮) ରୁଜୁ ହୋଇଥିବା ଏଏସଆଇ ବିପିନ ବାରିକ ସୂଚନା ଦେଇଛନ୍ତି। ନନ୍ଦିନୀଙ୍କ ବିବାହ ୨ ବର୍ଷ ତଳେ ହୃଷିକେଶଙ୍କ ସହ ହୋଇଥିଲା। ଏ ନେଇ ନନ୍ଦିନୀ ଏବେ ସାନ ତାଳପଦାସ୍ଥିତ ବାପ ଘରେ ରହୁଛନ୍ତି।

### ଦୁର୍ଘଟଣାରେ ଶିଶୁର ଜୀବନ ଗଲା

**ଚମ୍ପୁଆ,୧୦।୧୨(ଡି.ଏନ.ଏ.):** ଚମ୍ପୁଆ ଥାନା ଅନ୍ତର୍ଗତ ଟଡୁଆବାହାଳଠାରେ ସୋମବାର ବାଇକ୍ ଧକ୍କାରେ ୨ ବର୍ଷର ଶିଶୁଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବର୍ଷା ମହାନ୍ତ। ମା' ଯୋଶଦା ସହ ବର୍ଷା ରାସ୍ତା ପାର ହେଉଥିଲେ। ରିମୁଳି ଆଡୁ ଯାଉଥିବା ଏକ ବାଇକ୍ ବର୍ଷାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ବର୍ଷାଙ୍କ ମୁଣ୍ଡରେ ଗଭୀର ଆଘାତ ହେବାରୁ ତାଙ୍କୁ ତୁରନ୍ତ ଚମ୍ପୁଆ ଡାକ୍ତରଖାନା ଅଣାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ କହିଛି।

### ଦୁର୍ଘଟଣାରେ ୪ ଆହତ

**ହାଟଡିହୀ, ୧୦।୧୨(ଡି.ଏନ.ଏ.):** ହାଟଡ଼ିହୀ ବ୍ଲକ ତରତରା ଛକ ନିକଟରେ ସୋମବାର ଦୁର୍ଘଟଣା ଘଟି ୪ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଅସିଆ ଗ୍ରାମର ଦୁନ୍ଧି ହୋ (୨୨), ବାବୁଲା ହୋ (୩୫), ରାଧା ମୁଣ୍ଡା (୨୮) ଓ ରାଧାଙ୍କ ୮ ମାସର ଝିଅ। ସେମାନେ ବାଇକ୍‌ରେ ଯାଉଥିବା ବେଳେ ୫୩ ନଂ ରାଜ୍ୟ ରାଜପଥ ମଝିରେ ଥିବା ଏକ ଖାଲରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଡାକ୍ତରଖାନାକୁ ନିଆଯାଇଥିଲା।

# ହଷ୍ଟେଲ ଛାଡ଼ି ଏବେ ଶିଶୁ ଶ୍ରମିକ

**କେନ୍ଦୁଝର, ୧୦।୧୨(ସ୍ୱ.ପ୍ର.)**

- ଥଇଥାନ କରିବାକୁ ଦାବି
- ଉପଯୁକ୍ତ ତଦାରଖର ଅଭାବ

କେନ୍ଦୁଝର ସହରକୁ ଶିଶୁ ଶ୍ରମିକ ମୁକ୍ତ ପାଇଁ ଜିଲା ପ୍ରଶାସନ ବିଭିନ୍ନ ଯୋଜନା ହାତକୁ ନେଇଛି। ଉକ୍ତ ଯୋଜନା ଅନ୍ତର୍ଗତ ଅର୍ବାନ ଡିପ୍ରାଇଭଡ୍ ଛାତ୍ରାବାସ ସ୍ଥାପନ ହୋଇଛି। ସହରରେ ବିପଦଜନକ ଅବସ୍ଥାରେ କାମ କରୁଥିବା ଶିଶୁଙ୍କୁ ଥଇଥାନ ସହ ପାଠ ପଢିବାକୁ ସୁଯୋଗ ଦିଆଯାଉଛି। ପୂର୍ବତନ ଜିଲାପାଳ ଏଭଳି କେତେକ ଶିଶୁଙ୍କୁ ରାସ୍ତାକଡରୁ ନେଇ ଉକ୍ତ ବିଦ୍ୟାଳୟର ଛାତ୍ରବାସାରେ ରଖିଥିଲେ। ଉପଯୁକ୍ତ ତଦାରଖର ଅଭାବରୁ ସେମାନଙ୍କ ମଧ୍ୟରୁ କେତେକ ସ୍କୁଲ ଛାଡି ପୁଣି ରାଜରାସ୍ତାକୁ ପଳାଇ ଆସିଛନ୍ତି। ବିପଦଜନକ ଅବସ୍ଥାରେ ରହୁଥିବାରୁ ଶିଶୁ ଅଧିକାର କର୍ମୀମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ମା'ବାପାଙ୍କ ମଧ୍ୟରେ ତିକ୍ତତା କାରଣରୁ ଅବହେଳିତ ହୋଇ ଅଧାରୁ ପାଠ ପଢା ଛାଡି ଏଣେତେଣେ ବୁଲୁଥିଲେ। ପେଟ ପାଇଁ ବାଳ ଶ୍ରମିକ ଭାବେ ନିୟୋଜିତ ଥିବା ଲୁହା, ଟିଣ, ଜରି ଗୋଟାଉଥିବା ସ୍ଥାନୀୟ ଟିକର ଗୁମୁରା ଏବଂ ପବିତ୍ରଡିହାର କେତେକ ଶିଶୁ ଉକ୍ତ ହଷ୍ଟେଲରେ ରହି ହସଖୁସିରେ ପାଠ ପଢୁଥିଲେ। ସେମାନଙ୍କ ମଧ୍ୟରୁ କେତେକ ଶିଶୁ ବିଦ୍ୟାଳୟକୁ ନ ଆସି ବୁଲୁଛନ୍ତି। ଏଭଳି ଶିଶୁଙ୍କୁ ପୁଣିଥରେ ଉଦ୍ଧାର କରି ବିଦ୍ୟାଳୟରେ ଥଇଥାନ କରାଗଲେ ଭଲରେ ରହିପାରନ୍ତେ ବୋଲି ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ବଳରାମ ମହାନ୍ତ ନିବେଦନ କରିଛନ୍ତି।

ଏଭଳି ଶିଶୁଙ୍କୁ ଥଇଥାନ କରିବା ପାଇଁ ବିଭିନ୍ନ କ୍ଷେତ୍ରରେ ସରକାର ଖର୍ଚ୍ଚ କରୁଥିବା ଅର୍ଥ ପାଣିରେ ପଡୁଥିବା ଅଭିଯୋଗ ହୋଇଛି। ଆଟୋପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା ଅର୍ବାନ ଡିପ୍ରାଇଭଡ୍ ଛାତ୍ରାବାସରେ କେନ୍ଦୁଝର ସହର ତଥା ସହର ତଳି ଅଞ୍ଚଳରେ ବସବାସ କରୁଥିବା ଅନାଥ, ଅସହାୟ ଗରୀବ ଶ୍ରେଣୀର ଛାତ୍ରଙ୍କ ପାଇଁ ପ୍ରମୁଖ ଶିକ୍ଷାକେନ୍ଦ୍ର ହୋଇଥିଲା। ଉକ୍ତ ହଷ୍ଟେଲରେ ସେମାନଙ୍କ ପାଇଁ ମାଗଣାରେ ରହିବା ସହ ଖାଇବା, ପୋଷାକ ଆଦି ବ୍ୟବସ୍ଥା କରାଯାଇଛି। ହଷ୍ଟେଲରେ ବର୍ତ୍ତମାନ ୧୧୫ ଛାତ୍ର ରହି ପାଠ ପଢୁଛନ୍ତି।

# ବିଦ୍ୟୁତ ଖୁଣ୍ଟ ପୋତିବାକୁ ଅନୁମତି ମିଳୁନି


ବିଦ୍ୟୁତ୍ ସମସ୍ୟା ସମାଧାନ ପାଇଁ ଦାବି କରୁଥିବା ଜୁଆଙ୍ଗ।

**କେନ୍ଦୁଝର, ୧୦।୧୨(ସ୍ୱ.ପ୍ର.)**

ଆଦିବାସୀ ଅଞ୍ଚଳରେ ଥିବା ଗ୍ରାମକୁ ବିପିଏଲ ବିଦ୍ୟୁତ୍ ସେବା ଯୋଗାଇବାକୁ ତତ୍ପରତା ପ୍ରକାଶ ପାଇଛି। ଏ ନେଇ ବିଦ୍ୟୁତ୍ ଖୁଣ୍ଟ ପୋତିବାକୁ ବନ ବିଭାଗ ଅନୁମତି ଦେଉ ନ ଥିବାରୁ ବିବାଦ ଦେଖା ଦେଇଛି। ଏଭଳି ଅଭିଯୋଗ ଘଟଗାଁ ରେଞ୍ଜ କୁଲାଡେରା ଗ୍ରାମର ଲୋକେ କରିଛନ୍ତି। ଉକ୍ତ ଗ୍ରାମରେ ପୁଷ୍ଟିହୀନତା ଓ ଅନାହର ଜନିତ ମୃତ୍ୟୁକୁ ନେଇ ରାଜ୍ୟରେ ଚହଳ ପକାଇଥିଲା। ସେହି ଅଗମ୍ୟ ଗ୍ରାମର ବିକାଶ ପାଇଁ ପ୍ରଶାସନ ପଦକ୍ଷେପ ନେଇଥିଲା ଜୁଆଙ୍ଗ ଅଧ୍ୟୁଷିତ ଗ୍ରାମରେ ପାଖାପାଖି ୪୦ ପରିବାର ରହୁଛନ୍ତି। ଅଭାବ ଅନଟନ ସତ୍ତ୍ୱେ ବନ୍ୟପ୍ରାଣୀଙ୍କ ଉପଦ୍ରବରୁ ମୁକ୍ତି ପାଇଁ ବିଦ୍ୟୁତ୍ ସଂଯୋଗ ଆଶା ରଖିଥିଲେ। ବିପିଏଲ ଲାଇନ ପାଇଁ ଖୁଣ୍ଟ ପୋତିବା ସହ ତାର ଟଣା ପାଇଁ ଯୋଜନା ରହିଥିଲା। ବନ ବିଭାଗ ଜଙ୍ଗଲ ମଝିରେ ଖୁଣ୍ଟ ପୋତିବାକୁ ମନା କରିଦେଉଥିବାରୁ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ନେଇ ସୋମବାର ଉକ୍ତ ଗ୍ରାମର ଦୁର୍ଗା ଜୁଆଙ୍ଗ, ଜାନକୀ ବଲ୍ଲଭ ଜୁଆଙ୍ଗ, ସୁବର୍ଣ୍ଣ ଜୁଆଙ୍ଗ, ପ୍ରହ୍ଲାଦ ଜୁଆଙ୍ଗ, ଭୁବନ ଜୁଆଙ୍ଗ ପ୍ରମୁଖ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରି ସହଯୋଗ ଲୋଡିଛନ୍ତି।

# ୫୦ରୁ ଉର୍ଦ୍ଧ୍ୱ ଚାଷୀ ଅଟକ

**କେନ୍ଦୁଝର, ୧୦।୧୨(ସ୍ୱ.ପ୍ର.)**


ଚାଷୀଙ୍କୁ ପୋଲିସ ଗାଡ଼ିରେ ନିଆଯାଉଛି।

କେନ୍ଦୁଝରରେ ସୋମବାର ହେବାକୁ ଥିବା ନବ ନିର୍ମାଣ କୃଷକ ସଂଗଠନ ଅନଶନ ଧର୍ମଘଟକୁ ପୋଲିସ ଭଣ୍ଡୁର କରିଛି। ପୋଲିସ ଉପସ୍ଥିତିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିର୍ମାଣ କରାଯାଇଥିବା ଧର୍ମଘଟ ସ୍ଥଳକୁ ଭାଙ୍ଗି ଯାଇଥିଲା। ବିଭିନ୍ନ ସ୍ଥାନରେ ସଙ୍ଗଠନର ନେତାଙ୍କୁ ଅଟକ ରଖାଯାଇଥିଲା। ଏହାକୁ ନେଇ ଚାଷୀ ନେତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସଙ୍ଗଠନର ରାଷ୍ଟ୍ରିୟ ଆବାହକ ଅକ୍ଷୟ କୁମାର ତାଙ୍କ ବାସ ଭବନରେ ଅନଶନରେ ବସିଥିବାରୁ ସମର୍ଥନ କରି ଜିଲା ମୁଖ୍ୟାଳୟରେ ଶାନ୍ତିପୂର୍ଣ୍ଣ ଭାବରେ ଅନଶନ ପାଇଁ ନିଷ୍ପତ୍ତି ହୋଇଥିଲା। ଏ ନେଇ ପୋଲିସକୁ ସୂଚନା ଦିଆଯାଇଥିଲା। ଚାଷୀ ନେତାଙ୍କୁ ବିଭିନ୍ନ ସ୍ଥାନରେ ଅଟକାଇ କେନ୍ଦୁଝରକୁ ଆସିବାକୁ ଦିଆ ନ ଯିବା ଓ ଧର୍ମଘଟ ସ୍ଥଳକୁ ଭାଙ୍ଗା ଘଟଣା ଦୁର୍ଭାଗ୍ୟମପୂର୍ଣ୍ଣ ବୋଲି

**ଆନ୍ଦୋଳନ ଭଣ୍ଡୁର**

ସଙ୍ଗଠନର ଘଷିପୁରା ବ୍ଲକ ସଭାପତି କୀର୍ତ୍ତନ ଜେନା କହିଛନ୍ତି। ସକାଳେ ତେଲକୋଇରେ ଲକ୍ଷ୍ମୀଧର ପ୍ରଧାନ ଓ ଚୈତନ୍ୟ ବିଶ୍ୱାଳ ଓ ସଦରରେ ଜତିନ୍ଦ୍ର ମହାନ୍ତଙ୍କୁ ଅଟକାଇ ଦିଆଯାଇଥିଲା। ଏ ନେଇ ଟାଉନ ଥାନା ଏସଆଇ ରଞ୍ଜନ କୁମାର ବିଶ୍ୱାଳ କହିଛନ୍ତି ଯେ, ବିନା ଅନୁମତିରେ ଚାଷୀ ଆନ୍ଦୋଳନ କରୁଥିଲେ। ସେମାନଙ୍କୁ ଅଟକ ରଖାଯାଇଛି ବୋଲି ପୋଲିସ କହିଛି।

## ପ୍ରଭାବଶାଳୀଙ୍କ କବ୍‌ଜାରେ ଜଙ୍ଗଲ ଜମି

**କେନ୍ଦୁଝର, ୧୦।୧୨(ସ୍ୱ.ପ୍ର.)**

ଜଙ୍ଗଲ ଜମିରେ ଜଣେ ପ୍ରବାଶାଳୀ ନେତାଙ୍କ ସମ୍ପର୍କୀୟ ବେଆଇନ ଭାବେ ଘର କରିଛନ୍ତି। ପଦକ୍ଷେପ ନିଆଯାଉ ନ ଥିବା ପ୍ରତିବାଦରେ ସୋମବାର ଘଟଗାଁ ବ୍ଲକ ଟିକିରା ଗ୍ରାମର ମହିଳାପୁରୁଷ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଗତ ୧୯୮୯-୯୦ରେ ୨୦ ନମ୍ବର ଜାତୀୟ ରାଜପଥ କଡରେ ପାଖାପାଖି ୫ ହେକ୍ଟର ପରିମିତ ଜମିରେ ସାମାଜିକ ବନୀକରଣ ଯୋଜନାରେ ବୃକ୍ଷରୋପଣ କରାଯାଇଥିଲା ବୋଲି ଗ୍ରାମବାସୀ କହିଛନ୍ତି। ଏହାର ରକ୍ଷଣାବେକ୍ଷଣ କରିବା ଦାୟିତ୍ୱ ବନ ବିଭାଗ ଟିକିରା ଗ୍ରାମବାସୀଙ୍କୁ ଦେଇଥିଲା। ସେହି ଜମିର ଏକ ପ୍ଲଟକୁ ସ୍ଥାନୀୟ ପ୍ରଭାବଶାଳୀ ବ୍ୟକ୍ତି ନିଜ ନାମରେ ପଟ୍ଟା କରାଇ ଅନ୍ୟ ଜଣଙ୍କୁ ବିକ୍ରି ଦେଇଥିବା ଅଭିଯୋଗ ହୋଇଛି। ଉକ୍ତ ଜମିକୁ ଘରବାଡି ପଟ୍ଟା କରି ଘର ନିର୍ମାଣ କରୁଥିବା ଜାଣିବା ପରେ ଗ୍ରାମବାସୀ ବିରୋଧ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଟ ଦାବି କରିଛନ୍ତି।

- ଅଟୋ-ବାଇକ୍ ମୁହାଁମୁହିଁ ଧକ୍କା

# ଯୁବକ ମୃତ, ୨ ଗୁରୁତର

**ପାଟଣା, ୧୦।୧୨(ସ୍ୱ.ପ୍ର.)**

ପାଟଣା-କରଞ୍ଜିଆ ରାସ୍ତାର ତିଳବେଡ଼ା ନିକଟରେ ସୋମବାର ଅଟୋ ଓ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଯୁବକ ଗୁରୁତର ହୋଇଛନ୍ତି। ମୃତକ ଜଣଙ୍କ ହେଲେ ପାଟଣା ଥାନା ବଡ଼ପାଟଣା ପଞ୍ଚାୟତ କାମେଶ୍ୱରପୁର ଶାସନର ଅଯୁସ୍ମିତ ଦାଶ। ଗୁରୁତର ହୋଇଥିବା ଯୁବକ ହେଉଛନ୍ତି ପାଟଣା ଥାନା ବଡ଼ପାଟଣା ପଞ୍ଚୟତ କାମେଶ୍ୱରପୁର ଗ୍ରାମର ନର ନାଏକ ଓ ବଡ଼ପାଟଣା ଗ୍ରାମର ଅଭିଷେକ ପତି। ଅଯୁସ୍ମିତଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଅଯୁସ୍ମିତ ପାଟଣା ସୁରକ୍ଷା କମିଟିର ସଭାପତି ଥିଲେ। ସାହାରପଡା ଅଗ୍ନିଶମ କର୍ମଚାରୀ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅଯୁସ୍ମିତଙ୍କୁ ଗୁରୁତର ଅବସ୍ଥାରେ କଟକ ବଡଡ଼ାକ୍ତର ଖାନାକୁ ସ୍ଥାନାନ୍ତର କରାଯାଉଥିବା ବେଳେ ଟାଙ୍ଗି ନିକଟରେ ମୃତ୍ୟୁ ଘଟିଥିଲା। ଅଭିଷେକଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନା, ନରଙ୍କୁ କଟକ ବଡ଼ ଡାକ୍ତରଖାନରେ ଭର୍ତ୍ତି କରାଯାଇଛି। ଏ ନେଇ ପାଟଣା ଥାନାରେ ଏକ ମାମଲା (ନଂ.୧୬୫/୧୮) ରୁଜୁ ହୋଇଥିବା ଥାନାଧିକାରୀ ପ୍ରମୋଦୀନି ସାହୁ ସୂଚନା ଦେଇଛନ୍ତି।

# ୧୫ରେ ସଦର ମହକୁମାରେ ନିଯୁକ୍ତି ମେଳା

**କେନ୍ଦୁଝର, ୧୦।୧୨ (ସ୍ୱ.ପ୍ର.)**

ଓଡିଶା ଦକ୍ଷତା ବିକାଶ ପ୍ରାଧିକାରଣ ଏବଂ କେନ୍ଦୁଝର ଜିଲା ପ୍ରଶାସନ ଆନୁକୂଲ୍ୟରେ ୧୫ ତାରିଖରେ ସ୍ଥାନୀୟ ଓଡ଼ିଶା ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟ (ଓଏସ୍ଏମ୍ଇ) ପଡ଼ିଆରେ ନିଯୁକ୍ତି ମେଳା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବୃତାନ୍ତ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି। ଜିଲାର ୧୮ରୁ ୩୫ ବର୍ଷ ବୟସର ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ବିଭିନ୍ନ କମ୍ପାନୀ, ଘରୋଇ ଉଦ୍ୟୋଗ ତଥା ଶିଳ୍ପ ସଂସ୍ଥାରେ ନିଯୁକ୍ତି ଦେବା ପାଇଁ ନିଯୁକ୍ତି ମେଳା ଆୟୋଜନ କରାଯାଉଛି। ପଞ୍ଚମ ଶ୍ରେଣୀରୁ ସ୍ନାତକ ପାସ ଶିକ୍ଷାଗତ ଯୋଗ୍ୟତା ଥିବା ଯୁବତୀଯୁବକ ନିଯୁକ୍ତି ମେଳାରେ ଅଂଶ ଗ୍ରହଣ କରିପାରିବେ। ଶନିବାର ସକାଳ ୯ଟା ସୁଦ୍ଧା ନିଯୁକ୍ତି ମେଳାରେ ପହଞ୍ଚି ନିଜ ନାମ ପଞ୍ଜିକରଣ କରିପାରିବେ। ପ୍ରାର୍ଥୀମାନେ ସାଙ୍ଗରେ ନିଜର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ଜାତିଗତ ପ୍ରମାଣ ପତ୍ର, ଆଧାରକାର୍ଡ଼, ବିପିଏଲ କାର୍ଡର ନକଲ ସହ ୨ଟି ପାସପୋର୍ଟ ସାଇଜ୍ ଫଟୋଗ୍ରାଫ୍ ଆଣି ମେଳାରେ ଯୋଗଦେଇ ପାରିବେ ବୋଲି ସୂଚନା ଦିଆଯାଇଛି। ଜିଲା ନିୟୋଜନ କାର୍ଯ୍ୟାଳୟ, ଜିଲାର ସମସ୍ତ ଉପନିୟୋଜନ କାର୍ଯ୍ୟାଳୟ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି ବୋଲି ଜିଲା ନିୟୋଜନ ଅଧିକାରୀ ସତ୍ୟାନନ୍ଦ ବେହେରା ପ୍ରକାଶ କରିଛନ୍ତି।


## ଟ୍ରାକ୍ଟର ଧକ୍କାରେ ବୃଦ୍ଧା ମୃତ, ବୃଦ୍ଧ ଆହତ

**କେନ୍ଦୁଝର/ପାଟଣା, ୧୦।୧୨(ସ୍ୱ.ପ୍ର.)**

ପୃଥକ ସ୍ଥାନରେ ଟ୍ରାକ୍ଟର ଧକ୍କାରେ ସୋମବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ଅନ୍ୟ ଜଣେ ବୃଦ୍ଧ ଆହତ ହୋଇଛନ୍ତି। ହରିଚନ୍ଦନପୁର ଥାନା ଅନ୍ତର୍ଗତ ଭଗାମୁଣ୍ଡା ପଞ୍ଚାୟତ ଯାଉଁରିଆ ଛକ ନିକଟରେ ଅଜଣା ଟ୍ରାକ୍ଟର ଧକ୍କାରେ ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ଭଗାମୁଣ୍ଡା ଗ୍ରାମର କଂସା ନାଏକ(୪୫)। ହରିଚନ୍ଦନପୁର ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଥିଲେ। ବୃଦ୍ଧାଙ୍କୁ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ବୃଦ୍ଧାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୋଲିସ ମୃତଦେହକୁ ଜବତ କରିଥିଲା।

ପାଟଣା ବ୍ଲକ କେନ୍ଦେଇପଶି ବଜାରରେ ଏକ ଟ୍ରାକ୍ଟର ଧକ୍କାରେ ଖଜିରାପଶି ଗ୍ରାମର ନିରଞ୍ଜନ ମହାନ୍ତ ଆହତ ହୋଇଛନ୍ତି। ନିରଞ୍ଜନ ବଜାରର ଏକ ହୋଟେଲରୁ ବାହାରି ନିଜ ଗ୍ରାମକୁ ସାଇକେଲ ଯୋଗେ ଯାଉଥିବା ବେଳେ ଏକ ଟ୍ରାକ୍ଟର ଧକ୍କା ଦେଇଥିଲା। ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ବୃତ୍ତି ପରୀକ୍ଷା ଦେଲେ ଛାତ୍ରୀଛାତ୍ର


ବୃତ୍ତି ପରୀକ୍ଷା ଦେଉଛନ୍ତି ଛାତ୍ରୀଛାତ୍ର।

**ତେଲକୋଇ, ୧୦।୧୨(ଡି.ଏନ.ଏ.)**

ତେଲକୋଇ ବ୍ଲକ ଚାରିଗଡ଼ ମହାବିଦ୍ୟାଳୟରେ ରାଉରକେଲାର ବିମ ଟେକ୍ନୋ ଏଜୁକେଶନାଲ ପ୍ରାଇଭେଟ ଲିଃ ଓ ତେଲକୋଇ ସିଏସ୍‌ସି ଏଜୁକେଶନ ଆଣ୍ଡ ଟ୍ରେନିଂ ଏକାଡେମି ପକ୍ଷରୁ ଏକ ଛାତ୍ର ବୃତ୍ତି ପରିକ୍ଷା ଅନୁଷ୍ଠିତ ହୋଇଛି। ଏଥିରେ ୬ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ୧୨ ଉଚ୍ଚ ବିଦ୍ୟାଳୟ ଓ ୩ କଲେଜର ଛାତ୍ରୀଛାତ୍ର, ଗୃହିଣୀ ଓ ଯୁବତୀଯୁବକ ପରୀକ୍ଷା ଦେଇଥିଲେ। କଲେଜ ଅଧ୍ୟକ୍ଷ ମାନଗୋବିନ୍ଦ ସାହୁ ଏବଂ ଅନ୍ୟ ଅଧ୍ୟାପିକାଅଧ୍ୟାପକ ସହଯୋଗ କରିଥିଲେ। ତେଲକୋଇ ଥାନା ଆଇଆଇସି ଦେବେନ୍ଦ୍ର ନାଥ ପିଙ୍ଗୁଆ ଯୋଗଦେଇ ପରୀକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ସିଏସସି ଏଜୁକେଶନ ଆଣ୍ଡ ଟ୍ରେନିଂ ଏକାଡେମିର ନିର୍ଦ୍ଦେଶକ ସନ୍ଦୀପ ସାହୁ, ବିମ ଟେକ୍ନୋ ଏଜୁକେଶନାଲ ପ୍ରାଇଭେଟଥ ଲିଃର ନିର୍ଦ୍ଦେଶକ ରୋହିତ କୁମାର ସାହୁ ଓ ମାର୍କେଟିଂ ସଂଯୋଜକ ନୟନ କୁମାର ଜେନା ପରୀକ୍ଷା ପରିଚାଳନା କରିଥିଲେ।


## ଟ୍ରଲର ପାଇଁ ଜାତୀୟ ରାଜପଥ ଖୋଳା

**କେନ୍ଦୁଝର, ୧୦।୧୨(ସ୍ୱ.ପ୍ର.)**

କେନ୍ଦୁଝର ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଜୁଡିଆ ଘାଟି ନିକଟରେ ଏକ ବିରାଟକାୟ ଟ୍ରଲର ଯାତାୟାତ ପାଇଁ ରାସ୍ତା ଖୋଳାଯିବା ଘଟଣା ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ଜାତୀୟ ରାଜପଥ ପ୍ରାଧିକରଣ, ଜନ ସ୍ୱାସ୍ଥ୍ୟ ବିଭାଗ ଏବଂ ବିଦ୍ୟୁତ୍ ବିଭାଗର ଅନୁମତି ନିଆଯାଇ ନ ଥିବା ଅଭିଯୋଗ ହେଉଛି। ଏ ନେଇ ବିବାଦ ଦେଖାଦେଇଛି। ଉକ୍ତ ପୋଲ ନିକଟରେ ୪୯ରୁ ୨୦ ନମ୍ବର ଜାତୀୟ ରାଜପଥକୁ ସଂଯୋଗ ରାସ୍ତା ନିର୍ମାଣ ହେଉ ନ ଥିବାରୁ ଯାତାୟାତ ବ୍ୟାହାତ ହୋଇଆସୁଛି। ସହରରେ ଲୁହାପଥର ପରିବହନ ଯୋଗୁଁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଧୂଳି ଉଡୁଛି। ଦୁର୍ଘଟଣାର କାରଣ ହେଉଛି। ଏଭଳି ପରିସ୍ଥିତି ଉକ୍ତ ସଂଯୋଗ ରାସ୍ତା ନିର୍ମାଣ ନେଇ ତତ୍ପରତା ଦେଖାଉନଥିବା ପ୍ରଶାସନ ଏକ ଭାରିଯାନକୁ ପାର କରିବା ପାଇଁ ଏଭଳି ଆଗ୍ରହ ପ୍ରକାଶ କରିବା ସମସ୍ତଙ୍କୁ ଚକିତ କରିଛି।

# ଲକ୍ଷ୍ମୀପଶିରେ ମୌଳିକ ସୁବିଧା ଅପହଞ୍ଚ

## ଉପଜିଲାପାଳଙ୍କ ଦ୍ୱାରସ୍ଥ ଗ୍ରାମବାସୀ



ଉପଜିଲାପାଳଙ୍କୁ ଅଭିଯୋଗ କରୁଛନ୍ତି ଲୋକେ।

**ଚମ୍ପୁଆ, ୧୦।୧୨(ଡି.ଏନ.ଏ.)**

ଚମ୍ପୁଆ ବ୍ଲକ ଅନ୍ତର୍ଗତ ଚନ୍ଦ୍ରଶେଖରପୁର ପଞ୍ଚାୟତର ଲକ୍ଷ୍ମୀପଶି ଅଧିବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଭାଷା ଓ ଭୂମିର ସୁରକ୍ଷା ଓଡ଼ିଶା ଜନସେବା ସଙ୍ଗଠନର ରାଜ୍ୟ ସମ୍ପାଦକ ମହେନ୍ଦ୍ର କୁମାର ଗିରି ଓ ରାଜ୍ୟ ସଂଯୋଜକ ସନ୍ତୋଷ କୁମାର ସାହୁଙ୍କ ନେତୃତ୍ୱରେ ଗ୍ରାମବାସୀ ଚମ୍ପୁଆ ଉପଜିଲାପାଳ ପାରୁଲ ପଟାଓରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଲକ୍ଷ୍ମୀପଶି ଗ୍ରାମ ରାସ୍ତା ଶୋଚନୀୟ ହୋଇ ପଡିଛି। ବିଦ୍ୟୁତ୍ ବିଭାଗ ପକ୍ଷରୁ ଟ୍ରାନ୍ସଫର୍ମର ବସା ଯାଇଥିଲେ ହେଁ ଅଚଳ ହୋଇଛି। ଗ୍ରାମରେ ପିଇବା ଜଳ ସମସ୍ୟା ରହିଛି। ସୋଲାର ୱାଟର ପମ୍ପ ଅଚଳ ହୋଇଛି। ଗ୍ରାମରେ ଅଙ୍ଗୱାଡି କେନ୍ଦ୍ର ନ ଥିବାରୁ ପିଲାଙ୍କ ଭବିଷ୍ୟତକୁ ନେଇ ଅଭିଭାବକ ଚିନ୍ତାରେ ରହିଛନ୍ତି। ପାହାଡ ତଳି ଅଞ୍ଚଳ ହୋଇଥିବାରୁ ଗ୍ରାମରେ ହାତୀ ଉପଦ୍ରବ ଲାଗି ରହୁଛି। ଆଗାମୀ ଦିନରେ ମୌଳିକ ଅସୁବିଧା ପୂରଣ କରା ନ ଗଲେ ଗ୍ରାମବାସୀ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି।

# ଜଳକଷ୍ଟ ଭୋଗୁଛନ୍ତି ଆଦିବାସୀ

**ତେଲକୋଇ, ୧୦।୧୨(ଡି.ଏନ.ଏ.)**


ଗଉଡୁଣିଧର ବାସିନ୍ଦା ଝରଣାରୁ ପାଣି ନେଉଛନ୍ତି।

**ଦେଉଳଡ଼ିହା ପଞ୍ଚାୟତ**

- ଝରଣା ପାଣିରେ ବଞ୍ଚିଛି ଜୀବନ
- ପ୍ରଶାସନକୁ ଦାୟୀ କଲେ ଲୋକେ

ତେଲକୋଇ ବ୍ଲକ ଅନ୍ତର୍ଗତ ଦେଉଳଡ଼ିହା ପଞ୍ଚାୟତ ଗଉଡୁଣିଧର ବସ୍ତିରେ ବସବାସ କରୁଥିବା ଆଦିବାସୀ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଦୈନିକ ଜଳକଷ୍ଟ ଭୋଗୁଛନ୍ତି। ସମସ୍ତେ ଆଦିବାସୀ ପାନୀୟଜଳ ପାଇଁ ନିକଟସ୍ଥ ଝରଣା ଉପରେ ନିର୍ଭର କରୁଛନ୍ତି। ସ୍ୱଚ୍ଛ ପାନୀୟଜଳ ଯୋଗାଣର ବ୍ୟବସ୍ଥା ସରକାରଙ୍କ ଦ୍ୱାରା କରାଯାଉଥିବା ବେଳେ ଉକ୍ତ ବସ୍ତିରେ ତାହା ପହଞ୍ଚି ପାରିନାହିଁ। ଝରଣା ପାଣି ସେମାନଙ୍କୁ ବଞ୍ଚାଇ ରଖିଛି। ବ୍ଲକ ପ୍ରଶାସନ ପକ୍ଷରୁ ସବୁ ପଞ୍ଚାୟତକୁ ପାନୀୟଜଳ ଯୋଗାଣ ପାଇଁ ଅର୍ଥ ବ୍ୟୟ ବରାଦ କରାଯାଉଛି। ପ୍ରଶାସନର ଅବହେଳା ସାଙ୍ଗକୁ ପଞ୍ଚାୟତ ପ୍ରତିନିଧିଙ୍କ ଅଣଦେଖା ପାଇଁ ବସ୍ତି ବସିନ୍ଦା ଝରଣା ପାଣି ଉପରେ ନିର୍ଭର କରୁଛନ୍ତି ବୋଲି କେତେକ ଲୋକ ଅଭିଯୋଗ କରିଛନ୍ତି।

ଉକ୍ତ ବସ୍ତିରେ ୨୫ରୁ ଉର୍ଦ୍ଧ୍ୱ ପରିବାରର ରହୁଛନ୍ତି। ୨୨୦ ଲୋକ ଆଦିବାସୀ ପାଣି ପାଇଁ ହଇରାଣ ହେଉଛନ୍ତି ବୋଲି ଗ୍ରାମର ସିର ବୋଇପାଇ, ଲକ୍ଷ୍ମଣ ବୋଇପାଇ, ଲିଲି ମୁନି ବୋଇପାଇ, ଦୈପଦୀ ହେମ୍ବ୍ରମ, ରୀନା ହେମ୍ବ୍ରମ ପ୍ରକାଶ କରିଛନ୍ତି। ଉକ୍ତ ବସ୍ତିରେ ଇନ୍ଦିରା ଆବାସ ସ୍ୱପ୍ନ ହୋଇଛି। ଗ୍ରାମରେ ୯ ବୃଦ୍ଧାବୃଦ୍ଧ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ଗ୍ରାମର ମୁଖିଆ କେଶରୀ ବୋଇପାଇ କହିଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ଚୈବନ ଦେହୁରିଙ୍କୁ ପଚାରିବାରୁ ଏକ ନଳକୂପ ନିର୍ମାଣ କରାଯାଇଛି। ତଥାପି ବସ୍ତି ବାସିନ୍ଦା ଝରଣା ପାଣିକୁ ଭରଷା କରୁଛନ୍ତି। ଇନ୍ଦିରା ଆବାସ ଓ ଭତ୍ତା ପର୍ଯ୍ୟାୟ କ୍ରମେ ସମସ୍ତଙ୍କୁ ଦିଆଯିବ ବୋଲି ସେ କହିଛନ୍ତି।